# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୭/୨୦୨୫ (୧୬ ପୃଷ୍ଠା) Bhubaneswar, Friday, March 7/2025 Page 16 ₹ 7.00

୫୧ଶ ଭାଗ ୧୦୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 103 ମୂଲ୍ୟ ₹୭/-



DSPL - 410

ସୁଭଦ୍ରା



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଘରେ ଘରେ ସୁଭଦ୍ରା ଦୀପ ଜାଳିବା
ମହିଳା ସଶକ୍ତୀକରଣ ପର୍ବ ପାଳିବା



୭ ମାର୍ଚ୍ଚ ୨୦୨୫

ଘରେ ଘରେ ସୁଭଦ୍ରା

OIPR-33001/13/0077/2425

www.subhadra.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଦେୟମୁକ୍ତ ସହାୟତା ନମ୍ବର: ୧୪୬୭୮

# ଆତ୍ମପ୍ରତ୍ୟର୍ପଣ ଆଶଙ୍କାରେ ଲକ୍ଷାଧିକ ଭାରତୀୟ




## ଆମେରିକାରୁ କାନାଡା, ବ୍ରିଟେନମୁହାଁ କରାଇଛି ଭିଜା ନିୟମ ପରିବର୍ତ୍ତନ

**ଆମେରିକାରେ ବସବାସ କରୁଥିବା ଏଚ୍-୧ବି, ଏଚ୍-୧ବି୧, ଏଚ୍-୨ଏ, ଏଚ୍-୨ବି ଏବଂ ଏଚ୍-୩ ଭିଜାଧାରୀଙ୍କ ସହ ରହିବା ପାଇଁ ସେମାନଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟଙ୍କୁ ସେଠାକୁ ଯାତ୍ରା କରିବା ସକାଶେ ଏଚ୍-୪ ଭିଜା ଜାରି କରାଯାଇଥାଏ। ପରିବାରର ଡିପେଣ୍ଡାଣ୍ଟ ସଦସ୍ୟ ସ୍ତ୍ରୀ କିମ୍ବା ସ୍ୱାମୀ ଅଥବା ଅବିବାହିତ ଝିଅପୁଅ ହୋଇପାରନ୍ତି, ଯାହାଙ୍କ ବୟସ ୨୧ ବର୍ଷରୁ କମ୍ ହୋଇଥିବା। ଉପରୋକ୍ତ ବର୍ଗଗୁଡ଼ିକର ଭିଜାଧାରୀଙ୍କ ଉପରେ ନିର୍ଭରଶୀଳ ଜଣେ ବ୍ୟକ୍ତି ଆମେରିକାରେ ରହିଆସୁଥିଲେ ସେ ଏଚ୍-୪ ଆପ୍ରବାସୀ ମାନ୍ୟତା ପାଇଁ ଷ୍ଟାଟସ୍ ପରିବର୍ତ୍ତନ ସକାଶେ ଆମେରିକା ନାଗରିକତ୍ୱ ଓ ଆପ୍ରବାସନ ସେବା (ୟୁଏସ୍‌ସିଆଇଏସ୍) କାର୍ଯ୍ୟାଳୟକୁ ଯାଇ ଫର୍ମ ଆଇ-୫୩୯ରେ ଆବେଦନ କରିବା ନେଇ ନିୟମ ରହିଥିଲା। ନିକଟରେ ୟୁଏସ୍‌ସିଆଇଏସ୍ ପକ୍ଷରୁ ୨୦୨୬ ଆର୍ଥିକବର୍ଷ ପାଇଁ ଏଚ୍-୧ବି ଭିଜା ପଞ୍ଜୀକରଣ ଅବଧି ସମ୍ପର୍କରେ ନୂଆ ଘୋଷଣା କରାଯାଇଛି। ତଦନୁସାରେ ଏହି ପ୍ରକ୍ରିୟା ମାର୍ଚ୍ଚ ୭ରେ ଆରମ୍ଭ ହୋଇ ୨୪ ତାରିଖରେ ସରିବ। ବର୍ତ୍ତମାନ ପର୍ଯ୍ୟନ୍ତ ଏଜ୍-ଆଉଟ୍ ବୟସରେ ଉପନୀତ ହେବା ପରେ ସେମାନଙ୍କ ହାତରେ ଅନ୍ୟ ଏକ ଭିଜା ଷ୍ଟାଟସ୍‌କୁ ପରିବର୍ତ୍ତିତ ହେବା ପାଇଁ ୨ ବର୍ଷ ରହୁଥିଲା। କିନ୍ତୁ ଆମେରିକାର ନୂଆ ଇମିଗ୍ରେଶନ୍ ପଲିସି ଏଭଳି ଲକ୍ଷାଧିକ ଯୁବତୀଯୁବକଙ୍କ ଭବିଷ୍ୟତକୁ ଅନିଶ୍ଚିତତା ଭିତରକୁ ଠେଲିଦେଇଛି। କାରଣ ସେମାନେ ଆଗଭଳି ଆଉ ଡିପେଣ୍ଡାଣ୍ଟ ଭାବେ ପରିଗଣିତ ହେବେ ନାହିଁ।**

ୱାଶିଂଟନ୍/ହାଇଦ୍ରାବାଦ,୬।୩

ଆମେରିକାରେ ବସବାସ କରୁଥିବା ଲକ୍ଷାଧିକ ଭାରତୀୟଙ୍କ ପିଲା, ଯେଉଁମାନେ ନାବାଳକ ଥାଇ ଏଚ୍-୪ ଭିଜା ବଳରେ ସେଠାରେ ରହୁଥିଲେ, ସେମାନେ ବର୍ତ୍ତମାନ ୨୧ ବର୍ଷରେ ପଦାର୍ପଣ କରିବା ପରେ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଠେଲିହୋଇଯାଇଛନ୍ତି। ଆମେରିକାରେ ବର୍ତ୍ତମାନ ପ୍ରଚଳିତ ଆପ୍ରବାସନ ଆଇନ ଅନୁସାରେ ସେମାନେ ଆଉ ଏଚ୍-୧ବି ଭିଜାଧାରୀ ମାତାପିତାଙ୍କ ଉପରେ ନିର୍ଭରଶୀଳ ବୋଲି ପରିଗଣିତ ହେବେ ନାହିଁ। ଏହାକୁ ଦୃଷ୍ଟିରେ ରଖି ଅନେକେ ଅଧିକ କୋହଳ ନୀତି ଥିବା କାନାଡା କିମ୍ବା ବ୍ରିଟେନ୍ ଭଳି ଭିନ୍ନ ଦେଶକୁ ସ୍ଥାନାନ୍ତରିତ ହେବା ସମେତ ଅନ୍ୟ ବିକଳ୍ପଗୁଡ଼ିକୁ ଖୋଜିବାରେ ଲାଗିଛନ୍ତି। ଆମେରିକାରେ ନିଯୁକ୍ତିଭିତ୍ତିକ ଗ୍ରୀନ୍‌କାର୍ଡ ବ୍ୟବସ୍ଥା ସେଠାରେ ରହୁଥିବା ବହୁଳ ଆପ୍ରବାସୀ ଭାରତୀୟଙ୍କୁ ପ୍ରଭାବିତ କରିଛି।

ଏଚ୍-୧ବି ହେଉଛି ଏକ ଅଣଆପ୍ରବାସୀ ଭିଜା, ଯାହା ଆମେରିକୀୟ କମ୍ପାନୀଗୁଡ଼ିକୁ ତାତ୍ତ୍ୱିକ କିମ୍ବା ବୈଷୟିକ ଦକ୍ଷତା ଆବଶ୍ୟକତା କରୁଥିବା ବିଶେଷ ପେସାର ପଦବୀରେ ବିଦେଶୀ ଶ୍ରମିକମାନଙ୍କୁ ନିଯୁକ୍ତି ଦେବା ପାଇଁ ଆମେରିକୀୟ କମ୍ପାନୀଗୁଡ଼ିକୁ ଅନୁମତି ପ୍ରଦାନ କରିଥାଏ। ଏଚ୍-୧ବି ଅଧୀନରେ ବର୍ଷକୁ ୬୫,୦୦୦ ଭିଜା ଆବେଦନ କରାଯାଇପାରିବ। ତେବେ ଆମେରିକାରେ ସ୍ନାତକୋତ୍ତର ଶିକ୍ଷା ପାଇଁ ସେଠାକୁ ଯାଉଥିବା ଛାତ୍ରୀଛାତ୍ରମାନଙ୍କ ସକାଶେ ଅତିରିକ୍ତ ୨୦,୦୦୦ ଭିଜାର ବ୍ୟବସ୍ଥା ରହିଛି। ସିଲେକ୍ସନରେ ଠକେଇକୁ ରୋକି ସ୍ୱଚ୍ଛତା ଆଣିବା ପାଇଁ ୟୁଏସ୍‌ସିଆଇଏସ୍ ଏକ ହିତାଧିକାରୀ-କେନ୍ଦ୍ରିକ ଚୟନ ପ୍ରକ୍ରିୟା ଆରମ୍ଭ କରିଛି। ଟାଇମ୍ସ ଅଫ୍ ଇଣ୍ଡିଆରେ ପ୍ରକାଶିତ ଏକ ରିପୋର୍ଟଅନୁସାରେ ୨୦୨୩ ମାର୍ଚ୍ଚସୁଦ୍ଧା ପ୍ରାୟ ୧.୩୪ ଲକ୍ଷ ଭାରତୀୟ ପିଲା ସେମାନଙ୍କ ପରିବାର ଗ୍ରୀନ୍‌କାର୍ଡ ପାଇବା ପୂର୍ବରୁ ଡିପେଣ୍ଡାଣ୍ଟ ଭିଜା ଷ୍ଟାଟସ୍ ବୟସରୁ ଉପରକୁ ଉଠିବା ନେଇ ଆକଳନ କରାଯାଇଥିଲା। ଆମେରିକା ଆପ୍ରବାସନ ବ୍ୟବସ୍ଥା ଭାରାକ୍ରାନ୍ତ ହେବା ଫଳରେ ଅନେକଙ୍କୁ ସ୍ଥାୟୀ ବାସିନ୍ଦା ହେବା ପାଇଁ ଦୀର୍ଘ ପ୍ରତୀକ୍ଷା କରିବାକୁ ପଡ଼ିବ। ଏପରି କି କେତେକ ଆବେଦନର ବିଚାର ପାଇଁ ୧୨ରୁ ୧୦୦ ବର୍ଷ ଲାଗିଯାଇପାରେ ବୋଲି କୁହାଯାଉଛି।

ଟେକ୍ସାସ୍‌ର ଏକ କୋର୍ଟ ନିକଟରେ ଡିଫର୍ଡ ଆକ୍ସନ ଫର୍ ଚାଇଲ୍ଡହୁଡ୍ ଆରାଇଭାଲ୍ସ (ଡିଏସିଏ) କାର୍ଯ୍ୟକ୍ରମ ଅଧୀନରେ ନୂଆ ଆବେଦନ ପାଇଁ ୱାର୍କ ପରମିଟ୍‌କୁ ବ୍ଲକ୍ କରି ଦେଇଥିବା ଏକ ରାୟ ସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଛି। ଡିଏସିଏ ପ୍ରତ୍ୟର୍ପିତ ହେବାରୁ ବିନା ଦସ୍ତାବିଜରେ ରହୁଥିବା ଆପ୍ରବାସୀଙ୍କୁ ଅସ୍ଥାୟୀ ତଥା ୨ ବର୍ଷର ନବୀକରଣୀୟ ସୁରକ୍ଷା ପ୍ରଦାନ କରିଥାଏ। ୨୧ ବର୍ଷରେ ଉପନୀତ ହୋଇ ଡିପେଣ୍ଡାଣ୍ଟ ଷ୍ଟାଟସ୍ ହରାଇବାକୁ ବସିଥିବା ଯୁବତୀଯୁବକମାନେ ମଧ୍ୟ ଏହି ବର୍ଗର ଆପ୍ରବାସୀ ପରିଗଣିତ ହେଉଥିବାରୁ ସେମାନେ ନିଜ ଅନିଶ୍ଚିତ ଭବିଷ୍ୟତକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି।

### 'ଆପ୍ରବାସୀଙ୍କୁ ନୁହେଁ, ସ୍ଥାନୀୟଙ୍କୁ ନିଯୁକ୍ତି ଦିଅ'

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ବେଆଇନ ଆପ୍ରବାସୀଙ୍କୁ ବିଦା କରିବାରେ ଲାଗିଛି। ଆପ୍ରବାସୀମାନଙ୍କୁ ଦେଶରେ ବର୍ତ୍ତମାନ ଜାତୀୟ ସ୍ୱାର୍ଥର ପରିପନ୍ଥୀ ଏବଂ ଆହ୍ୱାନ ରୂପେ ବିବେଚନା କରାଯାଉଛି। ତେଣୁ ନିଯୁକ୍ତିଦାତାମାନେ ନିଜ କମ୍ପାନୀରେ ଦେଶ ବାହାର ଲୋକଙ୍କୁ ବାଦ୍‌ଦେଇ ଆମେରିକୀୟଙ୍କୁ ନିଯୁକ୍ତି ପ୍ରଦାନ କରନ୍ତୁ ବୋଲି ପ୍ରଶାସନ ଗୁରୁତ୍ୱ ଦେଉଛି। ୨୦୨୫ ଫେବୃଆରୀ ୧୯ରେ ଟ୍ରମ୍ପ ପ୍ରଶାସନ ଏନେଇ ସ୍ଥାନୀୟ ବିଜ୍‌ନେସ ହାଉସ୍‌ଗୁଡ଼ିକୁ ତାଗିଦ କରି ଏକ ନୂଆ ନିର୍ଦ୍ଦେଶନାମା ଜାରି କରିଥିଲା। ଏହାକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଇକ୍ୱେଲ ଏମ୍ପ୍ଲୟମେଣ୍ଟ ଅପର୍ଚ୍ଚୁନିଟି କମିଶନ୍ (ଇଇଓସି) ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏଥିଯୋଗୁ ବିଶେଷକରି ଏଚ୍-୧ବି ଭିଜା କାର୍ଯ୍ୟକ୍ରମ ଅଧୀନରେ ସେଠାରେ ବସବାସ କରୁଥିବା ଭାରତ ସମେତ ଆଉ କେତେକ ଦେଶର ଯୁବତୀଯୁବକ ପ୍ରଭାବିତ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ନାଗରିକମାନେ ୨୦୨୨ ଅକ୍ଟୋବରରୁ ୨୦୨୩ ସେପ୍ଟେମ୍ବର ମଧ୍ୟରେ ୭୨.୩% ଏଚ୍-୧ବି ଭିଜା ହାସଲ କରିଥିବା ନେଇ ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ସଭାକୁ ଅବଗତ କରାଯାଇଥିଲା। ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କିର୍ତ୍ତୀ ବର୍ଦ୍ଧନ ଗୃହରେ ଭିଜା କାର୍ଯ୍ୟକ୍ରମ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଥିଲେ।



## ସଂକ୍ଷେପରେ

### ୟୁଏଇରେ ୨ ଭାରତୀୟଙ୍କୁ ଫାଶୀ

ଆବୁଧାବି, ୬।୩

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ୨ ଭାରତୀୟଙ୍କୁ ଫାଶୀ ଦିଆଯାଇଛି। ହତ୍ୟା ମାମଲାରେ ଉଭୟ ଦୋଷୀ ସାବ୍ୟସ୍ତ ହୋଇଥିଲେ। କେରଳର ମୋହମ୍ମଦ ରିନାଶ ଅରଙ୍ଗିଲୋଟ୍ଟୁ ଏବଂ ମୁରଲୀଧରନ ପେରୁମ୍ଥଟ୍ଟା ବଲ୍ଲାପିଲଙ୍କୁ ଫାଶୀ ଦିଆଯାଇଥିବା ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ୟୁଏଇ ଅଧିକାରୀ ଗତ ୨୮ ତାରିଖରେ ଭାରତୀୟ ଦୂତାବାସକୁ ସୂଚନା ଦେଇଥିଲେ। ତେବେ କେଉଁ ତାରିଖରେ ଉଭୟଙ୍କୁ ଫାଶୀ ଦିଆଯାଇଛି, ସେନେଇ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଭାରତୀୟ ଦୂତାବାସ ପକ୍ଷରୁ ଉଭୟଙ୍କୁ କ୍ଷମା ପ୍ରଦାନ କରିବା ପାଇଁ ଅପିଲ କରାଯାଇଥିବା ବେଳେ ୟୁଏଇ ସୁପ୍ରିମକୋର୍ଟ ଏହାକୁ ଖାରଜ କରିଦେଇଥିଲେ। ରିନାଶ ୟୁଏଇର ଜଣେ ନାଗରିକଙ୍କୁ ହତ୍ୟା କରିଥିବାବେଳେ ମୁରଲୀଧରନ ସେଠାରେ ଜଣେ ଭାରତୀୟଙ୍କୁ ହତ୍ୟା କରିଥିଲେ।

### ଆମେରିକାରେ ଭାରତୀୟ ଛାତ୍ରଙ୍କୁ ହତ୍ୟା

ୱାଶିଂଟନ, ୬।୩

ଆମେରିକାର ମିଲ୍‌ୱାକି ସହରରେ ଜଣେ ଭାରତୀୟ ଛାତ୍ର ପ୍ରବୀଣ କୁମାର ଗମ୍ପା(୨୭)ଙ୍କୁ ଗୁରୁବାର ଗୁଳିକରି ହତ୍ୟା କରାଯାଇଛି। କେତେଜଣ ଅଚିହ୍ନା ଆକ୍ରମଣକାରୀ ପ୍ରଥମେ ତାଙ୍କୁ ଲୁଟିବା ପାଇଁ ଉଦ୍ୟମ କରିଥିଲେ ଓ ପରେ ତାଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଏନେଇ ଶିକାଗୋସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ତେଲଙ୍ଗାନାର ପ୍ରବୀଣ ୟୁନିଭର୍ସିଟି ଅଫ୍ ୱିସ୍କୋନ୍ସିନ୍-ମିଲ୍‌ୱାକିରୁ ଡେଟା ସାଇନ୍ସରେ ମାଷ୍ଟର ଡିଗ୍ରୀ କରୁଥିଲେ।

### ଜାମିନ ଶୁଣାଣିରେ ବିଳମ୍ବ ଅଦାଲତଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



ନୂଆଦିଲ୍ଲୀ,୬।୩

ଜାମିନ ଆବେଦନର ଶୁଣାଣିକୁ ଅଦାଲତଗୁଡ଼ିକ ଦୀର୍ଘଦିନ ପକାଇ ରଖୁଥିବାରୁ ସୁପ୍ରିମକୋର୍ଟ ଗୁରୁବାର ଭର୍ତ୍ସନା କରିଛନ୍ତି। ବ୍ୟକ୍ତି ସ୍ୱାଧୀନତା ସମ୍ପର୍କିତ ମାମଲାକୁ ଦୀର୍ଘଦିନ ପକାଇ ରଖିବା ଆଶା କରାଯାଉନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ୨ ବର୍ଷୀୟା ଝିଅର ଜରୁରୀ ଅସ୍ତ୍ରୋପଚାର ପାଇଁ ଅସ୍ଥାୟୀ ଜାମିନ ନିମନ୍ତେ ଏକ ଆବେଦନର ଶୁଣାଣିକୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ୨ ମାସ ବିଳମ୍ବ କରିଥିବା ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଜାଣିବା ପରେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଜାମିନ ପିଟିଶନ୍‌ର ଶୁଣାଣି ଏପ୍ରିଲ ୨୨କୁ ଧାର୍ଯ୍ୟ କରାଗଲା ବୋଲି ଗତ ଫେବୃଆରୀ ୨୧ରେ ହାଇକୋର୍ଟ କହିଥିଲେ। ତ୍ୱରିତ୍ ଶୁଣାଣି ପାଇଁ ହାଇକୋର୍ଟକୁ ଯିବା ଲାଗି ସର୍ବୋଚ୍ଚ ଅଦାଲତ ଆବେଦନକାରୀଙ୍କୁ ଅନୁମତି ଦେଇଛନ୍ତି। ଜରୁରୀ ଚିକିତ୍ସା କାରଣରୁ ଅସ୍ଥାୟୀ ଜାମିନ ଆବେଦନର ଶୁଣାଣି ତାରିଖ ଆଗୁଆ କରିବାକୁ ଖଣ୍ଡପୀଠ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଖଲିସ୍ତାନୀ ଆତଙ୍କବାଦୀ ଗିରଫ

#### ମହାକୁମ୍ଭରେ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର ରଚିଥିଲେ

ଲକ୍ଷ୍ନୌ, ୬।୩

ଉତ୍ତରପ୍ରଦେଶର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ ପଞ୍ଜାବ ପୋଲିସର ଏକ ଟିମ୍ ପକ୍ଷରୁ ଗୁରୁବାର ମିଳିତ ଅପରେଶନ କରାଯାଇ ଉତ୍ତରପ୍ରଦେଶର କୌଶାମ୍ବିରୁ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ (ବିକେଆଇ)ର ଆତଙ୍କବାଦୀ ଲାଜର ମସିହଙ୍କୁ ଗିରଫ କରାଯାଇଛି। ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭ ମେଳାରେ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ନେଇ ଲାଜର ଷଡ଼ଯନ୍ତ୍ର ରଚିଥିଲେ ବୋଲି ଉତ୍ତରପ୍ରଦେଶ ଡିଜିପି ପ୍ରଶାନ୍ତ କୁମାର ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି। ଆତଙ୍କବାଦୀ ଆକ୍ରମଣ ପରେ ସେ ପର୍ତ୍ତୁଗାଲ ପଳାଇଯିବାକୁ ପ୍ରସ୍ତୁତି କରିଥିଲେ। ଲାଜରଙ୍କ ନିକଟରୁ ୩ଟି ହ୍ୟାଣ୍ଡ ଗ୍ରେନେଡ୍ ୨ଟି ଡେଟୋନେଟର, ଗୋଟିଏ ପିସ୍ତଲ ଆଦି ଅନେକ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ଗୋଇନ୍ଦା ଏଜେନ୍ସିରୁ ମିଳିଥିବା ସୂଚନା ମୁତାବକ, କୌଶାମ୍ବି ସହରର କୋଖ୍‌ରାଜ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରାଯାଇ ଲାଜରଙ୍କୁ ଗିରଫ କରାଯାଇଥିବା ନେଇ ଡିଜିପି ପ୍ରଶାନ୍ତ ସୂଚନା ଦେଇଛନ୍ତି। ମହାକୁମ୍ଭରେ ଆତଙ୍କବାଦୀ ଆକ୍ରମଣ ପାଇଁ ଲାଜର ଲଗାତର ଭାବେ କୌଶାମ୍ବି, ଲକ୍ଷ୍ନୌ, କାନପୁର ଆଦି ସହରରେ ନିଜ ସ୍ଥାନ ବଦଳାଉଥିଲା। ତେବେ ମହାକୁମ୍ଭ ମେଳାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିବାରୁ ସେ ନିଜ ଯୋଜନାରେ ବିଫଳ ହୋଇଥିଲେ ବୋଲି ଡିଜିପି ପ୍ରଶାନ୍ତ କହିଛନ୍ତି।

## ଯୁଦ୍ଧବିମାନରୁ ଖସିଲା ୮ ବୋମା: ୧୫ ଆହତ



ଯୁଦ୍ଧାଭ୍ୟାସ ବେଳେ ଦକ୍ଷିଣ କୋରିଆର କେଏଫ୍-୧୬ ଲଢୁଆ ବିମାନରୁ ବୋମା ପଡ଼ି ଗୋଟିଏ ଘର କ୍ଷତିଗ୍ରସ୍ତ ହୋଇଛି।

ସିଓଲ,୬।୩

ଆମେରିକା ସେନା ସହ ମିଳିତ ସମରାଭ୍ୟାସ ବେଳେ ଦକ୍ଷିଣ କୋରିଆର ୨ଟି ଯୁଦ୍ଧବିମାନ ଭୁଲ୍‌ବଶତଃ ୮ଟି ବୋମା ଜନବସତି ଅଞ୍ଚଳରେ ଖସାଇଥିଲେ। ଏଥିରେ ୧୫ ଜଣ ଆହତ ହେବା ସହ କେତେକ ଘର କ୍ଷତିଗ୍ରସ୍ତ ହୋଇଛି। କେଏଫ୍-୧୬ ଯୁଦ୍ଧବିମାନରୁ ଫାୟାରିଂ ରେଞ୍ଜ୍ ବାହାରେ ଏମ୍‌କେ-୮୨ ବୋମା ଖସିଥିଲା ବୋଲି ଦକ୍ଷିଣ କୋରିଆ ବାୟୁସେନା ପକ୍ଷରୁ କୁହାଯାଇଛି। କ'ଣ ପାଇଁ ବୋମା ଖସିଲା ଏବଂ ସାଧାରଣ ନାଗରିକଙ୍କର କେତେ କ୍ଷୟକ୍ଷତି ହୋଇଛି, ତାହା ଅନୁଧ୍ୟାନ ପାଇଁ ବାୟୁସେନା ଏକ କମିଟି ଗଠନ କରିଛି। ଆମେରିକା ସେନା ସହ ଗୋଟିଏ ଦିନର ଫାୟାରିଂ ଡ୍ରିଲ୍ ବେଳେ ଏଭଳି ଅଘଟଣ ଘଟିଛି। କ'ଣ ପାଇଁ କେଏଫ୍-୧୬ ଯୁଦ୍ଧବିମାନ ପାଇଲଟ୍ ଜନବସତି ଅଞ୍ଚଳରେ ବୋମା ପକାଇଲେ, ତାହାର ଅଧିକ ତଦନ୍ତ ଆବଶ୍ୟକ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ଏହି ଘଟଣା ପାଇଁ ବାୟୁସେନା କ୍ଷମା ମାଗିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛି। କ୍ଷତିଗ୍ରସ୍ତଙ୍କୁ ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦିଆଯିବା ସହ ଅନ୍ୟାନ୍ୟ ଜରୁରୀ ପଦକ୍ଷେପ ନିଆଯିବ ବୋଲି ବାୟୁସେନା କହିଛି।

## ଏସ୍‌ଡିପିଆଇର ୧୨ କାର୍ଯ୍ୟାଳୟରେ ଇଡି ଚଢ଼ାଉ

ନୂଆଦିଲ୍ଲୀ,୬।୩

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନିଲଣ୍ଡରିଂ ମାମଲାରେ ଗୁରୁବାର ବେଆଇନ ସଂଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ)ର ରାଜନୈତିକ ସଂଗଠନ ସୋସିଆଲ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଇଣ୍ଡିଆ (ଏସ୍‌ଡିପିଆଇ)ର ୧୨ଟି କାର୍ଯ୍ୟାଳୟରେ ଚଢ଼ାଉ କରିଛି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏମ୍.କେ. ଫୈଜିଙ୍କୁ ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ରେ ଗିରଫ କରାଯିବା ପରେ ଦିଲ୍ଲୀରେ ଥିବା ଏସ୍‌ଡିପିଆଇ ମୁଖ୍ୟାଳୟ ସମେତ ୨ଟି ସ୍ଥାନ, କେରଳର ଥିରୁଭାନନ୍ତପୁରମ ଓ ମଲାପ୍ପୁରମ୍, ଆନ୍ଧ୍ରପ୍ରଦେଶର ନନ୍ଦ୍ୟାଲ, ଝାଡ଼ଖଣ୍ଡର ପକୁର, ମହାରାଷ୍ଟ୍ରର ଠାଣେ, ବେଙ୍ଗାଲୁରୁ, ଚେନ୍ନାଇ, କୋଲ୍‌କାତା, ଲକ୍ଷ୍ନୌ ଏବଂ ଜୟପୁରରେ ଚଢ଼ାଉ କରାଯାଇଥିଲା। ଏସ୍‌ଡିପିଆଇ ଜରିଆରେ ପିଏଫ୍‌ଆଇ ଏହାର ଆପରାଧିକ କାର୍ଯ୍ୟ ଚଳାଇଥିବା ଇଡି ପୂର୍ବରୁ କହିଥିଲା। ୨୦୨୨ ସେପ୍ଟେମ୍ବରରେ କେନ୍ଦ୍ର ସରକାର ପିଏଫ୍‌ଆଇକୁ ବେଆଇନ ସଂଗଠନ ଭାବେ ଘୋଷଣା କରିଥିଲେ।

## ଲଣ୍ଡନରେ ଜୟଶଙ୍କରଙ୍କ ସୁରକ୍ଷାରେ ତ୍ରୁଟି

### ନିନ୍ଦା କଲା ଭାରତ

ଲଣ୍ଡନ/ନୂଆଦିଲ୍ଲୀ,୬।୩

ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ବ୍ରିଟେନ ଗସ୍ତ ବେଳେ ସୁରକ୍ଷାରେ ତ୍ରୁଟିକୁ ଭାରତ ଦୃଢ଼ ନିନ୍ଦା କରିଛି। ବୁଧବାର ଲଣ୍ଡନର ଚାଥାମ ହାଉସ୍‌ରେ ଜୟଶଙ୍କର ଆଲୋଚନାରେ ଯୋଗଦେଇଥିବାବେଳେ ବାହାରେ ଗୋଟିଏ ଗୋଷ୍ଠୀ ଖଲିସ୍ତାନ ସପକ୍ଷରେ ସ୍ଲୋଗାନ ଦେଇ ବିକ୍ଷୋଭ କରିବା ସହ ଜୟଶଙ୍କରଙ୍କ ସୁରକ୍ଷା ବଳୟ ଅତିକ୍ରମ କରିବାକୁ ଉଦ୍ୟମ କରିଥିଲେ। ବିଚ୍ଛିନ୍ନତାବାଦୀ ଏବଂ ଉଗ୍ରପନ୍ଥୀ ସଂଗଠନର କାର୍ଯ୍ୟକୁ ନୂଆଦିଲ୍ଲୀ ନିନ୍ଦା କରିଛି। ଉଗ୍ରପନ୍ଥୀମାନଙ୍କ ଦ୍ୱାରା ଗଣତାନ୍ତ୍ରିକ ସ୍ୱାଧୀନତାର ଦୁରୁପଯୋଗକୁ ଆମେ ନିନ୍ଦା କରୁଛୁ। ଏଭଳି ମାମଲାରେ ଆୟୋଜକ ସରକାର ସେମାନଙ୍କ କୂଟନୈତିକ ଦାୟିତ୍ୱ ସମ୍ପୂର୍ଣ୍ଣ ନିର୍ବାହ କରିବେ ଆମେ ଆଶା କରୁଛୁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ବିକ୍ଷୋଭ ସତ୍ତ୍ୱେ ଜୟଶଙ୍କର ଆଲୋଚନା ଜାରି ରଖିବା ସହ ବ୍ରିଟେନ ପ୍ରଧାନମନ୍ତ୍ରୀ



କିର୍ ଷ୍ଟର୍ମର, ବହିର୍ବ୍ୟାପାର ମନ୍ତ୍ରୀ ଡାଭିଡ୍ ଲାମ୍ମି ଓ ବରିଷ୍ଠ ନେତାମାନଙ୍କ ସହ ବୈଠକ କରିଥିଲେ। ଲଣ୍ଡନରେ ଖଲିସ୍ଥାନୀ ସପକ୍ଷବାଦୀମାନେ ଜୟଶଙ୍କରଙ୍କ କନ୍‌ଭୟ ନିକଟକୁ ମାଡ଼ିଆସିବା ଘଟଣାକୁ ବ୍ରିଟେନ୍ ଗୁରୁବାର ଦୃଢ଼ ନିନ୍ଦା କରିଛି। ସରକାରୀ କାର୍ଯ୍ୟକ୍ରମକୁ ଧମକ ଦେବା ଓ ବାଧା ସୃଷ୍ଟି କରିବା ଉଦ୍ୟମ ଆଦୌ ଗ୍ରହଣୀୟ ନୁହେଁ ବୋଲି ବ୍ରିଟେନ୍ କହିଛି।

## ପଣବନ୍ଦୀଙ୍କୁ ତୁରନ୍ତ ମୁକ୍ତ କରିବାକୁ ହମାସ୍‌କୁ ଟ୍ରମ୍ପଙ୍କ ଚେତାବନୀ

ୱାଶିଂଟନ,୬।୩

ଗାଜାରେ ରହିଥିବା ଅବଶିଷ୍ଟ ସମସ୍ତ ପଣବନ୍ଦୀଙ୍କୁ ତୁରନ୍ତ ମୁକ୍ତ କରିଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ହମାସ୍‌କୁ ଶେଷ ଚେତାବନୀ ଦେଇଛନ୍ତି। ହମାସ୍ ଆତଙ୍କବାଦୀ ସଂଗଠନ ସହ ଅଭୂତପୂର୍ବ ଭାବେ ସିଧାସଳଖ ଆଲୋଚନା ପାଇଁ ପ୍ରତିନିଧି ଦଳ ପଠାଯାଇଥିବା ହ୍ୱାଇଟ୍ ହାଉସ୍ ସ୍ପଷ୍ଟ କରିବା ପରେ ଟ୍ରମ୍ପ କଡ଼ା ବାର୍ତ୍ତାରେ ଉପରୋକ୍ତ ଚେତାବନୀ ଦେଇଛନ୍ତି। ସେ ହ୍ୱାଇଟ୍ ହାଉସ୍‌ରେ ୮ ଜଣ ପୂର୍ବତନ ପଣବନ୍ଦୀଙ୍କୁ ଭେଟିବା ପରେ ନିଜ ଟ୍ରୁଥ୍ ସୋସିଆଲ ପ୍ଲାଟ୍‌ଫର୍ମରେ ଲେଖିଛନ୍ତି,



ଡୋନାଲ୍ଡ ଟ୍ରମ୍ପ

ପଣବନ୍ଦୀ ମୁକ୍ତି ପାଇଁ ଯାହା ଆବଶ୍ୟକ ହେବ ସେ ଇସ୍ରାଏଲକୁ ପଠାଇବେ। ସମସ୍ତ ପଣବନ୍ଦୀ ଏବଂ ଯୁଦ୍ଧରେ ମରିଥିବା ଲୋକଙ୍କ ମୃତଦେହ ଶୀଘ୍ର ପଠାଅ ନଚେତ୍ ପରିଣତି ଭୋଗିବ ବୋଲି ହମାସ୍‌କୁ ଟ୍ରମ୍ପ କହିଛନ୍ତି।

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ସମର୍ଥନ କରି ଟ୍ରମ୍ପ ଏଭଳି ଧମକ ଦେବାକୁ ହମାସ୍ ସମାଲୋଚନା କରିଛି। ନେତାନ୍ୟାହୁଙ୍କୁ ଗାଜା ଯୁଦ୍ଧବିରତି ଚୁକ୍ତିନାମାରୁ ବାହାରିଯିବା ପାଇଁ ଟ୍ରମ୍ପ ସମର୍ଥନ କରୁଛନ୍ତି ଏବଂ ଗାଜାବାସୀଙ୍କୁ ଭୋକରେ ରଖିବାକୁ ଚାହୁଁଛନ୍ତି ବୋଲି ହମାସ୍ କହିଛି। ମଧ୍ୟସ୍ଥଙ୍କ ଜରିଆରେ ସ୍ୱାକ୍ଷର ହୋଇଥିବା ଯୁଦ୍ଧବିରତି ଚୁକ୍ତିନାମାର ଦ୍ୱିତୀୟ ପର୍ଯ୍ୟାୟ ଅନୁପାଳନ କରାଯାଉ ବୋଲି ହମାସ୍ ମୁଖପାତ୍ର ଅବଦେଲ-ଲତିଫ୍ ଅଲ୍ କନୌଆ ଗଣମାଧ୍ୟମକୁ କହିଛନ୍ତି।

## ୱେଷ୍ଟବ୍ୟାଙ୍କରେ ପଣବନ୍ଦୀ ଥିବା ୧୦ ଭାରତୀୟ ଶ୍ରମିକ ଉଦ୍ଧାର

ଜେରୁଜେଲମ, ୬।୩

ଗତ ମାସେ ଧରି ପାଲେଷ୍ଟାଇନ ଅଧିକୃତ ୱେଷ୍ଟବ୍ୟାଙ୍କରେ ପଣବନ୍ଦୀ ଥିବା ୧୦ ଭାରତୀୟ ଶ୍ରମିକଙ୍କୁ ଗୁରୁବାର ଇସ୍ରାଏଲୀ ସେନା ଉଦ୍ଧାର କରିଛି। ଏନେଇ ଇସ୍ରାଏଲର ପପୁଲେଶନ ଆଣ୍ଡ ଇମିଗ୍ରେଶନ ଅଥୋରିଟି ସୂଚନା ଦେଇଛନ୍ତି। ଏହି ଶ୍ରମିକମାନଙ୍କୁ କାମ ଯୋଗାଇଦେବାର ଆଳ ଦେଖାଇ କେତେଜଣ ପାଲେଷ୍ଟିନୀୟ ୱେଷ୍ଟବ୍ୟାଙ୍କର ଅଲ୍-ଜାୟେମ ଗ୍ରାମକୁ ନେଇ ଆସିଥିଲେ। ସେଠାରେ ସେମାନେ ଏହି ଭାରତୀୟ ଶ୍ରମିକଙ୍କର ପାସପୋର୍ଟ ଜବତ କରିଦେଇଥିଲେ ଏବଂ ଏହାକୁ ବ୍ୟବହାର କରି ସେମାନେ ଇସ୍ରାଏଲ ମଧ୍ୟରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ମୂଳତଃ ନିର୍ମାଣ ଶିଳ୍ପରେ କାମ କରୁଥିବା ଏହି ଶ୍ରମିକମାନଙ୍କୁ ଉଦ୍ଧାର ପରେ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। କେତେଜଣ ଭାରତୀୟ ଶ୍ରମିକଙ୍କ ପାସପୋର୍ଟର ବେଆଇନ୍ ବ୍ୟବହାର ହେଉଥିବା ଜାଣିପାରି ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଏହି ୧୦ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଅପରେଶନ ଆରମ୍ଭ କରିଥିଲା।

## ନୂଆ ଆୟକର ବିଲ୍: ସଂସଦୀୟ କମିଟିରେ ବିଚାରବିମର୍ଶ ଆରମ୍ଭ

ନୂଆଦିଲ୍ଲୀ,୬।୩

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଫେବୃଆରୀ ୧୩ରେ ଲୋକ ସଭାରେ ଉପସ୍ଥାପନ କରିଥିବା ନୂଆ ଆୟକର ବିଲ୍‌ରେ ବିଭାଗୀୟ ଅଧିକାରୀମାନଙ୍କୁ ଇମେଲ୍, ସୋସିଆଲ ମିଡିଆ ସମେତ ଭର୍ଚ୍ଚୁଆଲ ରେକର୍ଡ ଯାଞ୍ଚ୍ ଅଧିକାର ଦିଆଯାଇଛି। ପ୍ରସ୍ତାବିତ ବିଧେୟକ ଆଇନରେ ପରିଣତ ହୋଇ କାର୍ଯ୍ୟକାରୀ ହେଲେ ଆଇଟି ଅଧିକାରୀମାନେ ଅବାଧରେ ଟିକସଦାତାଙ୍କ କମ୍ପ୍ୟୁଟର, ଲାପ୍‌ଟପ୍ ଆଦି ଯାଞ୍ଚ କରିପାରିବେ। ଏହା ପ୍ରିଭେସିର ଖୋଲା ଉଲ୍ଲଂଘନ ହୋଇଥିବାରୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ବିଲ୍‌କୁ ବିରୋଧ କରିଛନ୍ତି। ଉକ୍ତ ବିଧେୟକ ସଂସଦୀୟ ଚୟନ କମିଟି ନିକଟକୁ ସମୀକ୍ଷା ପାଇଁ ପଠାଯାଇଛି। ଭାଜପା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ଉକ୍ତ ପ୍ୟାନେଲ ଗୁରୁବାର ଏନେଇ ବିଭିନ୍ନ ପକ୍ଷଙ୍କ ସହ ବିଚାରବିମର୍ଶ ଆରମ୍ଭ କରିଛି। ଏହିକ୍ରମେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆ (ଆଇସିଏଆଇ) ପ୍ରତିନିଧି ଦଳ କମିଟି ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ଭେଟି ମତାମତ ରଖିଛନ୍ତି। ଉକ୍ତ ବିଲ୍‌ରେ ୫୩୬ଟି ସେକ୍ସନ ଥିବାବେଳେ ଆଇସିଏଆଇ ଏହାକୁ ୧୦୦ରେ ସୀମିତ ରଖିବା ପାଇଁ ପ୍ରସ୍ତାବ ଦେଇଛି।

୨୦୨୬ ଏପ୍ରିଲ ପହିଲାରୁ ଲାଗୁ ହେବାକୁ ଥିବା ପ୍ରସ୍ତାବିତ ଆଇନକୁ ନେଇ କେନ୍ଦ୍ରର ମୋଦି ସରକାରଙ୍କ ଉପରେ କଂଗ୍ରେସ ବର୍ଷିଛି। ସେମାନେ ମେଗାସସ୍ ସ୍ପାଏୱେର ଜରିଆରେ ଗୁପ୍ତଚରଗିରି କରାଇଲେ। ଏବେ ଆମ ବ୍ୟକ୍ତିଗତ ଜୀବନ ସମ୍ପର୍କିତ ଗୋପନୀୟ ତଥ୍ୟ ହାତେଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ଆୟକର ଆଇନ ବଳରେ ସରକାର ଦେଶବାସୀଙ୍କ ଡିଜିଟାଲ ଜୀବନରେ ହସ୍ତକ୍ଷେପ କରିବା ପାଇଁ ଉଦ୍ୟମ କରୁଛନ୍ତି। କୌଣସି ୱାରେଣ୍ଟ ନାହିଁ କି ନୋଟିସ ନାହିଁ। ଲୋକଙ୍କ ପ୍ରିଭେସି ହାତେଇ ପ୍ରଘଟ କରିବା ପାଇଁ ସନ୍ଦେହ ହିଁ ପର୍ଯ୍ୟାପ୍ତ ବୋଲି କଂଗ୍ରେସ ଏହାର ଏକ୍ସ ହ୍ୟାଣ୍ଡେଲରେ ସମାଲୋଚନା କରିଛି। ଲୋକ ସଭାର ୩୧ ସଦସ୍ୟଙ୍କୁ ନେଇ ବାଚସ୍ପତି ଓମ୍ ବିର୍ଲା ଗଠନ କରିଥିବା ଏହି ପ୍ୟାନେଲ ଶୁକ୍ରବାର ମଧ୍ୟ ବିଚାରବିମର୍ଶ ଜାରି ରଖିବ। ବିଭିନ୍ନ ପକ୍ଷଙ୍କ ସହ ଆଇନଗତ ତର୍ଜମା କରିବ।

## ବିଶ୍ୱ ଆତଙ୍କବାଦ ସୂଚକାଙ୍କ: ୨ୟ ସ୍ଥାନରେ ପାକିସ୍ତାନ

ନୂଆଦିଲ୍ଲୀ,୬।୩

ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଇକୋନୋମିକ୍ସ ଆଣ୍ଡ ପିସ୍ (ଆଇଇପି) ପକ୍ଷରୁ ବୁଧବାର ବିଶ୍ୱ ଆତଙ୍କବାଦ ସୂଚକାଙ୍କ (ଜିଟିଆଇ), ୨୦୨୫ ଜାରିକରାଯାଇଛି। ଏଥିରେ ପାକିସ୍ତାନ ଦ୍ୱିତୀୟ ସ୍ଥାନରେ ରହିଥିବା ଦର୍ଶାଯାଇଛି। ୨୦୨୪ରେ ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣ ଯୋଗୁ ପୂର୍ବାପେକ୍ଷା ୪୫ ପ୍ରତିଶତ ମୃତ୍ୟୁ ବଢ଼ିଥିଲା। ୨୦୨୩ରେ ୫୧୭ ଆତଙ୍କବାଦୀ ଆକ୍ରମଣ ହୋଇଥିବାବେଳେ ଗତବର୍ଷ ଏଥିରେ ୨ ଗୁଣା ବୃଦ୍ଧି ଦେଖିବାକୁ ମିଳିଥିଲା। ୧୬୩ ଦେଶକୁ ନେଇ ପ୍ରସ୍ତୁତ କରାଯାଇଥିବା ଏହି ସୂଚକାଙ୍କ ଶୀର୍ଷରେ ବୁର୍କିନା ଫାସୋ ରହିଥିବାବେଳେ ଭାରତର ସ୍ଥାନ ଚତୁର୍ଦ୍ଦଶରେ ରହିଛି। ଆକ୍ରମଣ, ମୃତାହତଙ୍କ ସଂଖ୍ୟା ଓ ଦେଶ ଉପରେ ଏହାର ପ୍ରଭାବକୁ ନେଇ ଏହି ଇଣ୍ଡେକ୍ସ ପ୍ରସ୍ତୁତ କରାଯାଇଥାଏ। ଆଫଗାନିସ୍ତାନ ସହ ଅନୁବନ୍ଧିତ ତେହରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି) ଯୋଗୁ ପଡ଼ୋଶୀ ଦେଶରେ ଆତଙ୍କବାଦୀ ଆକ୍ରମଣ ବଢ଼ୁଥିବା ଏଥିରେ ଦର୍ଶାଯାଇଛି। ଗତବର୍ଷ ଆତଙ୍କବାଦୀ ଆକ୍ରମଣ ଜନିତ ମୋଟ ମୃତ୍ୟୁର ଅଧାରୁ ଅଧିକ ପ୍ରାଣହାନି ପାଇଁ ଟିଟିପିକୁ ଦାୟୀ କରାଯାଇଛି। ୪୮୨ ଆକ୍ରମଣରେ ୫୮୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଆଫଗାନିସ୍ତାନରେ ତାଲିବାନ କ୍ଷମତାସୀନ ହେବା ପରଠୁ ପାକିସ୍ତାନରେ ଟିଟିପିର ବଳ ବୃଦ୍ଧି ଘଟୁଛି।

## ବର୍ଷକରେ ୨୭ ଥର ଦୁବାଇ ଯାଇଥିଲେ ରାନ୍ୟା

### ସୁନା ଚୋରାଚାଲାଣ ମାମଲା

ବେଙ୍ଗାଲୁରୁ, ୬।୩

ସୁନା ଚୋରାଚାଲାଣ କରୁଥିବା ଅଭିଯୋଗରେ ଗିରଫ ହୋଇଥିବା କନ୍ନଡ଼ ଅଭିନେତ୍ରୀ ରାନ୍ୟା ରାଓଙ୍କର ଜାମିନ ଆବେଦନର ଶୁଣାଣିକରି ଗୁରୁବାର ବେଙ୍ଗାଲୁରୁର ଇକୋନୋମିକ୍ ଅଫେନ୍ସ କୋର୍ଟ ନିଷ୍ପତ୍ତି ସଂରକ୍ଷିତ ରଖିଛନ୍ତି। ରାନ୍ୟା ଗିରଫ ହେବା ପରେ ଡାଇରେକ୍ଟୋରେଟ



ରାନ୍ୟା ରାଓ

ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ(ଡିଆର୍‌ଆଇ) ପକ୍ଷରୁ କୁହାଯାଇଛି, ସେ ଗତ ବର୍ଷକ ମଧ୍ୟରେ ୨୭ ଥର ଦୁବାଇ ଗସ୍ତ କରିଥିଲେ। ଫଳରେ ତାଙ୍କ ଉପରେ ସନ୍ଦେହ ବଢ଼ିଥିଲା। ମାମଲାର ବିସ୍ତୃତ ତଦନ୍ତ ପାଇଁ ରାନ୍ୟାଙ୍କୁ ହାଜତରେ ରଖାଯିବା ନିତାନ୍ତ ଆବଶ୍ୟକ ବୋଲି ଶୁଣାଣି ସମୟରେ 'ଡିଆର୍‌ଆଇ'ର ଓକିଲ କହିଥିଲେ। ଶୁକ୍ରବାର ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପ୍ରକାଶ ଯେ, ଦୁବାଇରୁ ସୁନା ଚୋରାଚାଲାଣ କରି ଆଣୁଥିବାବେଳେ ବୁଧବାର ବେଙ୍ଗାଲୁରୁର ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରୁ ଡିଆର୍‌ଆଇ ରାନ୍ୟାଙ୍କୁ ଗିରଫ କରିଥିଲା।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୭/୨୦୨୫ | Bhubaneswar, Friday, March 7/2025 | ପୃଷ୍ଠା-୧




ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାର ଗୁରୁବାର ଶେଷ ଦିନରେ କଟକ ରେଭେନ୍ସା କଲେଜିଏଟ୍ ସ୍କୁଲରୁ ପରୀକ୍ଷା ଦେଇ ଫେରୁଥିବା ଛାତ୍ରୀଛାତ୍ର। (ଫଟୋ: ରାଜକିଶୋର ମହାନ୍ତି)

## ନୂଆ ବାସଭବନକୁ ଗଲେ ମୁଖ୍ୟମନ୍ତ୍ରୀ

### ମୁଖ୍ୟମନ୍ତ୍ରୀ ଭାବେ ପ୍ରଥମେ ନନ୍ଦିନୀ ଶତପଥୀ ଏହି ଘରେ ରହିଥିଲେ

**ଭୁବନେଶ୍ୱର, ୬।୩(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆ ସରକାରୀ ବାସଭବନରେ ଗୃହପ୍ରବେଶ କରିଛନ୍ତି। ଭୁବନେଶ୍ୱର ଗଭର୍ନର ହାଉସ୍ ଛକରୁ ଏଜି ଛକ ଯିବା ରାସ୍ତାର ବାମପାର୍ଶ୍ୱରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ନିର୍ମିତ ଏହି ବାସଭବନକୁ ଗତ ୨୫ ବର୍ଷ ହେଲା ବ୍ୟବହାର କରାଯାଉ ନ ଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ନବୀନ ନିବାସରେ ରହି ଆସୁଥିଲେ। ନବୀନ ମୁଖ୍ୟମନ୍ତ୍ରୀ ଥିବାବେଳେ ଏହାକୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଭାବେ ବ୍ୟବହାର କରୁଥିଲେ। ରାଜ୍ୟରେ ଭାଜପା ସରକାରକୁ ଆସିବା ପରେ ୮ ମାସ ଧରି ଏହି ବାସଭବନକୁ ମୁଖ୍ୟମନ୍ତ୍ରୀଙ୍କ ନୂଆ ଠିକଣା ଭାବେ ପ୍ରସ୍ତୁତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଭାବେ ଏହି କ୍ୱାର୍ଟର୍ସ ☞ପୃଷ୍ଠା-୨

## ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହେବେ ହରିଶ ଟଣ୍ଡନ

**ନୂଆଦିଲ୍ଲୀ,୬।୩**



ଜଷ୍ଟିସ୍ ହରିଶ ଟଣ୍ଡନ

କଲିକତା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ହେବେ। ସୁପ୍ରିମକୋର୍ଟ କଲେଜିୟମ୍ ଗୁରୁବାର ଏନେଇ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ପୂର୍ବରୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଗତ ଜାନୁଆରୀ ୧୯ରେ ଅବସର ନେଇଥିଲେ। ତାଙ୍କ ସ୍ଥାନରେ ଜଷ୍ଟିସ୍ ଅରିନ୍ଦମ୍ ସିହ୍ନା ବର୍ତ୍ତମାନ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ସମ୍ଭାଳୁଛନ୍ତି।

ଜଷ୍ଟିସ୍ ଟଣ୍ଡନ ୨୦୧୦ ଏପ୍ରିଲ ୧୩ରେ କଲିକତା ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତି ପାଇ ସେବେଠୁ ଏହି ଦାୟିତ୍ୱ ସମ୍ପାଦନ କରିଆସୁଛନ୍ତି। ସର୍ବଭାରତୀୟ ସ୍ତରରେ ବରିଷ୍ଠତା ଭିତ୍ତିରେ ହାଇକୋର୍ଟ ବିଚାରପତିମାନଙ୍କ ମଧ୍ୟରେ ଜଷ୍ଟିସ୍ ଟଣ୍ଡନ ସପ୍ତମ ସ୍ଥାନରେ ରହିଛନ୍ତି। ବିଚାରପତି ଭାବେ ନିଯୁକ୍ତି ପୂର୍ବରୁ ସେ କଲିକତା ହାଇକୋର୍ଟରେ ଦେୱାନି ମାମଲାଗୁଡ଼ିକରେ ଓକିଲାତି କରୁଥିଲେ। ବିଚାରପତି ଭାବେ ନ୍ୟାୟ ପ୍ରଦାନରେ ତାଙ୍କର ଅନେକ ଅଭିଜ୍ଞତା ରହିଛି। ସେ ହାଇକୋର୍ଟ ମୁଖ୍ୟ ବିଚାରପତି ହେବା ପାଇଁ ଯୋଗ୍ୟ ବୋଲି ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ କଲେଜିୟମ୍ ପକ୍ଷରୁ ଅପ୍‌ଲୋଡ୍ କରାଯାଇଥିବା ଏକ ବିବୃତିରେ କୁହାଯାଇଛି।

# ମାଟ୍ରିକ୍ ପ୍ରଶ୍ନପତ୍ରରେ ପୁଣି ବିଭ୍ରାଟ

## ପାଠ୍ୟକ୍ରମ ବାହାର ପ୍ରଶ୍ନ, ପରୀକ୍ଷା ଦେଇପାରିଲେନି ଛାତ୍ରୀଛାତ୍ର

***ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାରେ ପୁଣି ବିଭ୍ରାଟ ଦେଖିବାକୁ ମିଳିଛି। ଗତ ୧ ତାରିଖରେ ବିଜ୍ଞାନ ବିଷୟ 'ସି' ସେଟ୍ ପ୍ରଶ୍ନପତ୍ରରେ ୪ ମାର୍କ ପ୍ରଶ୍ନ କମ୍ ରହିଥିଲା। ଗୁରୁବାର ପରୀକ୍ଷାର ଶେଷଦିନରେ ତୃତୀୟ ଭାଷାର ବିକଳ୍ପ ଭାବେ ଛାତ୍ରୀଛାତ୍ରମାନେ ଗ୍ରହଣ କରିଥିବା 'ଇଲେକ୍ଟ୍ରୋନିକ୍ସ ଆଣ୍ଡ ହାର୍ଡୱେର' ବିଷୟ ପ୍ରଶ୍ନପତ୍ରରେ ପାଠ୍ୟକ୍ରମ ବାହାର ପ୍ରଶ୍ନ ରହିଛି। ତାହା ମୋଟ ୫୦ ମାର୍କରୁ ୪୩ ମାର୍କ। ଏଭଳି ଗୁରୁତର ତ୍ରୁଟି ଯୋଗୁ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇପାରି ନ ଥିବା ନେଇ ରାଜ୍ୟର ବିଭିନ୍ନ ସ୍ଥାନରୁ ଅଭିଯୋଗ ଆସିଛି।***

**ପାରାଦୀପ/କଟକ/ସାବରଙ୍ଗ, ୬।୩ (ଶରତ ରାଉତ/କାର୍ତ୍ତିକ ସାହୁ/କାଳିପଦ ରାୟ)**

ଚଳିତ ବର୍ଷ ଚାଲିଥିବା ମାଟ୍ରିକ୍ ପରୀକ୍ଷାର ଗୁରୁବାର ହୋଇଥିବା ଇଲେକ୍ଟ୍ରୋନିକ୍ସ ଓ ହାର୍ଡୱେର(ଇଏଚ୍) ପ୍ରଶ୍ନପତ୍ରରେ ତ୍ରୁଟି ଅଭିଯୋଗ ହୋଇଛି। ୫୦ ମାର୍କ ବିଶିଷ୍ଟ ଏହି ଇଏଚ୍ ବିଷୟରେ ପୁରୁଣା ସିଲାବସ୍‌ର ଅନୁସାରେ ପ୍ରଶ୍ନ ଆସିଛି। ତେବେ ୨୦୨୪-୨୫ ପାଠ୍ୟକ୍ରମରେ ପଢ଼ାଯାଇଥିବା ବିଷୟ ମଧ୍ୟରୁ ପ୍ରଶ୍ନପତ୍ର ନ ଆସିଥିବାରୁ ପିଲାମାନେ ଉତ୍ତର ଦେଇ ପାରିନାହାନ୍ତି।

ସୂଚନାଯୋଗ୍ୟ, ପିଲାମାନଙ୍କ ସମୁଦାୟ ବିଷୟ ମଧ୍ୟରେ ଏକ୍ସଟ୍ରା ଅପ୍ସନାଲ ତୃତୀୟ ଭାଷା ଥାଏ। ଯେଉଁ ପିଲାମାନେ ତୃତୀୟ ଭାଷା ଚୟନ କରି ନ ଥାନ୍ତି ସେମାନେ ବୈଷୟିକ ଶିକ୍ଷା ଉପରେ ପଢ଼ିବାର ବ୍ୟବସ୍ଥା ଅଛି। ଯଥା ଇଲେକ୍ଟ୍ରୋନିକ୍ସ ଆଣ୍ଡ ହାର୍ଡୱେର ଓ ଅଟୋମୋବାଇଲ୍ସ(ଏଏମ୍)। ଏହି ପାଠ୍ୟକ୍ରମ ସୀମିତ ସ୍କୁଲରେ ପଢ଼ାଯାଇଥାଏ। ଜଗତ୍‌ସିଂହପୁର ଜିଲ୍ଲା ମଧ୍ୟରେ ଏମିତି ୫ଟି ସ୍କୁଲ ରହିଛି। ପାରାଦୀପ ପୌରାଞ୍ଚଳରେ ଥିବା ସମସ୍ତ ସରକାରୀ ସ୍କୁଲ ମଧ୍ୟରେ କେବଳ ଏନ୍‌ଏସି ହାଇସ୍କୁଲରେ ଏହି ଦୁଇଟି ବିଷୟ ଉପରେ ପଢ଼ାଯାଇଥାଏ। ଏହି ଇଏଚ୍ ବିଷୟରେ ପାରାଦୀପ ପୌରାଞ୍ଚଳର ୩୮ ଜଣ ପିଲା ଗୁରୁବାର ପରୀକ୍ଷା ଦେଇଥିଲେ। ସେମାନଙ୍କ ପରୀକ୍ଷା ସେଣ୍ଟର ଏନ୍‌ଏସି ଗାର୍ଲ୍ସ ହାଇସ୍କୁଲରେ ପଡ଼ିଥିଲା। ପ୍ରଶ୍ନପତ୍ର ପହଞ୍ଚିବା ପରେ ପିଲାମାନେ ନୂଆ ସିଲାବସ୍ ଅନୁସାରେ ପ୍ରଶ୍ନ ନ ଥିବା ଦେଖି ପରୀକ୍ଷା ସେଣ୍ଟରରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜଣାଇଥିଲେ। ମାତ୍ର ସେମାନେ କିଛି କରି ପାରି ନ ଥିଲେ। ଘରକୁ ଫେରିବା ପରେ ସେମାନେ ଅଭିଭାବକମାନଙ୍କ ଆଗରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ।

ନେହେରୁବଙ୍ଗଳା ଅଞ୍ଚଳରେ ରହୁଥିବା ଅଭିଭାବକ ଅଜିତ ନାୟକ କୁହନ୍ତି, ଝିଅ କିଛି ଉତ୍ତର ଦେଇ ନ ପାରି ଆସି ଘରେ କାନ୍ଦୁଛି। ଆମେ ସ୍କୁଲ ସାର୍‌ଙ୍କୁ ପଚାରିଲେ, ସେମାନେ ସନ୍ତୋଷଜନକ ଉତ୍ତର ଦେଇ ପାରୁନାହାନ୍ତି। ଏ ସମ୍ପର୍କରେ କୁଜଙ୍ଗ ବ୍ଲକ ଶିକ୍ଷାଧିକାରୀ (ବିଇଓ)ମନୋଜ କୁମାର ଦାସଙ୍କୁ ପଚାରିଲେ କୁହନ୍ତି, ଏବିଷୟରେ କିଛି କହିପାରିବୁ ନାହିଁ। ଏମିତି ଅଭିଯୋଗ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଜନସଂଖ୍ୟାରେ ପରିବର୍ତ୍ତନ

## ୧ କୋଟି ଟପିଲେ ସୁଭଦ୍ରା ହିତାଧିକାରୀ

**ଭୁବନେଶ୍ୱର,୬।୩(ବନ୍ଦନା ସେଠୀ)**

ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟରେ ୨ଲକ୍ଷ ୩୪ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହୋଇଛନ୍ତି। ଗୁରୁବାର ୫ହଜାର ଟଙ୍କା ଲେଖାଏ ମୋଟ ୧୧୭କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥରାଶି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି। ଏହାକୁ ମିଶାଇ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା କୋଟିଏ ଟପିଛି। ମୋଟ୍ ୧କୋଟି ୬୪ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ନିକଟକୁ ୫ହଜାର ୩୨କୋଟିରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ରାଜ୍ୟ ସରକାରଙ୍କ ସର୍ବବୃହତ୍ ମହିଳା କଲ୍ୟାଣକାରୀ ଯୋଜନା 'ସୁଭଦ୍ରା'ର ପ୍ରଥମ କିସ୍ତି ବିତରଣର ପଞ୍ଚମ ପର୍ଯ୍ୟାୟ କାର୍ଯ୍ୟକ୍ରମ ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ୟୁଟ୍ୟୁବ୍ ଲାଇଭ୍‌ରେ ☞ପୃଷ୍ଠା-୨



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

**ଆଜି ଘରେଘରେ ଦୀପ ଜାଳିବାକୁ ଆହ୍ୱାନ ଦେଲେ ଉପମୁଖ୍ୟମନ୍ତ୍ରୀ**

- ପଞ୍ଚମ ପର୍ଯ୍ୟାୟରେ ୨,୩୪,୦୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ଆକାଉଣ୍ଟକୁ ଗଲା ଟଙ୍କା
- ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଘୋଷଣା

## ଭାରତ ପ୍ରତ୍ୟର୍ପିତ ହେଲେ ନିର୍ଯାତନାରେ ମରିଯିବି

**ନୂଆଦିଲ୍ଲୀ,୬।୩**

ଆମେରିକାରେ ରହୁଥିବା ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅନ୍ୟତମ ଅଭିଯୁକ୍ତ ତହଉର ରାଣା ଭାରତକୁ ପ୍ରତ୍ୟର୍ପଣରୁ ବର୍ତ୍ତିବା ପାଇଁ ପୁଣିଥରେ ସେଠାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭାରତକୁ ପ୍ରତ୍ୟର୍ପିତ ହେଲେ ନିର୍ଯାତନାରେ ଶୀଘ୍ର ମରିଯିବେ ବୋଲି ସେ ଅଦାଲତଙ୍କୁ କହିଛନ୍ତି। ତେଣୁ ଅଦାଲତ ପୂର୍ବରୁ ପ୍ରତ୍ୟର୍ପଣ ଅନୁମତି ଉପରେ ଜରୁରୀ ସ୍ଥଗିତାଦେଶ ଲଗାଇବାକୁ ରାଣା ନିବେଦନ କରିଛନ୍ତି।

ରାଣା ବିଭିନ୍ନ କାରଣ ଦର୍ଶାଇ କହିଛନ୍ତି, ଭାରତରେ ବିଚାରର ସମ୍ମୁଖୀନ ହେଲେ ତାଙ୍କର ବଞ୍ଚିବା ସୁଯୋଗ ଯଥେଷ୍ଟ କମ୍ ରହିବ। ପାକିସ୍ତାନୀ ବଂଶୋଦ୍ଭବ ମୁସଲମାନ ହୋଇଥିବାରୁ ତାଙ୍କୁ ଭାରତରେ ନିର୍ଯାତନା ଦିଆଯିବ। ☞ପୃଷ୍ଠା-୨

**ଆମେରିକା ସୁପ୍ରିମକୋର୍ଟରେ ତହଉର ରାଣାଙ୍କ ନିବେଦନ**



ତହଉର ରାଣା

## ମହାକୁମ୍ଭରୁ ଧନୀ: ନାବିକ ପରିବାର ଆୟ କଲା ୩୦ କୋଟି

**ପ୍ରୟାଗରାଜ,୬।୩**

ହିନ୍ଦୁଧର୍ମର ସର୍ବବୃହତ୍ ଧର୍ମୀୟ ମେଳା ମଧ୍ୟରୁ ଅନ୍ୟତମ ମହାକୁମ୍ଭ ମେଳା ୪୫ ଦିନ ଧରି ଗତ ଜାନୁଆରୀ ୧୩ରୁ ଫେବୃଆରୀ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ତେବେ ଏହି ମହାକୁମ୍ଭ ମେଳାରେ ଅନେକ ଲୋକ ବିଭିନ୍ନ ବ୍ୟବସାୟ ମାଧ୍ୟମରେ ବହୁ ରୋଜଗାର କରିଛନ୍ତି ବୋଲି ଉତ୍ତରପ୍ରଦେଶ ବିଧାନସଭାରେ ବଜେଟ ଅଧିବେଶନକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର କହିଥିଲେ, ଏହି ଅବସରରେ ଯୋଗୀ ପିଣ୍ଟୁ ମହାରା ନାମକ ଜଣେ ନାଉରିଙ୍କ କାହାଣୀକୁ ବଖାଣି କହିଥିଲେ, ପିଣ୍ଟୁଙ୍କ ପରିବାର ମହାକୁମ୍ଭ ମେଳାର ୪୫ ଦିନ ମଧ୍ୟରେ ଯାତ୍ରୀମାନଙ୍କୁ ବୋଟ୍ ଯୋଗେ ନେବାଆଣିବା କରି ୩୦ କୋଟିଟଙ୍କାର ରୋଜଗାର କରିଛନ୍ତି। ଏହାପରଠାରୁ ପିଣ୍ଟୁଙ୍କୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ପ୍ରୟାଗରାଜର ତ୍ରିବେଣୀ ସଙ୍ଗମ ଉପକୂଳବର୍ତ୍ତୀ ଅରୈଲ ଗ୍ରାମର ପିଣ୍ଟୁ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି, ମହାକୁମ୍ଭ ମେଳା ଆରମ୍ଭ ହେବା ପୂର୍ବରୁ ସେ ନେଇଥିବା ଏକ ନିଷ୍ପତ୍ତି ତାଙ୍କୁ ଏହି ସଫଳତା ଆଣି ଦେଇଛି। ୨୦୧୯ରେ ପ୍ରୟାଗରାଜରେ ଆୟୋଜିତ କୁମ୍ଭମେଳାରେ ମଧ ପିଣ୍ଟୁ ଲୋକଙ୍କୁ ବୋଟ୍ ଯୋଗେ ନେବାଆଣିବା କରୁଥିଲେ। ତେବେ ଉକ୍ତ କୁମ୍ଭମେଳାଠାରୁ ୨୦୨୫ର ମହାକୁମ୍ଭ ମେଳାରେ ଶ୍ରଦ୍ଧାଳୁଙ୍କ ସଂଖ୍ୟାରେ ଅନେକ ଗୁଣାରେ ବୃଦ୍ଧି ପାଇବ ବୋଲି ସେ ଅନୁମାନ ଲଗାଇଥିଲେ। ତେଣୁ ମହାକୁମ୍ଭ ପୂର୍ବରୁ ସେ ନିଜ ପରିବାର ପାଇଁ ୭୦ଟି ବୋଟ୍ କିଣିଥିଲେ। ଏହାପୂର୍ବରୁ ପିଣ୍ଟୁ ଏବଂ ତାଙ୍କର ଶତାଧିକ ☞ପୃଷ୍ଠା-୨



ପରିବାର ସଦସ୍ୟଙ୍କ ସହ ନାଉରି ପିଣ୍ଟୁ ମହାରା(ବାମ)।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅଷ୍ଟମ ବ୍ୟାଚ୍ ଆରକ୍ଷୀ ଉପ ଅଧୀକ୍ଷକ ଏବଂ ଦ୍ୱାଦଶ ବ୍ୟାଚ୍ ଉପ ଆରକ୍ଷୀ ନିରୀକ୍ଷକ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ, ସମୟ: ସକାଳ ୯ଟା ୩୦।
- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଗ୍ରାମ-ଉତ୍ଥାନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ମହାବୋଧି କନଫରେନ୍ସ ହଲ୍, ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ରଜକ ମହାସଂଘ ପକ୍ଷରୁ ବାର୍ଷିକ ସାଧାରଣ ପରିଷଦ ବୈଠକ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍ଏସ୍‌ଭିି-୨୦୨୫ ଜାତୀୟ ସମ୍ମିଳନୀ ଦ୍ୱିତୀୟ ଦିବସ, ସ୍ଥାନ: ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ 'ନିର୍ବାଚନ ୨୦୨୪' ଉନ୍ମୋଚନ ଉତ୍ସବ, ସମୟ: ସୂଚନା ଭବନ, ସମୟ: ଅପରାହ୍ନ ୩ଟା ୩୦।
- ୩୩ତମ ନିଖିଳ ଉତ୍କଳ ନାଟ୍ୟୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୫ଟା।
- କଳିଙ୍ଗ ଲିଟେରାରି ଫେଷ୍ଟିଭାଲ ପକ୍ଷରୁ ପୁସ୍ତକ 'ଏ ଭାରିଗସ୍ ୱାର୍ଲ୍ଡ' ଉନ୍ମୋଚନ ଉତ୍ସବ, ମେ'ଫେୟାର ଲାଗୁନ, ସମୟ: ଅପରାହ୍ନ ୫ଟା ୩୦।
- ଅଲ୍ ୱେମେନ୍ ଆଡଭୋକେଟ୍ ଫୋରମ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ପାନ୍ଥନିବାସ, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ଏବଂ ଓଏଲ୍ଏଲ୍‌ସି ବିଭାଗ ପକ୍ଷରୁ ସମର୍ପଣ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଭଗବତ ବାସୁଦେବଙ୍କ ବାର୍ଷିକମେଳା ଆରମ୍ଭ, ସ୍ଥାନ: ସାନପଲ୍ଲା, ଭାଲିଆବାଡ଼ି, ସମୟ: ସକାଳ ୯ଟା।
- ମା'ଖଣ୍ଡୁଆଳ ଲୋକନୃତ୍ୟ ଅନୁଷ୍ଠାନର କାର୍ଯ୍ୟକ୍ରମ, ସ୍ଥାନ: ମା'ଖଣ୍ଡୁଆଳ ପୀଠ, ଟାଙ୍ଗୀଆପଡ଼ା, ସମୟ: ଅପରାହ୍ନ ୨ଟା।

## ବାଲେଶ୍ୱର

- ବାର୍ଷିକ ପୂଜା ଉତ୍ସବ ଓ ହରିବଂଶ ପଠନ, ସ୍ଥାନ: ବାରାପାଳ, ରୁପ୍‌ସା, ସମୟ: ଦିବସବ୍ୟାପୀ।
- ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ବାରାପାଳ ହାଇସ୍କୁଲ, ରୁପ୍‌ସା, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ସ୍ମୃତିସଭା, ସ୍ଥାନ:କଂଗ୍ରେସ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାଲେଶ୍ୱର ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ତୃତୀୟ ଦିବସ,ସ୍ଥାନ: ବାର ହଲ୍ ନଂ.-୧, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୪ଟା।

## ଭଦ୍ରକ

- ପିଏମ୍‌ଶ୍ରୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା, ସ୍ଥାନ: ସେଣ୍ଟେରା ଜନାର୍ଦ୍ଦନ ଉଚ୍ଚ ବିଦ୍ୟାପୀଠ, ବନ୍ତ, ସମୟ: ସକାଳ ୭ଟା।
- ହରିହର ନୋଡାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ନିଲୋକ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- କୀର୍ତ୍ତନ ମଣ୍ଡପ ପ୍ରତିଷ୍ଠା, ସ୍ଥାନ: ଚତୁର୍ଭୁଜପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଏମ୍‌ଜିଏନ୍ଆର୍‌ଇଜିଏସ୍‌ର ଜନଶୁଣାଣି, ସ୍ଥାନ: ନୀଳମଣି ସଭାଗୃହ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ତଳଦୁମୁକା, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ବାଲିବରେଇ-ବିଦ୍ୟାଧରପୁର ମୁକ୍ତେଶ୍ୱର ବଜାର ମଣ୍ଡପରେ ବିଶ୍ୱ ଶାନ୍ତି ଗୀତା ଯଜ୍ଞ, ସ୍ଥାନ: ବଉଳା, ସମୟ: ସକାଳ ୭ ଟା।
- ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ଭଦ୍ରାସାହି ପଞ୍ଚାୟତ ପଡ଼ିଆ, ଭଦ୍ରାସାହି, ସମୟ: ଅପରାହ୍ନ ୩ ଟା।
- ବାର୍ଷିକ ଅଷ୍ଟମପ୍ରହର ନାମଯଜ୍ଞ, ଶୁଭାଧିବାସ, ସ୍ଥାନ: ନୂଆରମ୍ପାସ, ଛେନାପଦି, ସମୟ: ରାତି ୮ ଟା।

## ମୟୂରଭଞ୍ଜ

- ବଳାଙ୍ଗୀ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥର ଜିଲା ପରିକ୍ରମା, ସ୍ଥାନ:ବଡ଼ ଜଗନ୍ନାଥ ମନ୍ଦିର, ଦେଉଳସାହି, ବାରିପଦା,ସମୟ: ସକାଳ ୮ଟା।
- ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉପଲକ୍ଷେ ୧୦୮ କଳସଯାତ୍ରା, ସ୍ଥାନ:ଠାକୁରମୁଣ୍ଡା,ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ନିଶୁଳ୍କ ମୋତିଆବିନ୍ଦୁ ପରୀକ୍ଷା ଓ ଚିକିତ୍ସା ଶିବିର, ସ୍ଥାନ: ବୈଶିଙ୍ଗା ଡାକ୍ତରଖାନା ପରିସର,ସମୟ: ପୂର୍ବାହ୍ନ ୧୦ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ମାଣତ୍ରୀ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାବା ଶିମିଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ, ଶିମିଳା, ବାଙ୍ଗିରିପୋଷି,ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାବା ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର, ଦେବଶୂଳ, ରାସଗୋବିନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାବା ଝିଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ଝିଙ୍କପଦା, କପ୍ତିପଦା,ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।
- କଂଗ୍ରେସ ପ୍ରଭାରୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଅବସରପ୍ରାପ୍ତ କର୍ମଚାରୀ ସଂଘ ଭବନ, ବାରିପଦା,ସମୟ: ଅପରାହ୍ନ ୪ଟା।
- ବାସନ୍ତୀ ଦୁର୍ଗାପୂଜା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସେଣ୍ଟା ତୁଳସୀ କଲ୍ୟାଣ ମଣ୍ଡପ ପରିସର ଗଣେଶ ମନ୍ଦିର,ଉଦଳା,ସମୟ:ଅପରାହ୍ନ ୪ଟା ୩୦।
- ଗାୟତ୍ରୀ ମହାଯଜ୍ଞରେ ଦୀପଯଜ୍ଞ ଓ ପ୍ରବଚନ, ସ୍ଥାନ:ଠାକୁରମୁଣ୍ଡା, ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର

- ଲୋକଶକ୍ତି ଅଭିଯାନ ଓ କିଷାନ ମଜଦୂର ସଭାର ମିଳିତ ଖବରଦାତା ସମ୍ମିଳନୀ,ସ୍ଥାନ: ଗଞ୍ଜାମ କଳା ପରିଷଦ ପାଠାଗାର,ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ଲକ୍‌ଥାନାର ନୂତନ ଗୃହ ଲୋକାର୍ପଣ, ସ୍ଥାନ: ଲକ୍‌ଥାନା, ପାରାଦୀପଗଡ, ପାରାଦୀପ, ସମୟ: ସକାଳ ୯ଟା।
- ଅଲିଭରିଡ୍‌ଲେ କଇଁଛ ଓ ଫାଶୀ ଜାଲ ବ୍ୟବହାର ନ କରିବା ଉପରେ ମତ୍ସ୍ୟଜୀବୀଙ୍କୁ ନେଇ କର୍ମଶାଳା, ସ୍ଥାନ: ମାଛଧରା ବନ୍ଦର, ନେହେରୁ ବଙ୍ଗଳା, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ କ୍ରିକେଟ ଲିଗ୍(ପିସିଏଲ୍)ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ ଅପରାହ୍ନ ୪ଟା।
- ବଣିକସଂଘ ଦୁର୍ଗା ମନ୍ଦିର ବାର୍ଷିକ ଉତ୍ସବ ଉପଲକ୍ଷେ ମାଳିକା ବିଚାର ଉପରେ ସତ୍‌ସଙ୍ଗ, ସ୍ଥାନ: ବଣିକସଂଘ ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା'କେନ୍ଦୁଖାଇ ଦୁଆସୁଣୀ ଦେବୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭ୍ରମରଦିଆପାଟଣା, ଡେରାବିଶ, ସମୟ: ସକାଳ ୬ଟା।
- ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ରାଜ୍ୟସ୍ତରୀୟ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ଗହ୍ମାଶିଖର, ଡେରା, ରାଜନଗର, ସମୟ:ସକାଳ ୬ଟା।
- କେନ୍ଦ୍ରାପଡ଼ା ଜିଲା ସାହିତ୍ୟ ପରିଷଦ ପକ୍ଷରୁ କବି ଦୀପକ ମିଶ୍ରଙ୍କ ଜୟନ୍ତୀ ସମାରୋହ, ସ୍ଥାନ:ଗାନ୍ଧୀ ଭବନ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## ଯାଜପୁର

- ଯାଜପୁର ଜିଲା ମହୋତ୍ସବ-୨୦୨୫, ସ୍ଥାନ: ଯାଜପୁର ରୋଡ ଏନସି ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବିଶ୍ୱଶାନ୍ତି ଗୀତା ମହାଯଜ୍ଞର ୪ର୍ଥ ଦିବସ, ସ୍ଥାନ:ରଣପୁର ବ୍ଲକ ରାଆଁଳା ମା' ଖିଲାମୁଣ୍ଡା ଦେବୀ ପୀଠ, ସମୟ:ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ:ଖଣ୍ଡପଡ଼ା ବ୍ଲକ ଖଳିସାହି ନେଳିଆ ପୋଖରୀ ନିକଟ, ସମୟ:ପୂର୍ବାହ୍ନ ୧୦ଟା।
- ଭାପୁର ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସର ମ୍ୟାଚ,ଧର୍ମଶାଳା ଫୁଟବଲ କ୍ଲବ ଯାଜପୁର ସହ ବଜରଙ୍ଗୀ କ୍ଲବ ଘାଟିକିଆ ଭୁବନେଶ୍ୱର, ସ୍ଥାନ: ଭାପୁର ବ୍ଲକ ଭାପୁର ଖେଳ ପଡିଆ, ସମୟ:ଅପରାହ୍ନ ୩ଟା୩୦।
- ନୂଆଗାଁ ବ୍ଲକସ୍ତରୀୟ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୨ୟ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆଗାଁ କଲେଜ ସମ୍ମୁଖ ପଡ଼ିଆ, ସମୟ:ଅପରାହ୍ନ ୪ଟା।
- ନାଟ୍ୟଧାରା ପକ୍ଷରୁ ପଞ୍ଚମ ରାଜ୍ୟସ୍ତରୀୟ ନାଟ୍ୟମେଳାର ଷଷ୍ଠ ଦିବସର ନାଟକ ସୋମ ରସ, ସ୍ଥାନ:ପଠାଣି ସାମନ୍ତ ଅଡିଟୋରିୟମ, ସମୟ:ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଗ୍ରାମ୍ୟ ଜଳ ଓ ପରିମଳ କମିଟିର ଭୂମିକା ସମ୍ପର୍କିତ କର୍ମଶାଳା, ସ୍ଥାନ: ରାୟଗଡା ବ୍ଲକ ସଦ୍‌ଭାବନା ସଭା ଗୃହ, ସମୟ: ସକାଳ ୯ ଟା।

## ନବରଙ୍ଗପୁର

- ଏମ୍‌ପି ବଳଭଦ୍ର ମାଝୀଙ୍କ ଜନ ଔଷଧି କେନ୍ଦ୍ର ପରିଦର୍ଶନ, ସ୍ଥାନ: ଇନ୍ଦ୍ରାବତୀ, ସମୟ: ସକାଳ ୯ଟା।
- ଇଟିପିଏ ଫାଉଣ୍ଡେଶନ ପକ୍ଷରୁ ମହିଳା ଦିବସ, ସ୍ଥାନ: ତେନ୍ତୁଳିଖୁଣ୍ଟି, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ୟୁଥ୍ ଆଣ୍ଡ୍ ଇକୋ ଆନୁଆଲ୍ ମିଟ୍ ଏବଂ ସାଇନ୍ସ ସେମିନାର୍ ଉଦଘାଟନ, ସ୍ଥାନ: ପୁକାଲି ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ଗୁଗାଗୁଡ଼ା ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭର୍ଚୁଆଲ୍‌ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନୂତନ ଥାନା ଉଦ୍‌ଘାଟନ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ ସୁଙ୍କି ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- କୋରୁକୋଣ୍ଡାରେ ନୂତନ ଥାନା ଉଦ୍‌ଘାଟନ, ସ୍ଥାନ: କୋରୁକୋଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ପିଭି ୬୦ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଆମ ଆଦମୀ ପାର୍ଟିର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ ପୂର୍ବାହ୍ନ ୧୦ଟା।
- ଚବିଶ ପ୍ରହରି ନାମଯଜ୍ଞ, ସ୍ଥାନ : କେନଘାଟି ଶ୍ରୀରାମ ବାଟିକା, ସମୟ : ସକାଳ ୮ଟା।
- ଜିଲା ପ୍ରଶାସନ ଆୟୋଜନରେ ସୁଭଦ୍ରା ଶକ୍ତି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ବେଟି ପଢ଼ାଓ, ବେଟି ବଚାଓର ୧୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ଅଡିଟୋରିୟମ୍, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ରାଉରକେଲା

- ବେଦବ୍ୟାସ ଜିଲା ଓ ବେଦବ୍ୟାସ ବିକାଶ ଫ୍ୟାର୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବିଶ୍ରା ରୋଡ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରିଣ୍ଟମେନ୍ସ ଡେ' ପାଳନ, ସ୍ଥାନ: ପ୍ରଫୁଲ ଟାୱାର, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଶା ଭାଷା ବିକାଶ ମଞ୍ଚ ରାଉରକେଲା ପକ୍ଷରୁ ସ୍ୱତନ୍ତ୍ର ଆଲୋଚନାଚକ୍ର ଓ କାବ୍ୟ ସନ୍ଧ୍ୟା, ସ୍ଥାନ: ସେକ୍ଟର-୫ କଲଚରାଲ ଏକାଡ଼େମୀ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ମାଁ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କନକବିରା, ଭଟଲି, ସମୟ: ସକାଳ ୮ଟା।
- ଆନ୍ତର୍ଜାତୀୟ ହ୍ୱିଲ ଚେୟାର ଦିବସ, ସ୍ଥାନ: ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼, ସମୟ: ସକାଳ ୮ଟା।
- ରାମାୟଣ ପାରାୟଣ,ସ୍ଥାନ:ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଗାଇସିଲେଟ୍,ସମୟ: ସକାଳ ୯ଟା।

## କଳାହାଣ୍ଡି

- ଆନ୍ତର୍ଜାତିକ ମହିଳା ଦିବସ, ସ୍ଥାନ: ଜୁନାଗଡ଼ ବ୍ଲକ ଚିଲିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଟାଉନ ଥାନାର ନୂତନ କୋଠା ଉଦ୍‌ଘାଟନ ସମାରୋହ, ସ୍ଥାନ: ଭବାନୀପାଟଣା ଟାଉନ ଥାନା, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ଜୁନାଗଡ଼ସ୍ଥିତ ହିଙ୍ଗଳିବାହାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଷୋହଳତମ ଅଲ୍ ଇଣ୍ଡିଆ ଡିଏସ୍ କପ୍ ଫୁଟବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼

- ହାଇଟେକ ପ୍ରଣାଳୀରେ ଉନ୍ନତମାନର ଚାଷ ସମ୍ପର୍କିତ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଡାଇମଣ୍ଡ ସର୍କସ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ, ସମୟ: ଅପରାହ୍ନ ୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଛପନ ପ୍ରହର ନାମଯଜ୍ଞର ପଞ୍ଚମ ଦିବସ, ସ୍ଥାନ: ଟିକିରାପଡା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: କଦଳିପାଲି/ବୁରୁବୁଡା, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ହରିହର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଚୌହାନପୁର, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ ଟା।
- ରାମାୟଣ ପାରାୟଣର ପଞ୍ଚମ ଦିବସ ସ୍ଥାନ: ଟିକିରାପଡା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ମୁକ୍ତାକାଶ ରଙ୍ଗମଞ୍ଚରେ ଧନୁଯାତ୍ରା,
- ସ୍ଥାନ: ଟିକିରାପଡ଼ା,ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା।
- ବାଲ୍ମିକୀ ରାମାୟଣ ପାରାୟଣ, ସ୍ଥାନ: ଭାଲୁଗୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ସରବାହାଲ ନାମ ମଣ୍ଡପ, ସମୟ: ସକାଳ ୮ଟା।
- ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: ବେଲପାହାଡ଼ ନାମ ମଣ୍ଡପ, ସମୟ: ସକାଳ ୯ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଘିଚାମୁରା ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଦୈହିକ ସୁସ୍ଥତା ସାଙ୍ଗକୁ ବିବାଦୀୟ ପରିସ୍ଥିତିରେ ଧୈର୍ଯ୍ୟଧାରଣ ପାରିବାରିକ ଓ ସାମାଜିକ ଜୀବନକୁ ରଶ୍ମିମନ୍ତ କରିବ। ଚନ୍ଦ୍ରଙ୍କ କେନ୍ଦ୍ରରେ ଶନି ଥିବାରୁ କର୍ମକ୍ଷେତ୍ରର ସମସ୍ୟା ମାଡି ଆସିପାରେ। ଘର ସଜାଡିବାରେ ସମୟ ନେବେ। ଅର୍ଥ ପ୍ରାଚୁର୍ଯ୍ୟ, ଦକ୍ଷତାର ପ୍ରତିଷ୍ଠା ଓ ପ୍ରଶଂସା ସୂଚକ ବିଷୟକୁ ନିନ୍ଦୁକଗୋଷ୍ଠୀଙ୍କ ଅସହ୍ୟ ହୋଇପାରେ।

**ବୃଷ**

ଗୁରୁଚାନ୍ଦ୍ରୀ ଯୋଗ କାରଣରୁ ବନ୍ଧୁଙ୍କ ସହାୟତାରେ ଆର୍ଥିକ ସ୍ଥିତି ବଦଳିଯିବ। ମୃଗଶିରା ନକ୍ଷତ୍ରର ପାରିବାରିକ ଅସ୍ଥିରତା ସାଙ୍ଗକୁ ଅପୂରଣୀୟ ଅଭିଳାଷ ମନକୁ ବ୍ୟଥିତ କରିପାରେ। ବିଭିନ୍ନ ପ୍ରକାରର ଅଟକି ରହିଥିବା କାମଗୁଡିକୁ ନେଇ ମନ ବିଶେଷ ବିଚଳିତ ରହିବ। ଶିଳ୍ପ, ବାଣିଜ୍ୟ, ପରିବହନ, ମକଦ୍ଦମା କ୍ଷେତ୍ରରେ ସମସ୍ୟା ଦୂର ହେବ।

**ମିଥୁନ**

ଧନାଧିପତିଙ୍କ ବ୍ୟୟଭାବସ୍ଥିତିଜନିତ ବ୍ୟୟବୃଦ୍ଧି ସହିତ ଆର୍ଥିକ ସମସ୍ୟାରେ ବ୍ୟଥିତ ହୋଇପାରନ୍ତି। ମନ ଭିତରର ଗୋପନକଥାକୁ ସଂକୋଚ ବଶତଃ ବନ୍ଧୁଙ୍କ ନିକଟରେ କହିପାରିବେ ନାହିଁ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ଅଶାନ୍ତି ରହିପାରନ୍ତି। କର୍ମକ୍ଷେତ୍ରରେ ବିଚାରବୁଦ୍ଧି ପ୍ରୟୋଗକରି କାର୍ଯ୍ୟହାସଲ କରିପାରିବେ।

**କର୍କଟ**

ଭୁଲ୍ ବୁଝାମଣା ଓ ସନ୍ଦେହ କାରଣରୁ ପରିବାରରେ ମତଭେଦ ଘଟିପାରେ। ମକଦ୍ଦମାରେ, ବାଣିଜ୍ୟ, ବିବାଦୀୟ ଘଟଣାରେ ସ୍ଥିତି ଅନୁକୂଳ ରହିବ। ବନ୍ଧୁଙ୍କ ସବୁକଥାକୁ କାନଡେରି ଶୁଣନ୍ତୁ କିନ୍ତୁ ଭାବିଚିନ୍ତି ଆଗକୁ ଗୋଡ ବଢାନ୍ତୁ। ଶୁକ୍ରଙ୍କ ଶୁଭଦୃ ଆପଣଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବାରେ ଅନୁକୂଳ ପରିବେଶ ସୃଷ୍ଟି କରିବ।

**ସିଂହ**

ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ, ମାତ୍ର ଆଶାନୁରୂପ ସାହାଯ୍ୟ ମିଳି ନ ପାରେ। ଶନି କ୍ଷେତ୍ରରେ ରବି ରହିଥିବାରୁ ଦୈହିକ ସ୍ଥିତି ସେତେଟା ଅନୁକୂଳ ନ ରହିଲେ ମଧ୍ୟ ମନୋବଳ ଦୃଢ଼ ରହିବ। ଆଜି ବିବାଦୀୟ କ୍ଷେତ୍ରରେ ବେଶି ସମୟ ରହିବା ଠିକ୍ ହେବନାହିଁ। ବ୍ୟବସାୟ ଟେନ୍ସନଯୁକ୍ତ ରହିଲେ ମଧ୍ୟ ଆର୍ଥିକ ସ୍ଥିତି ମନ୍ଦ ହେବନି।

**କନ୍ୟା**

ବନ୍ଧୁମିଳନ ସହ ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ଅନ୍ତରଙ୍ଗ ଆଳାପ ଆମୋଦିତ କରିବ। ମଙ୍ଗଳଙ୍କ ଦୁର୍ବଳତା ହେତୁ ପୂର୍ବରାଗକୁ ଶୁଝାଇବାକୁ ଯାଇ ଆତ୍ମୀୟ ଶତ୍ରୁତା କରିପାରନ୍ତି। ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ନିଜ ଲୋକଙ୍କ ସାହାଯ୍ୟ କ୍ରମେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**ତୁଳା**

ସ୍ୱାସ୍ଥ୍ୟ ଭଲ ରହିବା ସହ ବାହାର ଦୁନିଆରେ ଅନ୍ୟମାନଙ୍କ ଦୃଷ୍ଟିରେ ଭାବମୂର୍ତ୍ତି ଉତ୍କୃଷ୍ଟ ରହିବ। ଅଭାବ ଅସୁବିଧା ହେତୁ ମାନସିକ ଅବସ୍ଥା ଭଲ ରହି ନ ପାରେ। ଅଷ୍ଟମସ୍ଥ ବୃହସ୍ପତିଙ୍କ ଯୋଗୁ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ସ୍ୱାମୀଙ୍କ ସହ ଆଲୋଚନା କରି କାମ କଲେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇପାରିବ।

**ବିଛା**

ଅଷ୍ଟମ ଚନ୍ଦ୍ର ଶତ୍ରୁକ୍ଷେତ୍ରସ୍ଥ ହେତୁ ଅନ୍ୟକୁ ମନେଇବାକୁ ଯାଇ ଅସଫଳ ହେବେ। ସ୍ୱାସ୍ଥ୍ୟ ଠିକ୍ ରହିଲେ ମଧ୍ୟ କାମ ବିଶୃଙ୍ଖଳିତ ହେବ। ପାରିବାରିକ ସ୍ତରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ସହକର୍ମୀଙ୍କ ସହଯୋଗରେ କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିପାରିବେ।

**ଧନୁ**

ଆଜି ଶୁକ୍ର ପ୍ରଭାବରୁ ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଆର୍ଥିକ ଦୁରବସ୍ଥା କାର୍ଯ୍ୟଧାରାର ଗତିରୋଧ କରିପାରେ। ସାୟାହ୍ନେ ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭକରି ଏକପ୍ରକାର ଖୁସି ଅନୁଭବ କରିବେ। ବ୍ୟବସାୟ, ପ୍ରଶାସନ, ସଭାସମିତି, ଯାତ୍ରା, ବନ୍ଧୁ ସମ୍ପର୍କ ପ୍ରାୟତଃ ମନ୍ଦ ହେବନି।

**ମକର**

ଗୁରୁକୃପାରୁ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ମନସ୍ଥ କରିପାରନ୍ତି। ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହେବ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ବ୍ୟବସାୟିକ ସ୍ଥିତି କେତେକାଂଶରେ ଭଲ ରହିବା ସହ ଋଣ ପରିଶୋଧ କରିବାରେ ସଫଳ ହେବେ।

**କୁମ୍ଭ**

ବନ୍ଧୁଙ୍କ ସହାୟତାରେ ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ବୁଧଙ୍କ ଦୁର୍ବଳତା କାରଣରୁ ପିଲାଙ୍କ ପଢାସମସ୍ୟା ନେଇ ଚିନ୍ତିତ ରହିବେ। ପରୋକ୍ଷ ଶତ୍ରୁତା ହେତୁ କାମଗୁଡିକ ଶୃଙ୍ଖଳିତ ହେବାର ଆଶା କ୍ରମଶଃ ମଉଳିଯିବ। ପ୍ରକାଶନ କ୍ଷେତ୍ର, ସାମ୍ବାଦିକତା, ସଭାସମିତି, ପ୍ରଶାସନିକ ଆଲୋଚନା ଫଳପ୍ରଦ ହୋଇପାରେ।

**ମୀନ**

ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ମନକୁ ଭାରାକ୍ରାନ୍ତ କରିବ। ମଙ୍ଗଳଜନିତ ଜମିଜମା କାରବାର, ଗୃହ ନିର୍ମାଣ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ସମସ୍ୟାବହୁଳ ହୋଇପାରେ। ଆଲୋଚନା ସମୟରେ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି। କର୍ମକ୍ଷେତ୍ର ପୂର୍ବବତ୍ ଚାଲୁରହିବ ଏବଂ ବିଶେଷ ଅସୁବିଧା ରହିବ ନାହିଁ।

ଆଜି ମାର୍ଚ୍ଚ ୭ ତାରିଖ, କର୍ମବୀର ଗୌରୀଶଙ୍କରଙ୍କ ତିରୋଧାନ ଦିବସ, ପରମହଂସ ଯୋଗାନନ୍ଦଙ୍କ ମହାପ୍ରୟାଣ ଦିବସ, ଫାଲଗୁନ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ ଶୁକ୍ରବାର, ରାଶି ନକ୍ଷତ୍ର-ମୃଗଶିରା/ବୃଷ। ଦିବା ଘ. ୧୧.୪୬ ମି. ଗତେ ମିଥୁନ ଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୦୫ ମି. ଗତେ, ଘ. ୦୬.୫୨ମି. ମଧ୍ୟେ, ଘ.୦୭.୩୯ମି. ଗତେ ଘ.୦୯.୦୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୦.୨୯ମି. ଗତେ ଘ.୧୧.୫୭ମି. ମଧ୍ୟେ ରାହୁ କାଳ ।

ପ୍ରଥମ ପୃଷ୍ଠାରୁ...

## ୧ କୋଟି ଟପିଲେ...

ଜନସାଧାରଣଙ୍କ ସହ ସିଧାସଳଖ କଥା ହୋଇ କହିଲେ, ମହିଳା ସଶକ୍ତୀକରଣର ଜନକଲ୍ୟାଣକାରୀ ପ୍ରୟାସରେ ସୁଭଦ୍ରା ହେଉଛି ଏକ ଉଲ୍ଲେଖନୀୟ ପ୍ରୟାସ। ଯୋଜନାର ଏତେ ବଡ଼ ସଫଳତାକୁ ସମ୍ମାନ ଜଣାଇବା ପାଇଁ ଶୁକ୍ରବାର ସୁଭଦ୍ରା ମା'ମାନେ ଘରେ ଘରେ ଦୀପ ଜଳାଇବା ପାଇଁ ଅନୁରୋଧ କରିଥିଲେ। ସେହିପରି ଆଭାସୀ ମାଧ୍ୟମରେ ଉପମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲାର ଜିଲାପାଳ, ସାମାଜିକ କର୍ମୀ ଓ ହିତାଧିକାରୀଙ୍କ ସହ କଥା ହୋଇ ଓଡ଼ିଶାର ମହିଳାଙ୍କ ଆର୍ଥିକ ସମୃଦ୍ଧି ଓ ସମ୍ମାନ ବୃଦ୍ଧି ପାଇଁ 'ସୁଭଦ୍ରା' ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛି ବୋଲି ଉଲ୍ଲେଖ କରିଥିଲେ। ସୁଭଦ୍ରାର ସଫଳତା କ୍ଷେତ୍ରରେ ରାଜ୍ୟର ସମସ୍ତ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଯୋଗଦାନକୁ ସ୍ୱୀକୃତି ପୂର୍ବକ ସେମାନଙ୍କ ଲାଗି ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଘୋଷଣା କରିଥିଲେ। ପ୍ରତ୍ୟେକ ଅଙ୍ଗନୱାଡି କର୍ମୀଙ୍କୁ ୧୫୦୦ଟଙ୍କା ଓ ସହାୟିକାଙ୍କୁ ୫୦୦ଟଙ୍କା ଲେଖାଏ ପ୍ରଦାନ କରାଯିବ। ରାଜ୍ୟ ସରକାର ଏଥିନିମନ୍ତେ ୧୪କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଖର୍ଚ୍ଚ ବହନ କରିବେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ସହ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ସୁଭଦ୍ରା ଯୋଜନା ପାଇଁ କାର୍ଯ୍ୟ କରୁଥିବା ସମସ୍ତ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା 'ସୁଭଦ୍ରା'ର ପ୍ରଥମ ପର୍ଯ୍ୟାୟ ଶୁଭାରମ୍ଭ ହୋଇଥିଲା। ଏଥିରେ ୨୫,୨୯,୭୨୦ ଜଣ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିଲା। ପରେ ମୟୂରଭଞ୍ଜର ବାରିପଦାଠାରେ ଦ୍ୱିତୀୟ ପର୍ଯ୍ୟାୟ ବିତରଣ କାର୍ଯ୍ୟକ୍ରମରେ ୩୫,୦୦,୦୦୪ ଜଣ, ସୁନ୍ଦରଗଡ଼ଠାରେ ତୃତୀୟ ପର୍ଯ୍ୟାୟରେ ୨୦,୦୦,୦୧୭ଜଣ ଏବଂ ଚତୁର୍ଥ ପର୍ଯ୍ୟାୟରେ ୧୮ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମିଶାଇ ମୋଟ ୯୮ଲକ୍ଷରୁ ଊର୍ଦ୍ଧ୍ୱ ଯୋଗ୍ୟ ମହିଳା ହିତାଧିକାରୀ ଏହି ଯୋଜନାରେ ଲାଭାନ୍ୱିତ ହୋଇଥିଲେ।

## ଭାରତ ପ୍ରତ୍ୟର୍ପିତ...

ଯଦି ସ୍ଥଗିତାଦେଶ ଦିଆ ନ ଯାଏ ତେବେ ପୂର୍ବରାୟର ସମୀକ୍ଷା ହେବନାହିଁ ବୋଲି ରାଣା ଆବେଦନରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଗତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରେ ଯାଇଥିବାବେଳେ ରାଣାଙ୍କୁ ଖୁବ୍‌ଶୀଘ୍ର ଭାରତ ପ୍ରତ୍ୟର୍ପଣ କରାଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଥିଲେ। ଟ୍ରମ୍ପଙ୍କ ଅନୁମୋଦନ ପୂର୍ବରୁ ଆମେରିକା ସୁପ୍ରିମକୋର୍ଟ ଗତ ଜାନୁଆରୀ ୨୧ରେ ରାଣାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଫଳରେ ତାଙ୍କର ଭାରତ ପ୍ରତ୍ୟର୍ପଣ ରାସ୍ତା ସଫା ହୋଇଯାଇଥିଲା।

୨୦୦୮ ନଭେମ୍ବର ୨୬ରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବା ମୁମ୍ବାଇରେ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ୧୭୪ ଜଣଙ୍କ ଜୀବନ ଯିବା ସହ ଅନେକେ ଆହତ ହୋଇଥିଲେ। ପାକିସ୍ତାନୀ ବଂଶୋଦ୍ଭବ କାନାଡୀୟ ନାଗରିକ ରାଣା ଏହି ଆକ୍ରମଣରେ ସମ୍ପୃକ୍ତ ଥିବା ନେଇ ଭାରତରେ ଅଭିଯୁକ୍ତ ହୋଇଥିଲେ। ଲସ୍କର ସଂଗଠନକୁ ସହାୟତା ଯୋଗାଇବା ମାମଲାରେ ସେ ଆମେରିକାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ଭାରତରେ ତାଙ୍କର ବିଚାର ନିମନ୍ତେ ନୂଆଦିଲ୍ଲୀ ଦୀର୍ଘବର୍ଷ ହେଲା ତାଙ୍କ ପ୍ରତ୍ୟର୍ପଣ ପାଇଁ ଆମେରିକା କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଆସିଛି। ୨୬/୧୧ ଆକ୍ରମଣ ପାଇଁ ରାଣା ତାଙ୍କ ସହଯୋଗୀ ଲସ୍କର ସଂଗଠନ ସହ ସମ୍ପୃକ୍ତ ଆମେରିକୀୟ ଡାଭିଡ୍ କଲେମାନ୍ ହେଡ୍‌ଲିଙ୍କୁ ସହାୟତା କରିଥିଲେ। ଆମେରିକା କର୍ତ୍ତୃପକ୍ଷ ୨୦୦୯ରେ ହେଡ୍‌ଲିଙ୍କୁ ଗିରଫ କରିଥିଲେ।

## ମହାକୁମ୍ଭରୁ ଧନୀ...

ସଦସ୍ୟ ବିଶିଷ୍ଟ ପରିବାର ନିକଟରେ ୬୦ଟି ବୋଟ୍ ରହିଥିଲା। ଏହିପରି ଭାବେ ପିଣ୍ଟୁ ମହାକୁମ୍ଭରେ ନିଜ ପରିବାରର ବ୍ୟବସାୟ ତଥା ଲୋକଙ୍କର ସୁବିଧା ପାଇଁ ୧୩୦ଟି ବୋଟ୍ ଲଞ୍ଚ କରିଥିଲେ। ପିଣ୍ଟୁ କହିଛନ୍ତି, ମହାକୁମ୍ଭ ମେଳା ପାଇଁ ୭୦ଟି ବୋଟ୍ କିଣିବା ନିମନ୍ତେ ତାଙ୍କ ପରିବାରର ମହିଳାମାନେ ନିଜର ଅଳଙ୍କାରଗୁଡ଼ିକୁ ବିକ୍ରି କରିବା ସହ ବନ୍ଧକ ରଖିଥିଲେ। ୭୦ଟି ବୋଟ୍ କିଣିବା ନିଷ୍ପତ୍ତି ତାଙ୍କ ପାଇଁ ଏକ ଜୁଆ ସଦୃଶ ଥିଲା, ଯାହା ଏବେ ସଫଳ ହୋଇଛି ବୋଲି ପିଣ୍ଟୁ କହିଛନ୍ତି। ଏହି ମହାକୁମ୍ଭ କେବଳ ତାଙ୍କର ନୁହେଁ ତାଙ୍କ ଭଳି ଅନେକ ନାବିକଙ୍କ ଜୀବନ ବଦଳାଇଥିବା ସେ କହିଛନ୍ତି। ଏହି ବ୍ୟବସାୟିକ ଲାଭ ପାଇଁ ସେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଇଛନ୍ତି। ଅନ୍ୟପକ୍ଷରେ, ମହାକୁମ୍ଭ ମେଳାରେ ନାଉରି ପିଣ୍ଟୁଙ୍କ ପରିବାର ୩୦ କୋଟି ରୋଜଗାର କରିଥିବା ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଦାବି ଉପରେ ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ସମାଜବାଦୀ ପାର୍ଟି(ଏସ୍‌ପି) ସମେତ ରାଜ୍ୟର ବିରୋଧୀ ଦଳଗୁଡ଼ିକ ମତ ଦେଇଛନ୍ତି। ସେହିପରି ପିଣ୍ଟୁଙ୍କର ଆପରାଧିକ ଇତିହାସ ରହିଛି ବୋଲି ସେମାନେ କହିଛନ୍ତି। ଗୁରୁବାର ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଏକ୍ସ'ରେ ଏକ ପୋଷ୍ଟ କରି ଲେଖିଛନ୍ତି, ନାଉରି ପିଣ୍ଟୁଙ୍କର ୩୦ କୋଟି ଆୟ ସମ୍ପର୍କିତ ଖବରର ସତ୍ୟତା ତଦନ୍ତ ସାପେକ୍ଷ। ସେହିପରି ଉତ୍ତରପ୍ରଦେଶ କଂଗ୍ରେସର ସଭାପତି ଅଜୟ ରାୟ କହିଛନ୍ତି, ୪୫ ଦିନିଆ ମହାକୁମ୍ଭରେ ବୋଟ୍ ଯୋଗେ ଶ୍ରଦ୍ଧାଳୁଙ୍କୁ ନେବାଆଣିବା କରି ଗୋଟିଏ ପରିବାର ୩୦ କୋଟି ଟଙ୍କା ରୋଜଗାର କରିବା ବିଶ୍ୱାସ ଯୋଗ୍ୟ ନୁହେଁ। ଏହି ଦାବିର ସତ୍ୟତାକୁ ନେଇ ତଦନ୍ତ କରାଯାଉ। ୨୦୦୯ରେ ଅର୍ଲେର ଏକ ଡବଲ ମର୍ଡର ମାମଲାରେ ପିଣ୍ଟୁ ଅଭିଯୁକ୍ତ ଥିବା ନେଇ ଏକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

## ମାଟ୍ରିକ୍ ପ୍ରଶ୍ନପତ୍ରରେ...

ଆମର ଶିକ୍ଷକମାନେ ମଧ୍ୟ କରିଛନ୍ତି। ଜଗତ୍‌ସିଂହପୁର ଜିଲା ଶିକ୍ଷାଧିକାରୀ (ଡିଇଓ)ନିରଞ୍ଜନ ବେହେରାଙ୍କୁ ପଚାରିଲେ କୁହନ୍ତି, ଏହା ଭୋକେସନାଲ ସବ୍‌ଜେକ୍ଟ ଥିଲା। ପ୍ରଶ୍ନପତ୍ର ସବୁ ବୋର୍ଡରୁ ଆସିଥାଏ। ତେବେ ପ୍ରଶ୍ନପତ୍ର ତ୍ରୁଟି ଖବର ଆସିଛି। ଆମେ ଏ ବିଷୟରେ ଉପରେ କିଛି କହିପାରିବୁ ନାହିଁ। ଆପଣ ବୋର୍ଡ କର୍ତ୍ତୃପକ୍ଷଙ୍କୁ ପଚାରନ୍ତୁ। ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଚାନ୍ଦିମାଳ କେକେଜିପି ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ୍ ପରୀକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରମାନେ ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ବିଦେଇପୁର ନରେନ୍ଦ୍ର ପ୍ରସାଦ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏଠାରେ ପରୀକ୍ଷା ଦେଉଥିଲେ। ମୋଟ ୫୦ ମାର୍କର ପ୍ରଶ୍ନପତ୍ର ମଧ୍ୟରୁ ସିଲାବସ୍ ବାହାରୁ ୪୩ ମାର୍କର ପ୍ରଶ୍ନ ଆସିଥିବା ଉକ୍ତ ବିଦ୍ୟାଳୟର ପରୀକ୍ଷାର୍ଥୀ ରାଜେଶ ପ୍ରଧାନ, ବିଶ୍ୱଜିତ ପରିଡ଼ା, ସନ୍ଦୀପ ନାୟକ, ବିବେକାନନ୍ଦ ସାହୁଙ୍କ ସମେତ ଅଭିଭାବକ ଉମାକାନ୍ତ ପରିଡ଼ା, ପ୍ରମୋଦ ବିଶ୍ୱାଳ, ଖଗେଶ୍ୱର ନାୟକ, ଗୌରାଙ୍ଗ ନାୟକ ପ୍ରମୁଖ ବିଇଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଇଓ ଜଗବନ୍ଧୁ ସାହୁଙ୍କୁ ପଚାରିବାରୁ ଅଭିଯୋଗ ବାବଦରେ ସେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିବା କହିଛନ୍ତି।

ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଏଭଳି ଅନ୍ୟ ଅଭିଯୋଗ ପାଇଥିବା ସ୍ୱୀକାର କରିଛନ୍ତି। ପରୀକ୍ଷାର୍ଥୀମାନେ ଯେପରି କ୍ଷତିରେ ନ ପଡ଼ିବେ ସେନେଇ ବୋର୍ଡ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଶୁକ୍ରବାର ପରୀକ୍ଷା ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା ହେବା ପରେ ନିଷ୍ପତ୍ତି ନିଆଯିବ। ସୂଚନାଯୋଗ୍ୟ, ହାଇସ୍କୁଲ ଛାତ୍ରୀଛାତ୍ର ତୃତୀୟ ଭାଷାର ବିକଳ୍ପ ଭାବେ ଭୋକେସନାଲ ବିଷୟ ନେଇଥାନ୍ତି। ଭୋକେସନାଲ ପାଠ୍ୟକ୍ରମରେ ୧୩ଟି ଟ୍ରେଡ୍‌ରେ ରହିଛି। ସେଗୁଡିକ ମଧ୍ୟରେ ଆଇଟି, ଅଟୋମୋଟିଭ, ଇଲେକ୍ଟ୍ରୋନିକ୍ସ ଆଣ୍ଡ ହାର୍ଡୱାର, ରିଟେଲ, ବିଉଟି ଆଣ୍ଡ ୱେଲନେସ୍, ଟୁରିଜମ ଆଣ୍ଡ ହସ୍ପିଟାଲିଜମ୍, ଏଗ୍ରିକଲଚର, କନଷ୍ଟ୍ରକ୍ସନ, ଫୁଡ୍ ପ୍ରସେସିଂ, ହେଲ୍‌ଥ କେୟାର, ପ୍ଲମ୍ବର, ପାୱାର ଓ ଟେଲି କମ୍ୟୁନିକେଶନ ରହିଥିବା ଜଣାଯାଇଛି।




ଭୁବନେଶ୍ୱର ଗଭର୍ଣ୍ଣର ହାଉସ୍ ଛକରୁ ଏଜି ଛକ ଯିବା ରାସ୍ତାରେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ନୂତନ ସରକାରୀ ବାସଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହପ୍ରବେଶ କରିଛନ୍ତି। **(ଫଟୋ: ବିକାଶ ନାୟକ)**

## ନୂଆ ବାସଭବନକୁ...

୧୯୭୦ ମସିହା ପରେ ନିର୍ମାଣ କରାଯାଇଥିଲା। ପୂର୍ବରୁ ଏହା ଭୁବନେଶ୍ୱର ସର୍କିଟ ହାଉସ୍ ଥିଲା। ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଏହାକୁ ନିର୍ମାଣ କରାଇଥିଲେ। ନନ୍ଦନୀ ଦେବୀ ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ସେଠାରେ ରହୁଥିଲେ। ପରବର୍ତ୍ତୀ ସମୟରେ ସେହି କ୍ୱାର୍ଟର୍ସରେ ନୀଳମଣି ରାଉତରାୟ ମୁଖ୍ୟମନ୍ତ୍ରୀ ଥିବାବେଳେ କିଛିଦିନ ରହିଥିଲେ। ଏହାପରେ ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ଗିରିଧର ଗମାଙ୍ଗ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଏହି କ୍ୱାର୍ଟର୍ସରେ ଅବସ୍ଥାନ କରିଥିଲେ। ଏହା ପରଠାରୁ ଉକ୍ତ କ୍ୱାର୍ଟର୍ସରେ ଅନ୍ୟ କେହି ମୁଖ୍ୟମନ୍ତ୍ରୀ ରହିନାହାନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ଗୁରୁବାର ସକାଳେ ଶୁଭଲଗ୍ନ ୧୦ଟା ୪୭ ମିନିଟ୍‌ରେ ତାଙ୍କ ନୂଆ ବାସଭବନକୁ ପ୍ରବେଶ କରିଛନ୍ତି। ସେ ଗୃହ ପ୍ରବେଶ କରିବା ପୂର୍ବରୁ ୨ ଗାଈଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ସ୍ତ୍ରୀ ଗୃହପ୍ରବେଶ କରିଥିଲେ। ପ୍ରାୟ ୨୬ ବର୍ଷ ହେବ ଏହି ସରକାରୀ ଘର ଖାଲି ପଡ଼ିଥିଲା। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମାଝୀ ଗାନ୍ଧୀମାର୍ଗରେ ଥିବା କ୍ୱାର୍ଟର୍ସରେ ରହୁଥିଲେ। ସେ ପୂର୍ବରୁ ବିଧାୟକ ଓ ମୁଖ୍ୟ ସଚେତକ ଥିବା ସମୟରେ ଯେଉଁ ସରକାରୀ ଘରେ ରହୁଥିଲେ, ସେଠାରେ ହିଁ ରହିଆସୁଥିଲେ।




# ସରିଲା ମାଟ୍ରିକ୍ ପରୀକ୍ଷା, ୧୯ରୁ ଖାତାଦେଖା

**■ ରାଜ୍ୟରେ ୫୧ ମୂଲ୍ୟାୟନ କେନ୍ଦ୍ର**
**■ ମେ' ପ୍ରଥମ ସପ୍ତାହରେ ଫଳ ପ୍ରକାଶ**

କଟକ,୬।୩(କାର୍ତ୍ତିକ ସାହୁ)

ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଗତ ଫେବୃଆରୀ ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖରେ ଶେଷ ହୋଇଛି। ସେହିପରି ଏକ ସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷାର୍ଥୀଙ୍କ ଖାତା ମୂଲ୍ୟାୟନ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ୧୯ ତାରିଖରୁ ଖାତାଦେଖା ଆରମ୍ଭ ହେବ। ମୋଟ୍ ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ସମସ୍ତ ପରୀକ୍ଷା ଖାତା ଦେଖାହେବ। ସେଥିମଧ୍ୟରୁ ୪୭ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଖାତା, ୨ଟି କେନ୍ଦ୍ରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ୨ଟି କେନ୍ଦ୍ରରେ ମଧ୍ୟମା ପରୀକ୍ଷା ଖାତା ମୂଲ୍ୟାୟନ ହେବ। ଖୁବ୍‌ଶୀଘ୍ର ପରୀକ୍ଷକ ନିଯୁକ୍ତି ପ୍ରକ୍ରିୟା ଶେଷ ହେବ। ଏଥିସହ ଆସନ୍ତା ମେ' ପ୍ରଥମ ସପ୍ତାହରେ ପରୀକ୍ଷାଫଳ ପ୍ରକାଶ ପାଇଁ ଚେଷ୍ଟା କରାଯାଉଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ପାଇଁ ୫,୧୦,୭୮ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ରାଜ୍ୟର ମୋଟ୍ ୨,୯୭୯ କେନ୍ଦ୍ରରେ ପରୀକ୍ଷା ହୋଇଛି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୭,୭୬୬ ଜଣ ଫର୍ମ ପୂରଣ କରିଥିବା ବେଳେ ୧୦୨ଟି କେନ୍ଦ୍ରରେ ପରୀକ୍ଷା ହୋଇଛି। ଏଥିସହ ମଧ୍ୟମା ପରୀକ୍ଷା ପାଇଁ ୩,୭୯୨ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବାବେଳେ ୫୨ଟି କେନ୍ଦ୍ରରେ ପରୀକ୍ଷା ହୋଇଛି।

## ପ୍ଲେଟ୍ ପ୍ରସ୍ତୁତବେଳେ ତ୍ରୁଟି

**ବିଜ୍ଞାନ 'ସି' ସେଟ୍‌ରେ ୪ ମାର୍କ ପ୍ରଶ୍ନ ନ ଥିବା ପ୍ରସଙ୍ଗ**

କଟକ,୬।୩(କାର୍ତ୍ତିକ ସାହୁ)

ମାଟ୍ରିକ୍ ପରୀକ୍ଷାର ବିଜ୍ଞାନ 'ସି' ସେଟ୍ ପ୍ରଶ୍ନପତ୍ରରେ ଗୋଟିଏ ୪ ମାର୍କ ପ୍ରଶ୍ନ ନ ଥିଲା। ଏନେଇ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି, ବୋର୍ଡ ପ୍ରତି ବିଷୟରେ ପାଖାପାଖି ୬ ଲକ୍ଷ ପ୍ରଶ୍ନପତ୍ର ଛାପୁଛି। ପୁଣି ୪ ସେଟ୍ ପ୍ରଶ୍ନପତ୍ର ହେଉଥିବାରୁ ଗୋଟିଏ ସେଟ୍‌ରେ ପ୍ରାୟ ଦେଢ଼ ଲକ୍ଷ ପ୍ରଶ୍ନ ରହୁଛି। ମୁଦ୍ରଣ ପୂର୍ବରୁ ପ୍ଲେଟ୍ ପ୍ରସ୍ତୁତ ବେଳେ ଭାଇରଶ କାରଣରୁ ୩ଟି ଧାଡ଼ି ଡେଇଁଯାଇଥିବା ଜଣାପଡ଼ିଛି। ସେଥିପାଇଁ ଏଭଳି ମୁଦ୍ରଣ ଜନିତ ତ୍ରୁଟି ହୋଇଥିଲା। ପରୀକ୍ଷାର୍ଥୀ ନମ୍ବର ପାଇବାରେ କ୍ଷତି ବା ଅସୁବିଧା ହେବ ନାହିଁ। ବୈଷୟିକ ଭାବରେ ଏନେଇ ପଦକ୍ଷେପ ନିଆଯାଉଛି। ବୋର୍ଡର ପରୀକ୍ଷା ପରିଚାଳନା କମିଟି ଏନେଇ ନିଷ୍ପତ୍ତି ନେବ। ଏଥର କୌଣସି ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ଭାଇରାଲ ହୋଇନାହିଁ। ଏହା ରୋକିବାକୁ ୱାଟର ମାର୍କ, ପ୍ରତି ପ୍ରଶ୍ନରେ କ୍ରମିକ ସଂଖ୍ୟା ଓ କ୍ୟୁଆର କୋଡ୍ ରହିଥିଲା। ଭାଇରାଲ ବନ୍ଦ କରିବାରେ ଏହି ତିନୋଟି ନିଶ୍ଚିତ ଭାବେ ସହାୟକ ହୋଇଛି। ୬୦୦ ପରୀକ୍ଷା କେନ୍ଦ୍ରରେ ଏଆଇ ନିରୀକ୍ଷଣ ବ୍ୟବସ୍ଥା ଉପଯୋଗ କରାଯାଇଥିବାରୁ ପରୀକ୍ଷା ପରିଚାଳନା ଶୃଙ୍ଖଳିତ ହୋଇପାରିଛି। ଜିଲାସ୍ତରରେ ପରୀକ୍ଷା ପରିଚାଳନା ନେଇ ଠିକ୍ ଭାବରେ ଦାୟିତ୍ୱ ସମ୍ପନ୍ନ ହୋଇଛି।

# ମାଟ୍ରିକ୍ ପରୀକ୍ଷାକୁ ଯାଉଥିବା ବେଳେ ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ

ମାଲକାନଗିରି,୬।୩
(ନୃସିଂହ ଚରଣ ମହାନ୍ତି)

ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ଯିବା ବେଳେ ସଡ଼କ ଦୁର୍ଘଟଣାରେ ମାଲକାନଗିରି ଜିଲା ପଦ୍ମଗିରି ହାଇସ୍କୁଲର ଛାତ୍ର ବିକ୍ରମ ସର୍ଦ୍ଦାରଙ୍କର ମୃତ୍ୟୁ ଘଟିଛି। ଦଶମ ଶ୍ରେଣୀ ପରୀକ୍ଷାର ଗୁରୁବାର ଶେଷଦିନ ଥିବା ବେଳେ ବିକ୍ରମ ଏବଂ ଅନ୍ୟ ଜଣେ ଛାତ୍ର ବାଇକ୍‌ରେ ପଦ୍ମଗିରିଠାରୁ ସେରପାଲି ପରୀକ୍ଷାକେନ୍ଦ୍ରକୁ ଯିବା ବେଳେ ଚନ୍ଦନଗୁଡ଼ା ନିକଟରେ ଏକ ପିକ୍-ଅପ୍ ଭ୍ୟାନ୍ ତାଙ୍କ ବାଇକ୍‌କୁ ଧକ୍କା ଦେବାରୁ ବିକ୍ରମଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପଛରେ ବସିଥିବା ଛାତ୍ର ତାପସ ସର୍ଦ୍ଦାର ଗୁରୁତର ହୋଇଥିଲେ। ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଛନ୍ତି । ପିକ୍‌ଅପ୍ ଭ୍ୟାନ ଜବତ କରାଯାଇଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି । ମାଲକାନଗିରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅନମୃତ୍ୟୁ ମାମଲା ନଂ.୯୧/୨୫ ରୁଜୁ ହୋଇଛି।

# ଡ. ବିଜୟଲକ୍ଷ୍ମୀ ମହାନ୍ତି ରାଷ୍ଟ୍ରପତିଙ୍କ ପରାମର୍ଶଦାତା

ଭୁବନେଶ୍ୱର/ରାଇରଙ୍ଗପୁର
(ଅନୁରାଧା ମହାରଣା/ମାନସ ମହାନ୍ତି )

ରାଇରଙ୍ଗପୁରର ଝିଅ ତଥା କଟକସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶିକା ପ୍ରାଧ୍ୟାପିକା ଡ. ବିଜୟଲକ୍ଷ୍ମୀ ମହାନ୍ତିଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ତାଙ୍କୁ ରାଷ୍ଟ୍ରପତିଙ୍କ ସଚିବାଳୟରେ ଅବସ୍ଥାପିତ କରାଯାଇଛି। ଏହି ପଦବୀରେ ଅବସ୍ଥାପିତ ହେବାରେ ସେ ରାଜ୍ୟର ପ୍ରଥମ ମହିଳା ଭାବେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟସ୍ତରରେ ଟପ୍ପର ଓ ବିଶ୍ୱବିଦ୍ୟାଳୟ ସ୍ତରରେ ସ୍ୱର୍ଣ୍ଣ ପଦକ ପାଇଥିବା ବିଜୟଲକ୍ଷ୍ମୀ ବହୁମୁଖୀ ପ୍ରତିଭାର ଅଧିକାରିଣୀ। ସେ ନିଜ ଶୃଙ୍ଖଳିତ ଜୀବନଶୈଳୀ ଏବଂ ଲୋକସମ୍ପର୍କ ଦ୍ୱାରା ସବୁ ମହଲରେ ଆଦୃତ ହୋଇଥିବାବେଳେ ଭାରତର ପଞ୍ଚଦଶ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଲେଖି ବେଶ୍ ପ୍ରସିଦ୍ଧିଲାଭ କରିଛନ୍ତି। ନିଜ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ତତ୍ତ୍ୱାବଧାନରେ ପ୍ରଥମ ସଦସ୍ୟ ଭାବରେ ସେ କଟକରେ ପ୍ରଥମ ଘରୋଇ ବିଶ୍ୱବିଦ୍ୟାଳୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶିକ୍ଷା କ୍ଷେତ୍ରରେ ଦୀର୍ଘ ୨୩ ବର୍ଷର ଅଭିଜ୍ଞତା ଥିବା ଡ. ମହାନ୍ତି ବର୍ତ୍ତମାନ ଏହି ବିଶ୍ୱବିଦ୍ୟାଳୟରେ ମାନବ ସମ୍ବଳ ବିକାଶ କେନ୍ଦ୍ର (ଏଚ୍‌ଆର୍‌ଡିସି) ତଥା ଲୋକ ସମ୍ପର୍କ ଏବଂ ସାମାଜିକ ଯୋଗାଯୋଗ ମୁଖ୍ୟ ଭାବରେ କାର୍ଯ୍ୟ କରୁଛନ୍ତି। ଏଥିସହ ସେ ଶ୍ରୀଶ୍ରୀ ଆଡ୍‌ଭାନ୍ସଡ ଗ୍ଲୋବାଲ ସେଣ୍ଟର ଫର୍ କନ୍‌ଫ୍ଲିକ୍ଟ ରିଜୋଲ୍ୟୁଶନ ଆଣ୍ଡ୍ ପିସ୍ ଷ୍ଟଡିଜ୍‌ର ନିର୍ଦ୍ଦେଶିକା ମଧ୍ୟ ଅଛନ୍ତି। ସେ ୫୦ଟି ଗବେଷଣା ନିବନ୍ଧ ଓ ୩ଟି ପୁସ୍ତକ ରଚନା କରିଛନ୍ତି। ୨୦୦୫ରୁ ଆର୍ଟ ଅଫ୍ ଲିଭିଂ ଲାଇଫ୍ ସ୍କିଲସ୍ ଆଣ୍ଡ୍ ମେଡିଟେଶନ ଟ୍ରେନର ଭାବେ କାର୍ଯ୍ୟ କରୁଥିବାବେଳେ ଇତିମଧ୍ୟରେ ସେ ୧,୦୦,୦୦୦ ଘଣ୍ଟାର ପ୍ରଶିକ୍ଷଣ ଓ ଶିକ୍ଷାଦାନ ସମ୍ପୂର୍ଣ୍ଣ କରିଛନ୍ତି। ତେବେ ଡ. ମହାନ୍ତିଙ୍କ ସହ ଅନ୍ୟ ୬ଜଣଙ୍କୁ ମଧ୍ୟ ରାଷ୍ଟ୍ରପତିଙ୍କ ସଚିବାଳୟରେ ଅବସ୍ଥାପିତ କରାଯାଇଛି। ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କୁ ଅତିରିକ୍ତ ବ୍ୟକ୍ତିଗତ ସଚିବ, ଅରବିନ୍ଦ କୁମାର ମାରାଣ୍ଡିଙ୍କୁ ମୁଖ୍ୟ ବ୍ୟକ୍ତିଗତ ସଚିବ, ସବିତାରାଣୀ ହେମ୍ବ୍ରମଙ୍କୁ ମୁଖ୍ୟ ବ୍ୟକ୍ତିଗତ ସଚିବ, ବେନି ମାରାଣ୍ଡିଙ୍କୁ ସହକାରୀ ବ୍ୟକ୍ତିଗତ ସଚିବ, ବାଳକନାଥ ନାଏକଙ୍କୁ ସହକାରୀ ବ୍ୟକ୍ତିଗତ ସଚିବ ଏବଂ ମନୋଜ ବିଶ୍ୱାଳଙ୍କୁ ବ୍ୟକ୍ତିଗତ ସହାୟକ ପ୍ରମୁଖ ଭାବେ ନିଯୁକ୍ତ କରାଯାଇଛି।


ଡ. ବିଜୟଲକ୍ଷ୍ମୀ ମହାନ୍ତି

# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀଙ୍କ ସମେତ ୬ ବହିଷ୍କୃତ

ଭୁବନେଶ୍ୱର, ୬।୩ (ବନ୍ଦନା ସେଠୀ)

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ଅଧ୍ୟକ୍ଷା ମନ୍ଦାକିନୀ କରଙ୍କୁ ବହିଷ୍କାର କରାଯାଇଛି। ଏଥିସହ ଆୟୋଗର ୫ଜଣ ସଦସ୍ୟ ଯଥା ସସ୍ମିତା ନନ୍ଦ, ରୁବି ବିଶାଳ, ଜାଲିନା ପ୍ରିୟଦର୍ଶିନୀ, ଛବି ମହାଲି ଏବଂ ଅନିତା ବେହେରାଙ୍କୁ ମଧ୍ୟ ବହିଷ୍କୃତ କରାଯାଇଛି। ୨୦୨୪ ନଭେମ୍ବର ୧୬ରେ ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ବିରୋଧରେ ଆସିଥିବା ଅଭିଯୋଗ ଆଧାରରେ ଏହି ପଦକ୍ଷେପ ନିଆଯାଇଛି। ପୂର୍ବରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏହା ବିରୋଧରେ ମନ୍ଦାକିନୀ ଏବଂ ଅନ୍ୟ ସଦସ୍ୟମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ତେବେ ସମସ୍ତ ତଥ୍ୟକୁ ବିଚାରକୁ ନେଇ ଉଚ୍ଚ ନ୍ୟାୟାଳୟ ଉକ୍ତ ଆବେଦନକୁ ଖାରଜ କରିବା ପରେ ଗୁରୁବାର ସମସ୍ତଙ୍କ ବହିଷ୍କାର ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଦେଶନାମା ଜାରି କରାଯାଇଛି।

# ଆଜିଠୁ ସପ୍ତଦଶ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ

**■ ପଞ୍ଚାୟତିରାଜ ଦିବସ ତାରିଖ ପରିବର୍ତ୍ତନ କଥା ଉଠାଇବ ବିଜେଡି**
**■ ମହିଳାଙ୍କ ପ୍ରତି ବଢୁଥିବା ନିର୍ଯାତନା ବିଷୟରେ ଘେରିବ କଂଗ୍ରେସ**

ଭୁବନେଶ୍ୱର, ୬।୩(ସୁନିତ୍ ମିଶ୍ର)

ସପ୍ତଦଶ ବିଧାନସଭାର ୩ୟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଶୁକ୍ରବାରଠାରୁ ଆରମ୍ଭ ହେବ। ଏପ୍ରିଲ ୫ ପର୍ଯ୍ୟନ୍ତ ସପ୍ତଦଶ ଅଧିବେଶନ ଚାଲିବାକୁ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ବିଭିନ୍ନ ପ୍ରସଙ୍ଗ ନେଇ ଶାସକ ଦଳକୁ ଟାର୍ଗେଟ କରିବା ଲାଗି ବିରୋଧୀ ସଜବାଜ ହୋଇଛନ୍ତି। ବିଜୁବାବୁଙ୍କ ଜୟନ୍ତୀରେ ପାଳନ ହୋଇଆସୁଥିବା ପଞ୍ଚାୟତିରାଜ ଦିବସକୁ ଏପ୍ରିଲ ୨୪ ତାରିଖକୁ ରାଜ୍ୟ ସରକାର ପରିବର୍ତ୍ତନ ବିଷୟ ନେଇ ବିଜେଡି ଗୃହରେ ହୋହଲ୍ଲା କରିବ ବୋଲି ଜଣାପଡ଼ିଛି। ଅନ୍ୟପଟେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଗୃହରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିଯାଇଥିବା କଥା ଦଳ ଉଠାଇବ। ୮ ମାସରେ ୧୬୦୦ ମହିଳା ନିର୍ଯାତନାର ଶିକାର ହେବା, ନାବାଳିକାମାନେ ଗର୍ଭବତୀ ହେବା ସୁଭଦ୍ରାମାନଙ୍କ ପ୍ରତି ଅପମାନ ବୋଲି ସେ କହିଛନ୍ତି। ଏହି ପ୍ରସଙ୍ଗ ଗୃହରେ ଉଠାଇ ଶାସକ ଦଳକୁ କଂଗ୍ରେସ ଘେରିବ ବୋଲି କାଡାମ କହିଛନ୍ତି। ଅନ୍ୟପଟେ ଭାଜପା ବିରୋଧୀଙ୍କ ସବୁ ପ୍ରଶ୍ନର ଉତ୍ତର ଦିଆଯିବ ବୋଲି ଯୁକ୍ତି ରଖିଛି।

ଫେବୃଆରୀ ୧୩ରୁ ଆରମ୍ଭ ହୋଇଥିବା ପ୍ରଥମ ପର୍ଯ୍ୟାୟ ଅଧିବେଶନ ୨୧ ତାରିଖରୁ ମୁଲତବୀ ରହିଥିଲା। ଏହି ଅଧିବେଶନ କାଳରେ ରାଜ୍ୟପାଳ ଅଭିଭାଷଣ ଏବଂ ଏହା ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ହୋଇଛି। ପରେ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ ଆଗତ କରିଛନ୍ତି। ଏହାସହ ୨ ଦିନ ଧରି ବଜେଟ ଉପରେ ସାଧାରଣ ଆଲୋଚନା କରାଯାଇଛି। ଏହା ଭିତରେ ଗୋଟିଏ ଆଇନକୁ ଗୃହରେ ଉଚ୍ଛେଦ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ମୋଟ ୮ଟି କାର୍ଯ୍ୟ ଦିବସ ରହିଥିଲା। ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ମାର୍ଚ୍ଚ ୭ରୁ ଏପ୍ରିଲ ୫ ପର୍ଯ୍ୟନ୍ତ ଚାଲିବାକୁ ସ୍ଥିର ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ସମୟରେ ବିଭିନ୍ନ ବିଭାଗର ଖର୍ଚ୍ଚଦାବି ଆଲୋଚନା ହେବା ସଙ୍ଗେ ସଙ୍ଗେ ବଜେଟକୁ ଅନୁମୋଦନ ମିଳିବା କାର୍ଯ୍ୟକ୍ରମ ରହିଛି।

# ୨୦୨୪ରେ ୫ ଜିଲାରେ ବଢ଼ିଛି ଦୁର୍ଘଟଣା

ଭୁବନେଶ୍ୱର, ୬।୩(ସୁନିତ୍ ମିଶ୍ର)

ସାରା ଦେଶରେ ଏବେ ରାସ୍ତା ଦୁର୍ଘଟଣା ବଢ଼ିବା ସହ ଏଥିଜନିତ ମୃତ୍ୟୁହାର ବୃଦ୍ଧି ପାଇବାରେ ଲାଗିଛି। ଦ୍ରୁତଗତିରେ ଗାଡ଼ି ଚଳାଇବା, ମଦ୍ୟପାନ, ବିନା ହେଲ୍‌ମେଟରେ ଗାଡ଼ି ଚଳାଇବା ଏବଂ ସଚେତନତା ଅଭାବ ଯୋଗୁ ବାରମ୍ବାର ଦୁର୍ଘଟଣା ହେବା ସହ ଧନଜୀବନ ହାନି ଘଟୁଛି। ୨୦୨୪ରେ ଖୋର୍ଦ୍ଧା, ସୁନ୍ଦରଗଡ଼, କଟକ, ଗଞ୍ଜାମ ଏବଂ କେନ୍ଦୁଝର ଜିଲାରେ ଅଧିକ ଦୁର୍ଘଟଣା ହୋଇଥିବା ରେକର୍ଡ ହୋଇଛି। ବିଭିନ୍ନ ବିଦ୍ୟାଳୟ, ହସ୍ପିଟାଲ, ମନ୍ଦିର ତଥା ଅଧିକ ଜନଗହଳିପୂର୍ଣ୍ଣ ସ୍ଥାନରେ ଦୁର୍ଘଟଣାକୁ ରୋକିବା ପାଇଁ ପ୍ରତିହତ ବ୍ୟବସ୍ଥା ଗ୍ରହଣ କରିବାକୁ ବୈଠକରେ ଆଲୋଚନା ହୋଇଛି। ତେଣୁ ରାସ୍ତା ଦୁର୍ଘଟଣାର ସବୁ କାରଣକୁ ଖୋଜିବା ସହ ଏହାର ନିରାକରଣ ଏବଂ ସଚେତନତା ସୃଷ୍ଟିକରି ଦୁର୍ଘଟଣା ହାରକୁ କମ୍ କରିବାକୁ ପଡ଼ିବ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି।

ଲୋକସେବା ଭବନସ୍ଥିତ ୩ୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଡ଼କ ସୁରକ୍ଷା ପରିଷଦ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଜେନା କହିଛନ୍ତି, ସମସ୍ତଙ୍କ ଭିତରେ ସଚେତନତା ସୃଷ୍ଟି ସହ କଡ଼ା ଦଣ୍ଡବିଧାନ ଓ ଜରିମାନା ଆଦାୟ କଡ଼ାକଡ଼ି କରିବା ଦରକାର। ଲୋକଙ୍କ ସୁରକ୍ଷିତ ଘର ବାହୁଡ଼ା ଲାଗି ଆମ ସମସ୍ତଙ୍କୁ ଉଦ୍ୟମ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ବିନା ହେଲ୍‌ମେଟ୍‌ରେ ଗାଡ଼ି ଚାଳନା ଏବଂ ଓଭର ସ୍ପିଡ୍ ଯୋଗୁ ଦୁର୍ଘଟଣା ବଢ଼ିବାରେ ଲାଗିଛି। ତେଣୁ ସିସିଟିଭି ନେଟ୍‌ୱର୍କ ବ୍ୟବସ୍ଥାର ସୁଦୃଢ଼ୀକରଣ ସହ ବେଆଇନ ପାର୍କିଂ ହଟାଇବା ଏବଂ ଦୁର୍ଘଟଣାରେ ଆହତଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବା ଦରକାର।

ଉନ୍ନୟନ କମିଶନର ଅନୁ ଗର୍ଗ ଯୋଗଦେଇ କହିଛନ୍ତି, ବ୍ଲାକ୍ ସ୍ପଟ୍ ଚିହ୍ନଟ ସହ ୧୮ ବର୍ଷର କମ୍ ବୟସର ପିଲାଙ୍କୁ ଗାଡ଼ିଚାଳନାରୁ କ୍ଷାନ୍ତ କରିବା ଓ ରୋଡ୍ ସେଫ୍‌ଟି ପଲିସି ଉପରେ ଗୁରୁତ୍ୱ ଦେବା ଦରକାର। ବୈଠକରେ ଦେଶ ଓ ରାଜ୍ୟରେ ସଡ଼କ ଦୁର୍ଘଟଣାର ସ୍ଥିତି, ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ, ଖରାପ ରାସ୍ତାର ମରାମତି, ସିସିଟିଭି ନେଟ୍‌ୱର୍କ, ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଦୁର୍ଘଟଣା ହ୍ରାସ ଦିଗରେ ନିଆଯିବାକୁ ଥିବା ପଦକ୍ଷେପ ବିଷୟରେ ଆଲୋଚନା ହୋଇଛି।

# ଜାଲପୁରରେ ବାଣ ବିସ୍ଫୋରଣ: ୫ ଗୁରୁତର


ବିସ୍ଫୋରଣରେ ନଷ୍ଟ ହୋଇଯାଇଥିବା ଘର।

ଯାଜପୁର ସଦର/ଯାଜପୁର ଟାଉନ,୬।୩(ସମର ବିଜୟ ଶରଣ/ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଟାଉନ ଥାନା ଅଧୀନ ବାସୁଦେବପୁର ପଞ୍ଚାୟତର ଜାଲପୁର ଗ୍ରାମରେ ଗୁରୁବାର ବାଣ ବିସ୍ଫୋରଣ ଘଟିଛି। ଏଥିରେ ନଳିନୀକାନ୍ତ ପତି, ବ୍ରହ୍ମାନନ୍ଦ ଜେନା, ଅଜୟ ଜେନା, ବାଦଲ ପାତ୍ର ଓ ନାରାୟଣ ଚନ୍ଦ୍ର ବେହେରା ଗୁରୁତର ହୋଇଛନ୍ତି। ସେମାନଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବାଦଲ ଓ ନାରାୟଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବେଆଇନ ବାଣ ତିଆରି ବେଳେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଭୟଙ୍କର ଶବ୍ଦ ହୋଇଥିଲା। ୩୦ ମିନିଟ ଧରି ବାଣ ବିସ୍ଫୋରଣ ଘଟିଥିଲା। ଶବ୍ଦ ଏତେ ଭୟଙ୍କର ଥିଲା ଯେ ଆଖପାଖ ଅଞ୍ଚଳର ଲୋକେ ଘରୁ ବାହାରକୁ ଜୀବନ ବିକଳରେ ପଳାଇ ଆସିଥିଲେ। ଆଖପାଖ ଘରଗୁଡ଼ିକ ଦୋହଲି ଯାଇଥିଲା। ବିସ୍ଫୋରଣ ଘଟିଥିବା ଦୁଇ ବଖରା ପକ୍କା ଘର ଚୂରମାର ହୋଇ ଯାଇଥିଲା।

# ପୋଲିସ ଏସ୍‌ଆଇ ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର,୬।୩(ସତ୍ୟଜିତ୍ ରାଉତ)

ମାର୍ଚ୍ଚ ୮ ଏବଂ ୯ରେ ହେବାକୁ ଥିବା ଓଡ଼ିଶା ପୋଲିସର ଗ୍ରୁପ 'ବି' ଅନ୍ତର୍ଗତ ସବ୍ ଇନ୍‌ସ୍ପେକ୍ଟର ଓ ଏହି ସମାନ ପାହ୍ୟାର ଅନ୍ୟାନ୍ୟ ପଦବୀ ପାଇଁ ଲିଖିତ ପରୀକ୍ଷାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ସ୍ଥଗିତ ରଖାଯାଇଛି। ଓଏମ୍‌ଆର୍ ସିଟ୍ ଆଧାରରେ ହେବାକୁ ଥିବା ଏହି ପରୀକ୍ଷାକୁ ଅନିବାର୍ଯ୍ୟ କାରଣବଶତଃ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ସୂଚନା ଦିଆଯାଇଛି। ତେବେ ପୂର୍ବରୁ ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି) ପକ୍ଷରୁ ୯୩୩ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଥିବା ବେଳେ ଫେବୃଆରୀ ୨୫ରେ ପୁନଃ ନୋଟିସ୍ ଜାରି କରାଯାଇ ପରୀକ୍ଷା ତାରିଖ ଘୋଷଣା କରାଯାଇଥିଲା। ତେବେ ମାର୍ଚ୍ଚ ୧ ତାରିଖରୁ ଆଶାୟୀମାନେ ଆଡମିଟ୍ କାର୍ଡ ଡାଉନ୍‌ଲୋଡ କରିଥିଲେ। ୯୩୩ ପଦବୀରୁ ୬୦୯ଟି ଏସ୍‌ଆଇ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ୨୫୩ ପଦବୀ ମଧ୍ୟରୁ ଏସ୍‌ଆଇ (ଆର୍ମଡ), ୪୭ ଷ୍ଟେଶନ ଅଫିସର (ଅଗ୍ନିଶମ) ଏବଂ ୨୪ଟି ଆସିଷ୍ଟାଣ୍ଟ ଜେଲର ପାଇଁ ରହିଛି। ତେବେ ପରୀକ୍ଷା ପରିଚାଳନା ପାଇଁ ଏକ ପିଏସ୍‌ୟୁ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବାବେଳେ ଏହି ସଂସ୍ଥା ଅନ୍ୟ ଏକ କମ୍ପାନୀକୁ ସବ୍‌କଣ୍ଟ୍ରାକ୍ଟ ଦେଇଛି। ତେବେ ସବ୍‌କଣ୍ଟ୍ରାକ୍ଟ ନେଇଥିବା ସଂସ୍ଥାକୁ ଦୁର୍ନୀତିଗ୍ରସ୍ତ ଅଭିହିତ କରି ଯୁବ କଂଗ୍ରେସ ପକ୍ଷରୁ ବୁଧବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଥିଲା। ଦୁର୍ନୀତିଗ୍ରସ୍ତ ସଂସ୍ଥାକୁ ନିଯୁକ୍ତି ପରୀକ୍ଷା ପରିଚାଳନାରୁ ନିବୃତ୍ତ କରାଯାଉ ବୋଲି ଦାବି ହୋଇଥିଲା। ଏହି ବିରୋଧାଭାସ ପରେ ସରକାରଙ୍କ ପକ୍ଷରୁ ପରୀକ୍ଷା ସ୍ଥଗିତ କରାଯାଇଥିବା ଚର୍ଚ୍ଚା ହେଉଛି।

# ହାତୀ ଆକ୍ରମଣରେ ଜଣେ ମୃତ

ବନ୍ତଳା,୬।୩ (ସୁଶିତ ସାହୁ)

ଅନୁଗୋଳ ବନାଞ୍ଚଳ କରତପଟା ସେକ୍ସନ ଶଙ୍ଖପୁର ଗାଁର ବଂଶୀଧର ଦାସ (୪୦)ଙ୍କ ହାତୀ ଆକ୍ରମଣରେ ଗୁରୁବାର ଅପରାହ୍ନ ୪ଟା ବେଳେ ମୃତ୍ୟୁ ଘଟିଛି। ଘଟଣା ଜଣାପଡ଼ିବା ପରେ ଶଙ୍ଖପୁର ଗ୍ରାମବାସୀ କ୍ଷତିପୂରଣ ଦାବିରେ ମଦନମୋହନ ଛକଠାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ହାତୀ ଆକ୍ରମଣରେ ବାରମ୍ବାର ଏଠାରେ ଜୀବନହାନି ହେଉଛି। କିନ୍ତୁ ବନ ବିଭାଗ ଏହାର ସ୍ଥାୟୀ ପ୍ରତିକାର କରିପାରୁନାହିଁ। ହାତୀ ସ୍କାଡ୍ ଓ ଡ୍ରୋନ ମୁତୟନ ସତ୍ତ୍ୱେ ହାତୀର ଉପସ୍ଥିତି ସମ୍ପର୍କରେ ଜନସାଧାରଣଙ୍କୁ କାହିଁକି ଅବଗତ କରାଗଲା ନାହିଁ। ତେଣୁ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ, ପରିବାରରୁ ଜଣଙ୍କୁ ଚାକିରି ପାଇଁ ଦାବି କରିଥିଲେ।

# ପଦୋନ୍ନତି ପାଇଁ କମ୍ପ୍ୟୁଟର ଆଧାରିତ ପରୀକ୍ଷା କରିବାକୁ ରେଳ ବୋର୍ଡର ନିଷ୍ପତ୍ତି

**ଆଡ୍‌ମିଟ୍ କାର୍ଡରେ ରହିବ ବାର୍‌କୋଡ୍**

ଭୁବନେଶ୍ୱର,୬।୩
(ଅନୁରାଧା ମହାରଣା)

ବିଭାଗୀୟ ପଦୋନ୍ନତି କ୍ଷେତ୍ରରେ ସ୍ୱଚ୍ଛ ପରୀକ୍ଷା ପରିଚାଳନା ପାଇଁ କେନ୍ଦ୍ରୀୟ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) କରିବାକୁ ରେଳ ବୋର୍ଡ ନିଷ୍ପତ୍ତି ନେଇଛି। ରେଳପଥ ନିଯୁକ୍ତି ବୋର୍ଡ (ଆରଆର୍‌ବି) ଏହି ପରୀକ୍ଷା କରିବ। ଏଥିଲାଗି ସମସ୍ତ ଜୋନାଲ ରେଳପଥ ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିବେ। ସେହିପରି ପରୀକ୍ଷାର୍ଥୀଙ୍କ ବିଷୟରେ ଠିକ ତଥ୍ୟ ପାଇବା ପାଇଁ ଆଡମିଟ୍ କାର୍ଡରେ ବାର୍‌କୋଡ୍ ରହିବ। ତେବେ ୨୦୧୫ରୁ ବର୍ତ୍ତମାନ ପର୍ଯ୍ୟନ୍ତ ୭ କୋଟିରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ କୌଣସି ପ୍ରଶ୍ନପତ୍ର ଲିକ୍, ରିମୋଟ୍ ଲଗ୍-ଇନ୍ ଏବଂ ସ୍ପାଏ ଡିଭାଇସ ବ୍ୟବହାର ଘଟଣା ଘଟି ନ ଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଥାଉକି, ସ୍ୱଚ୍ଛ ପରୀକ୍ଷା ପରିଚାଳନା ପାଇଁ ନିଯୁକ୍ତିଭିତ୍ତିକ ପରୀକ୍ଷା ହେବାକୁ ଥିବା ସହର ବିଷୟରେ ପରୀକ୍ଷାର ୧୦ଦିନ ପୂର୍ବରୁ ବିଜ୍ଞପ୍ତି ପ୍ରକାଶିତ ହୋଇଥାଏ। ସେହିପରି ପରୀକ୍ଷା କେନ୍ଦ୍ର ସମ୍ପର୍କିତ ସୂଚନା ମାତ୍ର ୪ଦିନ ପୂର୍ବରୁ ଉପଲବ୍ଧ ହୋଇଥାଏ। ପରୀକ୍ଷା କେନ୍ଦ୍ରଗୁଡ଼ିକ ଶତ ପ୍ରତିଶତ ସିସିଟିଭି ନଜରରେ ରହିବା ସହ ପରୀକ୍ଷା ଆରମ୍ଭର ୨ଘଣ୍ଟା ପୂର୍ବରୁ ଏବଂ ପରବର୍ତ୍ତୀ ୧ଘଣ୍ଟା ପର୍ଯ୍ୟନ୍ତ ରେକର୍ଡିଂ କରାଯାଇଥାଏ। ପରୀକ୍ଷା ସମୟରେ ପରୀକ୍ଷାର୍ଥୀଙ୍କୁ ପରୀକ୍ଷାକେନ୍ଦ୍ର ବାହାରକୁ ଶୌଚ ପାଇଁ ଯିବାର ଅନୁମତି ଦିଆଯାଇ ନ ଥାଏ। ତ୍ରିସ୍ତରୀୟ ଯାଞ୍ଚ ବ୍ୟବସ୍ଥା ମଧ୍ୟରେ ପରୀକ୍ଷା ପରିଚାଳନା କରାଯାଇଥାଏ। ଇସିଏ ଟିମ୍, ରେଲ୍‌ୱେ ଅଧିକାରୀ ଏବଂ ସୁପରଭାଇଜରଙ୍କ ଦ୍ୱାରା ଯାଞ୍ଚ ଓ ସରପ୍ରାଇଜ୍ ଯାଞ୍ଚ କରାଯାଉଥିବା ରେଳପଥ କହିଛି।

# ୫ରୁ ଊର୍ଦ୍ଧ୍ୱ ବୋଟ୍, ୧୦ରୁ ଅଧିକ ଡଙ୍ଗା ଜଳିଗଲା

ପାରାଦୀପ, ୬।୩ (ଶରତ ରାଉତ)

ପାରାଦୀପ ମାଛଧରାବନ୍ଦର ପୋତାଶ୍ରୟ ମଧ୍ୟରେ ଗୁରୁବାର ସନ୍ଧ୍ୟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୫ରୁ ଊର୍ଦ୍ଧ୍ୱ ବଡ଼ ବୋଟ୍ ଓ ୧୦ରୁ ଅଧିକ ଡଙ୍ଗା ପୋଡ଼ି ପାଉଁଶ ହୋଇଯାଇଛି। ପ୍ରାଥମିକ ସୂଚନା ଅନୁସାରେ, ବୋଟ୍ ଦେବୀ ଲକ୍ଷ୍ମୀ, ଲକ୍ଷ୍ମୀ କୃପା, ଆଶୀର୍ବାଦ, ପିତାମାତା, ତାରିଣୀ ଶକ୍ତି, ବାବା ବାଲୁଙ୍କେଶ୍ୱର ଆଦି ନିଆଁରେ ଜଳିଯାଇଥିବା କୁହାଯାଉଛି। ମୃତାହତଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ପାରାଦୀପ ବନ୍ଦର ଅଗ୍ନିଶମ ବିଭାଗ, କୁଜଙ୍ଗ ଦମକଳ ବାହିନୀ ସମେତ ମୋଟ ୧୨ଟି ଅଗ୍ନିଶମ ଗାଡ଼ି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ନିଆଁ ଲିଭି ନ ଥଲା। ଏହି ଅଗ୍ନିକାଣ୍ଡରେ କ୍ୟାରେଟ ବୋଟ, ସୋନା ଟ୍ରଲର ଆଦି ପୋଡ଼ିଯାଇଛି।

**ପାରାଦୀପ ମାଛଧରାବନ୍ଦର ପରିସରରେ ଭୟାବହ ଅଗ୍ନିକାଣ୍ଡ**



ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ବୋଟ୍ ମଧ୍ୟରେ ବିପୁଳ ପରିମାଣର ତେଲ ଓ ରନ୍ଧନ ଗ୍ୟାସ୍ ଥିଲାବେଳେ ସେଥିରେ ଜାଲ, ସୂତା, ରଶି ଓ ଝୁଡ଼ି ଆଦି ରହିଛି। ଏହାଛଡ଼ା ବୋଟ୍‌ଗୁଡ଼ିକ କାଠ, ଫାଇଭର, ପ୍ଲାଷ୍ଟିକ ଆଦିରେ ତିଆରି ହୋଇଥିବାରୁ ନିଆଁ ଲିଭାଇବା କଷ୍ଟକର ହୋଇପଡ଼ିଛି। ଏଭଳିସ୍ଥିତିରେ ଗ୍ୟାସ ଟାଙ୍କି ଫାଟିବାରୁ ପରିସ୍ଥିତି ଅଣାୟତ୍ତ ହୋଇଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କ ପାଇଁ ନିଆଁ ପାଖକୁ ଯିବା ସହଜ ହେଉନାହିଁ। ଏହି ଅଗ୍ନିକାଣ୍ଡରେ ବହୁ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଜିଲାର ବରିଷ୍ଠ ଅଧିକାରୀମାନେ ପହଞ୍ଚି ଅନୁଧ୍ୟାନ କରୁଛନ୍ତି।

# ଦନ୍ତା ଆକ୍ରମଣରେ ଫରେଷ୍ଟର ଗୁରୁତର

ସମ୍ବଲପୁର,୬।୩
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ପଡିଆବାହାଲ ବନାଞ୍ଚଳ ଅନ୍ତର୍ଗତ ଛାମୁଣ୍ଡା କୁଶାମୁରା ସଂରକ୍ଷିତ ଜଙ୍ଗଲରେ ଗୁରୁବାର ସକାଳେ ପାଟ୍ରୋଲିଂ ସମୟରେ ଏକ ଦନ୍ତାହାତୀ ଆକ୍ରମଣରେ ଫରେଷ୍ଟର ପ୍ରବୀଣ ସିଂହ ଗୁରୁତର ହୋଇଛନ୍ତି। ତାଙ୍କୁ ସାଥୀ କର୍ମଚାରୀମାନେ ଉଦ୍ଧାର କରି ସମ୍ବଲପୁର ସଦର ଡାକ୍ତରଖାନା ନେଇଥିଲେ। ପ୍ରବୀଣଙ୍କ ମୁଣ୍ଡ, ହାତ ଏବଂ ପାପୁଲିରେ ଗଭୀର ଆଘାତ ଲାଗିଛି। ଚିକିତ୍ସା ପରେ ତାଙ୍କ ଅବସ୍ଥା ସ୍ଥିର ରହିଥିବା ଡାକ୍ତର କହିଛନ୍ତି।


ଆହତ ଫରେଷ୍ଟର ପ୍ରବୀଣ ସିଂହ

ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି- କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର। -ଶ୍ରୀମା



# ଜନସଂଖ୍ୟାରେ ପରିବର୍ତ୍ତନ




ଅନୁ ମାଡଗାଭକର
ପାର୍ଟନର, ମ୍ୟାକିନସେ ଗ୍ଲୋବାଲ ଇନଷ୍ଟିଚ୍ୟୁଟ (ନ୍ୟୁୟର୍କ)

ମାର୍କ କାନାଲ ନୋଗୁଏର
ସିନିୟର ଫେଲୋ,ମ୍ୟାକିନସେ ଗ୍ଲୋବାଲ ଇନଷ୍ଟିଚ୍ୟୁଟ (ବାର୍ସେଲୋନା)

ଜନ୍ମ ହାର ହ୍ରାସ ଏବଂ ଲାଇଫ ଏକ୍ସପେକ୍ଟାନ୍ସି ବା ସମ୍ଭବ୍ୟ ଆୟୁଷ ବୃଦ୍ଧିର ପ୍ରଭାବ ଜର୍ମାନୀ, ଇଟାଲୀ ଏବଂ ଜାପାନ ଭଳି ବିକଶିତ ଅର୍ଥ ବ୍ୟବସ୍ଥାରେ ବଢୁଥିବା ଦେଖାଯାଉଛି। ଶ୍ରମ ବଜାର ଭାଗୀଦାରି ସୀମିତ ହେବା ସହ ଶ୍ରମିକ ଅଭାବ ଅଧିକ ଜଟିଳ ହୋଇଛି ଏବଂ ପରିବାରଗୁଡ଼ିକ ବୟସ୍କ ଲୋକଙ୍କର ସେବା ପାଇଁ ସଂଘର୍ଷ କରୁଛନ୍ତି। କେତେକ ଅଞ୍ଚଳରେ ଛାତ୍ର ସଂଖ୍ୟା ହ୍ରାସ ଯୋଗୁ ସ୍କୁଲ ବନ୍ଦ କରିବାକୁ ପଡ଼ିଛି। ଦକ୍ଷିଣ କୋରିଆ ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ୨୦୨୩ରେ ଦେଶର ମୋଟ ଫର୍ଟିଲିଟି ରେଟ୍ ( ପ୍ରଜନନ ହାର ବା ଜଣେ ମହିଳାଙ୍କ ଜୀବନର ପ୍ରଜନନକ୍ଷମ ବୟସ ମଧ୍ୟରେ ଜନ୍ମ ହେଉଥିବା ହାରାହାରି ସନ୍ତାନ ସଂଖ୍ୟା) ଅଧିକ ହ୍ରାସ ପାଇ ୦.୭ ରହିଥିଲା। ଜନ୍ମହାର ହ୍ରାସ ଯୋଗୁ ବୟସ୍କଙ୍କ ସଂଖ୍ୟା ବୃଦ୍ଧି କେବଳ ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ସୀମିତ ରହି ନାହିଁ। ଗୋଟିଏ କିମ୍ବା ଦୁଇଟି ପିଢି ମଧ୍ୟରେ, ଅନେକ ବିକାଶଶୀଳ ଅର୍ଥ ବ୍ୟବସ୍ଥା ମଧ୍ୟ ସମାନ ପ୍ରକାର ସମସ୍ୟା ସମ୍ମୁଖୀନ ହେବାର ସମ୍ଭାବନା ରହିଛି।

ମ୍ୟାକିନ୍‌ସେ ଗ୍ଲୋବାଲ ଇନଷ୍ଟିଚ୍ୟୁଟ୍ (ଏମ୍‌ଜିଆଇ)ର ସଦ୍ୟ ପ୍ରକାଶିତ ରିପୋର୍ଟରେ ଆମେ ଏହି ଜନସାଂଖ୍ୟିକ ପରିବର୍ତ୍ତନକୁ ତିନିଟିପୃଥକ ୱେଭ ବା ଲହରରେ ବିଭକ୍ତ କରିଛୁ। ପ୍ରଥମ ଲହରଟି ବିକଶିତ ଦେଶଗୁଡ଼ିକ ସମେତ ପୂର୍ବ ୟୁରୋପ ଓ ଚାଇନାକୁ ମାଡ଼ିଗଲାଣି, ଯେଉଁଠି ୱାର୍କିଂ ଏଜ ପପୁଲେସନ (୧୫ରୁ ୬୪ ବର୍ଷ ମଧ୍ୟରେ କାମ କରିବାକୁ ସକ୍ଷମ ବ୍ୟକ୍ତିଙ୍କ ସଂଖ୍ୟା) ୨୦୧୦ ସୁଦ୍ଧା ବୃଦ୍ଧି ପାଇଥିଲା ଓ ପରେ ତାହା ଧୀରେ ଧୀରେ କମିବାରେ ଲାଗିଛି। ଫଳରେ ଏହିସବୁ ଅର୍ଥ ବ୍ୟବସ୍ଥାରେ ମୁଣ୍ଡପିଛା ଜିଡିପି ଅଭିବୃଦ୍ଧି ମନ୍ଥର ହେବା ସହ ୨୦୫୦ ସୁଦ୍ଧା ବାର୍ଷିକ ହାରାହାରି ୦.୪ ପ୍ରତିଶତ ପଏଣ୍ଟ ହେବ ବୋଲି ଆକଳନ କରାଯାଇଛି କିମ୍ବା କେତେକ ଦେଶରେ ଏହା ୦.୮ ପ୍ରତିଶତ ହୋଇପାରେ। ଏବେ ପେନ୍‌ସନଭୋଗୀଙ୍କ ପାଇଁ ପାଣ୍ଠି ଯୋଗାଡ଼ରେ ୩୦ ପ୍ରତିଶତ ଶ୍ରମ ଆୟ ଉପଯୋଗ ହେଉଥିବାବେଳେ ଏହି ସଂଖ୍ୟା ମଧ୍ୟ ୨୦୫୦ ସୁଦ୍ଧା ପାଖାପାଖି ୫୦ ପ୍ରତିଶତ ବୃଦ୍ଧି ପାଇପାରେ। ଦ୍ୱିତୀୟ ଜନସାଂଖ୍ୟିକ ଲହର ଆଗାମୀ ଦଶନ୍ଧିରେ ବିକାଶଶୀଳ ଦେଶଗୁଡ଼ରେ ନକାରାତ୍ମକ ପ୍ରଭାବ ପକାଇବ। ସବ-ସହାରାନ ଆଫ୍ରିକା (ସାହାରା ମରୁଭୂମିର ଦକ୍ଷିଣରେ ଥିବା ଆଫ୍ରିକା ମହାଦେଶର ଦେଶଗୁଡ଼ିକ) ବ୍ୟତୀତ ସବୁଠି କାମ କରିବାରେ ସକ୍ଷମ ଲୋକଙ୍କ ସଂଖ୍ୟା ଶୀର୍ଷରେ ପହଞ୍ଚିବାରୁ ଏଭଳି ଘଟିବ। ୨୦୫୦ ସୁଦ୍ଧା ତୃତୀୟ ଲହର ଆସିଲେ ସବ୍-ସହାରାନ ଆଫ୍ରିକାରେ ଏହା ଶୀର୍ଷରେ ପହଞ୍ଚିବ। ତେବେ ସବ୍-ସହାରାନ ଆଫ୍ରିକା ବାହାରେ ୮୯ଟି ବିକାଶଶୀଳ ଦେଶ ମଧ୍ୟରୁ ପାଖାପାଖି ଅଧାରେ ପ୍ରଜନନ ହାର କମିଯାଇଛି। ଫଳରେ ୬୫ ବର୍ଷ କିମ୍ବା ଏହାଠାରୁ ଅଧିକ ବୟସ୍କଙ୍କ ତୁଳନାରେ ଏବେ କାର୍ଯ୍ୟକ୍ଷମ



ବ୍ୟକ୍ତିଙ୍କ ଅନୁପାତ ହ୍ରାସ ପାଉଛି। ବିକାଶ ପଥେରେ ଥିବା ଅର୍ଥ ବ୍ୟବସ୍ଥା ଭବେ ଚାଇନାରେ ଏବେ ଅବସରପ୍ରାପ୍ତ ଲୋକଙ୍କ ତୁଳନାରେ ୪.୮ ପ୍ରତିଶତ କାର୍ଯ୍ୟକ୍ଷମ ଲୋକ ଅଛନ୍ତି। ଏହା ଆମେରିକାର ଅନୁପାତଠାରୁ ଦୂରରେ ନାହିଁ। ୨୦୫୦ ସୁଦ୍ଧା, ଚାଇନାରେ ପେନସନର ଓ କାର୍ଯ୍ୟକ୍ଷମ ବୟସର ବ୍ୟକ୍ତିଙ୍କ ଅନୁପାତ ୧.୯କୁ ଖସି ଫ୍ରାନ୍ସ ( ୨.୦) ଏବଂ ଆମେରିକା (୨.୬) ତଳେ ରହିବ ବୋଲି ଆକଳନ କରାଯାଇଛି।

ଜନସାଂଖ୍ୟିକ ପରିବର୍ତ୍ତନ ଅନ୍ୟସବୁ ବିକାଶଶୀଳ ଅର୍ଥ ବ୍ୟବସ୍ଥାରେ ମନ୍ଥର ଗତିରେ ହେଉଥିବା ଦେଖାଯାଉଛି। କିନ୍ତୁ ଥାଇଲାଣ୍ଡର ଶ୍ରମିକ ଓ ପେନସନଭୋଗୀଙ୍କ ଅନୁପାତ ପାଞ୍ଚ ବର୍ଷ ମଧ୍ୟରେ ୩.୯କୁ ଖସିବ ବୋଲି ଆକଳନ କରାଯାଇଛି। ବ୍ରାଜିଲ ଏହି ସ୍ତରକୁ ୧୬ ବର୍ଷରେ ଏବଂ ଭାରତ ୩୩ ବର୍ଷରେ ଛୁଇଁବ। ତେବେ ଏହି ତିନୋଟି କ୍ଷେତ୍ରରେ ମୁଣ୍ଡପିଛା ଜିଡିପି ଉଚ୍ଚ ଆୟ ବର୍ଗର ଦେଶଗୁଡ଼ିକ ତୁଳନାରେ ବହୁତ କମ୍ ରହିଛି। ଏହିସବୁ ପରିବର୍ତ୍ତନ ବିକାଶୀଳଦେଶ ସାମ୍ନାରେ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ସେମାନେ ବୃଦ୍ଧର ଦେଶ ହେବା ପୂର୍ବରୁ ଧନୀ ହେବା ଦରକାର। ବିଗତ ୨୫ ବର୍ଷ ମଧ୍ୟରେ ଅନୁକୂଳ ଜନସାଂଖ୍ୟିକ ଧାରା ଯୋଗୁ ଭାରତରେ ମୁଣ୍ଡପିଛା ଜିଡିପି ବାର୍ଷିକ ହାରାହାରି ୦.୭ ପ୍ରତିଶତ ପଏଣ୍ଟ ଏବଂ ଲାଟିନ ଆମେରିକାରେ ୦.୫ ପ୍ରତିଶତ ବୃଦ୍ଧି ଘଟିଛି। କିନ୍ତୁ ଡେମୋଗ୍ରାଫିକ ଡିଭିଡେଣ୍ଡ ଆସନ୍ତା ୨୫ ବର୍ଷ ମଧ୍ୟରେ ବାର୍ଷିକ ଜିଡିପି ଅଭିବୃଦ୍ଧିରୁ ୦.୨ ପ୍ରତିଶତ ପଏଣ୍ଟ କମିବ ଏବଂ ଲାଟିନ ଆମେରିକାରେ ଏହା ଶୂନ୍ୟ ହୋଇଯିବ ବୋଲି ଆକଳନ କରାଯାଇଛି। ଏଣୁ ବିକାଶାଳ ଦେଶଗୁଡ଼ିକ କ'ଣ କରିପାରିବେ ? ଯେଉଁମାନେ ସୁଧାରିବା ପାଇଁ ପଦକ୍ଷେପ ନେଉଛନ୍ତି ସେମାନେ ଉତ୍ପାଦନ ବୃଦ୍ଧି କରିବା ଦରକାର। ଏମାନଙ୍କର ଉତ୍ପାଦକତା ଧନୀ ଦେଶଗୁଡ଼ିକଠାରୁ ବହୁ ପଛରେ ରହିଛି। ଧନୀ ଦେଶଗୁଡ଼ିକରେ ଏହା ଘଣ୍ଟାକୁ ୬୦ ଆମେରିକୀୟ ଡଲାର ଥିବାବେଳେ ସବ-ସାହାରାନ ଆଫ୍ରିକାକୁ ବାଦଦେଲେ ଅନ୍ୟ ବିକାଶଶୀଳ ଦେଶରେ ଘଣ୍ଟାକୁ ଏହା ହାରାହାରି ୧୩ କିମ୍ବା ୧୮ ଡଲାର ଅଛି।

ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ନିବେଶ କରି ଉତ୍ପାଦକତା ବୃଦ୍ଧି କରିପାରିବେ। ଅଧିକ ଉତ୍ପଦକତା ଅଧିକ ନିବେଶକୁମଧ୍ୟ ଆକର୍ଷିତ କରିବ। ଏହା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ କ୍ରୟ କ୍ଷମତା ବଢାଇବ। କମ୍ପାନୀଗୁଡ଼ିକୁ ଉତ୍ପାଦନ ବୃଦ୍ଧି କରିବାକୁ ସକ୍ଷମ କରାଇବ। ଉତ୍ପାଦନଭିତ୍ତିକ ଲାଭ ବ୍ୟତୀତ ବିକାଶଶୀଳ ଦେଶଗୁଡ଼ିକ ଜନସାଂଖ୍ୟିକ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ପାଇଁ ବିଶେଷକରି ମହିଳା ଶ୍ରମଶକ୍ତି ଭାଗୀଦାରିକୁ ବଢାଇବାକୁ ହେବ। ମଧ୍ୟମ ଆୟ ବର୍ଗର ବିକାଶଶୀଳ ଅର୍ଥ ବ୍ୟବସ୍ଥାରେ ୨୦-୪୯ ବୟସ୍କ ମହିଳାଙ୍କ ଶ୍ରମଶକ୍ତି ଭାଗୀଦାରି ହାର ପାଖପାଖି ୬୦ ପ୍ରତିଶତରେ ସ୍ଥିର ରହିଛି, କିନ୍ତୁ ସବୁ ଉନ୍ନତ ଅର୍ଥ ବ୍ୟବସ୍ଥାରେ ଏହା ୮୦ ପ୍ରତିଶତ।

ଜନସଂଖ୍ୟାରେ ହେଉଥିବା ପରିବର୍ତ୍ତନ ଉଚିତ ମାର୍ଗରେ ସଞ୍ଚାଳିତ କରିବା ପାଇଁ ବିକାଶଶୀଳ ଦେଶର ସରକାର ଏବଂ ବ୍ୟବସାୟିକ ସଂସ୍ଥାଗୁଡ଼ିକ ବିକଶିତ ଦେଶଗୁଡ଼ିକର ରଣନୀତି ଏବଂ ଅଭିଜ୍ଞତାରୁ ଶିକ୍ଷା ନେବା ଦରକାର। ଦୁଇଟି ଶିକ୍ଷା ଉଲ୍ଲେଖନୀୟ। ପ୍ରଥମଟି ହେଉଛି, ବିକାଶଶୀଳ ଦେଶସବୁ ନିଶ୍ଚିତ ହେବାକୁ ପଡ଼ିବ ଯେ, ସେମାନଙ୍କ ଯୁବପିଢି ବୈଶ୍ୱିକ ସ୍ତରରେ ପ୍ରତିଯୋଗିତା କରିବା ସ୍ଥିତିରେ ଅଛନ୍ତି। ଏହା ସହ ସେମାନଙ୍କୁ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ହେବ। ମାନବ ପୁଞ୍ଜି ଓ କୌଶଳ ବିକାଶରେ ନିବେଶ ବୃଦ୍ଧିର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ପ୍ରାଇଭେଟ ସେକ୍ଟରଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ପାରିବେ। ଅତ୍ୟାଧୁନିକ କମ୍ପାନୀ ପ୍ରତିଷ୍ଠା କରିବା ଲାଗି ସେମାନଙ୍କ ପାଖରେ ସୁଯୋଗ ଅଛି। ଏମଜିଆଇ ଗବେଷଣାରୁ ଜଣାପଡ଼ିଛି ଯେ,ଏଥିପାଇଁ ବୃହତ ପ୍ରତିଦ୍ୱନ୍ଦ୍ୱୀ ଫାର୍ମଗୁଡ଼ିକୁର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏଭଳି ଏକ ବିଜନେସ ସୃଷ୍ଟି କରିବା ପାଇଁ ସହଯୋଗୀ ପରିବେଶ ଦରକାର। ଏହା ସହ ଦୃଢ଼ ବ୍ୟବସ୍ଥା ଓ ଭରସା ଯୋଗ୍ୟ ଭୌତିକ ତଥା ଡିଜିଟାଲ ଭିତ୍ତିଭୂମି ମଧ୍ୟ ଲୋଡ଼ା। ଶକ୍ତିଶାଳୀ ମେଧାର ସୁରକ୍ଷା ହେବା ସହିତ ନିବେଶ ଓ ଭାଗୀଦାରି ଉପଲବ୍ଧ ହେବା ଆବଶ୍ୟକ।

ବିକାଶଶୀଳ ଦେଶଗୁଡ଼ିକ ପାଇଁ ଦ୍ୱିତୀୟ ଶିକ୍ଷା ହେଉଛି, ସେମାନଙ୍କୁ ଏକ ପ୍ରଭାବୀ ଓ ସ୍ଥାୟୀ ସାମାଜିକ ସହଯୋଗୀ ବ୍ୟବସ୍ଥା ବିକାଶ କରିବାକୁ ପଡ଼ିବ। ଅନେକ ବିକାଶଶୀଳ ଅର୍ଥ ବ୍ୟବସ୍ଥାରେ ବୟସ୍କ ଲୋକଙ୍କୁ ସହଯୋଗ କରିବାର ବ୍ୟବସ୍ଥା ଏଯାବତ ଅନଔପଚାରିକ ଓ ପାରିବାର ଆଧାରିତ ହୋଇ ରହିଛି। ଏହିସବୁ ଦେଶର ବୟସ୍କ ଜନସଂଖ୍ୟାରେ ବରିଷ୍ଠ ନାଗରିକଙ୍କ ଅଂଶ ବୃଦ୍ଧି ପାଉଥିବାରୁ ଏଭଳି ପରମ୍ପରିକ ବ୍ୟବସ୍ଥା ଚାପରେ ରହିବ। ବିକଶିତ ଦେଶସବୁ ବରିଷ୍ଠ ନାଗରିକଙ୍କ ସେବାର ମୂଲ୍ୟକୁ ନେଇ ବଢୁଥିବା ସରକାରୀ ଋଣରୁ ମୁକୁଳିବାକୁ ଚେଷ୍ଟା କରୁଛନ୍ତି। ବିତ୍ତୀୟ ସେବାର ସମାନ ସୁଯୋଗ ଏବଂ ଘରୋଇ ସଞ୍ଚୟ ତଥା ଧନ ବୃଦ୍ଧି ପାଇଁ ପଦକ୍ଷେପରେ ଉନ୍ନତି ଅଣାଯାଇପାରିଲେ ବିକାଶଶୀଳ ମାର୍କେଟ ବୟସ୍କ ନାଗରିକଙ୍କୁ ସହଯୋଗ କରିବା ପାଇଁ ବ୍ୟବସ୍ଥା ସୃଷ୍ଟି କରିପାରିବ। ସ୍ୱାସ୍ଥ୍ୟ ଏବଂ ଯୁବପିଢ଼ି ଓ ମଧ୍ୟବ ବୟସ୍କ ନାଗରିକଙ୍କ ଉପରେ ନିବେଶ କରି ଏହା କରିପାରିବେ। ତେବେ ଏହା ନିଶ୍ଚିତ କରିବାକୁ ହେବ ଯେ, କର୍ମଚାରୀମାନେ ସକ୍ରିୟ ଓ ଅଧିକ ଉତ୍ପାଦନକ୍ଷମ ହୋଇଥିବେ। ନୀତିନିର୍ଦ୍ଧାରକମାନେ ନିୟମିତ କାର୍ଯ୍ୟକୁ ଉତ୍ସାହିତ କରିବାକୁ ପଡ଼ିବ। ଅଧିକରୁ ଅଧିକ ନାଗରିକ ସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ଉଚ୍ଚମାନର ସ୍ୱାସ୍ଥ୍ୟ ସେବା କିଭଳି ପାଇପାରିବେ ତାହା ମଧ୍ୟ ନିଶ୍ଚିତ କରିବାକୁ ହେବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ନୀତି ନିର୍ଦ୍ଧରକମାନେ ଏହା ମଧ୍ୟ ମନେ ରଖିବା ଉଚିତ ଯେ, ଜନସଂଖ୍ୟାରେ ହେଉଥିବା ପରିବର୍ତ୍ତନ ସୁନାମୀ ଭଳି କ୍ଷତି କରେ ନାହିଁ ; ଏହା ଧୀରେ ଧୀରେ ହୋଇଥାଏ , ଠିକ୍ ଜୁଆର ଭଳି। ଏହାର ପୂର୍ବାନୁମାନ କରି ପାରିଲେ ଲାଭ ମିଳିବ। କ୍ଷତିର ପରିଣାମ ଅଣାୟତ୍ତ ହେବା ପୂର୍ବରୁ ଏହାର ମନ୍ଥର ଗତିକୁ ରୋକାଯାଇପାରିବ। ବିକାଶ୍ଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ପାଖରେ ଏବେ ମଧ୍ୟ ସମୟ ରହିଛି, କିନ୍ତୁ ସେମାନେ ଏବେ ସମସ୍ୟାରେ ରହିଛନ୍ତି।

## ଏଇ ଭାରତରେ

ବର୍ଷେ କି ଦୁଇବର୍ଷ ନୁହେଁ, ଦୀର୍ଘ ୩୦ ବର୍ଷ ଧରି କଶ୍ମୀରର ଜଣେ ପୋଷ୍ଟଓମେନ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ସେବା ଯୋଗାଇ ଆସୁଛନ୍ତି। ଏହି ମହିଳା ଜଣକ ହେଉଛନ୍ତି ଉଲ୍‌ଫତା ବାନୋ। ଏବେ ତାଙ୍କ ବୟସ ୫୫। ସେ ଶୀତଦିନେ ଆଣ୍ଠୁଏ ବରଫରେ ଯାଇ ଦିନକୁ ୨୦-୨୫ ପାର୍ସଲ ଲୋକଙ୍କ ଘରେ ପହଞ୍ଚାଇଥାନ୍ତି। ସେ କେବେ ବି ପରିବହନ ବ୍ୟବସ୍ଥାର ସାହାଯ୍ୟ ଲୋଡ଼ି ନାହାନ୍ତି କି ନିଜ ପାଇଁ ସୁରକ୍ଷା ଚାହିଁନାହାନ୍ତି। ସେ ରହୁଛନ୍ତି ଦକ୍ଷିଣ କଶ୍ମୀରର ଶୋପିଆନ ଜିଲାର ହିରପୋରା ଗାଁରେ। ସେ ପ୍ରବଳ ଶୀତରେ ତାଙ୍କ କର୍ତ୍ତବ୍ୟ ଜାରି ରଖିଥାନ୍ତି। ଏହି ଗାଁ ଶ୍ରୀନଗରଠାରୁ ପାଖାପାଖି ୭୦ କିଲୋମିଟର ଦୂର, ଯେଉଁଠି ତାପମାତ୍ରା ମାଇନସ୍ ୧୫ ଡିଗ୍ରୀ ସେଲ୍‌ସିୟସ ରହେ ଏବଂ ବରଫ ପଡ଼ି ରାସ୍ତାଘାଟ ବନ୍ଦ କରିଦିଏ। ଗାଁଟି ବରଫରେ ମାସ ମାସ ଧରି ବୁଡ଼ିରହେ ଓ ଜୀବନଜୀବିକା ବାଧାପ୍ରାପ୍ତ ହୋଇଥାଏ। ତଥାପି ଉଲଫତା ପ୍ରତିଦିନ ହିପୋରା ପୋଷ୍ଟ ଅଫିସ୍‌ରୁ ଚିଠି ଓ ପାର୍ସଲଗୁଡ଼ିକୁ ନେଇ ଲୋକମାନଙ୍କ ନିକଟରେ ପହଞ୍ଚାଇଥାଆନ୍ତି। ହିପୋରାର ଛାତ୍ରୀଛାତ୍ରମାନେ ସେମାନଙ୍କ ପଢ଼ା ଜିନିଷ ଓ ବହି ପାଇବା ଲାଗି ଉଲଫତାଙ୍କୁ ଚାହିଁ ରହିଥାନ୍ତି। ଉଲଫତାଙ୍କ ଏପରି କାର୍ଯ୍ୟରେ ତାଙ୍କ ସ୍ୱାମୀ ତଥା ପୂର୍ବତନ ପୋଷ୍ଟମ୍ୟାନ୍ ସୈଫ ଶାହା ଗର୍ବ ଅନୁଭବ କରନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୭ ମାର୍ଚ୍ଚ ୧୯୭୬**

- ଭୁବନେଶ୍ୱରଠାରେ ରେଡ୍‌କ୍ରସ୍ ସଂସ୍ଥା ପକ୍ଷରୁ ଶିଶୁମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ନିବାସ ପ୍ରତିଷ୍ଠା କରାଯିବ ବୋଲି ରାଜ୍ୟ ରେଡ୍‌କ୍ରସ ସଂସ୍ଥା କାର୍ଯ୍ୟକାରୀ କମିଟି ବୈଠକରେ ସ୍ଥିର କରାଯାଇଛି।
- ହିନ୍ଦୁ ଧର୍ମ ଓ ସଂସ୍କୃତିର ପ୍ରସାର ଏବଂ ଅନ୍ୟାନ୍ୟ ରାଷ୍ଟ୍ରରେ ଥିବା ହିନ୍ଦୁମାନଙ୍କ ମଧ୍ୟରେ ଏକ ଯୋଗସୂତ୍ର ସ୍ଥାପନ ନିମନ୍ତେ ଏକ ନୂତନ ସଙ୍ଗଠନ ସ୍ଥାପନ କରାଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | | | | |
| | | | | | | 1 | 2 | |
| 7 | | 3 | | | 2 | 4 | 6 | |
| | 4 | | | | | 2 | | |
| | | | | | 5 | | | 8 |
| | 8 | | 6 | | 3 | | | |
| | | 2 | | 3 | | 7 | | |
| | | 6 | 1 | 2 | | | | |
| | | | | | 4 | 9 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 5 | 9 | 2 | 6 | 3 | 8 | 7 |
| 2 | 7 | 6 | 8 | 3 | 1 | 9 | 4 | 5 |
| 9 | 3 | 8 | 4 | 7 | 5 | 6 | 2 | 1 |
| 8 | 6 | 3 | 1 | 4 | 7 | 2 | 5 | 9 |
| 7 | 9 | 1 | 2 | 5 | 8 | 4 | 6 | 3 |
| 4 | 5 | 2 | 6 | 9 | 3 | 7 | 1 | 8 |
| 6 | 8 | 9 | 3 | 1 | 2 | 5 | 7 | 4 |
| 3 | 2 | 7 | 5 | 8 | 4 | 1 | 9 | 6 |
| 5 | 1 | 4 | 7 | 6 | 9 | 8 | 3 | 2 |

ଗତକାଲିର ଉତ୍ତର

# ତୁମେ କିଛି ଜାଣିନ



ଡ. ଦ୍ୱିତୀଚନ୍ଦ୍ର ସାହୁ

ଆପଣଙ୍କୁ ଯଦି କିଏ କହିବ ତୁମେ କିଛି ଜାଣିନ। ନିଶ୍ଚିତ ଆପଣ ପ୍ରତିକ୍ରିୟାଶୀଳ ହୋଇପଡ଼ିବେ। ଆବଶ୍ୟକସ୍ଥଳେ ଉଚ୍ଚବାଚ ବି ହୋଇପାରେ। ନିଜକୁ ସମ୍ଭାଳି ପାରିବେନି। କେହି କେହି କାହାର ତୁଣ୍ଡ ଲାଗିବା ଉଚିତ ନୁହେଁ ଭାବି ଚୁପ ବି ରହିଯିବେ। ଅଥଚ ନିଜ ଭିତରେ ବ୍ୟଥିତ ହେବେ। ଏମିତି ବ୍ୟଥିତ ହୋଇ ପାର୍କର ଏକ ବେଞ୍ଚ୍‌ରେ ବସିଥିଲେ ସେ ଦିନ ଶଶିଶେଖରବାବୁ। ଶଶିଶେଖରବାବୁ ଆଉ ଅଳ୍ପ କିଛି ମାସରେ ଚାକିରିରୁ ଅବସର ନେବେ। ଦେଖୁ ଦେଖୁ ବିଷଣ୍ଣ ବଦନରେ କହିଲେ – 'ଶୁଣନ୍ତୁ! ଆପଣ ତ ଏତେ କଥା ଲେଖୁଛନ୍ତି , କହିଲେ ସତରେ ମଣିଷ କିଛି ଜାଣେନି। ଆସି ବୁଢାବୟସ ହେଲା ଏବେବି ମୋତେ କିଛି ଜାଣିନି ବୋଲି କହିଲେ କ'ଣ ଲାଗିବ କହିଲ! 'ଶଶିଶେଖରବାବୁଙ୍କ ମରମ ବ୍ୟଥାକୁ ବୁଝିବା କ'ଣ ସହଜ। ଦୂରକୁ ଦେଖି ଡଙ୍ଗର ବିଷୟରେ ଗପିବା କିମ୍ବା ହିଡ଼ରେ ଥାଇ ନଦୀ ପାଣିର ଗଭୀରତାକୁ ଅନୁମାନ କରିବା ଯାହା ସେହି ସମୟରେ ଶଶିଶେଖରବାବୁଙ୍କ କଥାକୁ ବୁଝିବା ତାହା। ଅନେକ ସମୟରେ ଏମିତି ପରିସ୍ଥିତିର ସାମ୍ନା କରେ ମଣିଷ। ଲୋକଙ୍କ ଭିଡ଼ ଭିତରେ ହଠାତ୍ ଆପଣଙ୍କୁ ଦୃଷ୍ଟି ଆକର୍ଷଣ କଲାଭଳି କେହି କହିବେ ଆପଣ କିଛିଜାଣି ନାହାନ୍ତି। ବାକିଲୋକ ଆପଣଙ୍କୁ ଚାହିଁବେ। ସେତେବେଳେ ଆପଣଙ୍କ ଇଚ୍ଛା ହେବ ଆଗେ ଯାଇ ଦି ଚାପଡ ଥୋଇଦିଏ ତେଣିକି ପଛ କଥା ଯାହା। କିନ୍ତୁ ଅସଲରେ ମଣିଷ କିଛି କରିପାରେନା। ଖାଲି ଭିତରେ ଭିତରେ ସେହି ଲୋକଟିକୁ ବହେ ଶୋଧିବା ଏବଂ ବାହାରେ ଅନ୍ୟ ଲୋକଙ୍କ ସହ ନିଜର ରୋଷକୁ ବ୍ୟକ୍ତ କରି ସନ୍ତୁଷ୍ଟିଲାଭ କରିବା ବ୍ୟତୀତ କିଛି ଚାରା ନ ଥାଏ। ମଣିଷ ନିଜର ମାପଦଣ୍ଡରେ ଅନ୍ୟକୁ ତଉଲିବାକୁ ଚେଷ୍ଟା କରିଥାଏ ସବୁବେଳେ। ମୁଁ ଏମିତି କରିପାରୁଛି ସେ କି ପାଇଁ ନାହିଁ। ସେ କରିପାରୁଛି ଯଦି ତୁ କି ପାଇଁ ନାହିଁ। ପୁଣି ଯୋଡି କହିବେ ସେ ବି ମଣିଷ ତୁ ବି ମଣିଷ। ସମାନ ଅଙ୍ଗପ୍ରତ୍ୟଙ୍ଗ ଥାଇ ଜଣେ କରିପାରୁଛି। କିନ୍ତୁ ଆର ଜଣକ କାହିଁକି ନାହିଁ। ବିଶେଷକରି ଚାକିରି କ୍ଷେତ୍ରରେ ଅଧସ୍ତନଙ୍କୁ, ଅଭିଭାବକ ନିଜ ପିଲାଙ୍କୁ, ମାଲିକ ତା'ର କର୍ମଚାରୀଙ୍କୁ ଏଭଳି ଅପରିପକ୍ୱ ଉଦାହରଣ ଦିଏ। ତୁଳନା କରିବାରେ ଆମେ ସବୁ ଓସ୍ତାଦ। କିନ୍ତୁ ମଣିଷ -ମଣିଷ ଭିତରେ ଅନେକ ପ୍ରଭେଦ ରହିଛି। ଶକ୍ତି, ସାମର୍ଥ୍ୟ ଓ ମେଧା ଦୃଷ୍ଟିରୁ ଜଣେ ଆରକ ମଧ୍ୟରେ ଅନେକ ଫରକ ଥାଏ ସେ କଥାକୁ ଅନେକ ଲୋକ ଭୁଲି ଯାଆନ୍ତି।

ପାରିବାରିକ କ୍ଷେତ୍ରରେ ଏଭଳି ତୁଳନାର ପଟାନ୍ତର ନାହିଁ। ପ୍ରତିକଥାରେ ମା'ବାପା ଓ ପରିବାରର ବଡ଼ମାନେ କହିଚାଲନ୍ତି ନାନା କଥା। ଏହା ଅନେକ ସମୟରେ ପିଲାଙ୍କ ଭିତରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଅନେକ କ୍ଷେତ୍ରରେ ପିଲାଟି ଭୟାନକ ପଦକ୍ଷେପ ନେଇଯାଏ। ପିଲାଟି ଜନ୍ମ ହୋଇ ବଡ଼ ହେଲାବେଳେ ତା'ଠାରୁ ବଡ଼ମାନେ କଥାକଥାରେ କହିବେ ଆରେ ତୁ ଛୁଆଟେ ! କ'ଣ ବୁଝିବୁ। ତୁ କିଛି ଜାଣିନୁ। ଚୁପ ରହ। ବଡ଼ଲୋକଙ୍କ କଥାରେ ମୁଣ୍ଡ ପୂରାନା। ପିଲାଟି ଚୁପ୍ ରହିଯାଏ। ସ୍କୁଲକୁ ଗଲେ ଶିକ୍ଷକ ବି କହିଦିଅନ୍ତି ତୁ କିଛି ଜାଣିନୁ।



ଶିଖିବାକୁ ଚେଷ୍ଟା କର। ଅମୁକ ପରି ହେବାକୁ ଉଦ୍ୟମ କର। ସେଇଠି ତା'ର ବିକାଶରେ ବ୍ରେକ୍ ଲାଗିଯାଏ ଅନେକାଂଶରେ। କିଶୋର ବୟସ ହେଲେ ଆହୁରି ବେଶି ନଜର ବଡ଼ଙ୍କର। କ'ଣ ସବୁ ଅଡୁଆ କାମ ଭିତରେ ପଶି ଯାଇନି ତ! ଏ ବୟସରେ ସେ କ'ଣ ଜାଣିଛି! ଏମିତି ଭାବନା ଭିତରେ ବେଶି ବେଶି ତାଗିଦ। ବୟସ ବଢିଲେ ଘରେ ବାହାରେ ଲୋକେ କହିବେ ଆପଣ କିଛିଜାଣି ନାହାନ୍ତି। ଘର ଲୋକ କହିବେ ଆଉଟ୍‌ଡେଟେଡ୍ ଭର୍ସନ। ଯୁଗ ସହ ତାଳ ଦେଇ ଚାଲି ପାରୁନ। ଯୁଗୋପଯୋଗୀ ହେବାକୁ ପଡିବ ଇତ୍ୟାଦି ଇତ୍ୟାଦି। ଧୀର ସ୍ଥିର ଭାବରେ ଜୀବନକୁ ଆଗକୁ ବଢ଼େଇଲା ପରେ ବି ଶାନ୍ତି ନାହିଁ। ପରିଣତ ବୟସରେ ବି ପୁଅଝିଅ କହିବେ ତୁମେ କିଛିଜାଣିନ। ଚାକିରି କଲସିନା କିଛି ଜାଣି ପାରିଲନି। ନଚେତ ମା'କୁ କହିବେ ତୁ ଘର ଭିତରେ ରହିରହି କିଛି ଜାଣିପାରିଲୁନି। ଦୁନିଆ କୁଆଡେ ନା କୁଆଡେ ଗଲା। ତୁମେ ସବୁ ମାନ୍ଧାତା ଅମଳରେ ରହିଛ। ଛୁଆ ଭଳି ହେଉଛ। ଟିକେ ତ ସ୍ମାର୍ଟ ହୁଅ। ଏତିକିରେ ବୟସ୍କ ମଣିଷର ଆଖିରୁ ଲୁହଝରେ। ହୃଦୟ ମଚ୍ଛିହୋଇଯାଏ। କିଛି ଉତ୍ତର ଦେବାକୁ ବି ସାହସ କୁଳାଏନି। ଶେଷରେ ଏସବୁ ଶୁଣୁଥିବା ନାତିନାତୁଣୀ ଦିନେ କହିବେ ତୁମେ କିଛିଜାଣିନ। ଏସବୁ ମଜାଲାଗେ ପିଲାଙ୍କ ତୁଣ୍ଡରୁ ଶୁଣିବା। କିନ୍ତୁ ସାମଗ୍ରିକ ଭାବରେ ଦେଖିଲେ ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ତାହା ହେଲେ କେଉଁଠି ଜାଣିଲା !

ଜୀବନ ତମାମ ନ ଜାଣିବା ପଣରେ ସେ ବଞ୍ଚିଲା। ସବୁ ସ୍ତରରେ ମଣିଷ କିଛି ବି ଜାଣିଲା ନାହିଁ। ଯଦିଓ ସବୁ ମଣିଷ ସବୁ ବିଷୟରେ ଜାଣିବା ଜରୁରୀ ତାହା ନୁହେଁ। ନ ଜାଣି ବି ଚୁପ୍ ରହିବା ଆଦୌ ଉଚିତ ନୁହଁ। ବିଶାଳ ଦୁନିଆ ଭିତରେ ମଣିଷର ପାରଦର୍ଶିତା ସୀମିତ। ତା'ର ଉତ୍କର୍ଷ ନିର୍ଦ୍ଦିଷ୍ଟ ଅଥବା କିଛି ଦିଗରେ ଥାଇପାରେ। ଅନେକ ଦିଗରେ ସେ ଅଜ୍ଞ ରହିବା ସ୍ୱାଭାବିକ। ଏହା ତା'ର ଅବୁଝାପଣ। ନିଜ ନିଜ ସ୍ତରରେ ସମୀକ୍ଷା କଲାବେଳେ ମଣିଷ ଜାଣିପାରେ ନିଜର କାଣ୍ଡୁଆପଣ। ସେ କେଉଁଥିରେ କେତେ ପାରଙ୍ଗମ ନିଜ ଭିତରେ ଅସୁମାରୀ ଶୂନ୍ୟତା ଓ ଅଜ୍ଞତା ଥାଇ ଅନେକ ସମୟରେ ନିଜର ପଦ ଓ ପ୍ରତିଷ୍ଠାର ଅପବ୍ୟବହାର କରନ୍ତି ବହୁତ ଲୋକ। ଅନ୍ୟକୁ ଖରାପ ବ୍ୟବହାର ପ୍ରଦର୍ଶନ କରନ୍ତି। ସବୁ କିଛି ଜାଣିବାର ଯିଏ ଆସ୍ପର୍ଦ୍ଧା ରଖେ, ବାସ୍ତବରେ ସେ ସମସ୍ତଙ୍କ ନିକଟରେ ନିନ୍ଦିତ ହେବା ଥୟ। ଏକଥା ବି ସତ ଯେ ନିଜ ନିଜ ବୃତ୍ତି ଓ ବେଉଷା ଭିତରେ ଅନେକ କଥା ଜୀବନତମାମ ଜାଣି ହୁଏନା। ଗଭୀର ଓ ଗହନ କଥାକୁ ହେଜି ହୁଏନା। ତା' ସତ୍ତ୍ୱେ ସେଇ ସେଇ କର୍ମରେ ଯେ ସାଧାରଣ କଥାକୁ ଯଦି ଜାଣିପାରିବାନି କିମ୍ବା ବୁଝିପାରିବାନି, ତେବେ ହୁଏତ ଆମର ଅଜ୍ଞତା ଆମ ପାଇଁ ନିଶ୍ଚିତ ସମସ୍ୟା। ଆଉ ତୁମେ କିଛି ଜାଣିନ ବୋଲି ଅପବାଦ ମୁଣ୍ଡେଇବା ଶିରୋଧାର୍ଯ୍ୟ। ଶୁଣିବା, ଦେଖିବା ଓ ଜାଣିବା। ଜାଣିଲେ ଯାଇ ଜିଣିବା। ଏତେ କଥା ଶୁଣିବା ପରେ ଶଶିଶେଖରବାବୁ ଏଥର ଦୀର୍ଘଶ୍ୱାସ ଛାଡିଲେ ଓ ଠୋଠୋ ହୋଇ ହସିଲେ। କହିଲେ - ''ଭାବୁଥିଲି ମୁଁ ହିଁ ଏସବୁର ଶିକାର ହୋଇଛି। କିନ୍ତୁ କେଡ଼େ ସହଜରେ ବୁଝେଇଦେଲ ଯେ ଏହା ଘର ଘରର କଥା। ସବୁ ପାରିବାରିକ ମଣିଷମାନେ ଶୁଣି ଆସୁଛନ୍ତି – ତୁମେ କିଛିଜାଣିନ! ମନଟା ହାଲୁକା ହୋଇଗଲା ମଣିଷର।'' ଏଥର ମୁଁ ଚାଲିଲି କହି ପୁଲାଏ ଖୁସିକୁ ନେଇ ବସିବା ସ୍ଥାନରୁ ଉଠିଚାଲିଲେ।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା**
**ମୋ: ୯୪୩୭୯୦୯୬୭୧**

# ଖାଦ୍ୟ ହିଁ ପ୍ରାଣ ପୁଣି ପ୍ରାଣଘାତକ



ଡା. ପ୍ରଫୁଲ୍ଲ କୁମାର ଦାସ

ଖାଦ୍ୟ। ଶରୀର ପୋଷଣ ନିମନ୍ତେ ଅତି ଜରୁରୀ। ଖାଦ୍ୟ ଦ୍ୱାରା ଶରୀରରେ ଥିବା ଜୀବକୋଷ ପରିପାକ ହୋଇ ଶକ୍ତି ଉତ୍ପନ୍ନ କରେ। ଫଳରେ ଶରୀରର ଅଭିବୃଦ୍ଧି ଓ ବିକାଶ ହୋଇଥାଏ। ଏଣୁ ଖାଦ୍ୟକୁ ପ୍ରାଣ ବୋଲି କୁହାଯାଏ। ଯଦି ଏହି ପ୍ରାଣଦାୟୀ ଖାଦ୍ୟ ସଂକ୍ରମିତ ହୋଇଥାଏ, ତେବେ? ଖାଦ୍ୟ ମାଧ୍ୟମରେ କ୍ଷତିକାରକ ତତ୍ତ୍ୱସମୂହ ଶରୀର ମଧ୍ୟକୁ ପ୍ରବେଶ କରି ନକାରାତ୍ମକ କ୍ରିୟା କରିବ। ଫଳରେ ଖାଦ୍ୟ ଆଉ ପ୍ରାଣଦାୟୀ ହୋଇ ରହିପାରିବ ନାହିଁ? ବରଂ ପ୍ରାଣଘାତକ ସାବ୍ୟସ୍ତ ହେବ।

ମିଳିତ ଜାତିସଂଘର ରିପୋର୍ଟ ଅନୁସାରେ ପ୍ରତିବର୍ଷ ବିଶ୍ୱର ପ୍ରତି ୧୦ ଜଣରେ ଜଣେ ଖାଦ୍ୟ ସଂକ୍ରମଣଜନିତ ରୋଗରେ ପୀଡ଼ିତ। ଏଥିସହ ବିଶ୍ୱର ପ୍ରାୟ ୨୦୦ରୁ ଅଧିକ ରୋଗ ଖାଦ୍ୟ ସଂକ୍ରମଣ ଯୋଗୁ ହିଁ ହୋଇଥାଏ। ବିଶେଷଜ୍ଞଙ୍କ ମତାନୁସାରେ ଓଡ଼ିଶାରେ ସାଧାରଣତଃ ଖାଦ୍ୟ ଓ ପାନୀୟ ସଂକ୍ରମଣ ଯୋଗୁ ଟାଇଫଏଡ୍ ଜ୍ୱର, ଜିଆଡ଼ିଆ, ହଇଜା, ଡିସେଣ୍ଟ୍ରି, ହେପାଟାଇଟିସ-ଏ, ସଲମୋନେଲା, ଇ. କୋଲାଇ ଆଦି ବହୁ ପ୍ରକାର ରୋଗ ଦେଖାଯାଇଥାଏ। ତିନି କାରଣରୁ ଖାଦ୍ୟ ହୁଏ ସଂକ୍ରମିତ। ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଉଛି ଜୈବିକ, ରାସାୟନିକ ଓ ବାହ୍ୟ ଉପାଦାନ ଖାଦ୍ୟରେ ମିଶିବା ଫଳରେ ସଂକ୍ରମଣ ହୋଇଥାଏ। ଅଧିକାଂଶ ଖାଦ୍ୟ ସଂକ୍ରମଣଜନିତ ରୋଗ ବିଶେଷକରି ଜୈବିକ କାରଣରୁ ହିଁ ହୋଇଥାଏ। ଯେମିତି କି ଖାଦ୍ୟରେ ରୋଗ ସୃଷ୍ଟିକାରୀ ବୀଜାଣୁ, ଭୂତାଣୁ, ବ୍ୟାକ୍ଟେରିଆ, ପ୍ରୋଟୋଜୋଆ, ପାରାସାଇଟ ଓ ଫଙ୍ଗସ୍ ଆଦି ରହିବା ଦ୍ୱାରା ବିଭିନ୍ନ ରୋଗର ସଂକ୍ରମଣ ହୋଇଥାଏ। ଖାଦ୍ୟ ସଂକ୍ରମଣଜନିତ ରୋଗ ସୃଷ୍ଟି କରୁଥିବା ଏକ ସାଧାରଣ ଭୂତାଣୁ ହେଉଛି ନୋରାଭାଇରସ୍। ଏହାର ସଂକ୍ରମଣ ଯୋଗୁ ପେଟ କାଟିବା, ହଜମରେ ସମସ୍ୟା ଆଦି ଦେଖାଯାଇଥାଏ। ଏହି ରୋଗକୁ ଆମେ ଷ୍ଟୋନମ୍ୟାନ ଫ୍ଲୁ କହିଥାଉ। ସଲମୋନେଲା ବ୍ୟାକ୍ଟେରିଆ ମଧ୍ୟ ଖାଦ୍ୟ ସଂକ୍ରମଣଜନିତ ରୋଗ ସୃଷ୍ଟି କରିଥାଏ। ବାନ୍ତି, ପେଟ କାମୁଡ଼ିବା, ଝାଡ଼ା, ଜ୍ୱର ଆଦି ବିଭିନ୍ନ ସମସ୍ୟା ଏହା ଯୋଗୁ ଦେଖାଯାଇଥାଏ।

ରାସାୟନିକ ଉପାୟରେ ଖାଦ୍ୟ ସଂକ୍ରମଣ ଅସାବଧାନତା କାରଣରୁ ହୋଇଥାଏ। କୀଟନାଶକ ବା କ୍ଲିନର ଆଦି ଫସଲରେ ପ୍ରୟୋଗ କରିବା ସମୟରେ ଏଥିରେ ଥିବା ରାସାୟନିକ ଦ୍ରବ୍ୟ ମଣିଷ ଶରୀରକୁ ଆସିଥାଏ। ଏଥିସହ ଖାଦ୍ୟକୁ ଅଧିକ ଧଳା ଦେଖାଇବା ପାଇଁ ବ୍ଲିଚିଂ କରାଯାଉଥିବା ବେଳେ ଏହା ମଧ୍ୟ ଖାଦ୍ୟ ସଂକ୍ରମଣର କାରଣ ହୁଏ। ଜଳ ଦ୍ୱାରା ସଂକ୍ରମିତ ଡାଇରିଆ ଅପେକ୍ଷା ହେପାଟାଇଟିସ-ଏ ଓ ଇ ଅଧିକ ମାରାତ୍ମକ। ଏହା ଜଣ୍ଡିସ କରାଇବା ସହ ରୋଗୀର ମୃତ୍ୟୁର କାରଣ ବି ହୋଇଥାଏ। ଓଡ଼ିଶାରେ ଦେଖାଯାଉଥିବା ଆଉ ଏକ ସାଧାରଣ ଜଳବାହୀ ରୋଗ ହେଉଛି ଏଚ୍ ପାଇଲୋରି ଗ୍ୟାଷ୍ଟ୍ରିଟିସ୍। ବିଶ୍ୱ ଜନସଂଖ୍ୟାର ୫୦% ଏହି ରୋଗରେ ପୀଡ଼ିତ। ସପ୍ତାହକୁ ଆସୁଥିବା ୪୦ ଜଣରେ ଜଣେ ରୋଗୀ ହେପାଟାଇଟିସ-ଏରେ ଆକ୍ରାନ୍ତ ହୋଇଥିବା ଦେଖାଯାଉଛି। ଖାଦ୍ୟ ସଂକ୍ରମଣ ଦୁଇଟି ଉପାୟରେ ହୁଏ। ଗୋଟିଏ ହେଉଛି ଦୁର୍ଘଟଣାବଶତଃ ହେଉଥିବା ଖାଦ୍ୟ ସଂକ୍ରମଣ ଓ ଅନ୍ୟଟି ଜାଣିଶୁଣି ହେଉଥିବା ଖାଦ୍ୟ ସଂକ୍ରମଣ। ଘରେ ଖାଦ୍ୟ ଥୁଆ ହୋଇଥିବା ସମୟରେ ମୂଷା ଚାଲିଯିବା, କିଛି ପଡ଼ିଯିବା ବା ଖାଦ୍ୟ ଖରାପ ହୋଇଯିବା ପରେ ଖାଇବା ଦ୍ୱାରା ପେଟ ଖରାପ ହୋଇଥାଏ। ସେହିଭଳି ଖାଦ୍ୟରେ ବ୍ୟବହାର ହେଉଥିବା ରସାୟନ ଯୋଗୁ ବି ଦେହ ଖରାପ ହୋଇଥାଏ। ଏସବୁକୁ ତ ସତର୍କ ହୋଇ ମୁକାବିଲା କରାଯାଇପାରେ। କିନ୍ତୁ ଜାଣିଶୁଣି କରାଯାଉଥିବା ଖାଦ୍ୟ ସଂକ୍ରମଣକୁ ନିୟନ୍ତ୍ରିତ କରିବା ଆମ ଦାୟିତ୍ୱ। କ୍ଷୀର, ତେଲ, ମସଲା ଗୁଣ୍ଡ, ହଳଦୀ, ଲଙ୍କା, ଗୋଲମରିଚ ଗୁଣ୍ଡ ଆଦିରେ ବିଭିନ୍ନ ପ୍ରକାର ଅପମିଶ୍ରଣ କରାଯାଇ ବଜାରକୁ ଛଡ଼ାଯାଉଛି। ଫଳକୁ ଚିକ୍‌ଚିକ୍ ଦେଖାଇବା ପାଇଁ ରସାୟନ ସିଞ୍ଚନ କରାଯାଉଛି, ଯେଉଁଥିରେ ସୀସା ଓ ଆର୍ସେନେଜ ରହିଛି। ଏହା ସ୍ନାୟୁ, ମସ୍ତିଷ୍କ ଓ ଶରୀରର ସ୍କେଲେଟାଲ ସିଷ୍ଟମ ପାଇଁ ଖରାପ ହୋଇଥାଏ। ମୁଣ୍ଡ ଝାଇଁ ଝାଇଁ ଲାଗିବା, ପକ୍ଷାଘାତ ରୋଗ, ମାଂସପେଶୀରେ ଯନ୍ତ୍ରଣା ଆଦି ସମସ୍ୟା ଦେଖାଯାଇଥାଏ। କିଛି କିଛି ଅଞ୍ଚଳର ପାଣିରେ ଫ୍ଲୋରାଇଡ଼ ପରିମାଣ ଅଧିକ ଥାଏ। ଏହାର ସ୍ତରକୁ ନିୟମିତ ପରୀକ୍ଷା କରିବା ଉଚିତ। ଖାଦ୍ୟ ଅଧିକ ସମୟ ରହିଲେ ଏଥିରେ କାମ୍ପାଇଲୋବ୍ୟାକ୍ଟେର, ସାଲମୋନେଲା ଓ ସିଗେଲା ଆଦି ଜୀବାଣୁ ବଢ଼ି ମଣିଷ ଶରୀରରେ ଫୁଡ୍‌ପଏଜନିଂ କରାଇଥାଏ।

**କନ୍‌ସଲଟାଣ୍ଟ ରେଡିଓଲୋଜିଷ୍ଟ,**
**ଏମ୍‌ଆର୍‌ଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ**
**ମୋ: ୯୪୩୭୦୨୩୪୪୩**

## ପାଠକ ଶ୍ରେଷ୍ଠ ବିଚାରକ

### ପେନସନରଙ୍କୁ ଚିକିତ୍ସା ଭତ୍ତା ମିଳୁ

ମହାଶୟ,

ପେନସନରମାନେ ଯାହା ପେନସନ ଗଣ୍ଡାକ ପାଉଛନ୍ତି ତାହା ନିଜ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ନିଅଣ୍ଟ। ବୟସର ଅପରାହ୍ନରେ ବିଭିନ୍ନ ପ୍ରକାର ରୋଗରେ ପୀଡ଼ିତ ହୋଇ ହନ୍ତସନ୍ତ ହୋଇ ପରିବାରରେ ଅଲୋଡ଼ା ହେଉଛନ୍ତି। ଔଷଧ ଖର୍ଚ୍ଚ ପାଇଁ ଯଥେଷ୍ଟ ଅର୍ଥ ପାଇପାରୁ ନାହାନ୍ତି। ଆମ ଦେଶରେ ଅନ୍ୟ ରାଜ୍ୟମାନଙ୍କରେ ପେନସନରମାନଙ୍କୁ ପେନସନ ସାଙ୍ଗକୁ ଚିକିତ୍ସା ଭତ୍ତା ମଧ୍ୟ ଦିଆଯାଉଛି। କିନ୍ତୁ ଏବେକାର ନୂଆ ସରକାରଙ୍କର ଏଥିପ୍ରତି ଦୃଷ୍ଟି ନାହିଁ। ତେବେ ସରକାର ପେନସନରମାନଙ୍କ ପାଇଁ କିଛି ଗୋଟେ ନୂଆ ବ୍ୟବସ୍ଥା କରିବାକୁ ଅନୁରୋଧ।

**-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ**

## ଚିରନ୍ତନୀ

ବରଷା ଜଳେ ଚରଣ ଭିଜେ
ନଳିନୀଦଳ ଭୂମିରେ କି ଯେ !
ପଡ଼ିଛି ଛିଡ଼ି, ପରଶ ତାର ସୁନ୍ଦର,
ଧରଣୀ ତଳେ ହସିଲା କେଉଁ ଚନ୍ଦର।
-(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସାର୍ବଜନୀନ ବିଜ୍ଞପ୍ତି

ଟିପି ଗୋପାଳପୁର ଟ୍ରାନ୍ସମିସନ୍ ଲିମିଟେଡ୍ (ପୂର୍ବରୁ ଇ.ଆର.ଇ.ଏସ - XXXIX ପାୱାର ଟ୍ରାନ୍ସମିଶନ ଲିମିଟେଡ୍. ନାମରେ ପରିଚିତ), ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ 104ବି, 191/ଏ, ଖାରବେଳ ନଗର, ୟୁନିଟ୍-03,11ତମ ଷ୍ଟ୍ରିଟ୍, ଭୁବନେଶ୍ୱର, ଓଡ଼ିଶା-751001 ରେ ରହିଛି, ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ କିମ୍ବା ରକ୍ଷଣାବେକ୍ଷଣ କରାଯିବାକୁ ଥିବା ଏକ ଟେଲିଗ୍ରାଫ ଉଦ୍ଦେଶ୍ୟରେ ଟେଲିଗ୍ରାଫ ଲାଇନ୍ ଏବଂ ପୋଷ୍ଟ ରଖିବା ସମ୍ବନ୍ଧରେ ଭାରତୀୟ ଟେଲିଗ୍ରାଫ ଅଧିନିୟମ, 1885 ଅନୁଯାୟୀ ଟେଲିଗ୍ରାଫ କର୍ତ୍ତୃପକ୍ଷଙ୍କ ପାଖରେ ଥିବା କାର୍ଯ୍ୟର ଉପଯୁକ୍ତ ସମନ୍ୱୟ ପାଇଁ ଆବଶ୍ୟକ ବିଦ୍ୟୁତ ପ୍ରେରଣ ପାଇଁ କିମ୍ବା ଟେଲିଫୋନ୍ କିମ୍ବା ଟେଲିଗ୍ରାଫିକ୍ ଯୋଗାଯୋଗ ଉଦ୍ଦେଶ୍ୟରେ ବୈଦ୍ୟୁତିକ ଲାଇନ୍ କିମ୍ବା ବୈଦ୍ୟୁତିକ ପ୍ଲାଣ୍ଟ ସ୍ଥାପନ ପାଇଁ ବିଦ୍ୟୁତ ଅଧିନିୟମ 2003 ର ଧାରା 164 ଅନୁଯାୟୀ ତାଙ୍କୁ ସମସ୍ତ କ୍ଷମତା ପ୍ରଦାନ କରିବାକୁ ଭାରତ ସରକାରଙ୍କୁ ଆବେଦନ କରିବାକୁ ଚାହୁଁଛି।

ପ୍ରସାରଣ ଯୋଜନାର ନାମ ପୂର୍ବ ଅଞ୍ଚଳ ସମ୍ପ୍ରସାରଣ ଯୋଜନା-XXXIX (ERES-XXXIX)

**ଏହି ଯୋଜନାରେ ଅନ୍ତର୍ଭୁକ୍ତ କାର୍ଯ୍ୟ**

A. **ଟ୍ରାନ୍ସମିଶନ ଲାଇନ :**
- ଅନୁଗୁଳ (ପାୱାରଗ୍ରୀଡ)- ଗୋପାଳପୁର 765 କେଭି ଡି/ସି ଲାଇନ
- ଗୋପାଳପୁର- ଗୋପାଳପୁର (ଓପିଟିସିଏଲ) 400 କେଭି ଡି/ସି (କ୍ୱାଡ) ଲାଇନ

B. **ଗୋପାଳପୁର 765/400 କେଭି, 2x1500 ଏମଭିଏ ଜିଆଇଏସ ସବଷ୍ଟେସନ:**
- 765/400 କେଭି, 1500 ଏମଭିଏ ଆଇସିଟି -2 ନଂ, 765 କେଭି ଆଇସିଟି ବେଃ 2 ନଂ, 400 କେଭି ଆଇସିଟି ବେଃ 2 ନଂ
- 765 କେଭି, 330 ଏମଭିଏଆର ରିଆକ୍ଟର - 2 ନଂ
- 765 କେଭି ଲାଇନ୍ ବେ-2 ନଂ
- 765 କେଭି, 330MVAr (3x110MVAr ଏକକ ପର୍ଯ୍ୟାୟ ୟୁନିଟ୍) ସ୍ୱିଚେବଲ୍ ଲାଇନ୍ ରିଆକ୍ଟର ସହିତ ଜଡିତ ବେ ଏବଂ 500ohm NGR-2 ନଂ
- 420 କେଭି, 125 ଏମଭିଏଆର ବସ୍ ରିଆକ୍ଟର-2 ନଂ
- 765 କେଭି ବସ୍ ରିଆକ୍ଟର ବେ-2 ନଂ
- 400 କେଭି ବସ୍ ରିଆକ୍ଟର ବେ-2 ନଂ
- 400 କେଭି ଲାଇନ୍ ବେ-2 ନଂ
- ଅନୁଗୁଳ ସମ୍ପ୍ରସାରଣ (ପାୱାରଗ୍ରୀଡ ଏସ୍/ଏସ୍)-765 କେଭି ଲାଇନ ବେ-2 ନଂ
- ଗୋପାଳପୁର (ଓପିଟିସିଏଲ ଜିଆଇଏସ/ଏସ) ରେ ସମ୍ପ୍ରସାରଣ-400 କେଭି ଲାଇନ ବେ-2 ନଂ

**ଭବିଷ୍ୟତର ସମ୍ପ୍ରସାରଣ ପାଇଁ ଅତିରିକ୍ତ ସ୍ଥାନ**
- 765/400 କେ.ଭି., 4x1500 ଏମ.ଭି.ଏ.ଆଇ.ସି.ଟି. ସହିତ ଉଭୟ ଭୋଲଟେଜ୍ ସ୍ତରରେ ସମ୍ପୃକ୍ତ ଆଇ.ସି.ଟି.ବେ.
- 400/220 କେ.ଭି., 5x500 ଏମ.ଭି.ଏ.ଆଇ.ସି.ଟି. ସହିତ ଉଭୟ ଭୋଲଟେଜ୍ ସ୍ତରରେ ସମ୍ପୃକ୍ତ ଆଇ.ସି.ଟି.ବେ.
- 765 କେ.ଭି., 2x330 ଏମ.ଭି.ଏ.ଆର୍. ବସ୍ ରିଆକ୍ଟର ସହିତ ସମ୍ପୃକ୍ତ ବେ
- 420 କେ.ଭି., 2x125 ଏମ.ଭି.ଏ.ଆର୍. ବସ୍ ରିଆକ୍ଟର ସହିତ ସମ୍ପୃକ୍ତ ବେ
- 8 ନମ୍ବର ଭବିଷ୍ୟତର ଲାଇନ ପାଇଁ 765 କେ.ଭି ଲାଇନ ବେ (ସ୍ୱିଚେବଲ ଲାଇନ ରିଆକ୍ଟର ପାଇଁ ସ୍ଥାନ ସହିତ)
- 10 ଟି ଭବିଷ୍ୟତ ଲାଇନ ପାଇଁ 400 କେଭି ଲାଇନ ବେ (ସ୍ୱିଚେବଲ ଲାଇନ ରିଆକ୍ଟର ପାଇଁ ସ୍ଥାନ ସହିତ)
- 12ଟି ଭବିଷ୍ୟତର ଲାଇନ ପାଇଁ 220 କେଭି ଲାଇନ ବେ
- 765 କେଭି ବସ୍ ସେକ୍ସନାଲାଇଜର ବେଃ - 1 ସେଟ୍
- 400 କେଭି ବସ୍ ସେକ୍ସନାଲାଇଜର ବେଃ - 1 ସେଟ୍
- 220 କେଭି ବସ୍ ସେକ୍ସନାଲାଇଜର ବେଃ -1 ସେଟ୍
- 220 କେଭି ବସ୍ କପଲର ବେଃ -2 ନଂ

ଏହି ଯୋଜନାରେ ଅନ୍ତର୍ଭୁକ୍ତ ଟ୍ରାନ୍ସମିଶନ ଲାଇନଗୁଡ଼ିକ ନିମ୍ନୋକ୍ତ ଗ୍ରାମ, ସହର ଏବଂ ସଂରକ୍ଷିତ ଜଙ୍ଗଲ ଗୁଡ଼ିକ ଭିତରେ, ଉପରେ, ଆଖପାଖ ଏବଂ ମଧ୍ୟ ଦେଇ ଯିବ.

a) ଅନୁଗୁଳ (ପାୱାରଗ୍ରୀଡ)- ଗୋପାଳପୁର765 କେଭି ଡି/ସି ଲାଇନ

| କ୍ର. ନଂ | ଗ୍ରାମର ନାମ | ତହସିଲ | ଜିଲ୍ଲା |
|---|---|---|---|
| 1. | ବାଲିଆଣି, ବିଶ୍ୱନାଥପୁର, ବନ୍ତଳା, କଂସନାଳୀ, ବସଲା, ଖପରଖାଇ, ପଣ୍ଡପୁର, ଲୋକେଇପଶି, ତାଳସାହି, ହାଣଡ଼ିହ, | ଅନୁଗୁଳ / ଅନୁଗୋଳ | ଅନୁଗୁଳ / ଅନୁଗୋଳ |
| 2. | ଫୁଲପଡ଼ା, ଫୁଲପଡ଼ା, ଗିରିଧିବାସିଆ, ହରିଚନ୍ଦାଜମି, ଦୁର୍ଗାପ୍ରସାଦପୁର, ଖଣ୍ଡନାଳୀ, ତଳମୂଳଶାସନ, ମହୀଧରପୁର/ମଇଧରପୁର, ସେରେଣାବେଡ଼ା, ତିଳପଙ୍ଗା, କଇଞ୍ଚବାହାଲ, ଗୁଡିଆଭୂଇଁ | ବଣ୍ଟରପାଳ | ଅନୁଗୁଳ / ଅନୁଗୋଳ |
| 3. | ସଂରକ୍ଷିତ ଜଙ୍ଗଲ, ଜୟଦାମୋଦରପୁର, ଜଙ୍ଗଲ, ମୁକ୍ତାଦେଇପୁର | ଆଠଗଡ଼ | କଟକ |
| 4. | ଜୟଦାମୋଦରପୁର, ନୂଆଗାଁ, ନଣ୍ଡାଗୋଳ, ଦେଭୁଇଁ, କଣ୍ଟାଳ, କନ୍ଦଦେଭୂଇଁ, ନୂଆଗଡ, ବେଣିପଥର, କରାବିରା, ଚତରାପଦା, ସାଧୁଚରଣପୁର, ରାମଚନ୍ଦ୍ରପୁର, ପାଞ୍ଚଗଛିଆ ଜଙ୍ଗଲ ବ୍ଲକ, ପାତ୍ରଭାଗ, ପାଞ୍ଚଗଛିଆ, ସାଗର, ଅରଖବାଡି, ପାଞ୍ଚଗଛିଆ ଜଙ୍ଗଲ(କ), ନନ୍ଦକିଶୋରପୁର, ମହୁରାଖିଆ, ଜେନାସାହି, ବଡବେରଣା, ଲେମ୍ବୋ, ଅଭିମାନପୁର, ବରପଲି, ଅଲରା, କଠଉଖୋଜା, ବନ୍ଧଗୋଡା, ବରକୋଳି, ନୋଖାପଡା, ନୁଖାପଡା, କେନ୍ଦୁପଲି/କେନ୍ଦୁପଲ୍ଲୀ, କମଳାଦେଇପୁର, ପତଣ୍ଡା, ଦେବୋତ୍ତର ରଘୁନାଥପୁର, ରାଉତଭୂଇଁ, ନିଳକଣ୍ଠପୁର, ବ୍ରହ୍ମୋତ୍ତର ରଘୁନାଥପୁର, ବିରସିଂହପୁର, ପାଏକପଡାପଟଣା, ଜୟମଙ୍ଗଳପୁର, ଫୁଲପଡ଼ା, ବ୍ରହ୍ମପୁରା, ଘୋରାଡିୟା, ଧନୀପୁର, ଦେବୋତ୍ତର ରଘୁନାଥପୁର, ଖାରୁଆଣି, ଭୁଷ୍କା, ନୂଆଭୂଇଁ, ନାରାୟଣପ୍ରସାଦ, ସେରମୁଣ୍ଡ, ଜୟପୁର, ଝାଜିବନ୍ଧ, ଜେମାଦେଇପୁର, ଖଜୁରିଆ, ରଙ୍ଗଡାବ, ବାଘଧରିଆ, ବନ୍ଧହୁଡା, ପଦ୍ମପୁର, ଲେହାଙ୍ଗ, ଭାଲିଆଡିହିକି.ଛଅଅଣା, ଭାଲିଆଡିହିକି.ଦଶଅଣା, ମୁରାରିପୁର, ପାଏକବାରବାଟି, ତଅଁଳାମଧୁପୁର, ବ୍ରହ୍ମୋତ୍ତର ରଘୁନାଥପୁର, ଜଏମଙ୍ଗଳ, କୃଷ୍ଣଚନ୍ଦ୍ରପୁର, ଗୁହାଳସାହି, ମଥୁରାପୁର, ସାନ୍ତରାପୁର, ବ୍ରାହ୍ମଣୀ, ଭାଲିଆଡିହା, ଭଗତପୁର, ରାମଚନ୍ଦ୍ରପୁର / ରାମଚନ୍ଦ୍ରପୁର, ଜନ୍ତାରିଆ, ରନସିଂପୁର, କାକୁଡ଼ିଆ, ମଣ୍ଡାତୁଠ | ନରସିଂହପୁର | କଟକ |
| 5. | କଂସରା, ଆମ୍ବିଠି, କୁରୁମିଠା, ବରଡ଼ାପାଳ, କାଇ ସଂରକ୍ଷିତ ଜଙ୍ଗଲ, ସୁନ୍ଦରାପାଳ, ନୂଆକୋଟ, ବାଉଁଶପୋଖରୀ/ବାଉଁଶ ପୋଖରୀ, ହିନ୍ଦୋଳ, ଢ଼ୋଲପଥର/ଢ଼ୋଲପଥର, ରାଧାନାଥପୁର, କମଣ୍ଡଳେଇ, ପଠାଣିପୋତା, ନରସିଂହପୁର, ସଂରକ୍ଷିତ ଜଙ୍ଗଲ, ଦିଅରପଶି/ଦିଅରପଶି, ଗୋବର୍ଦ୍ଧନପୁର, କଣ୍ଟାପାଳ, ଦନେଇବାହାଲ, କଣ୍ଟାମିଳ/କନ୍ତାମିଲା, ଗୋହିରା ଛୋଡ଼, କରାବିରା, ଜୟପଙ୍ଗା, ହାତୁରା, ଜନାର୍ଦ୍ଦନପୁର, ପୁରୁଷୋତ୍ତମପୁର, ନିଜିଗଡ଼, ନିଜିଗଡ଼, ନିଜଗଡ଼, ରାଜମୋହନପୁର, ବଳସର, ପଡା, ତଣ୍ଟିଚିରା, କାନ୍ଦରାଶୁଣି, ଦଳକା | ହିନ୍ଦୋଳ | ଢ଼େଙ୍କାନାଳ |
| 6. | ଗୁଡିଆନାଲି , ଗୁଡିଆପଲ୍ଲି, ବୁଢ଼ାମ୍ବ / ବୁଢାମ୍ବ , ଦେଓଗାଁ, ଦ୍ୱାର ବଗଡ଼/ଦ୍ୱାରବଗଡ଼, ମୁକ୍ତାମାଳା ଚମ୍ପେଇତପୁର/ମୁକ୍ତାମାଳ ଚମ୍ପେଇତପୁର, ଖଇରପଲ୍ଲି, ଖାଜାପଲ୍ଲୀ, ବାହାଲପଲି/ବାହାଲପଲ୍ଲୀ , ରିଷିପୁର, ରିଷିପୁର, ଖଜାପଲ୍ଲୀ, ବଡ଼ମହୁରୀ, ବଳିହତା, ସନାଉସ୍ତାପଡା | କବିସୂର୍ଯ୍ୟନଗର | ଗଂଜାମ / ଗଞ୍ଜାମ |
| 7. | କାଠଗଡ଼ା, ଖାଟଗଡ଼ା, | ଗଂଜାମ / ଗଞ୍ଜାମ | ଗଂଜାମ / ଗଞ୍ଜାମ |
| 8. | ତାମ୍ବେରୀ, ବିରଞ୍ଚିପୁର, ଆଦିପୁର | ଘୁମୁସର | ଗଂଜାମ / ଗଞ୍ଜାମ |
| 9. | ସିଦ୍ଧପୁର, ସିଦ୍ଧିପୁର, ଗୋବା, ଖୁରିଗାଁ/ଖୁରିଗାମ, ରଙ୍ଗମାଟିଆ ନଳିନାକ୍ଷପୁର/ ରଙ୍ଗମାଟିଆନଳିନାକ୍ଷପୁର, ମହାନନ୍ଦପୁର, ମହାନାଦପୁର, ସିଙ୍ଗିପୁର, ବଡମାଧପୁର, ବରଙ୍ଗ, ଭାଗିରଥିପୁର, ବଉଳଗାଁ, ରୁକୁଣିଗାଁ, ଦିବ୍ୟସିଂହପୁର, ବିରିପୁର, କରାତଳି, କତୁରୁ, ପାଟପୁର, ଲଣ୍ଡାବାଉଁଶ, ଶ୍ରୀରାମପୁର, ଦନେଇବ୍ରହ୍ମପୁର, ଭିକାରୀପଲ୍ଲୀ / ଭିକାରିପଲି, ବହୁଳଗାଁ, ବିପୁଲିଙ୍ଗି, ବିପିଲିଙ୍ଗି, ଝରପୋଖରୀ, ଲୋକନାଥପୁର, ସୁନ୍ଦରପୁର, ସାନ୍ତରାପୁର, ବରଗାଁ, ଘଡ଼ଘଡ଼ାପଲ୍ଲି, ନନ୍ଦପଣ୍ଡାପଲି, ସରଭିମପୁର, ପଟଲାମପୁର, ମୁନିସିପେଣ୍ଟ, ଗାଙ୍ଗନାପୁର, ହମୁରିଧରମାଶ୍ରଣପୁର, ବାଲାସିଂହାପଲ୍ଲୀ | ଛତ୍ରପୁର | ଗଂଜାମ / ଗଞ୍ଜାମ |
| 10 | ଗୁଣ୍ଡିସାହି, ଖଇରନଟି, ମହୁଲିଆଗଡ଼, କୁମ୍ଭାପଡ଼ା, ସୁଗୁମ, ବେଗୁନିଆଡ଼ିହ, ପଞ୍ଚଭୂତି, ଚଢ଼େୟାପଲ୍ଲୀ, ଝାଡ଼ସାହି, ଯାତ୍ରା / ଜାତ୍ରା, କୁମୁଣ୍ଡି, ଚାଞ୍ଚଡ଼ାପଲ୍ଲୀ, ନୂଆପଲି, କରଡ଼ାପଲ୍ଲୀ, କରଡ଼ା, ଧୋଡ଼ାପଲ୍ଲୀ, କୁମୁଣ୍ଡା, ମଳିଙ୍ଗି, ଶିଶୁଣ୍ଡା, ବୁଡୁରୁଙ୍ଗୁ, ଟେନିବେରି, ନନାକତୁରୁ, କାନକଜୁରୁ, କୁଶାପଲ୍ଲୀ, ଶିଶୁଣ୍ଡା, କମାସାରଗଡ, | ଜଗନ୍ନାଥପ୍ରସାଦ / ଜଗନ୍ନାଥପ୍ରସାଦ | ଗଂଜାମ / ଗଞ୍ଜାମ |
| 11 | ଅରଖପୁର, ନଘରିଆଦାଣ୍ଡିମାଳତେନ୍ତୁଳିବଗଡ଼, ନଘରିଆଦାଣ୍ଡିମାଳତେନ୍ତୁଳିବଗଡ଼, ଚିଙ୍ଗୁଡ଼ିଘାଇ, ଶିକୁଳା, କରନ୍ଦାପଲ୍ଲୀ/କରନ୍ଦାପଲି, ଧୋବାପଲ୍ଲୀ, ଖତାଡ଼ି, ସମା, ସମା, ବରପଲ୍ଲୀ/ବରପଲୀ, ରାଣୀଗାଁ/ରାଣୀଗାଆଁ, ଦେଉଳପଲି, ବଡ଼ବରଗାଁ, ବେଲୁଆ/ବେଲୁୟା, ମେଣ୍ଢାପଲ୍ଲୀ, ଗୋଠିଆଳି, ଗୁରିହିଆଳି, ପ୍ରତାପପୁର, ଜଳଶ୍ୱରଖଣ୍ଡି/ଜଳଶ୍ୱରଖଣ୍ଡି, ହିନ୍ଦୁଲାପଲ୍ଲୀ/ହିଣ୍ଡୁଳା ପଲ୍ଲି /ହିନ୍ଦଲାପଲ୍ଲୀ, ପଦର ନଳିନାକ୍ଷପୁର/ପଦରନଳିନାକ୍ଷପୁର, କମଳିକାସାନାସାସନ, କମାନଳୀନାକ୍ଷପୁର, ବାଲିଆ, ହିନ୍ଦୋଳା/ହିନ୍ଦୁଲା, ଅଲାଡ଼ିଗାଁ, କୁଶପୁର, ବାଘଳା, ପଦ୍ମାବତୀ /ପଦ୍ମାବତୀ, ଆଙ୍ଗୁ, ବେଲୁଆବିଜେବାଲୁଙ୍କେଶ୍ୱରପୁର, ମୂଳକୁମାରୀ, ପାଲିଆମା, ମୂକୁମାରୀ, କୁଶପଟା, ଖାଜିପଲ୍ଲୀ, ଗୋଠିଆଳିଖେତ / ଗୋଠିଆଳିଖେଟା, ହିନ୍ଦୋଳା, ସୁନାଥର, ଗୋଠିଆଳିଖେଟା, ବଡ଼ଖାପଲ୍ଲୀ, ଭେଜିପୁଟ, ଭୋଡୁଆ | ପୁରୁଷୋତ୍ତମପୁର | ଗଂଜାମ / ଗଞ୍ଜାମ |
| 12 | ଚିରିକିପଡ଼ାଶାସନ, ବିରିପୁର, ବଡପଙ୍କୁଆବାଡି, ବଦପଙ୍କଲାବାଡି, ନରସିଙ୍ଗପଲ୍ଲି, ତେନ୍ତୁଳିଆ, ବଣରାମଚନ୍ଦ୍ରପୁର, ବଣରାମଚନ୍ଦ୍ରପୁର, ସାନବରଗାଁ, ମଧୂପଲୀ/ମଧୁପଲ୍ଲୀ, ନିମିନା, ଜିଲୁଣ୍ଡା , ପାତିଗଡ଼/ପାତିଗୁଡା, ପାତିଗଡ଼, କାଶିନାଥପୁର, ସିଦ୍ଧପୁର, ସିଦ୍ଧିପୁର, ବାଲିଘାଇ, ହରିଚନ୍ଦନପୁର, ହରିଶ୍ଚନ୍ଦନପୁର, ବନ୍ଥପଲ୍ଲୀ (ପୁରୁଣା), ବନ୍ଥପଲ୍ଲୀ, ବନ୍ଥପଲ୍ଲୀ, ମହିରକଣା, ମଥୁରା, ହାତୀବାଡ଼ି, ମାର୍ଦା/ମାର୍ଦ୍ଧା, କାକୁଡ଼ିଆ , ଭାବରଡ଼ା, ବଉଦିଆପଲ୍ଲୀ, ବୁଢ଼େଇଶୁଣି, ଦେଉଳପେଡ଼ି, କଣିଆପଲ୍ଲୀ, ସୁନାରିବୁଗୁଡ଼ା, ସୁନାରି ବୁଗୁଡ଼ା, ଉସ୍ତାପଡ଼ା, ନୁଣିଘାଟିଗୋପିନାଥପୁର, ତିରିବିରି, କୁମ୍ଭୀର ଗାଡ଼ିଆ ମୁକ୍ତାଦେଇପୁର / କିମ୍ଭୀର ଗାଡ଼ିଆ ମୁକ୍ତାଦେଇପୁର, ନରସିଂହପୁର, ହରିଶ୍ଚନ୍ଦ୍ରପୁର | ପୋଲସରା | ଗଂଜାମ / ଗଞ୍ଜାମ |
| 13 | କରଚୁଲିସଂରକ୍ଷିତ ଜଙ୍ଗଲ, ବୁରୁରୁଙ୍ଗୀ ସଂରକ୍ଷିତ ଜଙ୍ଗଲ, ବେଲଗୁମା, ମକରାପଲ୍ଲି, ତାମ୍ବେରି, ମାଣିତରା, ଭୋଗଡ଼ା/ଭୋଗରା, ନଗୁଡୁ/ନାଗାଡୁ/ନଗୁଡୁ, ସଙ୍କୁରୁ, ପଙ୍କାଳବାଡ଼ି, ପାନକଲାସାହି/ପଙ୍କଲାସାହି, କରଡ଼ା ବାଡ଼ି, ବିରଞ୍ଚିପୁର, ଆଦିପୁର, କୈଳାସ ନଗର / କୈଳାସନଗର, କତକଲା/କଟକଲା, ଜଙ୍ଗଲ, ବୁଗୁଡ଼ା, କାଦପଡା, କୁଆନଳା, ଶତୃସଲ, ଗୋଲିଆ, କୁଶପଲ୍ଲୀ, ଚିରିକିପଡ଼ା, ଚିଲିଖମା, ଦଦରାଖୋଲ, କଣ୍ଡ୍ରାଇ, ଖଇଞ୍ଚିପଡ଼ା, ତାମ୍ବିରି, ଭାମସିଆଲି /ଭାମ ଶିଆଲି, କତକଲା, ବୀର ଧନୁର୍ଜୟ ପୁର/ବୀରଧନୁର୍ଜୟପୁର, ବେତାରସିଙ୍ଗ, କାଞ୍ଜିଆପଲୀ, ଗୋଳାବନ୍ଧ, ଚିଲିଖମା | ବୁଗୁଡ଼ା | ଗଂଜାମ / ଗଞ୍ଜାମ |
| 14 | ଦେଉଳପଲି, ଦେଉଳପଲ୍ଲୀ, କରଞ୍ଜରା/କରଞ୍ଜାରା, ଚାନ୍ଦପୁର/ଚାନ୍ଦପୁର, ଚାନ୍ଦପୁର ଓରଫ ଚନ୍ଦନପୁର, ସାନମାଧପୁର, ନିଲସାପୁର, ବିଲାସପୁର, ଚେଲ୍ଲୁ | ଖଲ୍ଲିକୋଟ | ଗଂଜାମ / ଗଞ୍ଜାମ |
| 15 | ଲଣ୍ଡାବାଦୁ, ସୁଣ୍ଠିଝୋଲା, ସାନଦୁରୁପା, ଡହଙ୍ଗି, ପାଇକବାଙ୍କତରା, ଝାଡସାହି, ଗିରିଡିପଲି, ପାଣଖଜୁରିଆ, ପାଣ୍ଡିରିପଡା, ପଥରପଲ୍ଲୀ, ତଣ୍ଟିଭୂଷାପଲୀ, ତୋଟାସାହି, କୁରାଳ, ଧଝୋଲା, ସୁନାମୁହଁ, ହନୁମନ୍ତିଆ, ନାଉରିଆଗୋଡା, ମହୁଲିଆଗଡ, ମହେଶ୍ୱରପୁର, ବାହାଡାଝୋଲା, ମହୁଲିଆ, ପଥରାପଲି, ବେବର୍ତ୍ତାପଲି, ପଞ୍ଚୁପାଣ୍ଡବ, କାମାସାରାଗଡ, ଜୟପୁର, ନାଥିଆପଲ୍ଲି, ଉଦୟପୁର | ଓଡଗାଁ | ନୟାଗଡ଼ |
| 16 | ରାଏମ୍ବା, ସିଙ୍ଗିବାରୀ, ପଥରା, କୁଶମଡା, ଆମ୍ବଅଠା, ଜାକଲା, କନ୍ଧପଥରାପଲ୍ଲୀ, କୁଟୁକୁଣୀ, କୃଷ୍ଣଚନ୍ଦ୍ରପୁରପାଟଣା, ପଙ୍କାଳ, ପଙ୍କାଳ, ସିଧାମଳା, ଘୋଡାମାରି ଦୁଆର, ନୃସିଂହପ୍ରସାଦ, ବାଦଭୂଇଁ, ରୟତିଢୋଲମରା, ମଇଁସିବିନ୍ଧା, ବରପଲି, ପାଇକଢୋଲମରା, ଅଁଳାପଟା, କୁମ୍ଭାରପଡା, ଶରଧାପୁର, ବଡପୋଖରିଆ, ରାମଚନ୍ଦ୍ରପୁର/ରାମଚନ୍ଦ୍ରପୁର, ସାପୁଆ ସଂରକ୍ଷିତ ଜଙ୍ଗଲ , ଅଁଳାପଟା, ସୋଲପୋଖରୀ, ସାପୁଆ, ମଧୁପୁର, କୋସକା, କନ୍ଧପଥରାପଲ୍ଲୀ, ସିଙ୍ଗପୁର, ବଳରାମପ୍ରସାଦ, କୃଷ୍ଣଚନ୍ଦ୍ରପୁର, ସିଧାମୁଳା, ଶରଧାପୁର, କୃଷ୍ଣପଲ୍ଲୀ, କନ୍ଧପଥର, ଢୋଲମରା | ଖଣ୍ଡପଡ଼ା | ନୟାଗଡ଼ |
| 17 | ଖଳିସରା, ରଗଡ଼ିସାହି, ହରିରାଜପୁର ଓରଫ ନଙ୍ଗଳକଣ୍ଟା, ପତୁରିଆ, ପାଣ୍ଡରାସିଙ୍ଗା, ଗୋପାଳପ୍ରସାଦ, ଇନ୍ଦିପଟା, କିଶୋର ପ୍ରସାଦ/କିଶୋରପ୍ରସାଦ, କାଳିଆପଡା, ପୂର୍ଣ୍ଣଚନ୍ଦ୍ରପୁର, ଗୋକୁଳ, ପତଣ୍ଡା, ଗଣିଆ, ଜଙ୍ଗଲ, ମହାନଦୀ ସଂରକ୍ଷିତ ଜଙ୍ଗଲ , ଗୋପାଳପୁର, ଏରଣ୍ଡିପଥର, ବାରନାଥମୁଣ୍ଡିଆ, କରଡ଼ାପଡ଼ା, ବେଲପଡ଼ା ବେଛପୁରି, ବେଲପଡ଼ାପାଟଣା, ବିଜୟନଗର, ପୂର୍ଣ୍ଣଚନ୍ଦ୍ରପୁର, ବିନ୍ଧ୍ୟଗିରୀ, ବେଲପଡ଼ା ବେଛପୁରି, ଗୋପିବଲ୍ଲଭପୁର, ବାଲିସାହି, ଦୁଃଖପାଇକରା | ଗଣିଆ | ନୟାଗଡ଼ |
| 18 | ଭାଲିଆପଦର | ଦଶପଲ୍ଲା | ନୟାଗଡ଼ |
| 19 | ରାମପଲି, ଜଙ୍ଗଲ, ପଙ୍କାଳସାହି | ନୟାଗଡ଼ | ନୟାଗଡ଼ |
| 20 | ହାତିଆଶିଳା, ଜୋଡାସାହି, କଣ୍ଟିଆମ୍ବା, ନଇତଇଳା, ରାମଜେନା, ଆମ୍ବଝରି, କାଚପଲି / କାଚ୍‌ପଲି, ଭାଲିଆପଦର, ସଁପଡା / ସଂପଡା, ମସକାବାରି, କପାଗଡୁ, ବାଲନ୍ଦା, କାସିଆରି , ଅଭୟପୁର, ପାରାଢିପ, କରଡାପଲି / କରଡ଼ାପଲ୍ଲୀ , ପୋକାସୁଙ୍ଗା , ବ୍ରାହ୍ମଣଦେଇ, ରାମପଲି, କୁଶବିଡା, ଚଡକମରା / ଚଡ଼କମରା, କେନ୍ଦୁବଣିଆ, ସୁରୁକାବାରି, ବଡତଇଳା, ସାନଦୁରୁପା, ବଡଦୁରୁପା, ତୁରୁତୁରୀ, ଓଡ଼କପା, ସେନ୍ତେରୀ, ପୁରୁଣାପାଣି, ସିଙ୍ଗାରପଲି / ସିଙ୍ଗରାପଲ୍ଲୀ, କଇଥପଲି, ସୁଣ୍ଠିଝୋଲା, କାଳିଆମ୍ବା, ଘଡେଇବନ୍ଧ, ଆମ୍ବପଡା, ନୂଆଗାଁ, ଜାମୁଝୋଲା, ବାହାଡାଝୋଲା, ହରିପୁର, ଶିଆରିମାଳ / ସିଆରିମାଳ, ବନ୍ଧାଭୂଇଁ, ଯୟପୁର / ଜୟପୁର, ବାହାଡାଝୋଲା, କସିକିଆରି, ବେରୁଆଁବାରୀ, ଅମେଇଁମୁହି, ସିଙ୍ଗପୁର, ବଡବେରଣା, ଜୟପଲୀ/ଯୟପଲୀ, ହାତିମୁଣ୍ଡା ସଂରକ୍ଷିତଜଙ୍ଗଲ, ଉଦୟପୁର, ବାରକାଥୁଆଲାରି, ଯିଗିନିପଡା, ଚଢେଇମରା / ଚଢ଼େଇମରା, ଲଡୁକେଶ୍ୱରପୁର, ଶିଖରଗୋଛା, କୋରଡା / କୋରଡା,. ମୁଦରାଙ୍ଗ, ରାଣୀ ମହଲ, ବଡକାଠୁଆବାରି, ବ୍ରଜସୁନ୍ଦରପୁର, ସିଙ୍ଗାପୁର, ଗୋହିରବାଦୁ, ଗୁଣ୍ଡୁରାସାହି, ବଡତଇଳା, ବାମୁରି,ଭାଟସାହି, ବଡକାଠୁଆବାରି, କାନବଙ୍କ, କୁସାକଟା, କଖାରୁମଡା | ନୂଆଗାଁ | ନୟାଗଡ଼ |
| 21 | ରାଣୀମହଲ, ସୁର୍କାବାଡି, ବ୍ରଜସୁନ୍ଦରପୁର | ରଣପୁର | ନୟାଗଡ଼ |
| 22 | କୁକୁଡ଼ିଆ | କୋଦଳା | ଗଂଜାମ / ଗଞ୍ଜାମ |
| 23 | କରଚୁଲି ସଂରକ୍ଷିତ ଜଙ୍ଗଲ, ବୁରୁରୁଙ୍ଗୀ ସଂରକ୍ଷିତ ଜଙ୍ଗଲ, କାଇ ସଂରକ୍ଷିତ ଜଙ୍ଗଲ, ସାପୁଆ ସଂରକ୍ଷିତ ଜଙ୍ଗଲ, ହାତିମୁଣ୍ଡା ସଂରକ୍ଷିତ ଜଙ୍ଗଲ, ମହାନଦୀ ସଂରକ୍ଷିତ ଜଙ୍ଗଲ, ଆମ୍ବିଠି ସଂରକ୍ଷିତ ଜଙ୍ଗଲ, ନନ୍ଦନିଆ ସଂରକ୍ଷିତ ଜଙ୍ଗଲ, ମଇଁସିବିନ୍ଧା ସଂରକ୍ଷିତ ଜଙ୍ଗଲ, କଂସରା ସଂରକ୍ଷିତ ଜଙ୍ଗଲ, ପଞ୍ଚୁପାଣ୍ଡବ ସଂରକ୍ଷିତ ଜଙ୍ଗଲ, ଦେଭୁଇଁ ସଂରକ୍ଷିତ ଜଙ୍ଗଲ, ବାହାଡାଝୋଲା ସଂରକ୍ଷିତ ଜଙ୍ଗଲ, ପଲାବା ସଂରକ୍ଷିତ ଜଙ୍ଗଲ | | |

a) ଗୋପାଳପୁର- ଗୋପାଳପୁର(ଓପିଟିସିଏଲ) 400 କେଭି ଡି/ସି (କ୍ୱାଡ) ଲାଇନ

| କ୍ର. ନଂ | ଗ୍ରାମର ନାମ | ତହସିଲ | ଜିଲ୍ଲା |
|---|---|---|---|
| 1 | ବଡକୁଶସ୍ଥଳି, ସାନକୁଶସ୍ଥଳି, ବାଲାଗିପଲ୍ଲୀ, ଝଡାଙ୍ଗୁଲି, ଗୁରୁଣ୍ଟି, ଲୁହାଝର, ସାତକୁଟୁଣି | ବ୍ରହ୍ମପୁର | ଗଂଜାମ / ଗଞ୍ଜାମ |
| 2 | ସାମନ୍ତରାପୁର, ସନ୍ତରାମପୁର, ତାଲାପଲ୍ଲୀ, କାଟୁରି, ଲୋକନାଥପୁର, କାମାପଲ୍ଲୀ, ଗୋଲାପାଲି, ଶିଖାପାଲି, ବ୍ରାହ୍ମଣିଆ ପଲ୍ଲୀ, ପାଇତାରୀ, ସୁନ୍ଦରପୁର, ନୌପାଲି, ଜଗତାପଲ୍ଲୀ, କେଉଟାପଲ୍ଲୀ, ବାଗରପଲ୍ଲୀ, ବାଲରାମପୁର, ମାଧୁଆ, ବ୍ରାହ୍ମଣିପଲ୍ଲୀ, ସିନ୍ଦୁରାପଲି, ଚିକଲଖଣ୍ଡି, ତୋଟାପଲ୍ଲୀ, ଗୋବିନ୍ଦପୁର, କରାତଳି, ଶ୍ରୀରାମପୁର, ଲଣ୍ଡାବାଉଁଶ, ଭିକାରୀପଲ୍ଲୀ, ଭିକାରିପଲି, ସାନ୍ତରାପୁର, ନରସିଂହପୁର, ନରସିଙ୍ଗପୁର, କରାପଲି, କରାପଲ୍ଲୀ, ନୁଆଁପାଇତାରୀ, ନାଉଲି, ଲକ୍ଷ୍ମୀପୁର, କୃଷ୍ଣଚନ୍ଦ୍ରନଗରଡ଼ିହ, ନଗରଡିହ (ନୁଆ), ଟାଙ୍ଗଣାପଲ୍ଲୀ, ସିତଲାପଲ୍ଲୀ, ବଡ଼ା କୃଷ୍ଣାତାଲି, ନରେନ୍ଦ୍ରପୁର, ଦନେଇ ବ୍ରହ୍ମପୁର, ପାଟପୁର, ରଘୁନାଥପୁର, କତୁରୁ, ବିପିଲିଙ୍ଗି, ଝର ପୋଖରୀ, ଲୋକନାଥପୁର, ସୁନ୍ଦରପୁର, ବାଲିବଗଡ଼, ବାଳକୃଷ୍ଣପୁର | ଛତରପୁର/ଛତ୍ରପୁର | ଗଂଜାମ / ଗଞ୍ଜାମ |
| 3 | ବଡକୁଶସ୍ଥଳି, ସାନକୁଶସ୍ଥଳି, ଲୁହାଝର, ସାତକୁଟୁଣି, ପଲ୍ଲିଗୁମୁଳା | କନିସି | ଗଂଜାମ / ଗଞ୍ଜାମ |
| 4 | ନୂଆପଲ୍ଲୀ, ଗୁରୁଣ୍ଟି | ଖଲ୍ଲିକୋଟ | ଗଂଜାମ / ଗଞ୍ଜାମ |
| 5 | ସିତଳପଲି | ପୋଲସରା | ଗଂଜାମ / ଗଞ୍ଜାମ |

ମାର୍ଗ ବିନ୍ୟାସର ନକଲ ସ୍ୱାକ୍ଷର କରିଥିବା ବ୍ୟକ୍ତିଙ୍କ କାର୍ଯ୍ୟାଳୟରେ ଉପଲବ୍ଧ। ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ଦୁଇ ମାସ ମଧ୍ୟରେ, 07.05.2025 ପୂର୍ବରୁ ଲିଖିତ ଭାବେ ଅଧସ୍ତନ ସ୍ୱାକ୍ଷରିତ ବ୍ୟକ୍ତିଙ୍କ କାର୍ଯ୍ୟାଳୟକୁ ପ୍ରସ୍ତାବିତ ପ୍ରସାରଣ ପ୍ରଣାଳୀ ଉପରେ ପର୍ଯ୍ୟବେକ୍ଷଣ / ପ୍ରତିନିଧିତ୍ୱ କରିବାକୁ ସାଧାରଣ ଜନତାଙ୍କୁ ବିଜ୍ଞପ୍ତି ଦିଆଯାଇଛି। ଅଧିକ ବିବରଣୀ ଏବଂ ସ୍ପଷ୍ଟୀକରଣ ପାଇଁ ଦୟାକରି ଯୋଗାଯୋଗ କରନ୍ତୁ।

ନାମ : ତୁଷାର ମନୋହର ଧାଂଡେ
ପଦବୀ : ସିଇଓ (ମୁଖ୍ୟ ନିର୍ବାହୀ ଅଧିକାରୀ)
କାର୍ଯ୍ୟାଳୟ ଠିକଣା : 104ବି, 191/ଏ, ଖାରବେଳ ନଗର, ୟୁନିଟ୍-03, 11ତମ ଷ୍ଟ୍ରିଟ୍, ଭୁବନେଶ୍ୱର, ଓଡ଼ିଶା-751001,
ଇମେଲ ଠିକଣା : tushardhande@tatapower.com,
ଫୋନ୍ ନଂ. / ଫ୍ୟାକ୍ସ ନମ୍ବର : 9223581895

## ସଂକ୍ଷେପରେ

### ଗୌତମ ନଗର ଉନ୍ନୟନ ପରିଷଦର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,୬।୩(ସୁଚିସ୍ମିତା ସାହୁ): ଗୌତମ ନଗର ଉନ୍ନୟନ ପରିଷଦର ୨୧ତମ ସାଧାରଣ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଶୋକ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହିତ ଅଧିବେଶନ ବିବରଣୀ ପାଠ କରିଥିଲେ। ଏହାପରେ ଗୌତମନଗରର ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ଆଲୋଚନା ହୋଇଥିଲା। ଆଗାମୀ ୩ ବର୍ଷ ପାଇଁ ନୂତନ କମକର୍ତ୍ତାଙ୍କ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ଅଶୋକ ମହାପାତ୍ର, ଉପସଭାପତି ଗୁରୁଚରଣ ଦାଶ, ପ୍ରେମାନନ୍ଦ ପଟ୍ଟନାୟକ, ସମ୍ପାଦକ ଭାବେ ବିଶ୍ୱ ରଞ୍ଜନ ପଟ୍ଟନାୟକ, କୋଷାଧକ୍ଷ ଭାବେ ଅନଙ୍ଗ ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭାବେ ଅଶୋକ କୁମାର ଦାଶ, ଦିଲ୍ଲୀପ କୁମାର ଲେଙ୍କା ନିର୍ବାଚିତ ହୋଇଥିଲେ। ଶେଷରେ ଗୁରୁ ଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଗୌତମନଗର ଅଧିକାଂଶ ବାସିନ୍ଦା ଯୋଗ ଦେଇଥିଲେ।

### ବିଏମ୍‌ସି ଅଞ୍ଚଳର ୧୨୬ ମହିଳା ଆରୋଗ୍ୟ ସମିତି ପୁରସ୍କୃତ

ଭୁବନେଶ୍ୱର, ୬।୩ (ବନ୍ଦନା ସେଠୀ)- ଭୁବନେଶ୍ୱର ମହାନଗର ନିଗମସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଗୁରୁବାର ୟୁନିଟ-୪ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାନଗର ଅଞ୍ଚଳର ୪ଶହରୁ ଅଧିକ ମହିଳା ଆରୋଗ୍ୟ ସମିତି ସଦସ୍ୟା ଯୋଗଦେଇଥିଲେ। ଗୋଷ୍ଠୀ ମଧ୍ୟରେ ସଚେତନତା ଓ ସରକାରୀ ସ୍ୱାସ୍ଥ୍ୟସେବାର ଚାହିଦାକୁ ବଢ଼ାଇବା ପାଇଁ ମହିଳା ଆରୋଗ୍ୟ ସମିତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଥାଏ। ମୁଖ୍ୟତଃ ବସ୍ତି ଅଞ୍ଚଳରେ ପରିମଳ, ସ୍ୱାସ୍ଥ୍ୟ, ଟିକାକରଣ ଏବଂ ମା' ଓ ଶିଶୁ ସ୍ୱାସ୍ଥ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମିତି ସଦସ୍ୟାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୧୨୬ଟି ମହିଳା ଆରୋଗ୍ୟ ସମିତିକୁ ପୁରସ୍କୃତ କରାଯାଇଥିଲା। ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁଙ୍କ ସହ କର୍ପୋରେଟର ଅଲିଅଳି ମଲିକ, ଅତିରିକ୍ତ ନିର୍ଦ୍ଦେଶକ (ସହରାଞ୍ଚଳ ସ୍ୱାସ୍ଥ୍ୟ) ଡା. ପୁଷ୍ପିତା ମହାନ୍ତି, ମୁଖ୍ୟ ମହାନଗର ନିଗମ ଚିକିତ୍ସା ଅଧିକାରୀ ଡା. ସିଦ୍ଧାର୍ଥ ଶଙ୍କର ରାୟ ଉପସ୍ଥିତ ଥିଲେ।

### ଘିଅଟିଣରେ ଥିବା ମହାପ୍ରଭୁଙ୍କ ଫଟୋକୁ ଅସମ୍ମାନ ଅଭିଯୋଗ

ପୁରୀ,୬।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗୁରୁବାର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଥିଲା। ଓମଫେଡ କମ୍ପାନୀ ଘିଅ ଟିଣରେ ମହାପ୍ରଭୁଙ୍କ ଛବି ଲଗାଇବା ସହ ଅନ୍ୟ ପ୍ରସଙ୍ଗକୁ ନେଇ ସରଗରମ ଆଲୋଚନା ହୋଇଛି। ଏନେଇ ସୁଆର ମହାସୁଆର ନିଯୋଗର ବରିଷ୍ଠ ସେବାୟତ ଦାମୋଦର ମହାସୁଆର କହିଛନ୍ତି, ଓମ୍‌ଫେଡ କମ୍ପାନୀ ଘିଅ ଡବାରେ ଜଗନ୍ନାଥଙ୍କ ଫଟୋ ରହିଥିବା ବେଳେ ଘିଅ ବ୍ୟବହାର ପରେ ଡବାକୁ ରାସ୍ତାରେ ଫିଙ୍ଗାଯାଉଛି। ଏହା ମହାପ୍ରଭୁଙ୍କ ପ୍ରତି ଅପମାନ ସଦୃଶ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଏନେଇ ଓମ୍‌ଫେଡ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ।

# ଭୁବନେଶ୍ୱରରେ ଭାରତୀୟ ନୌସେନା କାର୍ ରାଲି

## ଦେଶର ଗୌରବମୟ ସେବାକୁ ଅଧିକ ଋଦ୍ଧିମନ୍ତ କରିବ: ରାଜ୍ୟପାଳ



ଭୁବନେଶ୍ୱର,୬।୩(ସୁଚିସ୍ମିତା ସାହୁ)



ନୌସେନା ଅଧିକାରୀ ଓ କର୍ମଚାରୀଙ୍କ ସହ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି।

ଭାରତୀୟ ନୌସେନାର ଏକ ମୋଟର କାର୍ ରାଲି ଭୁବନେଶ୍ୱରରେ ପହଞ୍ଚିଛି। ଏହି ଅବସରରେ ରାଲିରେ ଅଂଶ ଗ୍ରହଣ କରିଥିବା ନୌସେନାର ଅଧିକାରୀ ଓ କର୍ମକର୍ତ୍ତାମାନେ ଗୁରୁବାର ରାଜଭବନରେ ପହଞ୍ଚି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟିଙ୍କ ସହ ଭାବ ବିନିମୟ କରିଥିଲେ। ନୌସେନା ଅଧିକାରୀମାନେ ଯୁବ ସମୁଦାୟ ଏବଂ ନାଗରିକଙ୍କ ନିକଟରେ ପହଞ୍ଚି ଭାରତୀୟ ନୌସେନାରେ ଥିବା କ୍ୟାରିୟର ସମ୍ଭାବନା ସମ୍ପର୍କରେ ସଚେତନ କରାଉଥିବା କହିଥିଲେ। ରାଜଭବନ ଅଭିଷେକହଲ୍‌ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ କହିଲେ, ଭାରତୀୟ ନୌସେନାର ଏକ ସମୃଦ୍ଧ ଇତିହାସ ରହିଛି। ନୌସେନା ପକ୍ଷରୁ ଦେଶର ପୂର୍ବ-ତଟରେ କାର୍ ରାଲି ଦେଶ ପ୍ରତି ଏହାର ଗୌରବମୟ ସେବାକୁ ଅଧିକ ଋଦ୍ଧିମନ୍ତ କରିବ। ଦେଶର ସୈନିକ ସ୍କୁଲରେ ଝିଅମାନଙ୍କ ଆଡମିଶନ ପାଇଁ ପ୍ରଧାନମନ୍ତ୍ରୀ ନେଇଥିବା ଐତିହାସିକ ନିଷ୍ପତ୍ତିକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏଥିସହ ରାଜ୍ୟପାଳ ଭାରତୀୟ ନୌସେନା ସହ ତାଙ୍କର ସୁଖଦ ସ୍ମୃତି ମନେପକାଇ ଦେଶର ସୁରକ୍ଷା ପ୍ରତି ଭାରତୀୟ ନୌସେନାର ଉତ୍କର୍ଷତା, ସମର୍ପଣ ଏବଂ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଏକ ମହତ୍ ଉଦ୍ଦେଶ୍ୟ ନେଇ ଭାରତୀୟ ନୌସେନାର ଏଭଳି ମୋଟର କାର ରାଲି ଆୟୋଜନକୁ ରାଜ୍ୟପାଳ ପ୍ରଶଂସା କରିବା ସହିତ ସଫଳତା କାମନା କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଉପସ୍ଥିତ ଥିଲେ। ଲ୍ୟୁଟ୍‌ନାଣ୍ଟ କମାଣ୍ଡର ଅବିନାଶ କ୍ଷେତ୍ରୀଙ୍କ ନେତୃତ୍ୱରେ ଆସିଥିବା ଟିମ୍‌ର ଲ୍ୟୁଟ୍‌ନାଣ୍ଟ କମାଣ୍ଡର ଜୁବିନ ଜନ୍ ରାଲିର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସୂଚନାଯୋଗ୍ୟ, ଏହି ମୋଟର କାର ରାଲି ମାର୍ଚ୍ଚ ୩ରେ କୋଲକତାର ଆଇଏନ୍‌ଏସ୍ ସୁଭାଷରୁ ଶୁଭାରମ୍ଭ ହୋଇଥିଲା। ଏହି ଅଭିଯାନ ଆସନ୍ତା ୨୧ ତାରିଖ ମଧ୍ୟରେ କନ୍ୟାକୁମାରୀ ପର୍ଯ୍ୟନ୍ତ ଯାଇ ତାମିଲ୍‌ନାଡୁର ଚେନ୍ନାଇରେ ସମାପ୍ତ ହେବ। ଅଂଶଗ୍ରହଣକାରୀମାନେ ସ୍କୁଲ, କଲେଜ, ପରିଦର୍ଶନ କରିବା ସହ ଛାତ୍ରୀଛାତ୍ର, ଯୁବପିଢ଼ି, ନାଗରିକ ତଥା ନୌସେନାର ପୂର୍ବତନ ସୈନିକ, ବୀରାଙ୍ଗନାଙ୍କ ସହିତ ବାର୍ତ୍ତାଳାପ ଜରିଆରେ ନାରୀଶକ୍ତି ଓ ମହିଳା ସଶକ୍ତୀକରଣ ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ତଥା ଭାରତୀୟ ନୌସେନା ସମ୍ପର୍କରେ ସଚେତନ କରାଇବେ।



ଗୁରୁବାର ମାଟ୍ରିକ ପରୀକ୍ଷା ଶେଷ ହୋଇଛି। ଆଗକୁ ହୋଲି ଆସୁଛି। ତେଣୁ ପରୀକ୍ଷା ସରିବା ପରେ ଗୁରୁବାର ୟୁନିଟ୍-୯ସ୍ଥି କ୍ୟାପିଟାଲ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରୁ ବାହାରିବା ପରେ ଛାତ୍ରୀମାନେ ଖୁସିରେ ଅବିର ଲଗାଇ ପରସ୍ପରକୁ ହୋଲି ଶୁଭେଚ୍ଛା ଜଣାଉଛନ୍ତି। (ଫଟୋ- ବିକାଶ ନାୟକ)

## କୁଳସଚିବଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୬।୩(ସତ୍ୟଜିତ୍ ରାଉତ)

**ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରାବାସ କର୍ମଚାରୀଙ୍କ ପେନସନ୍ ମାମଲା**

ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି ଛାତ୍ରାବାସ ଓ ଛାତ୍ରୀନିବାସର କର୍ମଚାରୀଙ୍କୁ ପେନସନ୍ ପ୍ରଦାନ ମାମଲାରେ ରାଜ୍ୟ ମାନବ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି) ହସ୍ତକ୍ଷେପ କରିଛନ୍ତି। କମିଶନଙ୍କ ସଦସ୍ୟ ଅସୀମ ଅମିତାଭ ଦାସ ଏହି ମାମଲାର ଶୁଣାଣି କରି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୭ ତାରିଖକୁ ଧାର୍ଯ୍ୟ କରାଯାଇଥିବା ବେଳେ ଉକ୍ତ ଦିନ ରିପୋର୍ଟଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି।

ପିଟିଶନ୍ ଅନୁଯାୟୀ, ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି ଛାତ୍ରାବାସ ଓ ଛାତ୍ରୀନିବାସର କର୍ମଚାରୀଙ୍କ ଚାକିରି ୨୦୦୪ ନଭେମ୍ବର ୨୭ ତାରିଖରେ ନିୟମିତ ହୋଇଥିଲା। ସେମାନେ ଓଡ଼ିଶା ସିଭିଲ ସର୍ଭିସ ପେନ୍‌ସନ୍ ନିୟମାବଳୀ,୧୯୯୨ ଅନୁଯାୟୀ ପେନ୍‌ସନ୍ ପାଇବାକୁ ଯୋଗ୍ୟ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୨୦୨୨ ଅଗଷ୍ଟ ୮ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ହେଲେ ଏଯାଏ ଅବସରପ୍ରାପ୍ତ କର୍ମଚାରୀମାନେ ପେନ୍‌ସନ ତଥା ଗ୍ରାଚ୍ୟୁଇଟି ପାଇପାରିନାହାନ୍ତି। ଏପରିକି ମୃତ କର୍ମଚାରୀଙ୍କ ପରିବାର ମଧ୍ୟ ପରିବାର ପେନ୍‌ସନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଅବସରପ୍ରାପ୍ତ କର୍ମଚାରୀ ଓ ମୃତ କର୍ମଚାରୀମାନଙ୍କ ପରିବାର ବହୁ ଅସୁବିଧା ଅବସ୍ଥାରେ ଅଛନ୍ତି। ଏଭଳି ସ୍ଥିତିରେ ଅବସରପ୍ରାପ୍ତ କର୍ମଚାରୀ ଓ ମୃତ କର୍ମଚାରୀଙ୍କ ପରିବାରକୁ ତୁରନ୍ତ ପେନ୍‌ସନ ଓ ଗ୍ରାଚ୍ୟୁଇଟି ପ୍ରଦାନ କରିବାକୁ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ପୁରାତନ ଛାତ୍ର ତଥା ଆଇନଜୀବୀ ପ୍ରବୀର କୁମାର ଦାସ ରାଜ୍ୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ।

## ବେଆଇନ ଖଣି ଖନନ, ପରିବହନ ରୋକିବା ପାଇଁ ପ୍ରବର୍ତ୍ତନ ଅଭିଯାନ ବ୍ୟାପକ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୬।୩ (ବନ୍ଦନା ସେଠୀ)

ରାଜ୍ୟରେ ବେଆଇନ ଖଣି ଖନନ ଓ ପରିବହନ ରୋକିବା ପାଇଁ ପ୍ରବର୍ତ୍ତନ ଅଭିଯାନକୁ ବ୍ୟାପକ କରାଯିବ। ଏନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମସ୍ତ ଜିଲା କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ବାଲି ଓ ପଥର ଖାଦାନରେ ଚଢ଼ାଉ କରିବା, ଉତ୍ସ ସ୍ଥଳରେ ବେଆଇନ ଖଣି ଖନନ ଉପରେ ରୋକ୍ ଲଗାଇବା ଏବଂ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରିବାକୁ ସେ କହିଛନ୍ତି। ଗୁରୁବାର ମୁଖ୍ୟ ଶାସନ ସଚିବ ସମସ୍ତ ଜିଲାର ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସହ ଭିଡିଓ କନ୍‌ଫରେନ୍ସ ଯୋଗେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି କ୍ରମରେ ଲଘୁ ଖଣିଜ ପଦାର୍ଥର ବେଆଇନ ଖନନ ମାମଲା ବିଷୟରେ ଆଲୋଚନା ହୋଇଥିଲା। ଇ-ଟ୍ରାନଜିଟ୍ ପାସ୍ ବିନା ବେଆଇନ ଭାବେ ଖଣିଜ ପଦାର୍ଥ ପରିବହନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବେଆଇନ ଖଣିଜ ପରିବହନରେ କୌଣସି ଗାଡ଼ି ସମ୍ପୃକ୍ତ ଥିବା ପ୍ରାଥମିକ ସ୍ତରରେ ପ୍ରମାଣିତ ହେଲେ ସେଠାରେ ସେହି ବାହନକୁ ତୁରନ୍ତ ଜବତ କରାଯିବ। ଜିଲାପାଳ ଓ ଏସ୍‌ପି ମିଳିତ ଭାବେ ପ୍ରବର୍ତ୍ତନ ଅଭିଯାନ ପାଇଁ ରଣନୀତି ସ୍ଥିର କରିବେ। ଉପଖଣ୍ଡସ୍ତରୀୟ ଟିମ୍ ଏବଂ ରାଜସ୍ୱ ଖଣି, ପୋଲିସ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ନେଇ ଗଠିତ ତହସିଲସ୍ତରୀୟ ଟିମ୍ କାର୍ଯ୍ୟ କରିବେ। ଏଥିସହ ବାଲି, କଳାପଥର ଆଦିର ନୂତନ ଉତ୍ସଗୁଡ଼ିକର ସର୍ଭେ କରି ଚିହ୍ନଟ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଜିଲାକୁ ବର୍ତ୍ତମାନର ଉତ୍ସର ୧୫୦ଗୁଣ ନୂତନ ଉତ୍ସ ଚିହ୍ନଟ କରିବାକୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ଜିଲା ସର୍ଭେ ରିପୋର୍ଟ ଅଗଷ୍ଟ ସୁଦ୍ଧା ପ୍ରସ୍ତୁତ କରାଯିବ ଏବଂ ଅକ୍ଟୋବର ସୁଦ୍ଧା ଉତ୍ସଗୁଡିକ ନିଲାମ କରିବାକୁ ଲକ୍ଷ୍ୟ ରଖାଯାଇଛି। ବୈଠକରେ ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଉପସ୍ଥିତ ଥିଲେ।

## ୪୦୦ରୁ ଊର୍ଦ୍ଧ୍ୱ ଲିଟର ଦେଶୀମଦ ଜବତ

ବାରଙ୍ଗ, ୬।୩(ଲିଙ୍ଗରାଜ ରାଉତ):ବାରଙ୍ଗ ଥାନା ପୋଲିସ ଗୁରୁବାର ରାତିରେ ଏକ ଦେଶୀମଦ ବୋଝେଇ କାର୍‌କୁ ଜବତ କରି ଥାନାକୁ ଆଣିଛି। ସେଥିରୁ ପୋଲିସ ୪୦୦ ଲିଟରରୁ ଊର୍ଦ୍ଧ୍ୱ ମଦ ଜବତ କରିଛି। ସୂଚନାଯୋଗ୍ୟ, ଆଠଗଡ଼ ଆଡୁ ଏକ କାର୍‌ରେ ଦେଶୀମଦ ଆସୁଥିବା ବିଶେଷ ସୂତ୍ରରୁ ପୋଲିସ ଖବର ପାଇଥିଲା। ଗୁରୁବାର ରାତି ୯ଟା ସୁଦ୍ଧା ମୁଣ୍ଡଳୀ ବ୍ୟାରେଜ୍ ଉପରେ ପୋଲିସ ଏକ ଟ୍ରାକ୍ଟର ରଖି ରାସ୍ତା ଜାମକରି ଗାଡ଼ି ଯାଞ୍ଚ ଆରମ୍ଭ କରିଥିଲା। ଏହି ସମୟରେ ଆଠଗଡ଼ ପଟରୁ ଦ୍ରୁତଗତିରେ ଆସୁଥିବା ଏକ କାର(ଓଆର-୦୯-ଇ-୫୨୧୯)କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ପରେ ସେଥିରୁ ୪ଶହ ଲିଟରରୁ ଊର୍ଦ୍ଧ୍ୱ ମଦ ଜବତ କରାଯାଇଛି।

# ୨୪ଜଣଙ୍କୁ 'ଓଡ଼ିଶା ମହିଳା ଉତ୍କର୍ଷ ସମ୍ମାନ'

ଭୁବନେଶ୍ୱର,୬।୩
(ସୌମ୍ୟରଞ୍ଜନ ରାଉତ)

ବ୍ରାଇଟ ଓଡ଼ିଶା ଫାଉଣ୍ଡେଶନ ଓ ପରିଚୟ ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶା ମହିଳା ଉତ୍କର୍ଷ ସମ୍ମାନ-୨୦୨୫ର ପଞ୍ଚମ ସଂସ୍କରଣ ସୂଚନା ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଏକାମ୍ର ବିଧାୟକ ବାବୁ ସିଂ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଅନ୍ୟତମ ଅତିଥି ଭାବେ କଲ୍ୟାଣ ଫାଉଣ୍ଡେଶନ ସଭାପତି ସୌମିତ୍ର ଲେଙ୍କା, ଅଭିନେତା ଶ୍ରୀତମ ଦାସ, ପ୍ରଯୋଜକ ସଞ୍ଜୟ ନାୟକ, ବ୍ରାଇଟ ଓଡିଶା ଫାଉଣ୍ଡେସନର ପ୍ରତିଷ୍ଠାତା ସଭାପତି ସଞ୍ଜୟ ମହାକୁଡ଼, ମୁଖ୍ୟ ପରାମର୍ଶଦାତା ଡ. ରୋଜାଲିନ ପାଟଶାଣୀ ମିଶ୍ର ଓ ନିର୍ଦ୍ଦେଶିକା ଶୁଚିସ୍ମିତା ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ମୋଟ ୨୪ଜଣ ସଫଳ ନାରୀ ପ୍ରତିଭାଙ୍କୁ 'ଓଡ଼ିଶା ମହିଳା ଉତ୍କର୍ଷ ସମ୍ମାନ' ପ୍ରଦାନ କରାଯାଇଥିଲା। ସାହିତ୍ୟ କ୍ଷେତ୍ରରେ ଡ. ଅପର୍ଣ୍ଣା ମହାନ୍ତି, ଆଧ୍ୟାତ୍ମିକ କ୍ଷେତ୍ରରେ ବର୍ଷା ମହାନନ୍ଦା, ସଙ୍ଗୀତରେ ଦୀପ୍ତିରେଖା ପାଢ଼ୀ, ଅନ୍ତର୍ଜାତୀୟ ବିମାନସେବା କ୍ଷେତ୍ରରେ ପ୍ରିୟ ଦର୍ଶିନୀ ପଟ୍ଟନାୟକ, ଟିଭି କଳାକାର ଏଲି ପାଢ଼ୀ, କଳା ସଂସ୍କୃତି କ୍ଷେତ୍ରରେ ସାଗରିକା ମହାନ୍ତି, ଫ୍ୟାସନ ଡିଜାଇନିଙ୍ଗରେ ରୋମୀ ଦାସ, ରାଜନୀତିରେ ପିଙ୍କି ପ୍ରଧାନ, କ୍ୟାନ୍ସର ଯୋଦ୍ଧା ଲିଲି ଜେନାମଣି, ସମାଜସେବୀ ଇତିଶ୍ରୀ ମିଶ୍ର, ସାମ୍ବାଦିକା ସ୍ୱାତୀ ଜେନା, କ୍ରୀଡାରେ ଶ୍ରାବଣୀ ନନ୍ଦ, ସାମାଜିକ କର୍ମୀ ସୋନା ମଲ୍ଲିକ, ୟୁଟ୍ୟୁବ୍ ସେନ୍‌ସେସନ ରୋମ୍ୟାଞ୍ଜଳି, ଅନ୍ତର୍ଜାତୀୟ ପ୍ରଚ୍ଛଦପଟ୍ଟ ଗାୟିକା ଡ. ସନ୍ଧ୍ୟା ପଟ୍ଟନାୟକ, ଡିଜିଟାଲ ମିଡ଼ିଆ କ୍ରିଏଟର ସଙ୍ଗୀତା ସାହୁ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏସ୍. ସୁସ୍ମିତା କୁମାରୀ, ମଞ୍ଚ, ରେଡ଼ିଓ ଓ ଟିଭି ଉପସ୍ଥାପିକା ଆର୍‌ଜେ ଗୁଡି, ଅଭିନେତ୍ରୀ ଭୂମିକା ଦାଶ, ଉଦୀୟମାନ କଣ୍ଠଶିଳ୍ପୀ ଲିପ୍ସା ମହାପାତ୍ର, ପରିବେଶବିତ୍ ମୋନାଲିସା ନାୟକ, ବାସ୍ତୁଶିଳ୍ପୀ ଓ ସ୍ଥାପତ୍ୟ କଳାରେ ମନୀଷା ତୁଙ୍ଗ ତୁଙ୍ଗ, ସଫଳ ନାରୀ ଉଦ୍ୟୋଗୀ ଦେବସ୍ମିତା ମହାନ୍ତି, ରାଜନୀତି ପ୍ରବକ୍ତା ଜୟଶ୍ରୀ ପାତ୍ର ପ୍ରମୁଖ ସମ୍ମାନିତ ହୋଇଥିଲେ। ହରପ୍ରସାଦ ମହାପାତ୍ର ଉତ୍ସବର ପ୍ରଚାର ମୁଖ୍ୟ ତଥା ନିର୍ଦ୍ଦେଶକ ଥିବାବେଳେ ପରିଚାଳନାରେ ସହଯୋଗ କରିଥିଲେ ସନ୍ତୋଷ ପ୍ରଧାନ ଓ ମନୋଜ ଦାସ ଏବଂ ମଞ୍ଚ ପରିଚାଳନା କରିଥିଲେ ଶୁଭଜିତ ପଣ୍ଡା।

## ଶିଳ୍ପଗୁଡ଼ିକ ଦାୟିତ୍ୱସମ୍ପନ୍ନ ଭାବରେ ଉଦ୍ଭାବନ କରିବା ଦରକାର

**ଏସ୍‌ଏସ୍‌ଟିଭି ୨୦୨୫ ଉପରେ ଜାତୀୟ ସମ୍ମିଳନୀ**

ଭୁବନେଶ୍ୱର,୬।୩(ସୁଚିସ୍ମିତା ସାହୁ)




ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ସିଏସ୍‌ଆଇଆର୍-ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ୍ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି) ଏବଂ ଏସ୍‌ସି/ଏସଟି କର୍ମଚାରୀ କଲ୍ୟାଣ ସଂଗଠନ ପକ୍ଷରୁ ବିକଶିତ ଭାରତ ପାଇଁ ନିରନ୍ତର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ଏସ୍‌ଏସ୍‌ଟିଭି-୨୦୨୫ର ଜାତୀୟ ସମ୍ମିଳନୀ ଗୁରୁବାର ଆରମ୍ଭ ହୋଇଛି। ସିଏସଆଇଆର୍-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ କହିଲେ, ବେଦ, ପୁରାଣ ଏବଂ ଉପନିଷଦରେ ପ୍ରଚୁର ବୈଜ୍ଞାନିକ ଜ୍ଞାନ ରହିଛି, ଯାହାକୁ ଆମେ ଅଣଦେଖା କରୁଛନ୍ତି। ଆମେ ଉନ୍ନତ ଉତ୍ପାଦ କିଣିଥାଉ, ମାତ୍ର ସେଗୁଡ଼ିକୁ ବେପରୁଆ ଭାବରେ ଫିଙ୍ଗି ଦେଇଥାଉ, ଯାହା ପ୍ଲାଷ୍ଟିକ ଏବଂ ଇଲେକ୍ଟ୍ରୋନିକ ଚିପ୍ସ ଭଳି ବିପଜ୍ଜନକ ବର୍ଜ୍ୟବସ୍ତୁ ଦ୍ୱାରା ପରିବେଶକୁ କ୍ଷତି ପହଞ୍ଚାଇଥାଏ। ଶିଳ୍ପଗୁଡ଼ିକ ଦାୟିତ୍ୱ ସମ୍ପନ୍ନ ଭାବରେ ଉଦ୍ଭାବନ କରିବା ଦରକାର ବୋଲି ସେ କହିଛନ୍ତି। ଜଗତ୍‌ସିଂହପୁର ଏମପି ବିଭୁ ପ୍ରସାଦ ତରାଇ କହିଛନ୍ତି, ବିକଶିତ ଭାରତର ଦର୍ଶନ କେବଳ ଏକ ଧାରଣା ନୁହେଁ; ଜାତୀୟ ମିଶନ। ଭାରତ ଶକ୍ତି, କୃଷକ, ଯୁବ ଏବଂ ବିଶ୍ୱାସର ଚାରିଟି ସ୍ତମ୍ଭ ଉପରେ ଧ୍ୟାନ ଦେଇ ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବାକୁ ଚେଷ୍ଟା କରୁଛି। ଅନୁଷ୍ଠାନର ମୁଖ୍ୟ ବୈଜ୍ଞାନିକ ଡ. ଏଲ. ଡି ବେସ୍ରା ୨୦୪୭ ସୁଦ୍ଧା ଭାରତର ଏକ ବିକଶିତ ଭାରତ ପରିକଳ୍ପନା ଅନୁଯାୟୀ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ଜାତୀୟ ପଦକ୍ଷେପର ଅଂଶ ବିଶେଷ। ଭାରତର ସାମାଜିକ-ଅର୍ଥନୈତିକ ଏବଂ ପରିବେଶ ଆବଶ୍ୟକତା ସହିତ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି।

## ସାମ୍ୟବାଦୀ ଆନ୍ଦୋଳନରେ ରବି ରାୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବାଲିପାଟଣା,୬।୩(ଅଭିମନ୍ୟୁ ନାୟକ)

ରବି ରାୟ ସ୍ମୃତି ସଂସଦ ଏବଂ ଲୋହିଆ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ଗୁରୁବାର ଲୋକ ସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ବାଲିପାଟଣା ବ୍ଲକ ଅନ୍ତର୍ଗତ ଭଅଁରା ନିଜିଗଡ଼ଠାରେ ଆୟୋଜିତ ଏହି ଉତ୍ସବରେ ସଂସଦ ସଭାପତି ଅଭିମନ୍ୟୁ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ଅଧକ୍ଷ କ୍ଷୀରୋଦ କୁମାର ରାୟମହାପାତ୍ର ଯୋଗଦେଇ କହିଲେ, ସାମ୍ୟବାଦୀ ଆନ୍ଦୋଳନରେ ରବି ରାୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟବକ୍ତା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା କହିଲେ, ସାମ୍ୟବାଦୀ ନେତା ସଂଗ୍ରାମୀ ରବି ରାୟ ସମାନତାରେ ବିଶ୍ୱାସ କରନ୍ତି। ସମ୍ମାନିତ ଅତିଥି ଅଧ୍ୟାପକ ଭାରତ ଭୂଷଣ ମହାନ୍ତି କହିଲେ, ରବି ରାୟଙ୍କ ପାଇଁ ବାଲିପାଟଣା ଜାତୀୟସ୍ତରରେ ପରିଚିତ। ଅତିଥିଭାବେ ରମେଶ ଚନ୍ଦ୍ର ସାହୁ, ଦେବ ପ୍ରସାଦ ରାୟ, ପୀତାମ୍ବର ମହାପାତ୍ର, ଦିଲୀପ ଓଝା, ଦୁର୍ଯ୍ୟୋଧନ ପାତ୍ର, ଦିଲୀପ ବଳିୟାରସିଂ, ମାଗୁଣି ଚରଣ ସେଠୀ, ପ୍ରଶାନ୍ତ ପତ୍ର, କାଶୀନାଥ ବାରିକ, ସଞ୍ଜୟ ବରାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଦଳିତ ବର୍ଗର ଜଣେ ମେଧାବୀ ଛାତ୍ରୀଙ୍କୁ ସରସ୍ୱତୀ ସ୍ୱାଇଁ ମେଧାବୃତ୍ତି ସମ୍ମାନ ଏବଂ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସ୍ମୃତି ସଂସଦ ସମ୍ପାଦକ ଭଗବାନ ସାହୁ ସ୍ୱାଗତ ଭାଷଣ ଓ ସୁରେଶ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ଭୁବନେଶ୍ୱର ମ୍ୟୁଜିକ ସର୍କଲ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଥିବା ତିନିଦିନିଆ ୧୩ତମ ସୁଫିୟାନା ଓ ଆଧ୍ୟାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ 'ସମର୍ପଣ'ରେ ଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ସୁଭଦ୍ରା ସଚେତନତା ଶୋଭାଯାତ୍ରା

ପୁରୁଣା ଭୁବନେଶ୍ୱର,୬।୩(ସୁବାସ ଚନ୍ଦ୍ର ପ୍ରଧାନ): ମହିଳାମାନେ ସଶକ୍ତୀକରଣ ହେଲେ ଦେଶ ଆଗକୁ ବଢ଼ିବ। ଏଥିପାଇଁ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନା ଏକ ବଡ଼ ଉଦାହରଣ। ଏହି ଯୋଜନାରେ ସହର, ଉପାନ୍ତ ଅଞ୍ଚଳର ମହିଳାମାନେ ସ୍ୱାବଲମ୍ବୀ ହେବା ସହ ଆତ୍ମନିର୍ଭରଶୀଳ ହୋଇପାରୁଛନ୍ତି ବୋଲି ସୁଭଦ୍ରା ସଚେତନତା ଶୋଭାଯାତ୍ରା ଅବସରରେ ମତପ୍ରକାଶ ପାଇଛି। ଗୁରୁବାର ସ୍ଥାନୀୟ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ନିକଟ କଲ୍ୟାଣ ମଣ୍ଡପଠାରେ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ସେହିପରି ବୁଧବାର ସ୍ଥାନୀୟ ସ୍କୁଲ ଛାତ୍ରୀଙ୍କ ସହ ଏକ ସୁଭଦ୍ରା ରାଲି ଗ୍ରାମ ପରିକ୍ରମା କରିଥିଲା। ପୂବାଶାସନ ସେକ୍ଟରର ମଣ୍ଡଳ ପରିଦର୍ଶିକା ଚନ୍ଦନା ରାହାଙ୍କ ନେତୃତ୍ୱରେ ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଆଶାକର୍ମୀ ଯୋଗଦେଇଥିଲେ। ସରପଞ୍ଚ ଶ୍ରଦ୍ଧାଞ୍ଜଳି ମଲ୍ଲିକ, ନାୟବ ସରପଞ୍ଚ ବିଜୟ କୁମାର ପରିଡା, ସମିତି ସଭ୍ୟା ସବିତା ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଫି' ବୃଦ୍ଧିକୁ ନେଇ ମୁହାଁମୁହିଁ ସ୍ଥିତି

ଭୁବନେଶ୍ୱର,୬।୩
(ସୁଚିସ୍ମିତା ସାହୁ)

ଫି' ବୃଦ୍ଧିକୁ ନେଇ ଗତ କିଛିଦିନ ହେବ ବିଜେଇଏମ୍ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକମାନେ ମୁହାଁମୁହିଁ ସ୍ଥିତିରେ ରହିଛନ୍ତି। ଅଭିଭାବକମାନେ ବିଦ୍ୟାଳୟ କର୍ତ୍ତୃପକ୍ଷ ମନଇଚ୍ଛା ଫି' ବୃଦ୍ଧି କରୁଥିବା ଅଭିଯୋଗ ଆଣି ବିରୋଧ କରୁଥିବାବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ୧୫% କମ୍ ଫି' ବୃଦ୍ଧି କରାଯାଇଥିବା ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି। ବିଦ୍ୟାଳୟକୁ ବଦନାମ କରିବା ପାଇଁ ଅଭିଭାବକ ମହାସଂଘ ମିଥ୍ୟା ଅଭିଯୋଗ କରୁଛି ବୋଲି ବିଜେଇଏମ୍ ସ୍କୁଲର ଚେୟାରମ୍ୟାନ ରଘୁନାଥ ମିଶ୍ର ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରତି କ୍ଲାସ୍‌ରେ ଫି' ବୃଦ୍ଧି କରାଯାଏ ନାହିଁ। ପର୍ଯ୍ୟାୟ ଅନୁସାରେ କରାଯାଇଥାଏ। ଲୋୟର ନର୍ସରିରୁ ଅପର ନର୍ସରି ଗୋଟିଏ ପର୍ଯ୍ୟାୟରେ ଥିବା ବେଳେ ୧ରୁ ୫ ଦ୍ୱିତୀୟ ପର୍ଯ୍ୟାୟରେ ରହିଛି। ସେହିପରି ପିଲାମାନେ ଦ୍ୱାଦଶ ଶ୍ରେଣୀରେ ପାଠ ପଢ଼ିବା ଯାଏ କୌଣସି ରି-ଆଡ୍‌ମିଶନ ଫି' ନିଆଯାଉନାହିଁ। ଶିଶୁ ଅଧିକାର ଆଇନ ଅନୁସାରେ ନର୍ସରିରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୫% ସ୍ଥାନ ସଂରକ୍ଷଣ ବ୍ୟବସ୍ଥାରେ ପିଲାଙ୍କୁ ମାଗଣାରେ ପାଠ ପଢ଼ାଯାଉଛି। ଏଥିନିମନ୍ତେ ସରକାରଙ୍କ ପକ୍ଷରୁ କୌଣସି ଅନୁଦାନ ବିଦ୍ୟାଳୟକୁ ମିଳୁନାହିଁ। ଏହାଦ୍ୱାରା ଲକ୍ଷ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡୁଛି ବୋଲି ସ୍କୁଲ ମ୍ୟାନେଜର ପ୍ରତାପ ଜେନା କହିଛନ୍ତି। ସେହିପରି ପ୍ରିନ୍ସିପାଲ ସନ୍ଧ୍ୟା ଜେନା କହିଛନ୍ତି, ବିଦ୍ୟାଳୟ ପକ୍ଷରୁ ସେଭଳି କୌଣସି ଅଧିକ ଫି' ବୃଦ୍ଧି କରାଯାଇନାହିଁ। ପିଲାମାନଙ୍କୁ ଉପଯୁକ୍ତ ଶ୍ରେଣୀଗୃହ, ତାଲିମପ୍ରାପ୍ତ ଉଚ୍ଚଶିକ୍ଷିତ କୋଠରି, ପାଠପଢ଼ିବା ସହିତ ଖେଳିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କୌଣସି ସଦସ୍ୟ ଏନେଇ ଟଙ୍କା ନେଉନାହାନ୍ତି ବୋଲି ସେ କହିଛନ୍ତି। ଅପରପକ୍ଷେ ସ୍କୁଲ ଭିତରେ ଖବରଦାତା ସମ୍ମିଳନୀ ଚାଲିଥିବାବେଳେ ଫାଟକ ସମ୍ମୁଖରେ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଭିଭାବକମାନେ ପ୍ଲା କାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ନାରାବାଜି କରିଥିଲେ। ସେମାନେ କହିଥିଲେ, ସ୍କୁଲ କର୍ତ୍ତୃପକ୍ଷ ଗଣମାଧ୍ୟମକୁ ନିଜ ଦୋଷ ଲୁଚାଇବାକୁ ଭୁଲ ଓ ବିଭ୍ରାନ୍ତିକର ତଥ୍ୟ ଦେଇଛନ୍ତି। ଦୁଇଦିନ ତଳେ ବଡଗଡ ଥାନା ଅଧିକାରୀଙ୍କ ଉପସ୍ଥିତିରେ ବୈଠକ ବସିଥିଲା। ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ଫି' ବୃଦ୍ଧି ପ୍ରତ୍ୟାହାର ଅନୁରୋଧ ସହ ଆଉ କେତେକ ଦାବି କରାଯାଇଥିଲା। ଏହାପରେ କର୍ତ୍ତୃପକ୍ଷ ସ୍କୁଲ ଆୟବ୍ୟୟର ଅସମ୍ପୂର୍ଣ୍ଣ ଓ ଭୁଲ୍ ତଥ୍ୟ ୱେବ୍‌ସାଇଟରେ ଅପଲୋଡ୍ କରିଛନ୍ତି। ପ୍ରତିବର୍ଷ ସ୍କୁଲ ପକ୍ଷରୁ ଫି' ବୃଦ୍ଧି କରାଯାଉଥିବାରୁ ଆନ୍ଦୋଳନ ଜାରି ରହିବ ବୋଲି ଅଭିଭାବକମାନେ କହିଛନ୍ତି।

# ମହାପ୍ରଭୁଙ୍କ ଜମିରୁ ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା

ଜଟଣୀ,୬।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ତହସିଲ ଅଞ୍ଚଳରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିରେ ନିର୍ମିତ ବେଆଇନ ନିର୍ମାଣକୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସକାଳେ କୁସୁମାଟି ମୌଜାର ଖଣ୍ଡୁଆଳି ମନ୍ଦିର ଏବଂ ତାରିଣୀ ମନ୍ଦିର ଅଞ୍ଚଳରେ ଉଚ୍ଛେଦ ପାଇଁ ଅଧିକାରୀ ପହଞ୍ଚିଥିଲେ। ଉଚ୍ଛେଦ ଆରମ୍ଭର କିଛି ସମୟ ପରେ କେତେଜଣ ଅସାଧୁ ବ୍ୟକ୍ତି ପହଞ୍ଚି ବିରୋଧ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ଠେଲାପେଲା ସହ ପଥରମାଡ଼ ଯୋଗୁ ଅଧାରୁ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଥିଲା। ଏହା ପରେ ଅଧିକାରୀ ଫେରିଯାଇଥିଲେ।

ସୂଚନାଥାଉ କି, ଗତ ୪ତାରିଖରେ ଜଟଣୀ ତହସିଲ ଏବଂ ଶ୍ରୀମନ୍ଦିର ପ୍ରଶାସନ ମିଳିତଭାବେ ଜଟଣୀ ତହସିଲ ଅଧୀନ ଷଣ୍ଢପୁର ମୌଜା ଓ ଛଣଘର କୁସୁମାଟି ମୌଜାରେ ଥିବା ବେଆଇନ ଅର୍ଦ୍ଧନିର୍ମିତ ଘର ଏବଂ ଏକର ଜମିରେ ନିର୍ମିତ ପଥର ପାଚେରିକୁ ଜେସିବି ମାଧ୍ୟମରେ ଉଚ୍ଛେଦ କରିଥିଲେ। ତେବେ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରାଯିବା ସହ ଯେଉଁମାନେ ଘର କରି ରହିଛନ୍ତି ସେମାନଙ୍କୁ ନୋଟିସ କରିବା ପରେ ଉଚ୍ଛେଦ କରାଯିବ ବୋଲି ଅଧିକାରୀ କହିଥିଲେ। ଏହିକ୍ରମରେ ଗୁରୁବାର ସକାଳେ ଜଟଣୀ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ଏବଂ ଶ୍ରୀମନ୍ଦିର ପ୍ରଶାସନ ସହାୟକ ବନ୍ଦୋବସ୍ତ ଅଧିକାରୀ ମନ୍ମଥ ନନ୍ଦଙ୍କ ଉପସ୍ଥିତିରେ ଉକ୍ତ ମୌଜାର ବିଭିନ୍ନ ସ୍ଥାନରେ ବେଆଇନ ନିର୍ମାଣ ଏବଂ ଅବରୋଧକୁ ଉଚ୍ଛେଦ କରାଯାଇଥିଲା।


ଜେସିବି ମାଧ୍ୟମରେ ଜବରଦଖଲ ଉଚ୍ଛେଦ କରାଯାଉଛି।


ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

### ଠେଲାପେଲା, ପଥରମାଡ଼ ଯୋଗୁ ଉଚ୍ଛେଦ ଅଧାରୁ ବନ୍ଦ

ଏହି ସମୟରେ କେତେଜଣ ଅସାଧୁ ବ୍ୟକ୍ତି ପହଞ୍ଚି ଉଚ୍ଛେଦକୁ ବିରୋଧ କରିଥିଲେ। ଏଥିସହିତ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ଅଧିକାରୀଙ୍କୁ ଠେଲାପେଲା କରିବା ସହ ଗାଳିଗୁଲଜ କରିଥିଲେ। ପରିସ୍ଥିତିକୁ ନଜରରେ ରଖି ଅଧାରୁ ଉଚ୍ଛେଦ କାର୍ଯ୍ୟ ବନ୍ଦ କରି ଅଧିକାରୀ ଘଟଣାସ୍ଥଳରୁ ପଳାଇଥିଲେ। ତେବେ ଏନେଇ ଜଟଣୀ ତହସିଲଦାର ଏବଂ ଶ୍ରୀମନ୍ଦିର କାର୍ଯ୍ୟାଳୟ ଅଧିକାରୀଙ୍କ ମୋବାଇଲ ନମ୍ବରକୁ ଯୋଗଯୋଗ କରାଯାଇଥିଲେ ମଧ୍ୟ ସେମାନଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ


ବୈଠକରେ ଉପସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ମହାସଂଘର ସଦସ୍ୟମାନେ।

ଖୋର୍ଦ୍ଧା,୬।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ସ୍ୱାବଲମ୍ବୀ କାରିଗର ଏବଂ ଗ୍ରାମ୍ୟ ଜଳ ଯୋଗାଣ ମହାସଂଘର ବିଭିନ୍ନ ଦାବି ପୂରଣ ପାଇଁ ଏକ ବୈଠକ ଲୋକେଶ୍ୱର ମହାଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ମୀନକେତନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଦୀର୍ଘଦିନ ଧରି ବିଭିନ୍ନ ପଞ୍ଚାୟତରେ ପାନୀୟଜଳ ପମ୍ପ୍ ଚଳାଇବା ଏବଂ ନଳକୂପ ମରାମତି କରି ଗ୍ରାମାଞ୍ଚଳ ଲୋକଙ୍କୁ ପାଣି ଯୋଗାଇ ଆସୁଥିବା ବେଳେ ସରକାର ସେମାନଙ୍କ ପ୍ରମୁଖ ନ୍ୟାଯ୍ୟ ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏସ୍ଇଏମ୍ ଏବଂ ପମ୍ପ୍ ଚାଳକମାନଙ୍କୁ ସରକାରୀ ଓ କୁଶଳୀ କାରିଗର ଶ୍ରମିକ ମାନ୍ୟତା, ପଞ୍ଚାୟତ ପରିବର୍ତ୍ତେ ବ୍ଲକରୁ ଦରମା, ସର୍ବନିମ୍ନ ମଜୁରି, ସାମୂହିକ ବୀମା ସୁବିଧା, ସାମାଜିକ ସୁରକ୍ଷା ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସୁରେଶ ପାତ୍ର, ସୁରେଶ ସାମନ୍ତରାୟ, ବିଜୟାନନ୍ଦ ବାରିକ, ସୁବାସ ସିଂ, ସତ୍ୟ ନାରାୟଣ ପଟ୍ଟନାୟକ, ପ୍ରମୋଦ ରାଉତରାୟ, ଡଲି ବାରିକ, ବାସନ୍ତୀ ସେଠି, ରୀତାଞ୍ଜଳି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଚୈତନ୍ୟ ସାହୁ ଧନ୍ୟବାଦ ଦେଇଥିଲେ।

## ମେଳା, ମହୋତ୍ସବରେ ବାଣ ଫୁଟାଇବା ମନା

କୃଷ୍ଣପ୍ରସାଦ,୬।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ବିଭିନ୍ନ ସ୍ଥାନରେ ଆୟୋଜନ ହେଉଥିବା ମେଳା ଏବଂ ମହୋତ୍ସବରେ ବାଣ ଫୁଟାଇବା ଉପରେ କୃଷ୍ଣପ୍ରସାଦ ପୋଲିସ ପ୍ରଶାସନ ପକ୍ଷରୁ ରୋକ ଲଗାଯାଇଛି। ଏପରିକି ଚଳିତବର୍ଷ ଦୋଳଯାତ୍ରା ମହୋତ୍ସବରେ ଆତସବାଜି ପ୍ରଦର୍ଶନ ହେବ ନାହିଁ। ଏନେଇ ପୋଲିସ ପକ୍ଷରୁ ଯାତ୍ରା ମହୋତ୍ସବର ସଦସ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିୟମକୁ କଡ଼ାକଡି ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶ ରହିଥିବା ଆଇଆଇସି ଭାବଗ୍ରାହୀ ରାଉତ କହିଛନ୍ତି।

# ଭାଇଚାରା, ଏକତାକୁ ସୁଦୃଢ଼କରେ ମହୋତ୍ସବ


ଆମ ଗାଁ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଗୁରୁବାର ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ବେଗୁନିଆ,୬।୩(ସନ୍ଧ୍ୟାରାଣୀ ମିଶ୍ର)

### ଆମ ଗାଁ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଳିପଦର ଗ୍ରାମର ପାରିଜାତ କ୍ଲବ ସମ୍ମୁଖରେ ଚାଲିଥିବା ଆମ ଗାଁ ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଆମ ଗାଁ ମହୋତ୍ସବ କମିଟିର ଉପଦେଷ୍ଟା ରାଜ କିଶୋର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକଙ୍କ ସଂଯୋଜନାରେ ଭାଜପା ନେତା ପ୍ରକାଶ ବିଜୁଳି ମୁଖ୍ୟ ଅତିଥି, ସାମାଜିକ କର୍ମୀ ଶୁଭେନ୍ଦୁ କୁମାର ଭଞ୍ଜଦେଓ ମୁଖ୍ୟବକ୍ତା, ସୁଚିସ୍ମିତା ବଡ଼ଜେନା, ଅନୁରାଧା ନନ୍ଦ, ମନୋଜ କୁମାର ମହାପାତ୍ର, କୃଷକ ମୋର୍ଚ୍ଚା ସଦସ୍ୟ ଶିବ ନାରାୟଣ ମିଶ୍ର, ନାଏବ ସରପଞ୍ଚ କୁଞ୍ଜ ବିହାରୀ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ଭାଇଚାରା ଓ ଏକତାକୁ ସୁଦୃଢ଼ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବେଗୁନିଆ ଏବିସିଡି ଡ୍ୟାନ୍ସ ଗ୍ରୁପ, ଗଂପୁର ଲରେନ୍ସ ଡ୍ୟାନ୍ସ ଗ୍ରୁପ, ରାୟଗଡ଼ା ଗାୟତ୍ରୀ କଳା ସଙ୍ଗଠନ, ଭୁବନେଶ୍ୱର ନାଟ୍ୟଶାସ୍ତ୍ର ଓଡ଼ିଶୀ, ମୋନି ଦୀପା ଓଡ଼ିଶୀ ଏବଂ ବାଲିଆପାଳ ବାସୁଳିମାତା କଳା ନିକେତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭା ପ୍ରାରମ୍ଭରେ ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଏବଂ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଯୁଗ୍ମ କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ପୂର୍ବତନ ସମିତି ସଭ୍ୟ ହେମନ୍ତ ସୁନ୍ଦରାୟଙ୍କ ସ୍ମୃତିଚାରଣ

ବେଗୁନିଆ,୬।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ହେମନ୍ତ କୁମାର ସୁନ୍ଦରାୟଙ୍କ ଏକଦଶାହରେ ଗୋଡ଼ିସ୍ଥିତ ବାସଭବନ ପରିସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଖଣ୍ଡାୟତ କ୍ଷତ୍ରିୟ କଲ୍‌କି ସେନାର ସଭାପତି ଯୋଗୀନାଥ ବଳିୟାରସିଂହ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଜନ୍ମେଶ୍ୱର ମଙ୍ଗରାଜ, ଅଶୋକ ମଙ୍ଗରାଜ ଏବଂ ନବ କିଶୋର ବିଧାରଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ପ୍ରଶାନ୍ତ ନନ୍ଦ, କଟକ ଜିଲା ଜୋନ-୫ ଏଏସ୍‌ପି କୃଷ୍ଣଚନ୍ଦ୍ର ସେଠୀ, ଦୀନବନ୍ଧୁ ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ଅର୍ଜୁନ ପ୍ରଧାନ, ପ୍ରଦୀପ କୁମାର ବାରିକ, ପରମାନନ୍ଦ ସାହୁ, ସାରଙ୍ଗଧର ସାହୁଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇ ସୁନ୍ଦରାୟଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ 'ହେମନ୍ତର ମହକ' ପୁସ୍ତକ ଉନ୍ମୋଚନ ହୋଇଥିଲା। ସ୍ମୃତି ରଞ୍ଜନ ଧନ୍ୟବାଦ ଦେଇଥିବା ବେଳେ ସୁଦର୍ଶନ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ।

# ବିଦ୍ୟାଳୟର ବାର୍ଷିକୋତ୍ସବ

ବାଣପୁର,୬।୩(ଦିଲୀପ କୁମାର ସ୍ୱାଇଁ)

ପଣ୍ଡିତ ଗୋଦାବରୀଶଙ୍କ ଜନ୍ମପୀଠ ଶ୍ରୀନିବାସପୁରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ସାମ୍ବାଦିକ ନୃସିଂହ ପ୍ରସାଦ ମିଶ୍ର ସଭାପତି, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ନାରାୟଣ ପ୍ରସାଦ ନାୟକ ମୁଖ୍ୟ ଅତିଥି, ଶିକ୍ଷାବିତ୍ ରାଜେନ୍ଦ୍ର ପ୍ରସାଦ ରଥ ମୁଖ୍ୟବକ୍ତା, ବିଦ୍ୟୁତ୍‌ଲତା ତ୍ରିପାଠୀ, ବିଦେଶୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ବାରିକ ବିବରଣୀ ପାଠ କରିଥିଲେ। ଭଲ ପାଠ ପଢ଼ିବା ସହ ଏହି ଅଞ୍ଚଳର ଗୌରବ ରଖିବା ପାଇଁ ଅତିଥିମାନେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାଉନ୍‌ସିଲର ଅଭିମନ୍ୟୁ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମେଧାବୃତ୍ତି ପରୀକ୍ଷାରେ ପ୍ରାକ୍ଟିସିଂ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

ଖୋର୍ଦ୍ଧା,୬।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୦୨୪-୨୫ ଶିକ୍ଷାବର୍ଷର ପ୍ରାଥମିକ ବୃତ୍ତି ପରୀକ୍ଷାଫଳ ପ୍ରକାଶ ପାଇଛି। ଖୋର୍ଦ୍ଧା ପୌରାଞ୍ଚଳ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ପ୍ରାକ୍ଟିସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ସ୍ଥିତିପ୍ରଜ୍ଞା ମିଶ୍ର ପ୍ରଥମ ସ୍ଥାନ ଓ ଶୁଭମ୍ ପଟ୍ଟନାୟକ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଦେବୀପ୍ରସାଦ ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି, ପ୍ରଧାନଶିକ୍ଷକ ନବକିଶୋର ମହାପାତ୍ର ବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରେଣୀ ଶିକ୍ଷୟିତ୍ରୀ ଅର୍ଚ୍ଚନା କୁମାରୀ କର ଓ ସଞ୍ଜୁକ୍ତା ସାହୁଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଦଣ୍ଡ ବଦଳରେ ନ୍ୟାୟକୁ ଅଗ୍ରାଧିକାର ଦିଆଯିବ



ନୂତନ ଆପରାଧିକ ଆଇନ ସଚେତନତା ଶିବିରରେ ଉପସ୍ଥିତ ଅଧିକାରୀମାନେ।

ବୋଲଗଡ଼/ ବାଲୁଗାଁ,୬।୩
(ଦେବବ୍ରତ ହୋତା/ ସଂଗ୍ରାମ ପାଇକରାୟ)

ବୋଲଗଡ଼ ଥାନା ପରିସରରେ ଗୁରୁବାର ନୂତନ ଆପରାଧିକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନାଧିକାରିଣୀ ସ୍ନିଗ୍ଧାମୟୀ ବରାଳ ଅଧ୍ୟକ୍ଷତା କରି ଆଗରୁ କାର୍ଯ୍ୟକାରୀ ହେଉଥିବା ଦଣ୍ଡବିଧାନ ବଦଳରେ ନୂଆ ଆଇନରେ ନ୍ୟାୟ ପ୍ରଦାନକୁ ପ୍ରାଥମିକତା ଦିଆଯାଇଥିବା ନେଇ କହିଥିଲେ। ଏସ୍ଆଇ ଲିଲି ପାଢ଼ୀ ଏବଂ ପ୍ରମୋଦ ନାୟକ ମଧ୍ୟ ଏହି ଆଇନ ଲାଗୁ ହେବା ଦ୍ୱାରା ନ୍ୟାୟ ବ୍ୟବସ୍ଥା ପ୍ରତି ସାଧାରଣ ଜନତାଙ୍କ ଆସ୍ଥା ବୃଦ୍ଧି ସହ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିବ ବୋଲି କହିଥିଲେ। ଏହି ଅବସରରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟା, ବରିଷ୍ଠ ନାଗରିକ, ଆଇନଜୀବୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯୋଗଦେଇ ମତାମତ ରଖିଥିଲେ। ଏଏସ୍ଆଇ ପ୍ରସନ୍ନ କୁମାର ଦଳାଇ, ଉମାଶଙ୍କର ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ବାଲୁଗାଁ ପୋଲିସ ପକ୍ଷରୁ ଗୁରୁବାର ବଡ଼କୁଳ ପାନ୍ଥନିବାସଠାରେ ନୂତନ ଆଇନ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍ଆଇ ସୌମ୍ୟ ରଞ୍ଜନ ପାଣିଗ୍ରାହୀ ଏବଂ ନାଭାଲ ଫାଣ୍ଡି ଅଧିକାରୀ ରବୀନ୍ଦ୍ର ନାଥ ଗୌଡ଼ ଯୋଗଦେଇ ଲୋକଙ୍କୁ ସଚେତନ କରିଥିଲେ। ମିଥ୍ୟା ଫୋନ କଲ ଦ୍ୱାରା ଲୋକଙ୍କୁ ଭୟଭୀତ କରିବା ସହ ଅଭିନବ ଉପାୟରେ ଓଟିପି ସଂଗ୍ରହ କରି ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ କରିନେବା ଏବଂ ବିଶେଷକରି ଏଟିଏମ୍ କାଉଣ୍ଟରରୁ କାର୍ଡ ଅଦଳବଦଳ କରି ଟଙ୍କା ଲୁଟ ଆଦି ସମସ୍ୟା ଲାଗି ରହିଛି। ଲୋକଙ୍କୁ ଏ ଦିଗରେ ସତର୍କ କରାଯିବା ସହ ବିଭିନ୍ନ ନୂତନ ଆଇନ ସମ୍ପର୍କରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚିଲିକା ବ୍ଲକ ଅଧୀନ ବଡ଼କୁଳ, ଡୁଙ୍ଗମାଳ, ଅଠର ବାଟିଆ ଏବଂ ନିମିକ୍ଷେତା ଆଦି ୪ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବରଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଯୋଗଦେଇଥିଲେ।

## ବିଦ୍ୟାଳୟରୁ ପଢ଼ିଥାଏ ସଂସ୍କୃତିର ମୂଳଦୁଆ

ବାଘମାରୀ,୬।୩(ମିହିର ରଞ୍ଜନ ମହାପାତ୍ର)

ପଙ୍ଗାରସିଂହ ପଞ୍ଚାୟତ ଅଧୀନ ଚିରାମାରୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆମ ସଂସ୍କୃତି ଆମ ଖେଳଣା ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ବିଦ୍ୟାଳୟରୁ ଆରମ୍ଭ ହୋଇଥାଏ ଏବଂ ସଂସ୍କୃତିର ସୁରକ୍ଷା କରିବା ସମସ୍ତଙ୍କ ପ୍ରଧାନ କର୍ତ୍ତବ୍ୟ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ନାୟକ ମତବ୍ୟକ୍ତ କରିଥିଲେ। ବିଜ୍ଞାନ ଶିକ୍ଷକ କିଶୋର ପ୍ରଧାନ କାର୍ଯ୍ୟ ସମ୍ପାଦନା କରିବା ସହିତ ଛାତ୍ରୀଛାତ୍ରଙ୍କ ସହିତ ଅନେକ ଖେଳଣା ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଅତୀତର ବିଭିନ୍ନ ସାମଗ୍ରୀକୁ ବିଦ୍ୟାଳୟରେ ତିଆରି କରିବା ବୋଲି ପିଲାମାନଙ୍କ ଉଦ୍ଦେଶ୍ୟରେ କହିଥିଲେ। ଶିକ୍ଷକ ବିପିନ ବିହାରୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି ସୁଭଦ୍ରା ଯୋଜନା

ବେଗୁନିଆ/ କୃଷ୍ଣପ୍ରସାଦ,୬।୩
(ହର ପ୍ରସନ୍ନ ପଣ୍ଡା/ କୈଳାସ ଚନ୍ଦ୍ର ପଟ୍ଟନାୟକ)

ବେଗୁନିଆ ବ୍ଲକ ରାଧାକାନ୍ତପୁର ପଞ୍ଚାୟତ ଅନ୍ତର୍ଗତ ଚକାପଦା ଗ୍ରାମସ୍ଥିତ ତ୍ରିନାଥ ଦେବ ମନ୍ଦିର ସଂଲଗ୍ନ ଦୋଳପଡ଼ିଆରେ ଗୋଷ୍ଠୀସ୍ତରୀୟ ସୁଭଦ୍ରା ପଥପ୍ରାନ୍ତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ନାଥ ବଳିୟାରସିଂହଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ପଣ୍ଡିତ ବିଷ୍ଣୁ ପ୍ରସାଦ କର ମଙ୍ଗଳା ଚରଣ ପାଠ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱରଚିତ ନାରୀ ସଚେତନତାଧର୍ମୀ ସଙ୍ଗୀତ ଗାନ କରିଥିଲେ। ରାମଚଣ୍ଡୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ପ୍ରହରାଜ ମୁଖ୍ୟବକ୍ତା ଏବଂ ନାଏବ ସରପଞ୍ଚ ସଚୀଲତା ସାହୁ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୁଭଦ୍ରା ଯୋଜନାର ସଦୁପଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର, ବିଭିନ୍ନ ମହିଳା ସଙ୍ଗଠନ ଓ ଅଙ୍ଗନୱାଡ଼ି କର୍ମୀମାନଙ୍କ ଦ୍ୱାରା ସୁଭଦ୍ରା ଯୋଜନା ଆଧାରିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ମଣ୍ଡଳ ପରିଦର୍ଶିକା କସ୍ତୁରୀ ବେହେରା ଧନ୍ୟବାଦ ଦେଇଥିଲେ। ଅଙ୍ଗନୱାଡ଼ି କର୍ମୀ ସସ୍ମିତାରାଣୀ ରଥ, ସୁବାସିନୀ ଶ୍ରୀଚନ୍ଦନଙ୍କ ସମେତ ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ସାହୁ, ପୂର୍ବତନ ସରପଞ୍ଚ ନକୁଳ ମୁଦୁଲି, ବୈକୁଣ୍ଠ ସ୍ୱାଇଁ, ରାଜନ ପାତ୍ର, ଭଗବାନ ସାହୁ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସେହିପରି କୃଷ୍ଣପ୍ରସାଦ ବ୍ଲକ ସମନ୍ୱିତ ଶିଶୁ ସୁରକ୍ଷା ତତ୍ତ୍ୱାବଧାନରେ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ସୁଭଦ୍ରା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ଶୋଭାଯାତ୍ରାରେ ସାମିଲ ହୋଇ ସୁଭଦ୍ରା ଯୋଜନାରେ ସାମିଲ ହେବା, ଓଡ଼ିଶା ସମୃଦ୍ଧିର ମଙ୍ଗ ଧରିବା, ଘରେ ଘରେ ସୁଭଦ୍ରା ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ହୋଇଥିଲା। କୃଷ୍ଣପ୍ରସାଦ ମଣ୍ଡଳ ଉନ୍ନୟନ ଅଧିକାରୀ ଅମିୟ କୁମାର ପଣ୍ଡା, ସିଡିପିଓ ଶର୍ମିଷ୍ଠା ଚକ୍ରବର୍ତ୍ତୀ ସୁଭଦ୍ରା ଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଏହାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ସହାୟିକା ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗଦେଇଥିଲେ।

### ତମାଣ୍ଡୋ କପ୍ ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସାଇ ଏକାଦଶ ସେମିରେ ମେଟ୍ରୋ, ପଶ୍ଚିମ ମଧ୍ୟ, ଉତ୍ତର ମଧ୍ୟ ରେଲଓ୍ୱେ ବିଜୟୀ

ଝାଁଳା,୬।୩(ବୁଲା ବାରିକ)

ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ କ୍ରିକେଟ କ୍ଲବ୍ ପକ୍ଷରୁ ଚାଲିଥିବା ୭ମ ତମାଣ୍ଡୋ କପ୍ ଟି୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ସାଇ ଏକାଦଶ ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ସାଇ ଏକାଦଶ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ବିନିମୟରେ ୧୭୦ ରନ ସଂଗ୍ରହ କରିଥିଲା। ଜବାବରେ ଟେମ୍ପଲ ସିଟି ଷ୍ଟାର୍ସ ଟିମ୍ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୫୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିପ୍ଳବ ସାମନ୍ତରାୟ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଅତିଥିଭାବେ ସୁକାନ୍ତ କୁମାର ପଟ୍ଟନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ୯ ତାରିଖରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ସାଇ ଏକାଦଶ ଏବଂ ଏମ୍‌ଏମ୍‌ସିସି ସମ୍ବଲପୁର ଟିମ୍ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ଅତିଥିଙ୍କଠାରୁ ଜଣେ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ଜଟଣୀ,୬।୩(ରବୀନ୍ଦ୍ରନାଥ ମହାକୁଡ଼)

### ସର୍ବଭାରତୀୟ ରେଲଓ୍ୱେ ଟି୨୦ କ୍ରିକେଟ ଚାମ୍ପିୟନଶିପ୍

ଖୋର୍ଦ୍ଧାରୋଡ଼ସ୍ଥିତ ରେଲ୍‌ୱେ ଷ୍ଟାଡିୟମରେ ଅନୁଷ୍ଠିତ ୬୮ତମ ସର୍ବଭାରତୀୟ ରେଲ୍‌ୱେ ଟି୨୦ କ୍ରିକେଟ୍ ଚାମ୍ପିୟନଶିପ୍‌ର ତୃତୀୟ ଦିବସରେ ମେଟ୍ରୋ, ପଶ୍ଚିମ ମଧ୍ୟ ଏବଂ ଉତ୍ତର ମଧ୍ୟ ରେଲ୍‌ୱେ ଟିମ୍ ବିଜୟୀ ହୋଇଛି। ଗୁରୁବାର ପ୍ରଥମ ମ୍ୟାଚ୍ ମେଟ୍ରୋ ଏବଂ ପୂର୍ବତଟ ରେଲୱେ ଟିମ୍ ମଧ୍ୟରେ ହୋଇଥିଲା। ପ୍ରଥମେ ପୂର୍ବତଟ ଟିମ୍ ବ୍ୟାଟିଂ କରି ୧୯.୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୪ରନ ସଂଗ୍ରହ କରିଥିଲା। ଜବାବରେ ମେଟ୍ରୋ ଟିମ୍ ୧୮.୪ ଓଭରରେ ୩ ଉଇକେଟ ବିନିମୟରେ ୧୦୭ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅଭିଜିତ ସିଂ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ପଶ୍ଚିମ ମଧ୍ୟ ଏବଂ ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ ମଧ୍ୟରେ ହୋଇଥିଲା। ପ୍ରଥମେ ପଶ୍ଚିମ ମଧ୍ୟ ବ୍ୟାଟିଂ କରି ୨୦ ଓଭରରେ ୨ ଉଇକେଟ ବିନିମୟରେ ୧୩୧ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ପୂର୍ବ ମଧ୍ୟ ଟିମ୍ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସୁଶୀଲ ଏସ୍ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ସେହିପରି ତୃତୀୟ ମ୍ୟାଚ୍ ଉତ୍ତର ମଧ୍ୟ ଏବଂ ପୂର୍ବ ରେଲୱେ ଟିମ୍ ମଧ୍ୟରେ ହୋଇଥିଲା। ପ୍ରଥମେ ଉତ୍ତର ମଧ୍ୟ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୧୮ରନ ସଂଗ୍ରହ କରିଥିଲା। ଜବାବରେ ପୂର୍ବ ରେଲୱେ ଟିମ୍ ୧୯.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୫ରନ ସଂଗ୍ରହ କରି ପରାଜିତ ହୋଇଥଲା। ଅକ୍ଷତ ପାଣ୍ଡେ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ।



ଅତିଥିଙ୍କଠାରୁ ଜଣେ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।




୬।୩।୨୦୨୫

| | |
|---|---|
| ୪,୧୧,୨୯୩ ଟଙ୍କା | |
| ସୁନା | ୦.୬୫୦ ଗ୍ରାମ୍ |
| ରୁପା | ୮ ଗ୍ରାମ୍ |




ଜନଔଷଧୀ ଦିବସ ଅବ୍ୟବହିତ ପୂର୍ବରୁ ଗୁରୁବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।




ପୁରୀସ୍ଥିତ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ରେ ଚାଲିଥିବା ତୃତୀୟ ଏନ୍‌ଟିପିସି ସର୍ବଭାରତୀୟ ର୍‍ୟାଙ୍କିଙ୍ଗ ତୀରନ୍ଦାଜୀ ପ୍ରତିଯୋଗିତା ଅବସରରେ ଗୁରୁବାର ଅନୁଷ୍ଠିତ ସବ୍‌ଜୁନିୟର ନକ୍‌ଆଉଟ୍ ପର୍ଯ୍ୟାୟ ପ୍ରତିଯୋଗିତାର କୃତୀ ତୀରନ୍ଦାଜୀଙ୍କ ସହ ଅତିଥିମାନେ। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ସରିଲା ମାଟ୍ରିକ୍ ପରୀକ୍ଷା ୫ କେନ୍ଦ୍ରରେ ୨ ଅନୁପସ୍ଥିତ

ଅସ୍ତରଙ୍ଗ,୬।୩(ପ୍ରଦୀପ୍ତ କୁମାର ଦୀକ୍ଷିତ)

ମାଟ୍ରିକ୍ ପରୀକ୍ଷା ଗୁରୁବାର ଶେଷ ହୋଇଛି। ଚଳିତବର୍ଷ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୫ ପରୀକ୍ଷା କେନ୍ଦ୍ରରେ ୯୨୨ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ଜଣ ଅନୁପସ୍ଥିତ ଥିବାବେଳେ ୯୨୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସମସ୍ତ ପରୀକ୍ଷା କେନ୍ଦ୍ର ଓ ନୋଡାଲ ସେଣ୍ଟରରେ ସିସି କ୍ୟାମେରା ଲାଗିଥିଲା।

### ୧୦ରେ ଜିଲାପାଳ ଅଫିସ ଘେରିବ କଂଗ୍ରେସ

ପୁରୀ,୬।୩(ଅଜିତ୍ କୁମାର ମହାନ୍ତି)

ରାଜ୍ୟରେ ଭାଜପା ସରକାର ଶାସନ ଗାଦିକୁ ଆସିବା ପରେ ଶାସନକଳ ବିଗିଡ଼ି ଯାଇଥିବା ଅଭିଯୋଗ କରି ପୁରୀ କଂଗ୍ରେସ ଚଳିତ ମାସ ୧୦ ତାରିଖରେ ଜିଲାପାଳ ଅଫିସ ଘେରାଉ କରିବ ବୋଲି ନିଷ୍ପତ୍ତି ନେଇଛି। ଏ ନେଇ ଗୁରୁବାର ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଜୟନାରାୟଣ ପଟ୍ଟନାୟକ, ବିନାୟକ ଦାସମହାପାତ୍ର, ରାଜେଶ କୁମାର ମିଶ୍ର, ନିରଞ୍ଜନ ରଥ, ବିଦ୍ୟୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ସୁକାନ୍ତ ପ୍ରଧାନ, ଅମରେନ୍ଦ୍ର ପାଇକରାୟ, ଅବିନାଶ ମିଶ୍ର, ସୂର୍ଯ୍ୟ, ସ୍ୱାଧିନ ପଣ୍ଡା, ଚେତନ ମିଶ୍ର, ଅଶୁତୋଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୁବାବୁଙ୍କ ଜୟନ୍ତୀ ପାଳିତ

ଅସ୍ତରଙ୍ଗ,୬।୩(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ବିଜେଡି କାର୍ଯ୍ୟାଳୟରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ପଞ୍ଚାନନ ସ୍ୱାଇଁଙ୍କ ସଭାପତିତ୍ୱରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଯଶୋବନ୍ତ ନାୟକ, କ୍ଷୀରୋଦ କୁମାର କାଣ୍ଡି, ବୃନ୍ଦାବନ ନାୟକ, ସମିତି ସଭ୍ୟ ରାମଚନ୍ଦ୍ର ନାୟକ, ବିମ୍ବାଧର ବିଶ୍ୱାଳ, ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁ, ମଙ୍ଗୁଳି ଚରଣ ପ୍ରଧାନ ଓ ବରିଷ୍ଠ କର୍ମୀ ବିଜୟ କୁମାର ପଡ଼ିଆରୀ, ଗଦାଧର ବିଶ୍ୱାଳ, ସାଇ ରଞ୍ଜନ ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

# ଦୋଳପୂର୍ଣ୍ଣିମା ନୀତି ନିର୍ଘଣ୍ଟ ଚୂଡ଼ାନ୍ତ

- ଶ୍ରୀମନ୍ଦିର ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକ
- ସେବାୟତଙ୍କ ଯାତ୍ରୀଙ୍କୁ ଛଡ଼ା ନ ଯିବା ନେଇ ଆଲୋଚନା

ପୁରୀ,୬।୩(ଅଜିତ୍ କୁମାର ମହାନ୍ତି)

ଅଗ୍ନି ଉତ୍ସବ ବା ମେଣ୍ଢାପୋଡ଼ି, ଦୋଳପୂର୍ଣ୍ଣିମା ନୀତି ନିର୍ଘଣ୍ଟ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଶ୍ରୀମନ୍ଦିର ସମ୍ପର୍କିତ ଅନ୍ୟାନ୍ୟ ବିଷୟକୁ ନେଇ ଗୁରୁବାର ପୁରୀ ବଡ଼ଦାଣ୍ଡସ୍ଥିତ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶ୍ରୀମନ୍ଦିର ନୀତି ସବ୍‌କମିଟି ଏବଂ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ନୀତି ସବ୍‌କମିଟି ବୈଠକ ଅନୁଷ୍ଠିତ ହୋଇ ମେଣ୍ଢାପୋଡ଼ି ଓ ଦୋଳପୂର୍ଣ୍ଣିମା ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି। ଚଳିତ ମାସ ୧୩ ତାରିଖରେ ମେଣ୍ଢାପୋଡ଼ି ଓ ୧୪ରେ ଦୋଳ ପୂର୍ଣ୍ଣିମା ନୀତି ନିର୍ଘଣ୍ଟ ଉପରେ ମୋହର ବାଜିଛି। ନୀତି ନିର୍ଘଣ୍ଟ ଅନୁଯାୟୀ, ୧୩ ଓ ୧୪ ତାରିଖ ରାତି ୩ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟି ଅନ୍ୟାନ୍ୟ ନୀତିକାନ୍ତି କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ୧୪ ତାରିଖ ଦୋଳପୂର୍ଣ୍ଣିମା ଦିନ ଦୋଳବେଦି ଉପରେ ସ୍ୱତନ୍ତ୍ର ନୀତିକାନ୍ତି ଠିକ୍ ସମୟରେ ସମ୍ପାଦନ ସହ ଭକ୍ତ କିଭଳି ବ୍ୟବସ୍ଥିତ ଓ ଶୃଙ୍ଖଳିତ ଦର୍ଶନ କରିବେ ସେନେଇ ସମସ୍ତ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଛି। ଆସନ୍ତା ଗ୍ରୀଷ୍ମପ୍ରବାହ ଓ ଖରାକୁ ଦୃଷ୍ଟିରେ



ଛତିଶା ନିଯୋଗ ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଅନ୍ୟମାନେ।

ରଖି ଭକ୍ତଙ୍କ ନିମନ୍ତେ ପର୍ଯ୍ୟାପ୍ତ ପାନୀୟଜଳ ବ୍ୟବସ୍ଥା କରାଯିବାକୁ ଆଲୋଚନା ହୋଇଛି। ବୈଠକରେ ସେବାୟତ ଓ ସେମାନଙ୍କ ଯାତ୍ରୀ ଯିବା ନେଇ ଯେଉଁ ସମସ୍ୟା ଦେଖାଯାଉଛି, ସେ ସଂକ୍ରାନ୍ତରେ ମଧ୍ୟ ଆଲୋଚନା କରାଯାଇଛି।

ବୈଠକ ପରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସ୍ୱାଇଁ କହିଛନ୍ତି, ମେଣ୍ଢାପୋଡ଼ି ଓ ଦୋଳପୂର୍ଣ୍ଣିମା ପାଇଁ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇ ନୀତି ନିର୍ଘଣ୍ଟ ଅନୁମୋଦନ କରାଯାଇଛି। ଭୋର ୩ଟାରୁ ଦ୍ୱାର ଖୋଲାଯାଇ ନୀତି ଆରମ୍ଭ ହେବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଖରାକୁ ଦୃଷ୍ଟିରେ ରଖି ବ୍ୟବସ୍ଥା କରାଯିବ। ପ୍ରତିଦିନ ଭକ୍ତଙ୍କ ନିମନ୍ତେ ପାନୀୟଜଳ, ଶେଡ୍ ଓ ମ୍ୟାଟ୍ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ୫ଟି ସ୍ଥାନରେ ପାନୀୟଜଳ ଯୋଗାଇ ଦିଆଯାଉଥିବାବେଳେ ଆଗାମୀ ଦିନରେ ଆହୁରି ୫ଟି ସ୍ଥାନରେ ଏହି ବ୍ୟବସ୍ଥା କରାଯିବ ବୋଲି ସ୍ୱାଇଁ ସୂଚନା ଦେଇଛନ୍ତି। ଏନେଇ ବରିଷ୍ଠ ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସେବାୟତଙ୍କ ଯାତ୍ରୀ ଯାଉଥିବା ସମୟରେ ଅଟକାଯିବା ନେଇ ଆଲୋଚନା କରାଯାଇଛି। ଏଥିଲାଗି ଏକ କମିଟି ଗଠନ ହୋଇଛି। ଯେଉଁମାନେ ଖରାପ ବ୍ୟବହାର ଦେଖାଉଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମେଣ୍ଢାପୋଡ଼ି ଓ ଦୋଳପୂର୍ଣ୍ଣିମା ନୀତି ନିର୍ଘଣ୍ଟ ଅନୁଯାୟୀ ନୀତି ସମ୍ପାଦନ ଉପରେ ଗୁରୁତ୍ୱ ଦିଆଯିବ। ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ, ବିଦେଶୀ ପ୍ରବେଶ ଓ ସୁରକ୍ଷା ବ୍ୟବସ୍ଥା ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସୁଆର ମହାସୁଆର ନିଯୋଗର ବରିଷ୍ଠ ସେବାୟତ ଦାମୋଦର ମହାସୁଆର କହିଛନ୍ତି, ଧାର୍ଯ୍ୟ ସମୟରେ ନୀତି କରାଯିବାକୁ ପଦକ୍ଷେପ ନିଆଯିବ। ସେବାୟତଙ୍କ ଯାତ୍ରୀଙ୍କୁ ଛଡ଼ାଯାଉ ନ ଥିବା ଘଟଣା ନେଇ ଆଲୋଚନା ହୋଇଥିଲା। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ୪ଜଣିଆ କମିଟି ଗଠନ କରାଯାଇଛି। କମିଟିରେ ସେବାୟତ ରହିଛନ୍ତି। ଏହି କମିଟି ଯାହା କିଛି ନିଷ୍ପତ୍ତି ନେବ। ସ୍ଥାନୀୟ ଲୋକ ଓ ସେବାୟତଙ୍କର ଯାତ୍ରୀଙ୍କ ନିମନ୍ତେ ସୁବିଧା କରାଯିବା ସହ ଭିଆଇପି, ଭିଭିଆଇପିମାନେ ଗୋଟିଏ ରାସ୍ତାରେ ଯିବେ ବୋଲି ଆଲୋଚନା ହୋଇଥିବା ମହାସୁଆର ସୂଚନା ଦେଇଛନ୍ତି। ବୈଠକରେ ବରିଷ୍ଠ ସେବାୟତ ତଥା ଛତିଶା ନିଯୋଗ ସଦସ୍ୟ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

# ସେବା ଦ୍ୱାରା ମଣିଷ ଆତ୍ମସନ୍ତୋଷ ପାଇଥାଏ



ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ମହିଳାମାନେ।

ଗୋପ,୬।୩(ଭାରତୀ ଭୂଷଣ ଉପାଧ୍ୟାୟ)

ସେବା କରିବା ଦ୍ୱାରା ମଣିଷ ଆତ୍ମସନ୍ତୋଷ ପାଇଥାଏ ବୋଲି ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି କହିଛନ୍ତି। ଗୁରୁବାର ଗୋପ ବ୍ଲକ ମହିଳା ମିଶନ ଶକ୍ତି ସଙ୍ଗଠନ ପକ୍ଷରୁ ଗୋପ ବ୍ଲକ ପରିସରରେ ଥିବା କାଫେ ଠାରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଗୋପ ବ୍ଲକର ୩୧ଟି ପଞ୍ଚାୟତର ୩ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ରୋଗରେ ପୀଡ଼ିତ ମହିଳା, ପୁରୁଷ ଓ ଛୋଟ ଛୋଟ ପିଲାମାନେ ଯୋଗ ଦେଇଥିଲେ। ଡ. ଶିବ ପ୍ରସାଦ ମଙ୍ଗରାଜଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଡାକ୍ତରମାନେ ଯୋଗଦେଇ ସ୍ୱାସ୍ଥ୍ୟସେବା ଶିବିରରେ ଉପସ୍ଥିତ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଗୋପ ବ୍ଲକ ମହିଳା ମହାସଂଘ ସମ୍ପାଦିକା ରେଣୁବାଳା ନାୟକ, ଜ୍ୟୋତ୍ସ୍ନାରାଣୀ ସେନାପତି, ବିନୋଦିନୀ ସ୍ୱାଇଁ, କଳ୍ପନା ଦାଶ, ସଞ୍ଜୁକ୍ତା ନାୟକ, ବିଜୟଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ।



ଗୁରୁବାର ମାଟ୍ରିକ ପରୀକ୍ଷା ସରିବା ପରେ ପୁରୀର ଏକ ପରୀକ୍ଷା କେନ୍ଦ୍ରରୁ ପିଲାମାନେ ଫେରୁଛନ୍ତି ।

# 'ମହିଳା ସଶକ୍ତ ହେଲେ ସମାଜ ସମୃଦ୍ଧ ହେବ'

## ମିଶନ ଶକ୍ତିମେଳା ଉଦ୍‌ଯାପିତ

ପୁରୀ,୬।୩(ଅଜିତ୍ କୁମାର ମହାନ୍ତି)

ମହିଳା ସଶକ୍ତ ହେଲେ ସମାଜ ସମୃଦ୍ଧ ହେବ। ଏହା ଆମ ସରକାରଙ୍କ ଲକ୍ଷ୍ୟ। ସେଥିପାଇଁ କୋଟିଏରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ଯୋଜନା ରେ ସାମିଲ କରାଯାଇ ଆର୍ଥିକ ସମୃଦ୍ଧ କରାଯାଇଛି ବୋଲି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ କହିଛନ୍ତି। ତାଳବଣିଆ ପଡ଼ିଆରେ ଚାଲିଥିବା ୭ଦିନିଆ ମିଶନ ଶକ୍ତି ମେଳା ଗୁରୁବାର ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ପଟ୍ଟନାୟକ ଯୋଗଦେଇ କହିଥିଲେ, ଆମ ଅର୍ଥନୀତିରେ ମହିଳାଙ୍କର ଏକ ବଡ଼ ଅବଦାନ ରହିଛି। ସେଥିପାଇଁ ପ୍ରତି ଗ୍ରାମରେ ଲକ୍ଷପତି ଦିଦି ସୃଷ୍ଟି କରିବା ଆମର ଲକ୍ଷ୍ୟ। ଏହିଭଳି ମେଳା ସେମାନଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛି। କାରଣ ସେମାନଙ୍କ ଉତ୍ପାଦର ପ୍ରଦର୍ଶନ ଓ ବିକ୍ରିକୁ ଏହି ମେଳା




ମହିଳା ଉଦ୍ୟୋଗୀଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ପ୍ରୋତ୍ସାହିତ କରୁଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଯୋଗଦେଇ ସୁଭଦ୍ରା ଯୋଜନା ମହିଳାଙ୍କୁ ସଶକ୍ତ କରିବା ସହ ଏହିଭଳି ମେଳା ସେମାନଙ୍କୁ ଅଧିକ ଆର୍ଥିକ ସୁବିଧା ହାସଲରେ ସହଜ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରିବା ସହ ଅତିଥିମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧିତ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଧନ୍ୟବାଦ ଦେଇଥିଲେ। ୩ ଜଣ ଶ୍ରେଷ୍ଠ ଉଦ୍ୟୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷ ଦିନରେ କଣ୍ଠଶିଳ୍ପୀ ମନ୍ଟୁ ଛୁରିଆ ଓ ସାଥି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଗଡ଼ିଶାଗୋଦା ଥାନା ପକ୍ଷରୁ ସଚେତନତା

କଣାସ,୬।୩(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ବଡାଲ ପଞ୍ଚାୟତ ଅଡାଲ ଗ୍ରାମରେ ପ୍ରତିଷ୍ଠିତ ଆଶୀର୍ବାଦ ଶିଶୁ ମନ୍ଦିର ପରିସରରେ ଏକ ସଚେତନତା ସଭା ଗଡ଼ିଶାଗୋଦା ଥାନା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ସର୍ବେଶ୍ୱର ଜେନାଙ୍କ ସଭାପତିତ୍ୱରେ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର, ଏସ୍‌ଆଇ ସରୋଜ ବେହେରା, ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ଶିକ୍ଷକ କବିକସ୍ତୁରୀ ଦିଲୀପ ଶ୍ରୀଚନ୍ଦନ, ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଫୁଲ୍ଲ କୁମାର ସ୍ୱାଇଁ ଓ ଶିକ୍ଷକ ହେମନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଭାରତୀୟ ସମ୍ବିଧାନ, ଆଇନ ବ୍ୟବସ୍ଥା ଓ ଶିଶୁ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ସୁମିତ୍ରା ମହାପାତ୍ର ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବରିଷ୍ଠ ନାଗରିକଙ୍କ ପକ୍ଷରୁ ଫାଣ୍ଡି ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଯୋଗେଶ୍ୱରପୁର, ୬।୩ (ରଶ୍ମିରଞ୍ଜନ ସାହୁ)



ନୟାହାଟ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚ ଗୁରୁବାର ସନ୍ଧ୍ୟାରେ ନୟାହାଟ ଫାଣ୍ଡିରେ ଯୋଗଦେଇଥିବା ନୂଆ ଫାଣ୍ଡି ଅଧିକାରୀ ବୁଲୁ ସେଠୀଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏଥିରେ ସୁରେନ୍ଦ୍ର ମୋହନ ବିଟି, ମଧୁସୂଦନ ରାୟ, କୃଷ୍ଣଚନ୍ଦ୍ର ବାରିକ, କରୁଣାକର ପାତ୍ର, ଲମ୍ବୋଧର ବିଶ୍ୱାଳ, ମହମ୍ମଦ ତୟବ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକମାନେ ପୋଲିସକୁ ପ୍ରତି କ୍ଷେତ୍ରରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ପୁରୀ ବିଜେଡି ପକ୍ଷରୁ ପ୍ରତିବାଦ ସଭା

ପୁରୀ,୬।୩(ଅଜିତ୍ କୁମାର ମହାନ୍ତି)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ବାତିଲର ପ୍ରତିବାଦ କରି ପୁରୀ ବିଜେଡି ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ମାର୍କେଟ ଛକ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ସଭାରେ ରାଜ୍ୟସଭା ସଦସ୍ୟ ଖୁଣ୍ଟିଆ ଉଦ୍‌ବୋଧନ ଦେଇ କହିଥିଲେ ଯେ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ସାରା ଭାରତ ବର୍ଷରେ ପୂଜା କରାଯାଉଥିବା ବେଳେ ରାଜ୍ୟ ଭାଜପା ସରକାର ଅସମ୍ମାନ କରିଛି। ବିଜୁ ବାବୁଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନ କରାଯିବା ସହ ସରକାରୀ ଛୁଟି କରାଯାଉଥିଲା, ଯାହାକୁ ରାଜ୍ୟ ଭାଜପା ସରକାର ବାତିଲ କରିଛନ୍ତି। ବିଜୁବାବୁଙ୍କ ଅବଦାନ ଅତୁଳନୀୟ। ସର୍ବଭାରତୀୟ ସ୍ତରରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ସେ ଦିଗ୍‌ଦର୍ଶନ ସୃଷ୍ଟି କରିଥିଲେ। ତେଣୁ ପୂର୍ବ ଭଳି ବିଜୁବାବୁଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଉ। ନଚେତ ଆଗାମୀ ଦିନରେ ରାଜ୍ୟବାସୀ ଭାଜପାକୁ ଉଚିତ୍ ଜବାବ ଦେବେ ବୋଲି ଖୁଣ୍ଟିଆ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ବିଜୁ ଯୁବ ବିଜେଡି ରାଜ୍ୟ ସମ୍ପାଦକ ଅସିତ୍ କୁମାର ମେକାପ, ଜିଲା ଯୁବ ବିଜୁ ଜନତା ଦଳ ସଭାପତି ନାରାୟଣ ସ୍ୱାଇଁ, ଯୁବବିଜେଡି ଜିଲା ସମ୍ପାଦିକା ରୋଜାଲିନ ନାୟକ, ରବିଶଙ୍କର ପଡ଼ିଆରୀ, ବିଭୂତି ସେଠୀ, ଜମ୍ବେଶ୍ୱର ମହାନ୍ତି, ବାବାଜୀ ଫାରକ, ଦାମୋଦର ସେଠୀ, ଶଙ୍ଖମିତ୍ର ସିଂହାରୀ, ଗୋପାଳକୃଷ୍ଣ ପଣ୍ଡା, ବିଜୟ କୁମାର ମିଶ୍ର ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ବିଜେଡି ପକ୍ଷରୁ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଏବଂ ଅନ୍ୟମାନେ।(ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ବିଜୁବାବୁଙ୍କ ପ୍ରତି ଅପମାନ ବରଦାସ୍ତ କରାଯିବ ନାହିଁ

## ଶତାଧିକ ବିଜେଡି କର୍ମୀଙ୍କ ଗଣଧାରଣା

ନିମାପଡ଼ା,୬।୩(ବିଚିତ୍ରାନନ୍ଦ ସାହୁ)

ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରା ନ ଯିବା ଓ ବିଜୁ ପଟ୍ଟନାୟକଙ୍କ ପ୍ରତି ଅସମ୍ମାନ ପ୍ରତିବାଦରେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁରୁବାର ଏକ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ବିଜେଡି ପକ୍ଷରୁ ଶତାଧିକ ଦଳୀୟ କର୍ମୀ ଓ ନେତୃବୃନ୍ଦ ନିମାପଡ଼ା ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ଗଣଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରତିବାଦ ସଭାରେ ବିଧାୟକ ପ୍ରାର୍ଥୀ ଦିଲୀପ ନାୟକ, ଯୁବନେତା ଦିଲୀପ ପାତ୍ର, ମାନସ ପ୍ରଧାନ, ଧନୁର୍ଦ୍ଧର ଦାସ, ନିରଞ୍ଜନ ମହାପାତ୍ର, ଅଜୟ ଭୋଇ, ଗୟାଧର ବେହେରା, ନାରୀନେତ୍ରୀ ସରିତା ମହାପାତ୍ର, ଚିନୁ ରାୟ ପ୍ରମୁଖ ଯୋଗଦେଇ ସାରା ଓଡ଼ିଶାର ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତି ସରକାରଙ୍କ ଅସମ୍ମାନ ରାଜ୍ୟବାସୀ ଆଦୌ ବରଦାସ୍ତ କରିବେ ନାହିଁ ବୋଲି କହିଛନ୍ତି।

ବ୍ରହ୍ମଗିରି (ସ୍ୱାଧୀନ ଚମ୍ପତିରାୟ): ବିଜୁ ପଟ୍ଟନାୟକଙ୍କ ସ୍ମୃତିକୁ ଅପମାନ ପ୍ରତିବାଦରେ ଗୁରୁବାର ବ୍ରହ୍ମଗିରି ବ୍ଲକ ବିଜେଡି ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦାସବର୍ମା କହିଛନ୍ତି, ବିଜୁବାବୁଙ୍କ ସ୍ମୃତି ପ୍ରତି ଅବଜ୍ଞା ପ୍ରଦର୍ଶନ କରି ରାଜ୍ୟ ସରକାର ରାଜ୍ୟବାସୀଙ୍କ ଭାବାବେଗକୁ ଆଘାତ ଦେଇଛନ୍ତି। ଏହା କେବଳ ବିଜେଡିର ପ୍ରତିବାଦ ନୁହେଁ, ଏହା ରାଜ୍ୟର ପ୍ରିୟନେତାଙ୍କ ପ୍ରତି ହୋଇଥିବା ଅପମାନ ବିରୋଧରେ ରାଜ୍ୟବାସୀଙ୍କର ବିକ୍ଷୋଭ। ପ୍ରତିବାଦ ସଭାରେ ବ୍ରହ୍ମଗିରି ବ୍ଲକ ପୂର୍ବତନ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟ, ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ବ୍ରହ୍ମଗିରି ବ୍ଲକ ବିଜେଡି ବରିଷ୍ଠ ନେତା ପ୍ରଫୁଲ୍ଲ ଜେନା, ବରିଷ୍ଠ ଆଇନଜୀବୀ ଭାସ୍କର ଜେନାଙ୍କ ସମେତ ବହୁ ବିଜୁପ୍ରେମୀ ଉପସ୍ଥିତ ଥିଲେ।



ନିମାପଡ଼ାଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜେଡି କର୍ମୀମାନେ ଧାରଣା ଦେଇଛନ୍ତି।

ପିପିଲି (ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର): ପିପିଲିରେ ମଧ୍ୟ ବିଜେଡି ପକ୍ଷରୁ ପ୍ରତିବାଦ ସଭା କରାଯାଇଛି। ପିପିଲି ପୌରାଞ୍ଚଳସ୍ଥିତ ବିଜୁ ପଟ୍ଟନାୟକ ପାର୍କରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏହି ପ୍ରତିବାଦ ସଭା କରାଯାଇଛି। ପିପିଲିର ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ ନେତୃତ୍ୱରେ ଡେଲାଙ୍ଗ-ପିପିଲି ବ୍ଲକ୍‌ର ଶତାଧିକ ନେତା ଓ କର୍ମୀମାନେ ଏଥିରେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। କାର୍ଯ୍ୟକ୍ରମରେ ପିପିଲି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁ, ଯୁବନେତା ନାରାୟଣ ସ୍ୱାଇଁ, ଧରଣୀଧର ସାହୁ, ଡେଲାଙ୍ଗ ବ୍ଲକ ଚେୟାରମ୍ୟାନ ବାସନ୍ତୀ ସାହୁ, ଦୁର୍ବାଶା ନିଶଙ୍କ, ଆର୍ତ୍ତବନ୍ଧୁ ସାମନ୍ତରାୟ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ବିଶ୍ୱଜିତ ଦାଶଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ।

ସାକ୍ଷୀଗୋପାଳ (ଭରତ ରାଉତ): ସତ୍ୟବାଦୀ ବ୍ଲକ ବିଜେଡି ପକ୍ଷରୁ ପଞ୍ଚାୟତ ସମିତି ସମ୍ମୁଖରେ ଏକ ପ୍ରତିବାଦ ସଭା ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଜେଡି କର୍ମୀମାନେ ପ୍ଲାକାର୍ଡ ଧରି ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସମିତି ସଭ୍ୟ ରାମଚନ୍ଦ୍ର ମହାନ୍ତି, କଣାସ ବ୍ଲକ ସଭାପତି ସୁରେଶ କୁମାର ସାହୁ, ବିଜୁ ଯୁବ ଜନତା ଦଳ ସଭାପତି ଶରତ ରାଉତରାୟ, ଜିଲାପରିଷଦ ସଭ୍ୟ ନାରାୟଣ ରାଉତରାୟ, କଣାସ ବିଜେଡି ସଭାପତି ବସନ୍ତ ଜେନା, ସରପଞ୍ଚ ବାସନ୍ତୀ ବେହେରା, ସମିତି ସଭ୍ୟା ଶକୁନ୍ତଳା ପ୍ରଧାନଙ୍କ ସମେତ ଯୁବ, ଛାତ୍ର ଓ ବରିଷ୍ଠ ନେତୃବୃନ୍ଦ ସାମିଲ ହୋଇଥିଲେ।

## ସୁବୋଧ ବେହେରା ଉତ୍କଳ ଯାଦବ ମହାସଭାର ନୂଆ ସମ୍ପାଦକ

କଟକ ସଦର,(ସୁଶାନ୍ତ କୁମାର ଜେନା): ଉତ୍କଳ ଯାଦବ ମହାସଭାର ନୂଆ ସମ୍ପାଦକଙ୍କୁ ମନୋନୀତ କରାଯାଇଛି। ସେ ହେଲେ କଟକ ସଦର ବ୍ଲକ ଅନ୍ତର୍ଗତ ରାଜହଂସ ଗ୍ରାମର ସୁବୋଧ ବେହେରା। ଯାଦବ ମହାସଭାର ରାଜ୍ୟ ସଭାପତି ଆଶୀର୍ବାଦ ବେହେରା ଏ ସମ୍ପର୍କରେ ଘୋଷଣା କରିଛନ୍ତି।

**ସଂକ୍ଷେପରେ**

## ଶୃଙ୍ଖଳିତ ପାର୍ବଣ ପାଇଁ ଡିସିପିଙ୍କ ସହ ଆଲୋଚନା

କଟକ, ୬।୩(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ନୂତନ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଗୁରୁବାର ଡିସିପିଙ୍କ କାର୍ଯ୍ୟାଳୟଠାରେ କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସିହ୍ନା ଓ ନୃସିଂହ ଚରଣ ଚୌଧୁରୀ, ସାଧାରଣ ସମ୍ପାଦକ ଭିକାରି ଦାସ ପ୍ରମୁଖ ଡିସିପିଙ୍କୁ ଭେଟିଥିଲେ। ଚଳିତବର୍ଷ ଦୋଳ ଉତ୍ସବ, ବାସନ୍ତୀ ଦୁର୍ଗାପୂଜା, ରଥଯାତ୍ରା, ଗଣେଶ ପୂଜା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ସମେତ ଐତିହାସିକ ବାଲିଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ସଫଳ କରାଇବା ପାଇଁ ଡିସିପିଙ୍କୁ ନିବେଦନ କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଡିସିପି ପ୍ରତିଶ୍ରୁତି ଦେଇଥିବା କମିଟିର ସାଧାରଣ ସମ୍ପାଦକ ଭିକାରି ଦାସ କହିଛନ୍ତି।

## ରାଧାଶ୍ୟାମ ରାଉଳ ପାଇବେ ମାଧବ ଚନ୍ଦ୍ର ଶତପଥୀ ହାସ୍ୟବ୍ୟଙ୍ଗ ସମ୍ମାନ

କଟକ,୬।୩(କାର୍ତ୍ତିକ ସାହୁ)

କଟକ ଲେଖକ ସହଯୋଗ ସମିତି ପକ୍ଷରୁ ଚଳିତବର୍ଷର ମାଧବ ଚନ୍ଦ୍ର ଶତପଥୀ ହାସ୍ୟବ୍ୟଙ୍ଗ ସମ୍ମାନ ରମ୍ୟ-ବ୍ୟଙ୍ଗ କଥାଶିଳ୍ପୀ ତଥା ସ୍ତମ୍ଭକାର ରାଧାଶ୍ୟାମ ରାଉଳଙ୍କୁ ପ୍ରଦାନ କରାଯିବ। ହାସ୍ୟବ୍ୟଙ୍ଗ ସାହିତ୍ୟ କ୍ଷେତ୍ରରେ ରାଉଳଙ୍କ ଦୀର୍ଘବର୍ଷର ନିରବଚ୍ଛିନ୍ନ ସାଧନା ଓ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ଦିଆଯିବ। ଏଥିସହ ସାହିତ୍ୟର ଅନ୍ୟାନ୍ୟ ବିଭାଗରେ କୃତିତ୍ୱ ଓ ଉତ୍କର୍ଷ ପ୍ରତିପାଦିତ କରିଥିବା ଅନ୍ୟ ପ୍ରତିଭାଧରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ସମିତି ସଭାପତି ଡ. ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆସନ୍ତା ସୋମବାର କଟକ ଶ୍ରୀରାମଚନ୍ଦ୍ର ଭବନରେ ହେବାକୁ ଥିବା ସମିତିର ୪୬ତମ ବାର୍ଷିକ ଉତ୍ସବରେ ଏହି ସମ୍ବର୍ଦ୍ଧନା ଦିଆଯିବ ବୋଲି ସମିତି ସମ୍ପାଦକ ରଘୁନାଥ ମହାପାତ୍ର ଓ ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ସୂଚନା ଦେଇଛନ୍ତି।

## ଦୋଳମେଳଣ ସ୍ଥଳ ପରିଦର୍ଶନକଲା ନଦୀୟା ସଂକୀର୍ତ୍ତନ ମହାମଣ୍ଡଳ

କଟକ, ୬।୩(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳ ପକ୍ଷରୁ ଆସନ୍ତା ଫଗୁଦଶମୀ ତିଥିରେ ଯୋବ୍ରା ଦାସସାହିଠାରେ ଦଶମୀ ନଦୀୟା ଦୋଳ ମେଳଣ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ମହାମଣ୍ଡଳର ପଦାଧିକାରୀମାନେ ଶୋଭାଯାତ୍ରାରେ ଆସି ଉକ୍ତ ଅଞ୍ଚଳ ଓ ମେଳଣ ସ୍ଥଳ ପରିଦର୍ଶନ କରିଥିଲେ। ଉକ୍ତ ଦିନ ରାତି ୮ଟାରେ ଯୋବ୍ରା ପାଲାମଣ୍ଡପଠାରୁ ଦୋଳ ବିମାନ ସଂକୀର୍ତ୍ତନ ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳ ପରିକ୍ରମା କରି ଦାସ ସାହିସ୍ଥିତ ମେଳଣ ସ୍ଥଳରେ ପହଞ୍ଚିବ। ଦୋଳ ବିମାନ ନ ଥିବା ସଂକୀର୍ତ୍ତନମଣ୍ଡଳୀ ସନ୍ଧ୍ୟାରେ ମେଳଣ ସ୍ଥଳରେ ପହଞ୍ଚି ନାମ ସଂକୀର୍ତ୍ତନ ପରିବେଷଣ କରିବେ। ଗୁରୁବାର ଏହି ପରିଦର୍ଶନରେ ମହାମଣ୍ଡଳର ସର୍ବମହନ୍ତ ଭିକାରି ଦାସ, ସର୍ବକଟୁଆଳ କୃଷ୍ଣଚନ୍ଦ୍ର ସାହୁ, ବିଭୂତି ଭୂଷଣ ମହାପାତ୍ର, ସନ୍ତୋଷ କୁମାର ସାହୁ, ସୁଦୀପ୍ତ କୁମାର ସ୍ୱାଇଁ, ରଘୁନାଥ ପ୍ରସାଦ ଭଗତ, ରାକେଶ କୁମାର ବେହେରା, ତ୍ରିଲୋଚନ ବେହେରା, ପୂର୍ବତନ କର୍ପୋରେଟର ହେମନ୍ତ ବେହେରା, ରଶ୍ମିରଞ୍ଜନ ବେହେରା, ଶରତ ବେହେରାଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

# ଏସ୍‌ସିବିକୁ ଆସିବ ଏମ୍‌ଆର୍‌ଆଇ, ସିଟିସ୍କାନ୍ ମେଶିନ

କଟକ,୬।୩(ଶିଳ୍ପା ପ୍ରିୟଦର୍ଶିନୀ)




**ସ୍ଥିତି ଅନୁଧ୍ୟାନ କଲେ ପ୍ରଶାସନିକ ଅଧିକାରୀ, ଏମ୍‌ସିଏଲ୍ କର୍ତ୍ତୃପକ୍ଷ**

ଏସ୍‌ସିବି ମେଡିକାଲକୁ ଆସନ୍ତା ୨ ମାସ ମଧ୍ୟରେ ନୂତନ ସିଟିସ୍କାନ ଏବଂ ଏମ୍‌ଆର୍‌ଆଇ ମେଶିନ ଆସିବ। ଏନେଇ ଗୁରୁବାର ପ୍ରଶାସନିକ ଅଧିକାରୀ ଓ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍) କର୍ତ୍ତୃପକ୍ଷ ମେଡିକାଲରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ମେଡିକାଲ କର୍ତ୍ତୃପକ୍ଷଙ୍କ ସହିତ ୱାପ୍‌କୋ, ଆର୍‌ଆଣ୍ଡବି, ଯନ୍ତ୍ରୀ ବିଭାଗ, ଟିପିସିଓଡିଏଲ କର୍ତ୍ତୃପକ୍ଷଙ୍କୁ ନେଇ ବୈଠକ କରାଯାଇଛି। ରଞ୍ଜନରଶ୍ମି ବିଭାଗରେ ଏହି ମେଶିନ ସ୍ଥାପନ ପାଇଁ ସ୍ଥାନ ଚିହ୍ନଟ ହୋଇଥିବାବେଳେ ସମସ୍ତ ସ୍ତରରେ ଅନୁମତି ମିଳିଥିବା ଜଣାପଡିଛି। ଏଥିପାଇଁ ବିଭାଗର ଉନ୍ନତୀକରଣ କରାଯିବ। ଏହା ହାଇରେଡିଏଶନ ମେଶିନ ହୋଇଥିବାରୁ ଆଖପାଖ ପରିବେଶ ଠିକ୍ ରହିବା ଆବଶ୍ୟକ। ଶୁକ୍ରବାର କୋଲକାତାରୁ ଏକ ଟିମ୍ ଏସ୍‌ସିବିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବ। ମିଳିଥିବା ସୂଚନା ମୁତାବକ, ୨୦୨୪ ଅକ୍ଟୋବରରେ ଏମ୍‌ସିଏଲ୍ ପକ୍ଷରୁ ଏସ୍‌ସିବିକୁ ଏକ ଚିଠି ଆସିଥିଲା। ସେଥିରେ ଉଲ୍ଲେଖ ରହିଥିଲା ଯେ, ଏମ୍‌ଆର୍‌ଆଇ ଓ ସିଟିସ୍କାନ ମେଶିନ କ୍ରୟ କରିବା ନିମନ୍ତେ ଏମ୍‌ସିଏଲ୍ ପକ୍ଷରୁ ପ୍ରାୟ ୪୬ କୋଟି ୩୪ ଲକ୍ଷ ୮୦ ହଜାର ଟଙ୍କା ଦିଆଯିବ। ଆରୋଗ୍ୟ ଯୋଜନା ଅଧୀନରେ ଏହି ମେଶିନ ପ୍ରଦାନ କରାଯିବ।

ସୂଚନାଯୋଗ୍ୟ, ଏସ୍‌ସିବିରେ ଥିବା ଦୁଇଟି ସିଟିସ୍କାନ ଅଧିକାଂଶ ସମୟ ଖରାପ ହେବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଛି। ସେହିପରି ଗୋଟିଏ ଏମ୍‌ଆର୍‌ଆଇ ମେଶିନ କାର୍ଯ୍ୟ କରୁଥିବାବେଳେ ତାହା ରୋଗୀଙ୍କ ଆବଶ୍ୟକତାକୁ ପୂରଣ କରିପାରୁନାହିଁ। ଫଳରେ ପ୍ରାୟ ସମୟ ଏମ୍‌ଆର୍‌ଆଇ ପାଇଁ ରୋଗୀଙ୍କୁ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ପ୍ରତିଷ୍ଠାନ ଉପରେ ନିର୍ଭର କରିବାକୁ ପଡୁଛି।



ପଞ୍ଚାୟତିରାଜ ଦିବସକୁ ପରିବର୍ତ୍ତନ କରିବା, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ କରାଯିବା ପ୍ରତିବାଦରେ ଜୋବ୍ରା ଆନିକଟ ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତୀ ସମ୍ମୁଖରେ ଗୁରୁବାର ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ଧାରଣା ଦିଆଯାଇଛି।

# ଜନ ଶିକ୍ଷଣ ସଂସ୍ଥାନରେ ଦକ୍ଷତା ବିକାଶ କର୍ମଶାଳା




ଦକ୍ଷତା ବିକାଶ କର୍ମଶାଳାରେ ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶଙ୍କ ସହ ଅନ୍ୟମାନେ।

କଟକ,୬।୩(କାର୍ତ୍ତିକ ସାହୁ)

ଭାରତ ସରକାରଙ୍କ ଦକ୍ଷତା ବିକାଶ ଅନୁଷ୍ଠାନ ଜନ ଶିକ୍ଷଣ ସଂସ୍ଥାନ ସମ୍ମିଳନୀ କକ୍ଷରେ ଟ୍ରେନରମାନଙ୍କ ପାଇଁ ଦୁଇଦିନିଆ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶ ବିଭିନ୍ନ ବ୍ଲକରୁ ଆସିଥିବା ଏବଂ ଅନେକ କୌଶଳ ଶିକ୍ଷାରେ ତାଲିମ ଦେଉଥିବା ଟ୍ରେନରଙ୍କୁ ଦକ୍ଷତା ବିକାଶ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଫ୍ଟସ୍କିଲ, କ୍ୟାରିୟର ଗୋଲ୍ ସେଟିଂ, ଟିଚିଂ ମେଥଡୋଲୋଜି, ଟାଇମ୍ ମ୍ୟାନେଜମେଣ୍ଟ, ମାର୍କେଟିଂ ଟେକ୍ନିକ୍, ଡିଜିଟାଲ ଲିଟରେସି ଏବଂ ଫାଇନାନ୍ସିଆଲ ଲିଟରେସି ଆଦି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଗେଷ୍ଟ ରିସୋର୍ସ ପର୍ସନ ଭାବେ ନ୍ୟାଶନାଲ ୟୁଥ ପ୍ରୋଜେକ୍ଟର ଷ୍ଟେଟ୍ ପ୍ରୋଗ୍ରାମ କୋଅର୍ଡିନେଟର ସତ୍ୟଶ୍ରୀ ସୌମ୍ୟକାନ୍ତ ମହାପାତ୍ର, ସଫ୍ଟସ୍କିଲ ଟ୍ରେନର ଶ୍ରୀରୂପା ରାଉଙ୍କେ, ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ସମ୍ବିଦ ମହାନ୍ତି, ସହ କାର୍ଯ୍ୟକ୍ରମ ଅଧିକାରୀ ଶୁଭଶ୍ରୀ ବିଶ୍ୱାଳ ଓ ଆକାଉଣ୍ଟାଣ୍ଟ ସାଗର କୁମାର ସ୍ୱାଇଁ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହନ୍ତ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ଦକ୍ଷତା ବିକାଶ ତାଲିମ ଓ ସରକାରଙ୍କ ବିଭିନ୍ନ ଯୋଜନା ବିନିଯୋଗ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏଥିସହ ସମସ୍ତ ପ୍ରଶିକ୍ଷକ ଓ ଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ବିଜୁବାବୁଙ୍କ ପ୍ରତି ଅପମାନକୁ ବରଦାସ୍ତ କରାଯିବ ନାହିଁ

**ବାରବାଟୀ-କଟକ ବିଜେଡି ପକ୍ଷରୁ ଧାରଣା**

କଟକ,୬।୩(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟ ସରକାରଙ୍କ ପକ୍ଷରୁ ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ଓ ଛୁଟି ବାତିଲକୁ ନେଇ ବିଜେଡି ରାଜ୍ୟବ୍ୟାପୀ ପ୍ରତିବାଦ କରିଛି। ଏନେଇ ବାରବାଟୀ-କଟକ ବିଜେଡି ପକ୍ଷରୁ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ପାର୍କ ନିକଟରେ ପ୍ରତିବାଦ ସହ ଧାରଣା ଦିଆଯାଇଥିଲା। ଏଥିରେ କଟକ ମହାନଗର ନିଗମ(ସିଏମ୍‌ସି)ମେୟର ତଥା ବିଜେଡି ନେତା ସୁବାସ ସିଂଙ୍କ ସମେତ ବାରବାଟୀ-କଟକ ବିଜେଡିର କେତେଜଣ କର୍ପୋରେଟର ଓ ଦଳୀୟ ନେତୃବୃନ୍ଦ ସାମିଲ ହୋଇଥିଲେ। ଏନେଇ ସୁବାସ କହିଛନ୍ତି, ସମୃଦ୍ଧ ଓଡ଼ିଶା ଗଠନରେ ବିଜୁବାବୁଙ୍କ ଭୂମିକା ରହିଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଥିଲା। ହେଲେ ସରକାର ଉକ୍ତ ଦିନରେ ଏହି ଦିବସ ପାଳନକୁ ପରିବର୍ତ୍ତନ କରି ବିଜୁବାବୁଙ୍କ ପ୍ରତି ଅପମାନ କରିଛନ୍ତି। ତାହାକୁ କେବେ ବରଦାସ୍ତ କରାଯିବ ନାହିଁ।

## ରୋଗୀଙ୍କୁ ନିଃଶୁଳ୍କ ସେବା ଯୋଗାଉଛନ୍ତି ଅଟୋଚାଳକ ବିଷ୍ଣୁ

କଟକ,୬।୩(ଶିଳ୍ପା ପ୍ରିୟଦର୍ଶିନୀ)

ପ୍ରତ୍ୟେକ ଗୁରୁବାର ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ମାଗଣାରେ ସେବା ଯୋଗାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ଅଟୋ ଚାଳକ ବିଷ୍ଣୁ ପାତ୍ର(୫୦)। ସେ ଉକ୍ତ ଦିନ ଏସ୍‌ସିବି ମେଡିକାଲରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ନିଃଶୁଳ୍କ ଭାବେ ଅଟୋରେ ନେଇ ଗନ୍ତବ୍ୟ ସ୍ଥଳରେ ଛାଡୁଛନ୍ତି। ଏଥିପାଇଁ ସେ ତାଙ୍କ ଅଟୋରେ ମାଗଣା ସାପ୍ତାହିକ (ଗୁରୁବାର) ଅଟୋ ସେବା ଲେଖିଛନ୍ତି।

ପୁରୀର ମୂଳବାସିନ୍ଦା ବିଷ୍ଣୁ ଏବେ କଟକ ନୂଆବଜାର ଅଞ୍ଚଳରେ ବସବାସ କରୁଛନ୍ତି। ସ୍ତ୍ରୀ ଓ ଦୁଇ ପୁଅଙ୍କୁ ନେଇ ତାଙ୍କ ପରିବାର। ପ୍ରାୟ ୧୫ ବର୍ଷ ହେବ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରିଆସୁଥିବାବେଳେ ୨ବର୍ଷରୁ ଅଧିକ ସମୟ ହେବ ଏସ୍‌ସିବିରେ ରୋଗୀଙ୍କ ସେବାରେ ଲାଗି ପଡିଛନ୍ତି। ପ୍ରତ୍ୟେକ ଗୁରୁବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ୩୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଏସ୍‌ସିବି ମେଡିକାଲରୁ ରେଳଷ୍ଟେଶନ ଅଥବା ବସ୍‌ଷ୍ଟାଣ୍ଡରୁ ଏସ୍‌ସିବିକୁ ମାଗଣାରେ ନେବାଆଣିବା କରୁଛନ୍ତି। ଏହାବାଦ୍ ଅନ୍ୟଦିନରେ ଯଦି କୌଣସି ରୋଗୀ ଓ ତାଙ୍କ ସମ୍ପର୍କୀୟ ସାହାଯ୍ୟ ମାଗିଥାନ୍ତି ସେମାନଙ୍କୁ ମଧ୍ୟ ସାହାଯ୍ୟ କରିଥାନ୍ତି। ଏ ସମ୍ପର୍କରେ ବିଷ୍ଣୁ କହିଛନ୍ତି, ପିଲାବେଳୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଦସ୍ୟ ରହିଛି। ଲୋକଙ୍କୁ ସାହାଯ୍ୟ କରିବା ମୋ ବୃତ୍ତି ପାଲଟି ଯାଇଛି। ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଏଭଳି ଭାବେ ଲୋକଙ୍କୁ ସାହାଯ୍ୟର ହାତ ବଢ଼ାଇବି ବୋଲି ସେ କହିଛନ୍ତି।




ଅଟୋ ସହିତ ଚାଳକ ବିଷ୍ଣୁ ପାତ୍ର।

## କାର୍‌ରୁ ୪୦୦ରୁ ଊର୍ଦ୍ଧ୍ୱ ଲିଟର ଦେଶୀମଦ ଜବତ

ବାରଙ୍ଗ, ୬।୩(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ପୋଲିସ ଗୁରୁବାର ରାତିରେ ଏକ ଦେଶୀମଦ ବୋଝେଇ କାର୍‌କୁ ଜବତ କରି ଥାନାକୁ ଆଣିଛି। ସେଥିରୁ ୪୦୦ ଲିଟରରୁ ଊର୍ଦ୍ଧ୍ୱ ମଦ ଜବତ କରିଛି। ଆଠଗଡ଼ ଆଡୁ ଏକ କାର୍‌ରେ ଦେଶୀମଦ ଆସୁଥିବା ବିଶେଷ ସୂତ୍ରରୁ ପୋଲିସ ଖବର ପାଇଥିଲା। ଗୁରୁବାର ରାତି ୯ଟା ସୁଦ୍ଧା ମୁଣ୍ଡଳୀ ବ୍ୟାରେଜ୍ ଉପରେ ପୋଲିସ ଏକ ଟ୍ରାକ୍ଟର ରଖି ରାସ୍ତା ଜାମକରି ଗାଡ଼ି ଯାଞ୍ଚ ଆରମ୍ଭ କରିଥିଲା। ଏହି ସମୟରେ ଆଠଗଡ଼ ପଟରୁ ଦ୍ରୁତଗତିରେ ଆସୁଥିବା ଏକ କାର(ଓଆର-୦୯-ଇ-୫୨୧୯)କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ସେଥିରୁ ୪୦୦ରୁ ଊର୍ଦ୍ଧ୍ୱ ଲିଟର ମଦ ଥିବା ଜଣାପଡ଼ିଥିଲା।

## ଶୈଳଜ ରବି ପାଇବେ ସାହିତ୍ୟ ଭାରତୀ ସମ୍ମାନ

**ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନର ସମ୍ମାନ, ପୁରସ୍କାର ଘୋଷିତ**

କଟକ,୬।୩(କାର୍ତ୍ତିକ ସାହୁ)



ଶୈଳଜ ରବି

ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ସାହିତ୍ୟ ଭାରତୀ ସମ୍ମାନ ସମେତ ଅନ୍ୟାନ୍ୟ ସମ୍ମାନ ଓ ପୁରସ୍କାର ସମ୍ପର୍କରେ ଗୁରୁବାର ଘୋଷଣା କରାଯାଇଛି। ସାହିତ୍ୟିକ ଶୈଳଜ ରବିଙ୍କୁ ଫାଉଣ୍ଡେଶନର ମର୍ଯ୍ୟାଦାଜନକ ସାହିତ୍ୟ ଭାରତୀ ସମ୍ମାନ-୨୦୨୫ ପ୍ରଦାନ କରାଯିବ। ସୁଦୀର୍ଘ ସାରସ୍ୱତ ଯାତ୍ରାରେ ଜଣେ ସାହିତ୍ୟିକ ଭାବେ ଶୈଳଜ ରବି ଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କର ସାରସ୍ୱତ କର୍ମ ପାଇଁ ଓଡ଼ିଆ ସାହିତ୍ୟ ବିଶେଷ ଭାବରେ ଋଦ୍ଧିମନ୍ତ ବୋଲି ଫାଉଣ୍ଡେଶନ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି। ସେହିପରି ଫାଉଣ୍ଡେଶନର ପ୍ରତିଷ୍ଠାତାଙ୍କ ନାମରେ ପ୍ରତିଷ୍ଠିତ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ ଏଥର ଡାକ୍ତର ଫାଲଗୁନୀ ରାୟଙ୍କୁ ପ୍ରଦାନ କରାଯିବ। ଏଥିସହ କାବ୍ୟ ସାହିତ୍ୟରେ ବିଶେଷ ପରାକାଷ୍ଠା ପାଇଁ କବି ସୂର୍ଯ୍ୟ ମିଶ୍ରଙ୍କୁ ଭାନୁଜୀ ରାଓ ସ୍ମାରକୀ ପୁରସ୍କାର ଏବଂ କଥାସାହିତ୍ୟରେ ବିଶେଷ କୃତିତ୍ୱ ପାଇଁ କଥାକାର ସଂଯୁକ୍ତା ମହାନ୍ତିଙ୍କୁ ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବ। ଯୁବ ସାରସ୍ୱତ ପ୍ରତିଭା ବିରଜା ରାଉତରାୟ ଏବଂ ଇପ୍‌ସିତା ଷଡ଼ଙ୍ଗୀଙ୍କୁ ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସୁବ୍ରତ ରଥ ସ୍ମାରକୀ ପୁରସ୍କାର ଦିଆଯିବ। ଆସନ୍ତା ୩୦ ତାରିଖ ସନ୍ଧ୍ୟାରେ କଟକ କଳା ବିକାଶ କେନ୍ଦ୍ରଠାରେ ହେବାକୁ ଥିବା ସାରସ୍ୱତ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ।

# ଯୁବବର୍ଗଙ୍କୁ ଆକର୍ଷିତ କରିବ ବିକଶିତ ଭାରତ

କଟକ,୬।୩(କାର୍ତ୍ତିକ ସାହୁ)

- କଟକ, ଯାଜପୁର ଜିଲା ପାଇଁ ରଘୁନାଥଜୀଉ କଲେଜ ନୋଡାଲ ସେଣ୍ଟର
- ୯ ତାରିଖ ସୁଦ୍ଧା ଅନ୍‌ଲାଇନ୍‌ରେ ପଞ୍ଜୀକରଣ




ଖବରଦାତା ସମ୍ମିଳନୀରେ ରଘୁନାଥଜୀଉ ସ୍ନାତକ କଲେଜ ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ଓ ଅନ୍ୟମାନେ।

ଭାରତ ସରକାରଙ୍କର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ନିମନ୍ତେ ପଞ୍ଜୀକରଣ ଆରମ୍ଭ ହୋଇଛି। କଟକ ଓ ଯାଜପୁର ଜିଲା ପାଇଁ ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ କଲେଜକୁ ନୋଡାଲ ସେଣ୍ଟର ଭାବେ ଘୋଷଣା କରାଯାଇଛି। ଯୁବତୀଯୁବକଙ୍କୁ ଭାରତର ବିକାଶରେ ସାମିଲ କରିବା, ସେମାନଙ୍କୁ ନିଜ ମତ ରଖିବାର ସୁଯୋଗ ଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ୧୮ରୁ ୨୫ ବର୍ଷ ବୟସର ଯୁବତୀଯୁବକମାନେ ଅନ୍‌ଲାଇନ୍‌ରେ ଆସନ୍ତା ୯ ତାରିଖ ମଧ୍ୟରେ ମାଇଁ ଭାରତ ପୋର୍ଟାଲରେ ନିଜ ନାମ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ ସମୟରେ ସେମାନେ ସେମାନଙ୍କ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଦେବେ। ପରେ ଭିଜିଟ୍ ଭାରତ ୟୁଥ୍ ପାର୍ଲାମେଣ୍ଟ ଅପ୍‌ସନ୍‌କୁ ଯାଇ ସେମାନଙ୍କ ଦ୍ୱାରା ଏକ ମିନିଟ ଅବଧି ବିଶିଷ୍ଟ ପ୍ରସ୍ତୁତ ହୋଇଥିବା ଏକ ଭିଡିଓ ଯେଉଁଥିରେ କି ସେମାନେ ବିକଶିତ ଭାରତକୁ କିପରି ବୁଝିଛନ୍ତି, ସେ ସମ୍ପର୍କରେ ଥିବା ମତକୁ ଅପ୍‌ଲୋଡ୍ କରିବେ। ଆସନ୍ତା ୯ ତାରିଖ ପରେ ଜିଲାସ୍ତରରେ ଏହି ଭିଡିଓଗୁଡିକ ବିଚାରକଙ୍କ ଦ୍ୱାରା ତନଖି କରାଯିବ। ସେଥିମଧ୍ୟରୁ ୧୫୦ ଜଣଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ରଘୁନାଥଜୀଉ କଲେଜକୁ ଡକାଯିବ। ଏକ ଦେଶ, ଏକ ନିର୍ବାଚନ : ଭାରତର ବିକାଶରେ ପଥ ପ୍ରସ୍ତୁତି ପ୍ରସଙ୍ଗରେ ପିଲାମାନେ ଓଡ଼ିଆ, ଇଂଲିଶ ବା ହିନ୍ଦୀ ଯେକୌଣସି ଭାଷାରେ ୩ ମିନିଟ ଅବଧି ମଧ୍ୟରେ ୪ଜଣିଆ ବିଚାରକଙ୍କ ଆଗରେ ସେମାନଙ୍କର ଅଭିମତ ରଖିବେ। ବିଚାରକମଣ୍ଡଳୀ ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ରାଜ୍ୟ ପ୍ରତିଯୋଗିତା ପାଇଁ ଚୟନ କରିବେ। ରାଜ୍ୟସ୍ତରରୁ ୩ ଜଣଙ୍କୁ ବଛାଯାଇ ଜାତୀୟ ସ୍ତରକୁ ପଠାଯିବ ବୋଲି କାର୍ଯ୍ୟକ୍ରମର ନୋଡାଲ ଅଫିସର ଡ. ସରୋଜ କୁମାର ଦାଶ ସୂଚନା ଦେଇଛନ୍ତି।

ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ କଲେଜରେ ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ବିସ୍ତୃତ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବାକେନ୍ଦ୍ରର ଯୁବ ଅଧିକାରୀ ବିପିନ କୁମାର ଭାରତ ସରକାରଙ୍କର ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ତଥ୍ୟ ରଖିଥିଲେ। ଉଲ୍ଲେଖଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ଆସୁଥିବା ପିଲାମାନଙ୍କ ଗସ୍ତ ଏବଂ ଖାଦ୍ୟପେୟ ପାଇଁ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ। ଏହି କାର୍ଯ୍ୟକ୍ରମ ସଫଳ କରିବାକୁ ଅଧିକରୁ ଅଧିକ ପିଲା ପଞ୍ଜୀକରଣ କରିବା ନିମନ୍ତେ ଯାଜପୁର ଜିଲାର ଜାତୀୟ ସେବା ଯୋଜନାର ଜିଲା କାର୍ଯ୍ୟକ୍ରମ ଅଧିକାରୀ ସୁଦୀପ କୁମାର ବିଶ୍ୱାଳ କହିଛନ୍ତି।

**ଫଟୋରେ ଖବର**



କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ଲୋକ ସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବ୍ୟକ୍ତିବୃନ୍ଦ।




ପଶ୍ଚିମବଙ୍ଗରେ ଚାଲିଥିବା ଛାତ୍ର ଆନ୍ଦୋଳନ ଉପରେ ପୋଲିସ ଓ ଗୁଣ୍ଡାମାନଙ୍କ ଆକ୍ରମଣକୁ ବିରୋଧ କରି କଟକ କଲେଜ ଛକଠାରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମୃତ୍ୟୁଞ୍ଜୟ



@ ନିଖିଲ୍



@ ପିଣ୍ଟୁ



@ ସତ୍ୟବାନ୍



@ ସୌମ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ମଧୁ ବିପ୍ଳବ'ର ପ୍ରସାର ପାଇଁ ପଦକ୍ଷେପ

## ୬ ରାଜ୍ୟର ୨୦୫ ମହୁମାଛି ପାଳକଙ୍କୁ ୨,୦୫୦ ମହୁମାଛି ବାକ୍ସ ପ୍ରଦାନ

ଭୁବନେଶ୍ୱର,୬।୩(ଅନୁରାଧା ମହାରଣା)

ଗ୍ରାମାଞ୍ଚଳରେ 'ମଧୁ ବିପ୍ଳବ'ର ପ୍ରସାର ପାଇଁ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। 'ମଧୁ ମିଶନ' ଅଧୀନରେ ଆୟୋଗ ଅଧ୍ୟକ୍ଷ ମନୋଜ କୁମାର ଭିଡିଓ କନ୍ଫରେନ୍ସ ମାଧ୍ୟମରେ ୬ଟି ରାଜ୍ୟରେ ୨୦୫ ମହୁମାଛି ପାଳକଙ୍କୁ ୨,୦୫୦ ମହୁମାଛି ବାକ୍ସ ସହିତ ମହୁମାଛି ଦଳ ଏବଂ ଅନ୍ୟାନ୍ୟ ଉପକରଣ ବଣ୍ଟନ କରିଛନ୍ତି। ନୟାଗଡ଼ର ସିନ୍ଧୁରିଆରେ ୧୫୦ଟି ମହୁ ବାକ୍ସ ଏବଂ ଆନୁଷଙ୍ଗିକ ଉପକରଣ ପ୍ରଦାନ କରାଯାଇଛି। ଏ ଅବସରରେ ମନୋଜ କୁମାର କହିଛନ୍ତି, ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ ୨୦୧୭ରେ 'ମଧୁମିଶନ' ଆରମ୍ଭ କରିଥିଲା। ଇତିମଧ୍ୟରେ ୨୦ହଜାରରୁ ଅଧିକ ହିତାଧିକାରୀ ୨ ଲକ୍ଷ ମହୁମାଛି ବାକ୍ସ ଏବଂ ମହୁମାଛି ଦଳ ପାଇସାରିଛନ୍ତି। 'ମନ କି ବାତ୍'ର ୭୫ତମ ଏପିସୋଡ୍‌ରେ ପ୍ରଧାନମନ୍ତ୍ରୀ ମହୁମାଛିଚାଷର ଲାଭ ବିଷୟରେ ଆଲୋଚନା କରିଥିଲେ। ମହୁ ବ୍ୟତୀତ ମହମ ମଧ୍ୟ ଆୟର ଏକ ପ୍ରମୁଖ ଉତ୍ସ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଔଷଧ, ଖାଦ୍ୟ, ବୟନ ଏବଂ ପ୍ରସାଧନ ଶିଳ୍ପରେ ମହୁମାଛି ଦ୍ୱାରା ପ୍ରସ୍ତୁତ ମହମର ଚାହିଦା ଅଧିକ। ତେଣୁ ଅଧିକରୁ ଅଧିକ ଚାଷୀ ମହୁମାଛି ଚାଷକୁ ସେମାନଙ୍କ କୃଷି ପଦ୍ଧତି ସହିତ ସଂଯୁକ୍ତ କରିବା ଉଚିତ। ଏହା କେବଳ ସେମାନଙ୍କର ଆୟ ବୃଦ୍ଧି କରିବ ନାହିଁ ବରଂ ଦେଶକୁ ମହୁ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ସହିତ ସେମାନଙ୍କ ଜୀବନକୁ ମଧୁମୟ କରିବ। ସେହିପରି 'ଖଦି ବିପ୍ଳବ' ପ୍ରଭାବରେ, ପ୍ରୟାଗରାଜ ମହାକୁମ୍ଭରେ ଖଦି ଉତ୍ପାଦଗୁଡ଼ିକର ୧୨.୦୨ କୋଟି ଟଙ୍କାର ବ୍ୟବସାୟ ହୋଇଛି। ପ୍ରଦର୍ଶନୀରେ ୯୮ଟି ଖଦି ଷ୍ଟଲ ଏବଂ ୫୪ ଟି ଗ୍ରାମୋଦ୍ୟୋଗ ଷ୍ଟଲ ପ୍ରଦର୍ଶିତ ହୋଇଥିଲା, ଯାହା ସାମୂହିକ ଭାବରେ ୯.୭୬ କୋଟି ଖଦି ଏବଂ ୨.୨୬ କୋଟି ଗ୍ରାମୋଦ୍ୟୋଗ ଉତ୍ପାଦିତ ସାମଗ୍ରୀର ବିକ୍ରି ରେକର୍ଡ କରିଥିଲା। ଗତ ୧୦ ବର୍ଷ ମଧ୍ୟରେ ଖଦି ଏବଂ ଗ୍ରାମୋଦ୍ୟୋଗ ଦ୍ରବ୍ୟର ବିକ୍ରୟ ପାଞ୍ଚ ଗୁଣ ବୃଦ୍ଧି ପାଇଛି ଓ ଏହା ୩୧ହଜାର କୋଟିରୁ ୧ଲକ୍ଷ ୫୫ହଜାର କୋଟିରେ ପହଞ୍ଚିଛି। କେବଳ ଖଦି ପୋଷାକର ବିକ୍ରି ୬ ଗୁଣ ବୃଦ୍ଧି ପାଇ ୧,୦୮୧ କୋଟିରୁ ୬, ୪୯୬ କୋଟି ପର୍ଯ୍ୟନ୍ତ ପହଞ୍ଚିଛି। ଏହାସହ ଗତ ଆର୍ଥିକ ବର୍ଷରେ ୧୦.୧୭ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି ହୋଇଛି। ଗତ ଦଶନ୍ଧିରେ ଖଦି କାରିଗରଙ୍କ ଆୟ ୨୧୩ %କୁ ବୃଦ୍ଧି ପାଇଛି ଓ ଏହି କ୍ଷେତ୍ରରେ ୮୦% ରୁ ଅଧିକ ମହିଳାଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହୋଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମୋଦ୍ୟୋଗ ବିକାଶ ଯୋଜନାର ହିତାଧିକାରୀଙ୍କ ସହିତ ମୁମ୍ବାଇ ଏବଂ ଦିଲ୍ଲୀରେ ଥିବା ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ମୁଖ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଭିଡିଓ କନ୍ଫରେନ୍ସରେ ଯୋଗ ଦେଇଥିଲେ।





ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ଅଧ୍ୟକ୍ଷ ମନୋଜ କୁମାରଙ୍କ ସହ ଅନ୍ୟମାନେ।

## ମହାପ୍ରଭୁଙ୍କ ଜମିରୁ ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା

### ଠେଲାପେଲା, ପଥରମାଡ଼

ଜଟଣୀ,୬।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ତହସିଲ ଅଞ୍ଚଳରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିରେ ନିର୍ମିତ ବେଆଇନ ନିର୍ମାଣକୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସକାଳେ କୁସମାଟି ମୌଜାର ଖଣ୍ଡୁଆଳି ମନ୍ଦିର ଏବଂ ତାରିଣୀ ମନ୍ଦିର ଅଞ୍ଚଳରେ ଉଚ୍ଛେଦ ପାଇଁ ଜଟଣୀ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ଏବଂ ଶ୍ରୀମନ୍ଦିର ପ୍ରଶାସନର ସହାୟକ ବନ୍ଦୋବସ୍ତ ଅଧିକାରୀ ମନ୍ମଥ ନନ୍ଦ ପହଞ୍ଚିଥିଲେ। ଉଚ୍ଛେଦ ଆରମ୍ଭର କିଛି ସମୟ ପରେ କେତେଜଣ ଅସାଧୁ ବ୍ୟକ୍ତି ପହଞ୍ଚି ବିରୋଧ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଠେଲାପେଲା ସହ ପଥରମାଡ଼ ଯୋଗୁ ଅଧାରୁ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଥିଲା। ଏହା ପରେ ଅଧିକାରୀ ଫେରିଯାଇଥିଲେ। ତେବେ ଏନେଇ ତହସିଲଦାର ଏବଂ ଶ୍ରୀମନ୍ଦିର କାର୍ଯ୍ୟାଳୟ ଅଧିକାରୀଙ୍କ ମୋବାଇଲ ନମ୍ବରକୁ ଯୋଗଯୋଗ କରାଯାଇଥିଲେ ମଧ୍ୟ ସେମାନଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଉତ୍ତରାଖଣ୍ଡ ପର୍ଯ୍ୟଟନର ପ୍ରଚାର କଲେ ମୋଦି



ଉତ୍ତରକାଶୀ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରାଯାଉଛି।

ଭୁବନେଶ୍ୱର,୬।୩(ଅନୁରାଧା ମହାରଣା)

### ଉତ୍ତରକାଶୀରେ ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଉତ୍ତରକାଶୀ ଗସ୍ତ କରିଛନ୍ତି। ଏହି ଗସ୍ତ ଅବସରରେ ସେ ମୁଖଓ୍ୱା ଏବଂ ହର୍ଷିଲରେ ପହଞ୍ଚି ଉତ୍ତରାଖଣ୍ଡର ପର୍ଯ୍ୟଟନ ଓ ତୀର୍ଥସ୍ଥାନର ପ୍ରଚାର କରିଛନ୍ତି। ତୀର୍ଥଯାତ୍ରୀ, ପର୍ଯ୍ୟଟକ, ଚଳଚ୍ଚିତ୍ର ଉଦ୍ୟୋଗୀଙ୍କଠାରୁ ଆରମ୍ଭକରି କର୍ପୋରେଟ୍ ଜଗତର ବ୍ୟକ୍ତିତ୍ୱଙ୍କୁ ଶୀତଦିନିଆ ଉତ୍ତରାଖଣ୍ଡ ଯାତ୍ରା ପାଇଁ ଆମନ୍ତ୍ରିତ କରିଛନ୍ତି। ଏହି ଗସ୍ତ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ମାଣା ହିମସ୍ଖଳନରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ଶୋକ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି, କିଛି ମାସ ତଳେ ଏପରି ଅନୁଭବ ହୋଇଥିଲା, ଯେପରି ମା' ଗଙ୍ଗା ତାଙ୍କୁ କାଶୀ ଡାକିଛନ୍ତି। ସେହିପରି ହର୍ଷିଲର ରାଜ୍‌ମା ଓ ସ୍ଥାନୀୟ ଉତ୍ପାଦ ତାଙ୍କୁ ନିଜ ପରିବାର କଥା ମନେପକାଉଥିବା କହିଛନ୍ତି। କିଛିବର୍ଷ ପୂର୍ବେ ସେ ବାବା କେଦାରନାଥଙ୍କୁ ଦର୍ଶନ କରିଥିଲେ। ଦର୍ଶନ ପରେ ହଠାତ୍ ତାଙ୍କ ମୁଖରୁ ବାହାରି ଥିଲା କି ଏହି ଦଶନ୍ଧି ଉତ୍ତରାଖଣ୍ଡର। ବାବା କେଦାରନାଥଙ୍କ କୃପାରୁ ତାହା ବର୍ତ୍ତମାନ ସତ ହେବାକୁ ଯାଉଥିବା ସେ କହିଛନ୍ତି। ଉତ୍ତରାଖଣ୍ଡର ଉନ୍ନତି ପାଇଁ ସେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀଙ୍କୁ ପ୍ରଶଂସା କରିଛନ୍ତି। କେଦାରନାଥକୁ ଆରମ୍ଭ ହୋଇଥିବା ରୋପ୍‌ୱେ ଦ୍ୱାରା ୮ରୁ ୯ ଘଣ୍ଟା ଲାଗୁଥିବା ଯାତ୍ରା ମାତ୍ର ୩୦ ମିନିଟ୍‌ରେ ସମାପ୍ତ ହେଉଛି। ଏ ଅବସରରେ ମୋଦି କହିଛନ୍ତି, ୨୦୧୪ ପୂର୍ବରୁ ଚାରିଧାମ ଯାତ୍ରା ପାଇଁ ୧୮ ଲକ୍ଷ ଲୋକ ଆସୁଥିଲେ। ବର୍ତ୍ତମାନ ଏହି ସଂଖ୍ୟା ୫୦ ଲକ୍ଷରେ ପହଞ୍ଚିଛି। ସେହିପରି ଚଳିତବର୍ଷ ବଜେଟରେ ୫୦ ପର୍ଯ୍ୟଟନସ୍ଥଳୀର ଉନ୍ନତୀକରଣ କରାଯିବ। ଏଥିରେ ଉତ୍ତରାଖଣ୍ଡର ବର୍ଡର ଅଞ୍ଚଳ ମଧ୍ୟ ବିକଶିତ ହେବ। ଭିଲେଜ ଯୋଜନା ଅଧୀନରେ ଏହି ପ୍ରକ୍ରିୟା ଆରମ୍ଭ ହୋଇସାରିଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ମୁଖ୍ୟମନ୍ତ୍ରୀ ଧାମୀ କହିଛନ୍ତି, ଉତ୍ତରାଖଣ୍ଡର ସୀମାନ୍ତ କ୍ଷେତ୍ରରେ ଟ୍ରାକିଂ ଏବଂ ମାଉଣ୍ଟେନ ବାଇକିଂ ଭଳି ଅନ୍ୟାନ୍ୟ ରୋମାଞ୍ଚକର ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ଏହାସହିତ ରାଜ୍ୟରେ ଆୟୋଜିତ ହେବାକୁ ଥିବା ଦୁଇ ଧାର୍ମିକ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରୋତ୍ସାହନ ମିଳିବ ବୋଲି ସେ ଆଶା ରଖିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ରାଷ୍ଟ୍ରମନ୍ତ୍ରୀ ଅଜୟ ଟମଟା, କ୍ୟାବିନେଟ୍ ମନ୍ତ୍ରୀ ସତପାଲ ମହାରାଜ, ରାଜ୍ୟ ସଭା ସଦସ୍ୟ ମହେନ୍ଦ୍ର ଭଟ୍ଟ, ଏମ୍‌ପି ମାଲା ରାଜ୍ୟଲକ୍ଷ୍ମୀ ଶାହ ଓ ବିଧାୟକ ସୁରେଶ ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୁବାବୁଙ୍କ ବକ୍ତବ୍ୟର ପ୍ରାସଙ୍ଗିକତା ଏବେ ବି ରହିଛି

ଭୁବନେଶ୍ୱର, ୬।୩ (ବନ୍ଦନା ସେଠୀ)

ବିଜୁ ପଟ୍ଟନାୟକ ବିରୋଧୀ ଦଳ ନେତା ଥିବାବେଳେ ୧୯୯୫ ଜୁନ୍ ୨୯ରେ ବିଧାନସଭାରେ ଦେଇଥିବା ଶେଷ ବକ୍ତବ୍ୟକୁ ପଲିଟିକାଲ ଥିଙ୍କର୍ସ ଫୋରମ ପକ୍ଷରୁ ଲୋକାର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗଦେଇ, ତିନି ଦଶନ୍ଧି ତଳେ ବିଜୁବାବୁ ପ୍ରଦାନ କରିଥିବା ଏହି ବକ୍ତବ୍ୟର ପ୍ରାସଙ୍ଗିକତା ଏବେ ମଧ୍ୟ ରହିଛି ବୋଲି କହିଥିଲେ। ବିଜୁ ପଟ୍ଟନାୟକଙ୍କ ସହ ତାଙ୍କର ସାକ୍ଷାତ, କଂଗ୍ରେସ ବିଭାଜନ ସମୟରେ ବିଜୁ ପଟ୍ଟନାୟକଙ୍କ ଭୂମିକା, କ୍ଷମତା ପାଇଁ ଜାତୀୟ କଂଗ୍ରେସରେ ନ ରହି ସ୍ୱାଭିମାନୀ ଭାବେ ଅନ୍ୟ ରାଜନୈତିକ ବିକଳ୍ପ ଗଢି ତୋଳିବାର ଇଚ୍ଛା ଓ ଉଦ୍ୟମର ଅବତାରଣା କରିଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ମେୟର ସୁଲୋଚନା ଦାସ, ସମାଜବାଦୀ ପାର୍ଟି ସାଧାରଣ ସମ୍ପାଦକ ପି.କେ ବାରିକ, ସିପିଆଇ(ଏମଏଲ) ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ସିପିଆଇ ନେତା ନାରାୟଣ ରେଡ୍ଡୀ, କଂଗ୍ରେସ ନେତା ସୁଦର୍ଶନ ଦାସ ବିଜୁଙ୍କ ସ୍ମୃତି ଚାରଣ କରିଥିଲେ।





## ଦୃଷ୍ଟିବାଧିତ ମହିଳା ତୀରନ୍ଦାଜୀ ପ୍ରତିଯୋଗିତାର ଲୋଗୋ ଉନ୍ମୋଚିତ

ପୁରୁଣା ଭୁବନେଶ୍ୱର,୬।୩ (ସୁବାସ ଚନ୍ଦ୍ର ପ୍ରଧାନ)

ଅନ୍ତର୍ଜାତୀୟ ମହିଳା ଦିବସରେ ପ୍ରଥମ ଥର ପାଇଁ ଦୃଷ୍ଟିବାଧିତ ମହିଳା ତୀରନ୍ଦାଜୀ ପ୍ରତିଯୋଗିତା ପୋଖରୀପୁଟସ୍ଥିତ ଭାରତ ସରକାରଙ୍କ ନିଯୁକ୍ତି ମହାନିର୍ଦ୍ଦେଶାଳୟ ପରିସରରେ ଅନୁଷ୍ଠିତ ହେବ। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଭାରତ ସରକାରଙ୍କ ନିଯୁକ୍ତି ମହାନିର୍ଦ୍ଦେଶାଳୟ ଏବଂ ସାମାଜିକ ଅନୁଷ୍ଠାନ 'ବୁଲସ୍‌ଆଇ'ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପ୍ରତିଯୋଗିତାର ଲୋଗୋକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିଜ ସରକାରୀ ବାସଭବନଠାରେ ଉନ୍ମୋଚନ କରିବା ସହ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଲୋଗୋର ନିମ୍ନ ଭାଗରେ ଇଂଲିଶ ଭାଷାରେ ଫୋକସ ଅନ୍ ଏବିଲିଟି, ନଟ୍ ଡିଜାବିଲିଟିରେ ଏକ ଟ୍ୟାଗ୍ ଲାଇନ୍ ରହିଛି । ଉନ୍ମୋଚନ କାର୍ଯ୍ୟକ୍ରମରେ 'ବୁଲସଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା, ଉପଦେଷ୍ଟା ଡ.ରଶ୍ମୀ ରଞ୍ଜନ ସାହୁ ଏବଂ କୋଷାଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ରାଜ୍ୟର ବିଭିନ୍ନ ଜିଲାରୁ ୫୦ରୁ ଊର୍ଦ୍ଧ୍ୱ ଖେଳାଳି ଏହି ତୀରନ୍ଦାଜୀ ପ୍ରତିଯୋଗିତାରେ ଭାଗନେବା ପାଇଁ ନାମ ପଞ୍ଜୀକରଣ କରିଥିବା ଜଣାପଡିଛି।

# ଋଷିକୁଲ୍ୟାରେ ଅଣ୍ଡାଦେଲେ ୬,୯୮,୭୧୮ ଅଲିଭ୍ ରିଡ୍‌ଲେ



ବେଳାଭୂମିରେ ଅଲିଭ୍ ରିଡ୍‌ଲେ ସାମୂହିକ ଅଣ୍ଡା ଦେଉଛନ୍ତି।

ଭୁବନେଶ୍ୱର,୬।୩(ବନ୍ଦନା ସେଠୀ)

### ଗହୀରମଥାରେ ୭୮,୭୪୩ କଇଁଛ ବସା

ଅଲିଭ୍ ରିଡ୍‌ଲେ କଇଁଛଙ୍କ ସାମୂହିକ ଅଣ୍ଡାଦାନ ଲାଗି ଓଡ଼ିଶା ଉପକୂଳ ଜୀବନ୍ତ ହୋଇ ଉଠିଛି। ଲକ୍ଷ ଲକ୍ଷ ସଂଖ୍ୟାରେ କଇଁଛ ବେଳାଭୂମିରେ ବସା ବାନ୍ଧିବା ସହ ଅଣ୍ଡା ଦେଉଛନ୍ତି। ଗହୀରମଥା ସର୍ବବୃହତ୍ ରୁକେରୀ (ସାମୂହିକ ଅଣ୍ଡାଦେବା ସ୍ଥାନ)ରେ ପରିଣତ ହୋଇଥିବାବେଳେ ଋଷିକୁଲ୍ୟା ନଦୀ ମୁହାଣରେ ସର୍ବାଧିକ ଆରିବାଡା (ସାମୂହିକ ବସା) ଦେଖିବାକୁ ମିଳିଛି। ପୂର୍ବ ରେକର୍ଡକୁ ଅତିକ୍ରମ କରି ଚଳିତବର୍ଷ ଋଷିକୁଲ୍ୟା ମୁହାଣ ନିକଟରେ ୬,୯୮,୭୧୮ ଅଲିଭ ରିଡ୍‌ଲେ ଅଣ୍ଡା ଦେଇଛନ୍ତି। ସେହିପରି ଗତ ୫ ତାରିଖରୁ ଗହୀରମଥାରେ କଇଁଛଙ୍କ ସାମୂହିକ ବସା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୭୮,୭୪୩ଟି କଇଁଛ ବସା ବାନ୍ଧିଛନ୍ତି। ଏହି ବିରଳ କଇଁଛଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ସାମୁଦ୍ରିକ ପୋଲିସ ସହଯୋଗରେ ୬୭ଟି ପାଟ୍ରୋଲିଂ କ୍ୟାମ୍ପ କାର୍ଯ୍ୟ କରୁଛି। ସେହିପରି ୨୪ଘଣ୍ଟା ନିରୀକ୍ଷଣ ପାଇଁ ହାଇସ୍ପିଡ୍ ଜାହାଜ ସମେତ ୨୨ଟି ପାଟ୍ରୋଲିଂ ବୋଟ୍ ନିୟୋଜିତ କରାଯାଇଛି। ବାସସ୍ଥଳୀର ନିରନ୍ତର ତଦାରଖ, ଆଲୋକ କଟକଣା ଲାଗୁ ହେବା ସହିତ ଅଣ୍ଡାର ସୁରକ୍ଷା ପାଇଁ ଅତିରିକ୍ତ ୮ଟି କୃତ୍ରିମ ହାଚେରୀ କୁଜଙ୍ଗ ଓ ଗହୀରମଥା ବନ୍ୟପ୍ରାଣୀ ରେଞ୍ଜ୍‌ରେ ପ୍ରତିଷ୍ଠା ହୋଇଛି। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଏବଂ ଉପକୂଳ ଡିଭିଜନର ଉତ୍ସର୍ଗୀକୃତ ଦଳ ଦ୍ୱାରା ଏହାକୁ ସକ୍ରିୟ ଭାବରେ ତଦାରଖ କରାଯାଉଛି। ତଟରକ୍ଷୀ ବାହିନୀ, ମତ୍ସ୍ୟ ଓ ଏଆର୍‌ଡି ବିଭାଗ ଏବଂ ସାମୁଦ୍ରିକ ପୋଲିସ ପକ୍ଷରୁ ମିଳିତ ସାମୁଦ୍ରିକ ପାଟ୍ରୋଲିଂରେ ୨୪ଟି ଟ୍ରଲର, ୩ଟି ଗିଲ୍ ନେଟର୍ ଓ ଗୋଟିଏ ଯାନ୍ତ୍ରିକ ଡଙ୍ଗା ଜବତ ହୋଇଥିବାବେଳେ ୨୨୮ଜଣ ଗିରଫ ହୋଇଛନ୍ତି। ସେହିପରି ଜବତ ୧୫୯.୧ କୁଇଣ୍ଟାଲ ମାଛ ୧୪.୭ ଲକ୍ଷ ଟଙ୍କାରେ ନିଲାମ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବନ୍ୟଜନ୍ତୁ (ସୁରକ୍ଷା) ଅଧିନିୟମ ୧୯୭୨ର ଅନୁସୂଚୀ-୧ ଓ ପ୍ରବାସୀ ସଂରକ୍ଷିତ ପ୍ରଜାତିର ଅଲିଭ୍ ରିଡ୍‌ଲେ କଇଁଛ ପ୍ରତିବର୍ଷ ଅକ୍ଟୋବରରୁ ମେ' ମଧ୍ୟରେ ଓଡ଼ିଶା ଉପକୂଳକୁ ଆସି ସଙ୍ଗମ କରିବା ସହ ବସା ବାନ୍ଧି ଅଣ୍ଡା ଦେଇଥାନ୍ତି। ଚଳିତବର୍ଷ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ନେତୃତ୍ୱରେ ବିଭାଗର ବନ୍ୟଜନ୍ତୁ ସଂଗଠନ ଦ୍ୱାରା ସମନ୍ୱିତ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ନିର୍ଦ୍ଦେଶରେ ସଂରକ୍ଷଣ ପ୍ରୟାସକୁ ସୁଦୃଢ଼ କରାଯାଇଛି। ସେହିପରି ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ୍ କୁମାର ଝାଙ୍କ ତତ୍ତ୍ୱାବଧାନରେ ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି।

ICICI Bank | ଶାଖା କାର୍ଯ୍ୟାଳୟ: ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, 2ୟ ମହଲା, ଓସିସିଏଫ୍ ବିଲଡିଂ, ଶ୍ରୀୟା ଟକିଜ୍ ସାମ୍ନା, ୟୁନିଟ୍-III, ଭୁବନେଶ୍ୱର, ଓଡ଼ିଶା-751001

**ସର୍ବସାଧାରଣ ବିଜ୍ଞପ୍ତି- ବନ୍ଧକ ପରିସମ୍ପତ୍ତିର ବିକ୍ରୟ ପାଇଁ ଟେଣ୍ଡର ତଥା ଇ-ନିଲାମ**

[ନିୟମ 8(6)ର ବ୍ୟବସ୍ଥାପନ ଦେଖନ୍ତୁ]

ସ୍ଥାବର ପରିସମ୍ପତ୍ତି(ଗୁଡ଼ିକ)ର ବିକ୍ରୟ ପାଇଁ ବିଜ୍ଞପ୍ତି

ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, 2002 ସହିତ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, 2002ର ନିୟମ 8 (6)ର ବ୍ୟବସ୍ଥାପନ ଅଧୀନରେ ସ୍ଥାବର ସମ୍ପତ୍ତି(ଗୁଡ଼ିକ)ର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍ୱାରା ସାଧାରଣ ଭାବେ ଜନସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସି ଦିଆଯାଉଛି ଯେ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ଦିଆଯାଇଥିବା/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାର ଭୌତିକ ଦଖଲ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍‌ର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିଆଯାଇଥିଲା, ତାହାକୁ ନିମ୍ନଦର୍ଶିତ ସଂକ୍ଷିପ୍ତ ବିବରଣୀ ଅନୁଯାୟୀ 'ଯେପରି ଅଛି ଯେଉଁଠି ଅଛି', 'ଯେପରି ଅଛି ଯାହା ଅଛି' ଏବଂ 'ସେଠାରେ ଯାହା ଅଛି' ଭିତ୍ତିରେ ବିକ୍ରୟ କରାଯିବ;

| କ୍ର. ସଂ. | ଋଣଗ୍ରହୀତା(ଗଣ)/ ସହ-ଋଣଗ୍ରହୀତାଗଣ/ ଗ୍ୟାରେଣ୍ଟିଦାତାଗଣଙ୍କ ନାମ/ ଋଣ ଖାତା ନଂ. | ବନ୍ଧକ ପରିସମ୍ପତ୍ତି(ଗୁଡ଼ିକ)ର ବିବରଣୀ ସହିତ ଜ୍ଞାତସାରରେ ଥିବା ଋଣଭାର | ବକେୟା ଅର୍ଥରାଶି | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି | ସମ୍ପତ୍ତି ନିରୀକ୍ଷଣର ତାରିଖ ଓ ସମୟ | ଇ-ନିଲାମର ତାରିଖ ଓ ସମୟ |
|---|---|---|---|---|---|---|
| (କ) | (ଖ) | (ଗ) | (ଘ) | (ଙ) | (ଚ) | (ଛ) |
| 1. | ଶ୍ରୀ ମୁକୁଟ ରାୟଚୌଧୁରୀ (ଋଣଗ୍ରହୀତା), ଶୋଭା ରାୟ ଚୌଧୁରୀ, ରୂପକ ରାୟ ଚୌଧୁରୀ, ଇନ୍ଦ୍ରାଣୀ ଭଟ୍ଟାଚାର୍ଯ୍ୟ (ସହ-ଆବେଦକ) LBBBS00003869761, LBBBS00003869777, LBBBS00004424646 | ପ୍ଲଟ୍ ନଂ. 3 (ଏସ୍‌ସିଆର୍) ଖାରବେଳନଗର, ୟୁନିଟ୍-III, ରାଜସ୍ୱ ପ୍ଲଟ୍ ନଂ. 116, ଖାତା ନଂ.367, ମୌଜା ଖାରବେଳ ନଗର-I, ଥାନା- ନ୍ୟୁ କ୍ୟାପିଟାଲ, ଭୁବନେଶ୍ୱର, ଓଡ଼ିଶା । ପରିମାପ ରକବା 0.060 ଡେସିମିଲ ଅର୍ଥାତ୍ 2700 ବର୍ଗଫୁଟ ଓ ବିଲ୍ଟ ଅପ୍ ଏରିଆ 4050 ବର୍ଗଫୁଟ । | ଟ. 2,88,93,352/- 05 ମାର୍ଚ୍ଚ 2025 ସୁଦ୍ଧା | ଟ. 3,11,00,000/- / ଟ. 31,10,000/- | ଏପ୍ରିଲ 07, 2025 ପୂର୍ବାହ୍ନ 11.00 ଘଟିକାରୁ ଅପରାହ୍ନ 01.00 ଘଟିକା | ଏପ୍ରିଲ 17, 2025 ପୂର୍ବାହ୍ନ 11.00 ଘଟିକା ପରଠାରୁ |
| 2. | ଶ୍ରୀରାଜ ଦାଶ (ଆବେଦକ) ଶ୍ରୀୟା ଦାଶ (ସହ-ଆବେଦକ) TBBBS00006227059, TBBBS00006227063 ଓ TBBBS00006227062 | ହାଲ ପ୍ଲଟ୍ ନଂ.1942, ସରକାରୀ ଖାତା ନଂ. 1, ହାଲ ଖାତା ନଂ. 409, ଥାନା- ପୁରୀଘାଟ, ଏସ୍.ଆର୍.ଓ./ତହସିଲ- କଟକ, ଜିଲ୍ଲା: କଟକ, ଓଡ଼ିଶା । ପରିମାପ ରକବା: ଏ.0.048 ଡେସିମିଲ ରକବା ଅର୍ଥାତ୍ 2091 ବର୍ଗଫୁଟ ଏବଂ ବିଲ୍ଟ ଅପ୍ ଏରିଆ 2220 ବର୍ଗ ଫୁଟ । | ଟ. 1,41,81,100/- 05 ମାର୍ଚ୍ଚ 2025 ସୁଦ୍ଧା | ଟ. 1,50,00,000/- / ଟ. 15,00,000/- | ଏପ୍ରିଲ 08, 2025 ପୂର୍ବାହ୍ନ 11.00 ଘଟିକାରୁ ଅପରାହ୍ନ 01.00 ଘଟିକା | ଏପ୍ରିଲ 17, 2025 ପୂର୍ବାହ୍ନ 11.30 ଘଟିକା ପରଠାରୁ |
| 3. | ଦେବାଶିଷ ଭୂୟାଁ (ଆବେଦକ), ନିରଞ୍ଜନ ଭୂୟାଁ (ସହ-ଆବେଦକ) LBCTK00005601964, LBBBS00006127366 | ହାଲ ପ୍ଲଟ୍ ନଂ. 526, ହାଲ ଖାତା ନଂ. 552, ଥାନା: ନ୍ୟୁ କ୍ୟାପିଟାଲ, ମୌଜା: ଗୌତମ ନଗର, ୟୁନିଟ୍ ନଂ. 28, ନାଗେଶ୍ୱର ଟାଙ୍ଗୀ, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା (ପରିମାପ ରକବା 106 ଡେସିମିଲ ଅର୍ଥାତ୍ 4617 ବର୍ଗଫୁଟ ଏବଂ ବିଲ୍ଟ ଅପ୍ ଏରିଆ 6118 ବର୍ଗଫୁଟ) | ଟ. 2,46,96,553/- 05 ମାର୍ଚ୍ଚ 2025 ସୁଦ୍ଧା | ଟ. 2,70,00,000/- / ଟ. 27,00,000/- | ଏପ୍ରିଲ 09, 2025 ପୂର୍ବାହ୍ନ 11.00 ଘଟିକାରୁ ଅପରାହ୍ନ 01.00 ଘଟିକା | ଏପ୍ରିଲ 17, 2025 ମଧ୍ୟାହ୍ନ 12.00 ଘଟିକା ପରଠାରୁ |

ଅନ୍‌ଲାଇନ ନିଲାମଟି ଆମର ନିଲାମ ଏଜେନ୍ସି ମେସର୍ସ ନେକ୍ସେନ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ୱେବ୍‌ସାଇଟ୍ (ୟୁଆର୍‌ଏଲ୍ ଲିଙ୍କ- https://disposalhub.com)ରେ ସଞ୍ଚାଳିତ ହେବ । ବନ୍ଧକଦାତା/ନୋଟିସଗ୍ରହୀତାମାନଙ୍କୁ ଏପ୍ରିଲ 16, 2025 ଅପରାହ୍ନ 5.00 ଘଟିକା ସୁଦ୍ଧା ମୋଟ ବକେୟା ସହିତ ତତ୍-ପରବର୍ତ୍ତୀ ସୁଧ ପୈଠ କରିବା ପାଇଁ ଏକ ଶେଷ ସୁଯୋଗ ଦିଆଯାଉଛି, ଅନ୍ୟଥା ବନ୍ଧକ ପରିସମ୍ପତ୍ତି(ଗୁଡ଼ିକୁ) ଅନୁସୂଚୀ ଅନୁସାରେ ବିକ୍ରି କରିଦିଆଯିବ । ସମ୍ଭାବ୍ୟ ବିଡର(ଗଣ) ଏପ୍ରିଲ 16, 2025 ଅପରାହ୍ନ 05.00 ଘଟିକା କିମ୍ବା ତାହା ପୂର୍ବରୁ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, 2ୟ ମହଲା, ଓସିସିଏଫ୍ ବିଲଡିଂ, ଶ୍ରୀୟା ଟକିଜ୍ ସାମ୍ନା, ୟୁନିଟ୍-III, ଭୁବନେଶ୍ୱର, ଓଡ଼ିଶା-751001 ଠାରେ ଅମାନତ ଜମା ରାଶି (ଇଏମ୍‌ଡି) ଡିମାଣ୍ଡ ଡ୍ରାଫ୍ଟ (ଡିଡି) (ସ୍ତମ୍ଭ 'ଙ' ଦେଖନ୍ତୁ) ଦାଖଲ କରିବା ଜରୁରୀ । ତତ୍‌ପଶ୍ଚାତ୍ ସେମାନଙ୍କୁ ୱେବ୍‌ସାଇଟ୍ ମାଧ୍ୟମରେ ଏପ୍ରିଲ 16, 2025 ଅପରାହ୍ନ 05.00 ଘଟିକା କିମ୍ବା ତାହା ପୂର୍ବରୁ ଇଏମ୍‌ଡି ପରିଶୋଧର ପ୍ରମାଣ ବାବଦରେ ବ୍ୟାଙ୍କ ଦ୍ୱାରା ପ୍ରାପ୍ତିସ୍ୱୀକୃତ ଡିଡିର ସ୍କାନ୍ କରାଯାଇଥିବା ପ୍ରତିଛବି ସହିତ ସେମାନଙ୍କର ଅଫର ଦାଖଲ କରିବାକୁ ହେବ । ଯଦି ସମ୍ଭାବ୍ୟ ବିଡର(ଗଣ) ୱେବ୍‌ସାଇଟ୍ ଜରିଆରେ ତାଙ୍କର/ସେମାନଙ୍କର ଅଫର ଦାଖଲ କରିବାରେ ଅସମର୍ଥ ହୋଇଥାନ୍ତି, ତେବେ ଟେଣ୍ଡର ଦସ୍ତାବିଜଗୁଡ଼ିକର ସ୍ୱାକ୍ଷରିତ ପ୍ରତିଲିପିଗୁଡ଼ିକୁ ଏପ୍ରିଲ 16, 2025 ଅପରାହ୍ନ 05.00 ଘଟିକା ପୂର୍ବରୁ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, 2ୟ ମହଲା, ଓସିସିଏଫ୍ ବିଲଡିଂ, ଶ୍ରୀୟା ଟକିଜ୍ ସାମ୍ନା, ୟୁନିଟ୍-III, ଭୁବନେଶ୍ୱର, ଓଡ଼ିଶା-751001 ଠାରେ ଦାଖଲ କରିବାକୁ ପଡ଼ିବ । ଅମାନତ ଜମା ରାଶି ଡିଡି/ପିଓ ଏକ ରାଷ୍ଟ୍ରାୟତ୍ତ/ଅନୁସୂଚୀତ ବ୍ୟାଙ୍କରୁ 'ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍' ସପକ୍ଷରେ ଭୁବନେଶ୍ୱରଠାରେ ପୈଠଯୋଗ୍ୟ ହୋଇଥିବା ଆବଶ୍ୟକ ।

ନିରୀକ୍ଷଣ, ଇ-ନିଲାମର ନିୟମ ଓ ସର୍ତ୍ତାବଳୀ କିମ୍ବା ଟେଣ୍ଡର ଦାଖଲ ବାବଦୀୟ ଅଧିକ ସ୍ପଷ୍ଟୀକରଣ ପାଇଁ ଆଇସିଆଇସିଆଇ ବ୍ୟାଙ୍କ କର୍ମଚାରୀଙ୍କ ସହ ଫୋନ୍ ନଂ. 9324948920 ରେ ଯୋଗାଯୋଗ କରନ୍ତୁ ।

ଦୟାକରି ଧ୍ୟାନରେ ରଖନ୍ତୁ ଯେ ଏହି ସମ୍ପତ୍ତିର ବିକ୍ରୟକୁ ସୁବିଧାଜନକ କରିବା ପାଇଁ ମାର୍କେଟିଂ ଏଜେନ୍ସି 1. ଭାଲ୍ୟୁ ଟ୍ରଷ୍ଟ କ୍ୟାପିଟାଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟ ନିୟୋଜିତ ହୋଇଛି ।

ଅଧିକ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ବିଡ୍‌କୁ ଖାରଜ କରିବାର ଅଧିକାର ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ସଂରକ୍ଷିତ ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଦୟାକରି www.icicibank.com/n4p4s ପରିଦର୍ଶନ କରନ୍ତୁ ।

ତାରିଖ: ମାର୍ଚ୍ଚ 07, 2025
ସ୍ଥାନ: ଭୁବନେଶ୍ୱର (ଓଡ଼ିଶା)

ପ୍ରାଧିକୃତ ଅଧିକାରୀ
ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍

## ସଂକ୍ଷେପରେ

### ପ୍ରତାପଙ୍କ କୁଶ ପୁତ୍ତଳିକା ଦାହ

ନିଶ୍ଚିନ୍ତକୋଇଲି,୬।୩(ଅଶୋକ କୁମାର ମହାପାତ୍ର) : ଭଦ୍ରେଶ୍ୱର ଥାନା ଅଧିନ ଉମର ପଞ୍ଚାୟତରେ ଗୁରୁବାର ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶ ପୁତଳିକା ଦାହ କରାଯାଇଛି। ଉମରରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ ଭାଙ୍ଗିବା ଘଟଣାରେ ଗିରଫ ହୋଇଥିବା ଯୁବକ ସହ ପ୍ରତାପଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ଭୁବନେଶ୍ୱରରେ ରାଲି ଓ ପ୍ରତିବାଦ ସଭା ଚାଲିଥିବା ବେଳେ ମାହାଙ୍ଗାରେ ମଧ୍ୟ ପ୍ରତାପ ଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ପ୍ରମୋଦ ମହାରଣା, ସୁକୁମାର ସାହୁପ୍ରମୁଖ ଶୋଭାଯାତ୍ରାରେ ଆସି ପ୍ରତାପ ଜେନାଙ୍କ ବିରୋଧରେ ସ୍ଲୋଗାନ ଦେଇ ତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

### ପଦୀପ୍ତ ମାଲକାନ୍‌ଗିରି କଂଗ୍ରେସ ପର୍ଯ୍ୟବେକ୍ଷକ

ନିଶ୍ଚିନ୍ତକୋଇଲି,୬।୩(ଅଶୋକ କୁମାର ମହାପାତ୍ର) : ମାହାଙ୍ଗାର କଂଗ୍ରେସ ନେତା ତଥା ପ୍ରାକ୍ତନ ପିସିସି ସମ୍ପାଦକ ପ୍ରଦୀପ୍ତ ଦାସ ମାଲକାନାଗିରି ଜିଲାର ଦଳୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ତାଙ୍କୁ ଏହି ଗୁରୁ ଦାୟିତ୍ୱ ଦେଇଛନ୍ତି। ପ୍ରଦୀପ୍ତ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ କଂଗ୍ରେସକୁ ମଜଭୁତ କରି ରଖିଥିଲେ।

# ଅଚଳ ନଳକୂପକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କର

### ଅଂଶୁଘାତ ମୁକାବିଲା ପାଇଁ ଉପଖଣ୍ଡ ପ୍ରଶାସନର ପ୍ରସ୍ତୁତି

ବାଙ୍କୀ,୬।୩(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)


ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ବାଙ୍କୀ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଗ୍ରୀଷ୍ମକାଳୀନ ସମ୍ଭାବ୍ୟ ଅଂଶୁଘାତର ମୁକାବିଲା ପାଇଁ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଗୁରୁବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ପ୍ରଣବ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ।

ଆଗାମୀ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଉପଖଣ୍ଡର ସମସ୍ତ ବିଡିଓ ଏବଂ ପାନୀୟ ଜଳଯୋଗାଣ ବିଭାଗ ଜଳ ସମସ୍ୟା ଦୂର ନିମନ୍ତେ ପଦକ୍ଷେପ ନେବାକୁ ଉପଜିଲପାଳ ନିର୍ଦ୍ଦେଶ ଦେଇଥିଲେ। ଜଳାଭାବ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବା ସହ ଏନଏସି ମଧ୍ୟରେ ପାନୀୟ ଜଳ ପାଇପ ଦ୍ୱାରା ଯୋଗାଣ ଓ ଅଚଳ ନଳକୂପଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ଉପଖଣ୍ଡ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱତନ୍ତ୍ର ଶିତତାପ ନିୟନ୍ତ୍ରିତ କକ୍ଷ ପ୍ରସ୍ତୁତ କରିବା, ଆଶ୍ୟକ ପରିମାଣର ଓଆର୍‌ଏସ ଏବଂ ଔଷଧ ମହଜୁଦ ରଖିବା ସହ ଅଂଶୁଘାତ କଣ୍ଟ୍ରୋଲ ରୁମ ଖୋଲିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀବାହୀ ବସ୍‌ଗୁଡିକରେ ପାନୀୟଜଳ, ଓଆର୍‌ଏସ୍ ଓ ପ୍ରାଥମିକ ଚିକିତ୍ସା ସହାୟତା ବାକ୍ସ ରଖିବା, ବୁଲା ପ୍ରାଣୀଙ୍କୁ ଅଂଶୁଘାତରୁ ରକ୍ଷା କରିବା ନିମନ୍ତେ ଜଳ ବ୍ୟବସ୍ଥା କରିବା, ଗ୍ରାମାଞ୍ଚଳ ଓ ଏନଏସି ଅଞ୍ଚଳରେ ଜଳଛତ୍ର ଖୋଲିବା ,ସମସ୍ତ ବିଭାଗରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲିବାକୁ ଆଲୋଚନା କରାଯାଇଥିଲା।

ଅଂଶୁଘାତରେ ମୃତ୍ୟୁ ଘଟିଲେ ତୁରନ୍ତ ତହସିଲଦାରଙ୍କ ନିକଟରେ ଜଣାଇବା, ଏହାକୁ ତହସିଲଦାର ଓ ଉପଖଣ୍ଡ ଚିକିତ୍ସା ଅଧିକାରୀ ତଦନ୍ତ କରି ରିପୋର୍ଟ ପ୍ରଦାନ ନିମନ୍ତେ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ତହସିଲଦାର ବାଙ୍କୀ ଓ ଡମପଡା ଅଶେଷ କୁମାର ନାୟକ, ବୈଶାଖୀ ଲେଙ୍କା, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡ. ବନବାସୀ ବେହେରା, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ପଦ କୁମାର ସ୍ୱାଇଁ, ଅତିରିକ୍ତ ଜିଲାପାଳ ସୌମ୍ୟରଞ୍ଜନ ମହାପାତ୍ର, ସହକାରୀ ଜିଲାପାଳ ପ୍ରିୟଙ୍କା ଜୁଝାର ସିଂଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ‘ବିଧାନସଭା ଭିତରେ, ବାହାରେ ପ୍ରତିବାଦ ହେବ’


ମାହାଙ୍ଗାସ୍ଥିତ ଉମର ହନୁମାନ ଛକ ନିକଟରେ ଆୟୋଜିତ ପ୍ରତିବାଦସଭାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ବକ୍ତବ୍ୟ ଦେଉଛନ୍ତି ।

ନିଶ୍ଚିନ୍ତକୋଇଲି,୬।୩ (ଅଶୋକ କୁମାର ମହାପାତ୍ର) :

### ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ ଭାଙ୍ଗିବା ଘଟଣା

ବିଜେଡି ଭାଜପା ମେଣ୍ଟ ସରକାର ସମୟରେ ବିଜୁବାବୁଙ୍କ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ ମାର୍ଚ୍ଚ ୫ରେ ହେବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ଏବେର ଭାଜପା ସରକାର ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ବିଜେଡି ପ୍ରତିବାଦ ଜାରି ରଖିବ। ମାହାଙ୍ଗାରେ ଏବେ ଗୁଣ୍ଡାରାଜ ଚାଲିଛି। ବ୍ଲକରେ ଏମବିକେ ଓ ସିଆରପି ମା’ମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଓ ପଞ୍ଚାୟତ ସମିତି ସଭ୍ୟଙ୍କୁ ବ୍ଲକରେ ଗୁଣ୍ଡା ଲଗାଇ ମାଡ଼ ମାରିବା ଭଳି ଘଟଣା ଘଟୁଛି। ଏହାଛଡ଼ା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡଭାଙ୍ଗିବା ଘଟଣାରେ ପୋଲିସ ଏପର୍ଯ୍ୟନ୍ତ ୩ଜଣଙ୍କୁ ଗିରଫ କରିଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଦାବି କରିଛନ୍ତି। ଗୁରୁବାର ଉମର ହନୁମାନ ଛକ ନିକଟରେ ବିଜେଡି ପକ୍ଷରୁ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା।

ଏହି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ସଭାପତିତ୍ୱ କରିଥିଲେ। ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ ଯୋଗଦେଇ ବିଜୁ ବାବୁଙ୍କ ପ୍ରତି ସରକାର କରିଥିବା ଅନ୍ୟାୟର ପ୍ରତିବାଦ ଗାଁ ଠୁ ସହର ଜାରି ରହିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ କହିଥିଲେ, ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଯେଉଁମାନେ ଭାଙ୍ଗିଥିଲେ, ସେମାନଙ୍କୁ ପୋଲିସ ଗିରଫ କରିଛି। କିନ୍ତୁ ଯାହା ନିର୍ଦ୍ଦେଶରେ ଏପରି କାର୍ଯ୍ୟ କରାଯାଇଛି ତାଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ। ଏଥିପାଇଁ ହକ୍ ପାଇଁ ବିଧାନସଭା ବାହାରେ ଓ ଭିତରେ ପ୍ରତିବାଦ କରାଯିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ,ମାହାଙ୍ଗା ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ତତ୍କାଳୀନ ନେତା ଶରତ କର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଉମର ପଞ୍ଚାୟତ ହନୁମାନ ଛକ ନିକଟରେ ଦୁର୍ବୃତ୍ତମାନେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ ଭାଙ୍ଗି ଫୋପାଡି ଦେଇଥିଲେ।

# ମା’ ବାପାଙ୍କ ସହ ଗ୍ରାମବାସୀଙ୍କ ଧାରଣା

ନିଶ୍ଚିନ୍ତକୋଇଲି, ୬।୩ (ଅଶୋକ କୁମାର ମହାପାତ୍ର) :

### ଦାଦନ ଖଟିବାକୁ ଯାଇଥିବା ପୁଅର ପତ୍ତା ମିଳୁନାହିଁ

ନିଶ୍ଚିନ୍ତକୋଇଲି ଥାନା ସଦର ମହକୁମାସ୍ଥିତ ନିଶ୍ଚିନ୍ତକୋଇଲି ଗ୍ରାମର ରବୀନ୍ଦ୍ର କୁମାର ଦାସଙ୍କ ପୁତ୍ର ସନ୍ତୋଷ କୁମାର ଦାସ(୨୪)ଙ୍କୁ ଫେରାଇ ଆଣିବା ଦାବିରେ ଗୁରୁବାର ଥାନା ସମ୍ମୁଖରେ ମା’ ବାପାଙ୍କ ସହ ଗ୍ରାମବାସୀ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରବୀନ୍ଦ୍ରଙ୍କ ସାନପୁତ୍ର ସନ୍ତୋଷଙ୍କୁ ଅଧିକ ପାରିଶ୍ରମିକ ଦେବାର ଲୋଭ ଦେଖାଇ ତାଙ୍କୁ ବଡଖୀର ପଞ୍ଚାୟତ ଅନ୍ତର୍ଗତ ଗୋପପୁର ଗ୍ରାମର ଜଣେ ଠିକାଦାର ଦାଦନ ଶ୍ରମିକ ଭାବେ ବିଶାଖାପାଟଣାକୁ ନେଇ ଯାଇଥିଲେ। ଦୁଇ ଦିନ ପରେ ସମ୍ପୃକ୍ତ ଠିକାଦାରଙ୍କୁ ସନ୍ତୋଷଙ୍କ ବିଷୟରେ ରବୀନ୍ଦ୍ର ପଚାରିବାରୁ ସେ ଘରକୁ ଟ୍ରେନ୍‌ରେ ଫେରିଯାଇଥିବା କହିଥିଲେ। ମାତ୍ର ପୁଅ ଘରେ ନ ପହଞ୍ଚିବା କାରଣରୁ ପରିବାର ଲୋକଙ୍କ ସନ୍ଦେହ ଜାତ ହୋଇଥିଲେ। ଖୋଜାଖୋଜି ପରେ ମଧ୍ୟ ସନ୍ତୋଷଙ୍କ ପତ୍ତା ନ ମିଳିବାରୁ ରବୀନ୍ଦ୍ର ରବିନ୍ଦ୍ର ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଚୁପ ହୋଇ ବସିଥିବେଳେ ସମ୍ପୃକ୍ତ ଠିକାଦାର ଧରାଛୁଆଁ ଦେଉନାହାନ୍ତି। ଏହାର ପ୍ରତିବାଦରେ ଓ ପୁଅକୁ ଫେରାଇ ଆଣିବା ଦାବିରେ ବାପା ରବୀନ୍ଦ୍ର ଓ ମା’ ମଞ୍ଜୁଲତାଙ୍କ ସହ ସ୍ଥାନୀୟ ଲୋକେ ନିଶ୍ଚିନ୍ତକୋଇଲି ଥାନା ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ କରିଥିଲେ। ଖବରପାଇ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ପୋଲିସ ତରଫରୁ ସନ୍ତୋଷକୁ ଖୋଜାଖୋଜି କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।


ଧାରଣାରେ ବସିଥିବା ସନ୍ତୋଷ ଦାସଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ।

# ବିଜେଡିର ବିକ୍ଷୋଭ, ପ୍ରତିବାଦ ସଭା

### ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ବାତିଲକୁ ବିରୋଧ

ଆଠଗଡ/ତିଗିରିଆ/ସାଲେପୁର/ବଡ଼ମ୍ବା, ୬।୩(ସତ୍ୟ ପ୍ରସାଦ ରଥ/ଜାଫର ଖାଁ/ ଅରବିନ୍ଦ ଭୂୟାଁ/ମାୟାଧର ମଲ୍ଲିକ

ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନକୁ ବାତିଲ କରାଯିବା ଓ ମାହାଙ୍ଗାରେ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିକୁ ଭଙ୍ଗାରୁଜାର ପ୍ରତିବାଦ କରି ଆଠଗଡ ବିଜେଡି ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଠଗଡ଼ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତଙ୍କ ନେତୃତ୍ୱରେ ବିଜେଡି କାର୍ଯ୍ୟକର୍ତ୍ତା ନିର୍ବାଚିତ ପ୍ରତିନିଧି, ବିଧାୟକ ସ୍ୱାଇଁ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି. ଶୁଭ୍ର ଶଙ୍କର ଜ୍ୟୋତି, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ପ୍ରମୁଖ ସ୍ଥାନୀୟ ବିଜୁ ଜନତା କାର୍ଯ୍ୟାଳୟ ସୂର୍ଯ୍ୟଭବନରୁ ଶୋଭାଯାତ୍ରାରେ ଆସି ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାର ଦେଇଥିଲେ।

ଏଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଶିଷ୍ଟ ସାହିତ୍ୟିକ ଡ.ନାରାୟଣ ପଣ୍ଡା,


ଆଠଗଡ଼ରେ ଆୟୋଜିତ ପ୍ରତିବାଦ ସଭାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ବିଜେଡି କର୍ମୀ।

ବରିଷ୍ଠ ନେତା ଲଳିତେନ୍ଦୁ ସେନାପତି, ପ୍ରଦୀପ୍ତ ଦାସ ଓ ପ୍ରକାଶ ରାଉତ ପ୍ରମୁଖ ସାମିଲ ହୋଇଥିଲେ। ଏହପରେ ପ୍ରଶାସନ ତରଫରୁ ଉପଜିଲାପାଳ ନାରାୟଣ ଶର୍ମାଙ୍କୁ ସ୍ମାରକପତ୍ର ଦିଆଯାଇଥିଲା।

ସେହିପରି ତିଗିରିଆ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର କାଜଲ କୁମାର ମଲ୍ଲିକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ତିଗିରିଆ ବ୍ଲକ ବିଜେଡି ସଭାପତି ଅଜିତ୍ ଧିରଙ୍କ ନେତୃତ୍ୱରେ ତିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ଯୋଜନା ବୋର୍ଡ ସଦସ୍ୟା ସସ୍ମିତା ରାଉତ, ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲୀକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ପୂର୍ବତନ ଜିଲା ପରିଷଦ ସଭ୍ୟା ବାସନ୍ତୀ କର, ବ୍ଲକ ଉପାଧ୍ୟକ୍ଷ ମାନସ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସାଲେପୁରରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏହି ବିକ୍ଷୋରେ ବ୍ଲକ୍ ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ଆମ୍ବ କମିଟି ସଭାପତି ଦିଲୀପ କୁମାର ଦାଶ, ପୂର୍ବତନ ସରପଞ୍ଚ ଗଗନ ବିହାରୀ ମିଶ୍ର, କମଳାକାନ୍ତ ନାୟକ, ପୂର୍ବତନ ଜିଲାପରିଷଦ ସଭ୍ୟ ଚିରଞ୍ଜନ ମହାନ୍ତି, ବିଜେଡି ନେତା ନବକିଶୋର କର, ରାଜେଶ ମହାନ୍ତି, ଶିଶୁଆ ପଞ୍ଚାୟତ ସମିତିସଭ୍ୟ ମାନସ କୁମାର ଦାଶଙ୍କ ସମେତ ସଞ୍ଜିତ୍ ଦାଶ, ବିରଞ୍ଚିନାରାୟଣ କର ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ମ୍ବା ବ୍ଲକ ବିଜେଡି ତରଫରୁ ବ୍ଲକ କାର୍ଯ୍ୟାଳୟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି। ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପ୍ରତିବାଦ ସଭାର ନେତୃତ୍ୱ ରବି ସାହୁ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦାନନ୍ଦ ସ୍ୱାଇଁ, ପ୍ରଦୀପ କୁମାର ସ୍ୱାଇଁ, ସଞ୍ଜୟ କୁମାର ସ୍ୱାଇଁ, ପ୍ୟାରୀ ମୋହନ ସ୍ୱାଇଁ, ଓ ଅନାଦି ସ୍ୱାଇଁ ପମୁଖ ଉପସ୍ଥିତ ରହି ଭାଜପା ସରକାର ବିରୋଧରେ ବିକ୍ଷୋଭ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମୃତ୍ୟୁଞ୍ଜୟ


@ ନିଖିଲ


@ ପିଣ୍ଟୁ


@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଏକାଦଶାହ ଉପଲକ୍ଷେ



ସ୍ୱ ପରିକ୍ଷିତ ବେହେରା
ସ୍ଥାନ : ଝାରପଡ଼ା, ବୋଳମଣ୍ଡପ ସାହି, ଭୁବନେଶ୍ୱର
ଆବିର୍ଭାବ - ୦୫.୧୦.୧୯୨୮ / ତିରୋଧାନ - ୨୫.୦୨.୨୦୨୫
ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁତ୍ର ଓ ପୁତ୍ରବଧୂ - ଅକ୍ରୁ, ଜ୍ୟୋସ୍ନା ଓ କାଳିଆ, ମାମିନା
ଝିଅ ଓ ଜ୍ୱାଇଁ - ପାର୍ବତୀ, ବିଜୟ ଓ ସରସ୍ୱତୀ, ବାବୁରାମ
ନାତି ଓ ନାତୁଣୀ ବୋହୂ - ଜିତୁ, ମିନୁ / ଗୁଲୁ, ସୀମା ଓ ଶ୍ରୀଧର, ଟିକି
ନାତି - ବିକି, ଟିଟୁ, ଚିଣ୍ଟୁ, ରୁଦ୍ର, ବାପୁ
ନାତୁଣୀ - ସୋନି, ରିଚା, ରିତୁ, ରୁନୁ, କୁନୁ, ମାମୁନି
ଭଣଜା ଓ ଭଣଜା ବୋହୂ - ଅଭୟ, ରୁନା ଓ ଅକ୍ଷୟ , ମାନୁ
ଅଣନାତି - ସାଇ, ବିଶ୍ୱାସ / ଅଣନାତୁଣୀ - ଶ୍ରଦ୍ଧା, ମିକି, ପିହୁ

ICICI Bank | ଶାଖା କାର୍ଯ୍ୟାଳୟ: ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, 2ୟ ମହଲା, ଓସିସିଏଫ୍ ବିଲଡିଂ, ଶ୍ରୀୟା ଟକିଜ୍ ସାମ୍ନା, ୟୁନିଟ୍-III, ଭୁବନେଶ୍ୱର, ଓଡ଼ିଶା-751001

**ସର୍ବସାଧାରଣ ବିଜ୍ଞପ୍ତି- ବନ୍ଧକ ପରିସମ୍ପତ୍ତିର ବିକ୍ରୟ ପାଇଁ ଟେଣ୍ଡର ତଥା ଇ-ନିଲାମ**

[ନିୟମ ୫(୬)ର ବ୍ୟବସ୍ଥାପନ ଦେଖନ୍ତୁ]

**ସ୍ଥାବର ପରିସମ୍ପତ୍ତି(ଗୁଡ଼ିକ)ର ବିକ୍ରୟ ପାଇଁ ବିଜ୍ଞପ୍ତି**

ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, 2002 ସହିତ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, 2002ର ନିୟମ ୫ (୬)ର ବ୍ୟବସ୍ଥାପନ ଅଧୀନରେ ସ୍ଥାବର ସମ୍ପତ୍ତି(ଗୁଡ଼ିକ)ର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।
ଏତଦ୍ୱାରା ସାଧାରଣ ଭାବେ ଜନସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସି ଦିଆଯାଉଛି ଯେ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ଦିଆଯାଇଥିବା/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାର ଭୌତିକ ଦଖଲ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍‌ର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିଆଯାଇଥିଲା, ତାହାକୁ ନିମ୍ନଦର୍ଶିତ ସଂକ୍ଷିପ୍ତ ବିବରଣୀ ଅନୁଯାୟୀ ‘ଯେପରି ଅଛି ଯେଉଁଠି ଅଛି’, ‘ଯେପରି ଅଛି ଯାହା ଅଛି’ ଏବଂ ‘ସେଠାରେ ଯାହା ଅଛି’ ଭିତ୍ତିରେ ବିକ୍ରୟ କରାଯିବ;

| କ୍ର. ସଂ. | ଋଣଗ୍ରହୀତା(ଗଣ)/ ସହ-ଋଣଗ୍ରହୀତାଗଣ/ ଗ୍ୟାରେଣ୍ଟିଦାତାଗଣଙ୍କ ନାମ/ ଋଣ ଖାତା ନଂ. | ବନ୍ଧକ ପରିସମ୍ପତ୍ତି(ଗୁଡ଼ିକ)ର ବିବରଣୀ ସହିତ ଜ୍ଞାତସାରରେ ଥିବା ଋଣଭାର | ବକେୟା ଅର୍ଥରାଶି | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି | ସମ୍ପତ୍ତି ନିରୀକ୍ଷଣର ତାରିଖ ଓ ସମୟ | ଇ-ନିଲାମର ତାରିଖ ଓ ସମୟ |
|---|---|---|---|---|---|---|
| (କ) | (ଖ) | (ଗ) | (ଘ) | (ଙ) | (ଚ) | (ଛ) |
| 1. | ଶ୍ରୀ ମୁକୁଟ ରାୟଚୌଧୁରୀ (ଋଣଗ୍ରହୀତା), ଶୋଭା ରାୟ ଚୌଧୁରୀ, ରୂପକ ରୟ ଚୌଧୁରୀ, ଇନ୍ଦ୍ରାଣୀ ଭଟ୍ଟାଚାର୍ଜୀ (ସହ-ଆବେଦକ) LBBBS00003869761, LBBBS00003869777, LBBBS00004424646 | ପ୍ଲଟ୍ ନଂ. 3 (ଏସ୍‌ସିଆର୍) ଖାରବେଳନଗର, ୟୁନିଟ୍-III, ରାଜସ୍ୱ ପ୍ଲଟ୍ ନଂ. 116, ଖାତା ନଂ.367, ମୌଜା ଖାରବେଳ ନଗର-I, ଥାନା- ନ୍ୟୁ କ୍ୟାପିଟାଲ, ଭୁବନେଶ୍ୱର, ଓଡ଼ିଶା । ପରିମାପ ରକବା 0.060 ଡେସିମିଲ ଅର୍ଥାତ୍ 2700 ବର୍ଗଫୁଟ ଓ ବିଲ୍ଟ ଅପ୍ ଏରିଆ 4050 ବର୍ଗଫୁଟ । | ଟ. 2,88,93, 352/- 05 ମାର୍ଚ୍ଚ 2025 ସୁଦ୍ଧା | ଟ. 3,11,00, 000/- / ଟ. 31,10, 000/- | ଏପ୍ରିଲ 07, 2025 ପୂର୍ବାହ୍ନ 11.00 ଘଟିକାରୁ ଅପରାହ୍ନ 01.00 ଘଟିକା | ଏପ୍ରିଲ 17, 2025 ପୂର୍ବାହ୍ନ 11.00 ଘଟିକା ପରଠାରୁ |
| 2. | ଶ୍ରୀରାଜ ଦାଶ (ଆବେଦକ) ଶ୍ରୀୟା ଦାଶ (ସହ-ଆବେଦକ) TBBBS00006227059, TBBBS00006227063 ଓ TBBBS00006227062 | ହାଲ ପ୍ଲଟ୍ ନଂ.1942, ସରକାରୀ ଖାତା ନଂ. 1, ହାଲ ଖାତା ନଂ. 409, ଥାନା- ପୁରୀଘାଟ, ଏସ୍. ଆର୍.ଓ./ତହସିଲ- କଟକ, ଜିଲ୍ଲା: କଟକ, ଓଡ଼ିଶା । ପରିମାପ ରକବା: ଏ.0.048 ଡେସିମିଲ ରକବା ଅର୍ଥାତ୍ 2091 ବର୍ଗଫୁଟ ଏବଂ ବିଲ୍ଟ ଅପ୍ ଏରିଆ 2220 ବର୍ଗ ଫୁଟ । | ଟ. 1,41,81, 100/- 05 ମାର୍ଚ୍ଚ 2025 ସୁଦ୍ଧା | ଟ. 1,50,00, 000/- / ଟ. 15,00, 000/- | ଏପ୍ରିଲ 08, 2025 ପୂର୍ବାହ୍ନ 11.00 ଘଟିକାରୁ ଅପରାହ୍ନ 01.00 ଘଟିକା | ଏପ୍ରିଲ 17, 2025 ପୂର୍ବାହ୍ନ 11.30 ଘଟିକା ପରଠାରୁ |
| 3. | ଦେବାଶିଷ ଭୂୟାଁ (ଆବେଦକ), ନିରଞ୍ଜନ ଭୂୟାଁ (ସହ-ଆବେଦକ) LBCTK00005601964, LBBBS00006127366 | ହାଲ ପ୍ଲଟ୍ ନଂ. 526, ହାଲ ଖାତା ନଂ. 552, ଥାନା: ନ୍ୟୁ କ୍ୟାପିଟାଲ, ମୌଜା: ଗୌତମ ନଗର, ୟୁନିଟ୍ ନଂ. 28, ନାଗେଶ୍ୱର ଟାଙ୍ଗୀ, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା (ପରିମାପ ରକବା 106 ଡେସିମିଲ ଅର୍ଥାତ୍ 4617 ବର୍ଗଫୁଟ ଏବଂ ବିଲ୍ଟ ଅପ୍ ଏରିଆ 6118 ବର୍ଗଫୁଟ) | ଟ. 2,46,96, 553/- 05 ମାର୍ଚ୍ଚ 2025 ସୁଦ୍ଧା | ଟ. 2,70,00, 000/- / ଟ. 27,00, 000/- | ଏପ୍ରିଲ 09, 2025 ପୂର୍ବାହ୍ନ 11.00 ଘଟିକାରୁ ଅପରାହ୍ନ 01.00 ଘଟିକା | ଏପ୍ରିଲ 17, 2025 ମଧ୍ୟାହ୍ନ 12.00 ଘଟିକା ପରଠାରୁ |

ଅନ୍‌ଲାଇନ ନିଲାମଟି ଆମର ନିଲାମ ଏଜେନ୍ସି ମେସର୍ସ ନେକ୍ସେନ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ୱେବ୍‌ସାଇଟ୍ (ୟୁଆର୍‌ଏଲ୍ ଲିଙ୍କ୍- https://disposalhub.com)ରେ ସଞ୍ଚାଳିତ ହେବ । ବନ୍ଧକଦାତା/ନୋଟିସଗ୍ରହୀତାମାନଙ୍କୁ ଏପ୍ରିଲ 16, 2025 ଅପରାହ୍ନ 5.00 ଘଟିକା ସୁଦ୍ଧା ମୋଟ ବକେୟା ସହିତ ତତ୍-ପରବର୍ତ୍ତୀ ସୁଧ ପୈଠ କରିବା ପାଇଁ ଏକ ଶେଷ ସୁଯୋଗ ଦିଆଯାଉଛି, ଅନ୍ୟଥା ବନ୍ଧକ ପରିସମ୍ପତ୍ତି(ଗୁଡ଼ିକୁ) ଅନୁସୂଚୀ ଅନୁସାରେ ବିକ୍ରି କରିଦିଆଯିବ । ସମ୍ଭାବ୍ୟ ବିଡରଗଣ) ଏପ୍ରିଲ 16, 2025 ଅପରାହ୍ନ 05.00 ଘଟିକା କିମ୍ବା ତାହା ପୂର୍ବରୁ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, 2ୟ ମହଲା, ଓସିସିଏଫ୍ ବିଲଡିଂ, ଶ୍ରୀୟା ଟକିଜ୍ ସାମ୍ନା, ୟୁନିଟ୍-III, ଭୁବନେଶ୍ୱର, ଓଡ଼ିଶା-751001 ଠାରେ ଅମାନତ ଜମା ରାଶି (ଇଏମ୍‌ଡି) ଡିମାଣ୍ଡ ଡ୍ରାଫ୍ଟ (ଡିଡି) (ସ୍ତମ୍ଭ ‘ଙ’ ଦେଖନ୍ତୁ) ଦାଖଲ କରିବା ଜରୁରୀ । ତତ୍‌ପଶ୍ଚାତ୍ ସେମାନଙ୍କୁ ୱେବ୍‌ସାଇଟ୍ ମାଧ୍ୟମରେ ଏପ୍ରିଲ 16, 2025 ଅପରାହ୍ନ 05.00 ଘଟିକା କିମ୍ବା ତାହା ପୂର୍ବରୁ ଇଏମ୍‌ଡି ପରିଶୋଧର ପ୍ରମାଣ ବାବଦରେ ବ୍ୟାଙ୍କ ଦ୍ୱାରା ପ୍ରାପ୍ତିସ୍ୱୀକୃତ ଡିଡିର ସ୍କାନ୍ କରାଯାଇଥିବା ପ୍ରତିଛବି ସହିତ ସେମାନଙ୍କର ଅଫର ଦାଖଲ କରିବାକୁ ହେବ । ଯଦି ସମ୍ଭାବ୍ୟ ବିଡର(ଗଣ) ୱେବ୍‌ସାଇଟ୍ ଜରିଆରେ ତାଙ୍କର/ସେମାନଙ୍କର ଅଫର ଦାଖଲ କରିବାରେ ଅସମର୍ଥ ହୋଇଥାନ୍ତି, ତେବେ ଟେଣ୍ଡର ଦସ୍ତାବିଜଗୁଡ଼ିକର ସ୍ୱାକ୍ଷରିତ ପ୍ରତିଲିପିଗୁଡ଼ିକୁ ଏପ୍ରିଲ 16, 2025 ଅପରାହ୍ନ 05.00 ଘଟିକା ପୂର୍ବରୁ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, 2ୟ ମହଲା, ଓସିସିଏଫ୍ ବିଲଡିଂ, ଶ୍ରୀୟା ଟକିଜ୍ ସାମ୍ନା, ୟୁନିଟ୍-III, ଭୁବନେଶ୍ୱର, ଓଡ଼ିଶା-751001 ଠାରେ ଦାଖଲ କରିବାକୁ ପଡ଼ିବ । ଅମାନତ ଜମା ରାଶି ଡିଡି/ପିଓ ଏକ ରାଷ୍ଟ୍ରାୟତ୍ତ/ଅନୁସୂଚୀତ ବ୍ୟାଙ୍କରୁ ‘ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍’ ସପକ୍ଷରେ ଭୁବନେଶ୍ୱରଠାରେ ପୈଠଯୋଗ୍ୟ ହୋଇଥିବା ଆବଶ୍ୟକ ।
ନିରୀକ୍ଷଣ, ଇ-ନିଲାମର ନିୟମ ଓ ସର୍ତ୍ତାବଳୀ କିମ୍ବା ଟେଣ୍ଡର ଦାଖଲ ବାବଦୀୟ ଅଧିକ ସ୍ପଷ୍ଟୀକରଣ ପାଇଁ ଆଇସିଆଇସିଆଇ ବ୍ୟାଙ୍କ କର୍ମଚାରୀଙ୍କ ସହ ଫୋନ୍ ନଂ. 9324948920 ରେ ଯୋଗାଯୋଗ କରନ୍ତୁ ।
ଦୟାକରି ଧ୍ୟାନରେ ରଖନ୍ତୁ ଯେ ଏହି ସମ୍ପତ୍ତିର ବିକ୍ରୟକୁ ସୁବିଧାଜନକ କରିବା ପାଇଁ ମାର୍କେଟିଂ ଏଜେନ୍ସି 1. ଭାଲ୍ୟୁ ଟ୍ରଷ୍ଟ କ୍ୟାପିଟାଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟ ନିୟୋଜିତ ହୋଇଛି ।
ଅଧିକ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ବିଡ୍‌କୁ ଖାରଜ କରିବାର ଅଧିକାର ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ସଂରକ୍ଷିତ ।
ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଦୟାକରି www.icicibank.com/n4p4s ପରିଦର୍ଶନ କରନ୍ତୁ ।
ତାରିଖ: ମାର୍ଚ୍ଚ 07, 2025 — ପ୍ରାଧିକୃତ ଅଧିକାରୀ
ସ୍ଥାନ: ଭୁବନେଶ୍ୱର (ଓଡ଼ିଶା) — ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍

## ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମୃତ୍ୟୁଞ୍ଜୟ


@ ନିଖିଲ


@ ପିଣ୍ଟୁ


@ ସତ୍ୟବାନ


@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ହରେକୃଷ୍ଣ ମହତାବ ଥିଲେ ନବ ଉତ୍କଳର ନିର୍ମାତା'


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

**ଜନ୍ମ ଶତବାର୍ଷିକୀ ପାଳିତ**

ପୁରୀ,୬।୩(ଅଜିତ୍ କୁମାର ମହାନ୍ତି)

ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ନବ ଉତ୍କଳର ନିର୍ମାତା ଥିଲେ। ତାଙ୍କ ସଂଗ୍ରାମମୟ ବୈପ୍ଳବିକ ଭୂମିକା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ ବୋଲି ପୁରୀ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା କହିଛନ୍ତି। ଗୁରୁବାର ପୂର୍ବାହ୍ନରେ ପୁରୀ ସଂସ୍କୃତି ଭବନରେ ଜିଲା ପ୍ରଶାସନ, ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ କାକଟପୁରର ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ଡ. ହରେକୃଷ୍ଣ ମହତାବଙ୍କ ଜନ୍ମଶତବାର୍ଷିକୀ (୧୨୫ତମ ବର୍ଷ ପୂର୍ତ୍ତି) ପାଳିତ ହୋଇଯାଇଛି। ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବେହେରା ଯୋଗଦେଇ ଡ. ମହତାବଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଉପଜିଲାପାଳ ରାଜକିଶୋର ଜେନା ଯୋଗଦେଇ କହିଥିଲେ, ସମାଜକୁ ଡ. ମହତାବଙ୍କ ଜୀବନୀ, ଚରିତ୍ର ଓ ଆଦର୍ଶ ପ୍ରଭାବିତ କରିଛି। ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନରେ ତାଙ୍କ ଭୂମିକା ସଦା ଔଜ୍ଜ୍ୱଲ୍ୟମାନ ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟ ଯୋଗଦେଇ କହିଥିଲେ, ଆଦର୍ଶବାନ୍ ଓ ଉଚ୍ଚ ମୂଲ୍ୟବୋଧର ବ୍ୟକ୍ତିତ୍ୱମାନେ ସର୍ବଦା ସମାଜକୁ ପ୍ରେରଣା ଦେଇଥାନ୍ତି। ପୂଜ୍ୟପୂଜାର ଏହି ପରମ୍ପରା ଆମ ଉତ୍ତରପିଢ଼ିକୁ ସଦା ଉଦ୍‌ବୁଦ୍ଧ କରୁଥିବ ବୋଲି ସେ ପ୍ରକାଶ କରିଥିଲେ। ଶିକ୍ଷାବିତ୍ ସ୍ୱପ୍ନେଶ୍ୱର ସାହୁ, ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ ପ୍ରମୁଖ ଡ. ମହତାବଙ୍କ ସଂଗ୍ରାମୀ ମନୋଭାବ ଯୁବସମାଜକୁ ଅନୁପ୍ରାଣିତ କରିଚାଲିଥିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ସଂଗ୍ରାମୀ ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରି ଅସ୍ତରଙ୍ଗରେ ଲବଣ ସତ୍ୟାଗ୍ରହ ମାଧ୍ୟମରେ ଯେଉଁ ଦେଶସେବା କରାଯାଇଥିଲା, ତାହାକୁ ହରେକୃଷ୍ଣ ମହତାବ ସମର୍ଥନ କରିବା ସହ ସଂଗ୍ରାମୀଙ୍କ ମନୋବଳ ବଢ଼ାଇଥିଲେ ବୋଲି କହିଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସ୍ୱାଗତ ଭାଷଣ ଓ ଶେଷରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଲବଣ ସତ୍ୟାଗ୍ରହୀ ସ୍ୱର୍ଗତ ବଳରାମ ବସ୍ତିଆ, ସାଧୁଚରଣ ଛାଟୋଇ, ଦାସ ମହାନ୍ତି, ଭୋବନୀ ନାୟକ, ନୀଳମଣି ବେହେରା ଓ ଦୁର୍ଗାଚରଣ ମହାପାତ୍ରଙ୍କୁ ମରଣୋତ୍ତର ଭାବେ ସେମାନଙ୍କ ଦାୟାଦଙ୍କ ମାଧ୍ୟମରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ହୋଟେଲ ସିଲ୍, ମାଂସ ନମୁନା ସଂଗ୍ରହ

**ଗୋମାଂସ ବେପାର ନେଇ ଭିଡିଓ ଭାଇରାଲ ଘଟଣା**

ସାକ୍ଷୀଗୋପାଳ,୬।୩(ଭରତ ରାଉତ/ କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ଥାନା ଅଞ୍ଚଳରୁ ଗୋମାଂସ ଚାଲାଣ ଏବଂ ଖାଦ୍ୟରେ ଅପମିଶ୍ରଣ ହେଉଥିବା ନେଇ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ସ୍ଥାନୀୟ ଅଞ୍ଚଳର ଜଣେ ଛେଳିମାଂସ ବ୍ୟବସାୟୀ ଗୋମାଂସ ବ୍ୟବସାୟ କରୁଥିବା ନେଇ ଜଣେ ଯୁବକ ଏକ ଭିଡିଓ ମାଧ୍ୟମରେ ସୂଚନା ଦେଉଥିବାବେଳେ ତାହା ଭାଇରାଲ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ଅନେକ ଦିନ ଧରି ବିଶ୍ୱାସରେ ଖାସିମାଂସ ଭାବି ଖାଉଥିବା ବ୍ୟକ୍ତିବିଶେଷ ଏହି ମାଂସ ବ୍ୟବସାୟୀଙ୍କ ଉପରୁ ଆସ୍ଥା ହରାଇଛନ୍ତି। ଏହାର ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ଭିଡିଓ ଭାଇରାଲ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ରାତି ପ୍ରାୟ ୧୦ଟାରେ ପୁରୀ-ଭୁବନେଶ୍ୱର ରାଜପଥ ପାର୍ଶ୍ୱସ୍ଥ କାଦୁଆ ଛକ ନିକଟବର୍ତ୍ତୀ ଏକ ହୋଟେଲକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯିବା ସହ ସେଠାରେ ପୋଲିସ ମୁତୟନ କରାଯାଇଛି। ପରେ ହୋଟେଲରୁ ମାଂସ ଓ ଖାଦ୍ୟ ନମୁନା ସଂଗ୍ରହ କରାଯାଇଛି। ଏହା ପରୀକ୍ଷା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତ୍ୟବାଦୀ ଥାନା ଭାରପ୍ରାପ୍ତ ନିରୀକ୍ଷକ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ଥାନା ଅଧିକାରୀ ବେହେରାଙ୍କ ସମେତ ପୁରୀର ଫୁଡ୍ ସେଫ୍‌ଟି ଅଧିକାରୀ ରାଜଶ୍ରୀ ପତି, ସତ୍ୟବାଦୀ ଅତିରିକ୍ତ ତହସିଲଦାର ଓମ୍‌ପ୍ରକାଶ ପରିଡ଼ା ଏବଂ ଅନ୍ୟ ଅଧିକାରୀମାନେ ହୋଟେଲରେ ଚଢ଼ାଉ କରିଥିଲେ। ସେହିପରି ପୋଲିସ ବଟି ନେବାର ଅଭିଯୋଗ ନେଇ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି। ଏଥିସହ ଭାଇରାଲ ଭିଡିଓକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଘଟଣାରେ ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର କହିଛନ୍ତି। ସତ୍ୟବାଦୀ ଜନସାଧାରଣ ଶାନ୍ତିପ୍ରିୟ ହୋଇଥିବାରୁ ଏହି ଘଟଣାର ସମାଧାନ ନିମନ୍ତେ ଏସ୍‌ଡିପିଓ ମିଶ୍ର ସହଯୋଗ କାମନା କରିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ହୋଟେଲ ମାଲିକ ସଞ୍ଜୟ ବାରିକ କହିଛନ୍ତି, ଆମର ବେପାର ଭଲ ହେଉଥିବାରୁ ଅନ୍ୟ ହୋଟେଲଗୁଡ଼ିକ ପକ୍ଷରୁ ଈର୍ଷାନ୍ୱିତ ହୋଇ ଏଭଳି ପ୍ରାୟୋଜିତ ଅପପ୍ରଚାର କରାଯାଉଛି। ତେଣୁ ମୁଁ ଏ ନେଇ ପ୍ରଶାସନଠାରୁ ଉପଯୁକ୍ତ ନ୍ୟାୟ ଆଶା କରୁଛି।

# ଦନ୍ତା ଆକ୍ରମଣରେ ଜଣେ ଆହତ

କଣାସ,୬।୩(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ବଡ଼ାସ ପଞ୍ଚାୟତର ବୈଦ୍ୟନାଥପାଟଣାରେ ବୁଧବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ବୈଦ୍ୟନାଥପାଟଣା ଗ୍ରାମର ବିଭୂତି ପଟ୍ଟନାୟକ ଓ ହିମାଂଶୁ ପଟ୍ଟନାୟକଙ୍କ ବାସଗୃହ ପଛପଟ ବଗିଚାରେ ଗୋଟିଏ ଦନ୍ତାହାତୀ ପଶି ୨୦ରୁ ଊର୍ଦ୍ଧ୍ୱ କଦଳୀ ଗଛ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଏହି ସମୟରେ ହିମାଂଶୁ ଶବ୍ଦ ଶୁଣି ବାଡ଼ିପଟକୁ ଷଣ୍ଢ ଖାଉଛି ବୋଲି ଯାଇଥିଲେ। ହାତୀଟି ହିମାଂଶୁଙ୍କୁ ଦେଖି ଗୋଡ଼ାଇ ଆସିବାରୁ ହିମାଂଶୁ ଘରକୁ ଫେରିବା ପାଇଁ ଚେଷ୍ଟା କରୁଥିବା ବେଳେ ଏକ ଖାତରେ ପଡ଼ି ଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। କ୍ରମାଗତ କଣାସ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଥିବାରୁ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

# ଦିନ ମଜୁରିଆଙ୍କ ପୁଅ ଓଏସ୍‌ଏପି ବାଟାଲିୟନ ପୋଲିସ

ଅସ୍ତରଙ୍ଗ,୬।୩(ପ୍ରଦୀପ୍ତ କୁମାର ଦୀକ୍ଷିତ)


ମା'ବାପାଙ୍କ ସହ ପବିତ୍ର ପରିଡା ।

ବାପା ଅମରେଶ୍ୱର ପରିଡ଼ା ଦିନ ମଜୁରିଆ ଭାବେ କାମ କରନ୍ତି। ଘୋର ଆର୍ଥିକ ସଙ୍କଟ ମଧ୍ୟରେ ମନକୁ ଦୃଢ଼ କରିଥିବା ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତ ଅନ୍ତର୍ଗତ ସିଲାରୀ ଗାଁର ପୁଅ ପବିତ୍ର ପରିଡ଼ା ଓଡ଼ିଶା ସ୍ପେସିଆଲ ଆର୍ମଡ ପୋଲିସ (ଓଏସ୍‌ଏପି) ବାଟାଲିୟନରେ ଚାକିରି ପାଇଛନ୍ତି। ବାପାଙ୍କ ସ୍ୱଳ୍ପ ରୋଜଗାରରେ ପବିତ୍ର ସିଟି ଓ ବିଇଡି ପଢ଼ିଥିଲେ। ଏହାରି ମଧ୍ୟରେ ସକାଳୁ ଗାଁରେ ଦୌଡ଼ାଦୌଡ଼ି କରି ଡିଫେନ୍ସ ଚାକିରି ପାଇଁ ପ୍ରସ୍ତୁତ ହେଉଥିଲେ। ପବିତ୍ର ଓଡ଼ିଶା ସ୍ପେସିଆଲ୍ ଆର୍ମଡ ପୋଲିସ ବାଟାଲିୟନ ଖବର ବୁଧବାର ପ୍ରକାଶ ପାଇବା ପରେ ଗାଁରେ ସାଙ୍ଗସାଥୀଙ୍କଠାରୁ ଆରମ୍ଭ କରି ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ଘୋର ଅଭାବ ଅନଟନ ଭିତରେ ରହି ଆଜି ସଫଳତାର ଶିଖରରେ ପହଞ୍ଚି ପାରିଛନ୍ତି। ଆଗାମୀ ଦିନରେ ଲୋକଙ୍କ ସେବା କରି ନିଜକୁ ଗର୍ବ ଅନୁଭବ କରିବେ ବୋଲି ପବିତ୍ର ପ୍ରକାଶ କରିଛନ୍ତି। ପବିତ୍ରଙ୍କୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ସାମାଜିକ କର୍ମୀ ଇନ୍ଦ୍ରମଣି ଜେନା ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ୫ ଜଣଙ୍କ ବିରୋଧରେ ମାମଲା

ନିମାପଡ଼ା,୬।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଡିହବାରୀ ଗ୍ରାମରେ ପୂର୍ବବିବାଦ ଓ ଶତ୍ରୁତାକୁ କେନ୍ଦ୍ରକରି ଚନ୍ଦନ ଦାସ ନାମକ ଜଣେ ଯୁବକଙ୍କୁ ବୁଧବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଛି। ଫଳରେ ଚନ୍ଦନ ଗୁରୁତର ହୋଇଛନ୍ତି। ଏ ସମ୍ପର୍କରେ ଗୁରୁତର ଚନ୍ଦନଙ୍କ ମାଆ ସବିତା ଦାସ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଡିହବାରୀ କାଉଘର ସାହିର କାଳିଆ, ବ୍ରହ୍ମା, ମହିଆ, ରଙ୍ଗା, ବରଜୁ ପ୍ରମୁଖ ୫ଜଣ ଆକ୍ରମଣକାରୀଙ୍କ ବିରୋଧରେ ଅତି ସଙ୍ଗୀନ ଦଫାରେ କେସ୍ ନଂ.୬୩/୨୫ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛନ୍ତି।

ସୂଚନାଯୋଗ୍ୟ, ଆକ୍ରମଣକାରୀ ବ୍ୟକ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଙ୍ଘବଦ୍ଧ ଭାବେ ସବିତାଙ୍କ ଘରଠାରେ ପହଞ୍ଚି ତାଙ୍କ ପୁଅ ଚନ୍ଦନଙ୍କୁ ଅତି କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରି ଘରେ ପଶିବାକୁ ଉଦ୍ୟମ କରିଥଲେ। ଗଣ୍ଡଗୋଳକାରୀମାନେ ସବିତାଙ୍କୁ ଟଣାଓଟରା କରି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ସବିତାଙ୍କୁ ତାଙ୍କ ପୁଅ ଉଦ୍ଧାର କଲାବେଳେ ସେମାନେ କ୍ରୋଧାନ୍ୱିତ ହୋଇ ତାଙ୍କ ପୁଅ ଚନ୍ଦନଙ୍କୁ ଏକ ଠେଙ୍ଗାରେ ପିଟି ଆକ୍ରମଣ କରିଥିଲେ। ଫଳରେ ଚନ୍ଦନ ଗୁରୁତର ହେବାରୁ ପରିବାର ଲୋକେ ନିମାପଡ଼ା ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯିବାକୁ ସବିତା ଦାସ ପୋଲିସ ନିକଟରେ ଦାବି କରିଛନ୍ତି।

ଏକାଦଶାହ ଉପଲକ୍ଷେ



ସ୍ୱ ପରିକ୍ଷିତ ବେହେରା
ସ୍ଥାନ : ଝାରପଡ଼ା, ଦୋଳମଣ୍ଡପ ସାହି, ଭୁବନେଶ୍ୱର
ଆବିର୍ଭାବ - ୦୫.୧୦.୧୯୨୮ / ତିରୋଧାନ - ୨୫.୦୨.୨୦୨୫
ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ
ପୁତ୍ର ଓ ପୁତ୍ରବଧୂ - ଅକ୍ରୁ, ଜ୍ୟୋତ୍ସ୍ନା ଓ କାଳିଆ, ମାମିନା
ଝିଅ ଓ ଜ୍ୱାଇଁ - ପାର୍ବତୀ, ବିଜୟ ଓ ସରସ୍ୱତୀ, ବାବୁରାମ
ନାତି ଓ ନାତୁଣୀ ବୋହୂ - ଜିତୁ, ମିନୁ / ଗୁଲୁ, ସୀମା ଓ ଶ୍ରୀଧର, ଟିକି
ନାତି - ବିକି, ଟିଟୁ, ଚିଣ୍ଟୁ, ରୁଦ୍ର, ବାପୁ
ନାତୁଣୀ - ସୋନି, ରିତା, ରିତୁ, ରୁନୁ, କୁନୁ, ମାମୁନି
ଭଣଜା ଓ ଭଣଜା ବୋହୂ - ଅଭୟ, ରୁନା ଓ ଅକ୍ଷୟ , ମାନୁ
ଅଣନାତି - ସାଇ, ବିଶ୍ୱାସ / ଅଣନାତୁଣୀ - ଶ୍ରଦ୍ଧା, ମିକି, ପିହୁ

# ଘିଅଟିଣରେ ଥିବା ମହାପ୍ରଭୁଙ୍କ ଫଟୋକୁ ଅସମ୍ମାନ ଅଭିଯୋଗ

ପୁରୀ,୬।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗୁରୁବାର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଥିଲା। ଓମଫେଡ କମ୍ପାନୀ ଘିଅ ଟିଣରେ ମହାପ୍ରଭୁଙ୍କ ଛବି ଲଗାଇବା ସହ ଅନ୍ୟ ପ୍ରସଙ୍ଗକୁ ନେଇ ବୈଠକ ସମୟରେ ସରଗରମ ଆଲୋଚନା ହୋଇଥିବା ଜଣାପଡିଛି। ଏନେଇ ସୁଆର ମହାସୁଆର ନିଯୋଗର ବରିଷ୍ଠ ସେବାୟତ ଦାମୋଦର ମହାସୁଆର କହିଛନ୍ତି, ଓମ୍‌ଫେଡ କମ୍ପାନୀ କାହା ଅନୁମତି ନେଇ ଡବାରେ ମହାପ୍ରଭୁଙ୍କ ଫଟୋ ଲଗାଇଛି। ଘିଅକୁ ବ୍ୟବହାର ପରେ ରାସ୍ତାରେ ଫିଙ୍ଗାଯାଉଛି। ଫଳରେ ଉକ୍ତ ଡବାଗୁଡ଼ିକୁ ଝାଡୁରେ ଓଳାଯାଉଛି। ଏହା ମହାପ୍ରଭୁଙ୍କ ପ୍ରତି ଅପମାନ। ଏପରି ଫଟୋ ରଖିବାକୁ କିଏ ଅନୁମତି ଦେଲା ବୋଲି ମହାସୁଆର ପ୍ରଶ୍ନ କରିଛନ୍ତି। ଓମଫେଡ ଘିଅ ବ୍ୟବହାରରେ ମୁନାଫା କିଏ ନେଉଛି ବୋଲି ମହାସୁଆର ପ୍ରଶ୍ନ କରିଛନ୍ତି। ସେହିପରି ରତ୍ନଭଣ୍ଡାର ମରାମତି ନେଇ ମହାସୁଆର କହିଛନ୍ତି, ଶ୍ରୀମନ୍ଦିର ପରିଚାଳନା କମିଟି ଗତ ୮ ମାସ ହେବ ହୋଇନାହିଁ। ତେଣୁ କାହା ଅନୁମତି ନେଇ ରତ୍ନଭଣ୍ଡାର ଖୋଲାଯାଇ କାର୍ଯ୍ୟ କରାଯାଉଛି। ଏହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା। ଯଦି କିଛି ଅଘଟଣ ଘଟିବ ସେଥିପାଇଁ କିଏ ଦାୟୀ ହେବ ବୋଲି ମହାସୁଆର କହିଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଓମଫେଡ ପକ୍ଷରୁ ଶ୍ରୀମନ୍ଦିର ପାଇଁ ଏକ ନୂଆ ବ୍ରାଣ୍ଡିଙ୍ଗ କରିଛନ୍ତି। ତେବେ ଯଦି ଏନେଇ ସେବାୟତ ଓ ଅନ୍ୟମାନଙ୍କୁ ଆଘାତ ଦେଉଛି, ତେବେ ଓମ୍‌ଫେଡ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ।

# ରଦ୍ଦ ହେଲା ଡେଲାଙ୍ଗ ପଞ୍ଚାୟତ ସମିତି ବୈଠକ

**ଖବରଦାତାଙ୍କୁ ବୈଠକକୁ ଛଡ଼ା ନ ଯିବାକୁ ଉପରୁ ନିର୍ଦ୍ଦେଶ ଆସିଛି: ବିଡିଓ**

ଡେଲାଙ୍ଗ,୬।୩(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ସପ୍ତମ ପଞ୍ଚାୟତ ସମିତି ବୈଠକର ଆୟୋଜନ କରାଯାଇଥିଲା । ହେଲେ ଏହି ବୈଠକରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନେ ଯୋଗ ନ ଦେବାରୁ ବୈଠକ ରଦ୍ଦ କରାଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ବୈଠକକୁ ଖବରଦାତାଙ୍କ ପ୍ରବେଶ ବାରଣ ନିମନ୍ତେ ଉପରୁ ନିର୍ଦ୍ଦେଶ ଆସିଥିବା ବିଡିଓ କ୍ଷୀତୀଶ ବେହେରା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ତେଣୁ ଖବରଦାତାମାନେ ଗେଟ୍ ବାହାରେ ଖବର ସଂଗ୍ରହ ପାଇଁ ଅପେକ୍ଷା କରି ରହିଥିଲେ। ଫଳରେ ଅସନ୍ତୋଷ ପ୍ରକାଶ ପାଇଛି।

ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଓ ସମିତି ସଭ୍ୟଙ୍କ ପରିବର୍ତ୍ତେ ପୋଲିସ କର୍ମଚାରୀମାନେ ମାଳ ମାଳ ହୋଇ ବୁଲୁଥିବା ଦେଖିବାକୁ ମିଳିଥିଲା। ବୈଠକରେ ଅନୁପସ୍ଥିତ ଥିବା ଜନପ୍ରତିନିଧିମାନେ ଡେଲାଙ୍ଗ-କୋଠବାଡ଼ ପଞ୍ଚାୟତ କାର୍ଯ୍ୟାଳୟ ସନ୍ନିକଟ ମେଳଣ ପଡ଼ିଆଠାରେ ଏକାଠି ହୋଇ ଏକ ସମାନ୍ତରାଳ ବୈଠକ କରିଥିଲେ।

ସୂଚନାନୁଯାୟୀ, ଗତ ବର୍ଷ ଅଗଷ୍ଟ ୧୮ ତାରିଖରେ ବ୍ଲକ ପରିସରସ୍ଥ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଷଷ୍ଠ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନିଜ ନିଜ ପଞ୍ଚାୟତ ଓ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାଗୁଡ଼ିକୁ ନେଇ ଜନ ପ୍ରତିନିଧିମାନେ ବ୍ଲକ ପ୍ରଶାସନ ନିକଟରେ ଉପସ୍ଥାପନ କରିବା ସହିତ ଏଗୁଡ଼ିକର ସମାଧାନସ୍ୱରୂପ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଥିଲେ। ହେଲେ ବ୍ଲକ ପ୍ରଶାସନ ଉକ୍ତ ସମସ୍ୟାଗୁଡ଼ିକୁ ଅଣଦେଖା କରିଥିଲେ। ବୈଠକ ପ୍ରାରମ୍ଭରୁ ପୁନରାବୃତ୍ତି କରାଯାଉଥିବା ବିବରଣୀରେ ସ୍ଥାନ ଦିଆଯାଇ ନ ଥିବାରୁ ଜନପ୍ରତିନିଧିମାନେ ଅସନ୍ତୋଷବ୍ୟକ୍ତ କରିଥିବା ବେଳେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା।

ଅନ୍ୟପକ୍ଷରେ ସରପଞ୍ଚ ଓ ସମିତିସଭ୍ୟମାନେ ପଞ୍ଚାୟତର ଉନ୍ନତି ନିମନ୍ତେ କରାଯିବାକୁ ଥିବା କାର୍ଯ୍ୟଗୁଡ଼ିକର ବିବରଣୀ ବ୍ଲକ ପ୍ରଶାସନକୁ ପ୍ରଦାନ କରୁଥିଲେ ହେଁ ସ୍ଥାନୀୟ ରାଜନୈତିକ ଦଳର ନିର୍ଦ୍ଦେଶରେ ବ୍ଲକ ପ୍ରଶାସନ ପକ୍ଷରୁ ସେହି କାର୍ଯ୍ୟଗୁଡ଼ିକ ପରିବର୍ତ୍ତନ କରାଯାଇ ଅନ୍ୟ କାର୍ଯ୍ୟ କରାଯାଉଥିବାରୁ ପଞ୍ଚାୟତବାସୀ ଜନପ୍ରତିନିଧିଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ପ୍ରତିନିଧିମାନେ ଅଭିଯୋଗ ଆଣିଛନ୍ତି। ବ୍ଲକ ପରିସରରେ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ଡେଲାଙ୍ଗ ଥାନା ଦାୟିତ୍ୱରେ ଥିବା କଣାସ ଥାନା ଅଧିକାରୀ ପ୍ରଦୀପ କୁମାର ଝୁଝାରସିଂହ, ଡେଲାଙ୍ଗ ହାଟ ଫାଣ୍ଡି ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟି, ଘୋରଡ଼ିଆ ସହାୟତା କେନ୍ଦ୍ର ଅଧିକାରୀ ଗୋପବନ୍ଧୁ ରାଉତ ପ୍ରମୁଖଙ୍କ ସମେତ ମହିଳା ଓ ପୁରୁଷ ପୋଲିସ ଫୋର୍ସ କାର୍ଯ୍ୟାଳୟ ଭିତରେ ଓ ବାହାରେ ଜଗି ରହିଥିଲେ। ସେହିପରି ବ୍ଲକର ୨୧ ପଞ୍ଚାୟତର ୪୨ ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ ୩ ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ମଧ୍ୟରୁ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ୧୫ନଂ ଜୋନ୍ ଜିଲା ପରିଷଦ ପ୍ରଜ୍ଞା ଛୋଟରାୟଙ୍କ ସମେତ ଅନ୍ୟ ୩ଜଣ ସମିତି ସଭ୍ୟ ଓ ଜଣେ ସରପଞ୍ଚ ଆଜିର ବୈଠକରେ ଉପସ୍ଥିତ ଥିଲେ। ତେଣୁ ୪୫ଜଣ ନିର୍ବାଚିତ ଜନପ୍ରତିନିଧିମାନଙ୍କ ମଧ୍ୟରୁ ମାତ୍ର ୭ଜଣ ପ୍ରତିନିଧି ଉପସ୍ଥିତ ରହିଥିବା ନେଇ ସମିତି ବୈଠକ କୋରମ୍‌ରେ ଅଭାବ ଘଟିଥିବାରୁ ସପ୍ତମ ସମିତି ବୈଠକ ରଦ୍ଦ କରାଯାଇଥିବା ବିଡିଓ ବେହେରା ସୂଚନା ଦେଇଛନ୍ତି।


ଅସନ୍ତୁଷ୍ଟ ଜନ ପ୍ରତିନିଧିମାନଙ୍କ ଦ୍ୱାରା ଅନ୍ୟତ୍ର ବୈଠକ ।

**ICICI Bank** | ଶାଖା କାର୍ଯ୍ୟାଳୟ: ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, ୨ୟ ମହଲା, ଓସିସିଏଫ୍ ବିଲ୍ଡିଂ, ଶ୍ରୀୟା ଟକିଜ୍ ସାମ୍ନା, ୟୁନିଟ୍-III, ଭୁବନେଶ୍ୱର, ଓଡ଼ିଶା-751001

**ସର୍ବସାଧାରଣ ବିଜ୍ଞପ୍ତି- ବନ୍ଧକ ପରିସମ୍ପତ୍ତିର ବିକ୍ରୟ ପାଇଁ ଟେଣ୍ଡର ତଥା ଇ-ନିଲାମ**

[ନିୟମ ୫(୬)ର ବ୍ୟବସ୍ଥାପନ ଦେଖନ୍ତୁ]

**ସ୍ଥାବର ପରିସମ୍ପତ୍ତି(ଗୁଡ଼ିକ)ର ବିକ୍ରୟ ପାଇଁ ବିଜ୍ଞପ୍ତି**

ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, 2002 ସହିତ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, 2002ର ନିୟମ ୫ (୬)ର ବ୍ୟବସ୍ଥାପନ ଅଧୀନରେ ସ୍ଥାବର ସମ୍ପତ୍ତି(ଗୁଡ଼ିକ)ର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍ୱାରା ସାଧାରଣ ଭାବେ ଜନସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସି ଦିଆଯାଉଛି ଯେ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ଦିଆଯାଇଥିବା/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାର ଭୌତିକ ଦଖଲ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍‌ର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିଆଯାଇଥିଲା, ତାହାକୁ ନିମ୍ନଦର୍ଶିତ ସଂକ୍ଷିପ୍ତ ବିବରଣୀ ଅନୁଯାୟୀ 'ଯେପରି ଅଛି ଯେଉଁଠି ଅଛି', 'ଯେପରି ଅଛି ଯାହା ଅଛି' ଏବଂ 'ସେଠାରେ ଯାହା ଅଛି' ଭିତ୍ତିରେ ବିକ୍ରୟ କରାଯିବ;

| କ୍ର. ସଂ. | ଋଣଗ୍ରହୀତା(ଗଣ)/ ସହ-ଋଣଗ୍ରହୀତାଗଣ/ ଗ୍ୟାରେଣ୍ଟିଦାତାଗଣଙ୍କ ନାମ/ ଋଣ ଖାତା ନଂ. | ବନ୍ଧକ ପରିସମ୍ପତ୍ତି(ଗୁଡ଼ିକ)ର ବିବରଣୀ ସହିତ ଜ୍ଞାତସାରରେ ଥିବା ଋଣଭାର | ବକେୟା ଅର୍ଥରାଶି | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି | ସମ୍ପତ୍ତି ନିରୀକ୍ଷଣର ତାରିଖ ଓ ସମୟ | ଇ-ନିଲାମର ତାରିଖ ଓ ସମୟ |
|---|---|---|---|---|---|---|
| (କ) | (ଖ) | (ଗ) | (ଘ) | (ଙ) | (ଚ) | (ଛ) |
| 1. | ଶ୍ରୀ ମୁକୁଟ ରାୟଚୌଧୁରୀ (ଋଣଗ୍ରହୀତା), ଶୋଭା ରାୟ ଚୌଧୁରୀ, ରୂପକ ରାୟ ଚୌଧୁରୀ, ଇନ୍ଦ୍ରାଣୀ ଭଟ୍ଟାଚାର୍ଯ୍ୟୀ (ସହ-ଆବେଦକ) LBBBS00003869761, LBBBS00003869777, LBBBS00004424646 | ପ୍ଲଟ୍ ନଂ. 3 (ଏସ୍‌ସିଆର୍) ଖାରବେଳନଗର, ୟୁନିଟ୍-III, ରାଜସ୍ୱ ପ୍ଲଟ୍ ନଂ. 116, ଖାତା ନଂ.367, ମୌଜା ଖାରବେଳ ନଗର-I, ଥାନା- ନ୍ୟୁ କ୍ୟାପିଟାଲ, ଭୁବନେଶ୍ୱର, ଓଡ଼ିଶା । ପରିମାପ ରକବା 0.060 ଡେସିମିଲ ଅର୍ଥାତ୍ 2700 ବର୍ଗଫୁଟ ଓ ବିଲ୍ଟ ଅପ୍ ଏରିଆ 4050 ବର୍ଗଫୁଟ । | ଟ. 2,88,93, 352/- 05 ମାର୍ଚ୍ଚ 2025 ସୁଦ୍ଧା | ଟ. 3,11,00, 000/- / ଟ. 31,10, 000/- | ଏପ୍ରିଲ 07, 2025 ପୂର୍ବାହ୍ନ 11.00 ଘଟିକାରୁ ଅପରାହ୍ନ 01.00 ଘଟିକା | ଏପ୍ରିଲ 17, 2025 ପୂର୍ବାହ୍ନ 11.00 ଘଟିକା ପରଠାରୁ |
| 2. | ଶ୍ରୀରାଜ ଦାଶ (ଆବେଦକ) ଶ୍ରୀୟା ଦାଶ (ସହ-ଆବେଦକ) TBBBS00006227059, TBBBS00006227063 ଓ TBBBS00006227062 | ହାଲ ପ୍ଲଟ୍ ନଂ.1942, ସରକାରୀ ଖାତା ନଂ. 1, ହାଲ ଖାତା ନଂ. 409, ଥାନା- ପୁରୀଘାଟ, ଏସ୍.ଆର୍.ଓ./ତହସିଲ- କଟକ, ଜିଲ୍ଲା: କଟକ, ଓଡ଼ିଶା । ପରିମାପ ରକବା: ଏ.0.048 ଡେସିମିଲ ରକବା ଅର୍ଥାତ୍ 2091 ବର୍ଗଫୁଟ ଏବଂ ବିଲ୍ଟ ଅପ୍ ଏରିଆ 2220 ବର୍ଗ ଫୁଟ । | ଟ. 1,41,81, 100/- 05 ମାର୍ଚ୍ଚ 2025 ସୁଦ୍ଧା | ଟ. 1,50,00, 000/- / ଟ. 15,00, 000/- | ଏପ୍ରିଲ 08, 2025 ପୂର୍ବାହ୍ନ 11.00 ଘଟିକାରୁ ଅପରାହ୍ନ 01.00 ଘଟିକା | ଏପ୍ରିଲ 17, 2025 ପୂର୍ବାହ୍ନ 11.30 ଘଟିକା ପରଠାରୁ |
| 3. | ଦେବାଶିଷ ଭୂୟାଁ (ଆବେଦକ), ନିରଞ୍ଜନ ଭୂୟାଁ (ସହ-ଆବେଦକ) LBCTK00005601964, LBBBS00006127366 | ହାଲ ପ୍ଲଟ୍ ନଂ. 526, ହାଲ ଖାତା ନଂ. 552, ଥାନା: ନ୍ୟୁ କ୍ୟାପିଟାଲ, ମୌଜା: ଗୌତମ ନଗର, ୟୁନିଟ୍ ନଂ. 28, ନାଗେଶ୍ୱର ଟାଙ୍ଗୀ, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା (ପରିମାପ ରକବା 106 ଡେସିମିଲ ଅର୍ଥାତ୍ 4617 ବର୍ଗଫୁଟ ଏବଂ ବିଲ୍ଟ ଅପ୍ ଏରିଆ 6118 ବର୍ଗଫୁଟ) | ଟ. 2,46,96, 553/- 05 ମାର୍ଚ୍ଚ 2025 ସୁଦ୍ଧା | ଟ. 2,70,00, 000/- / ଟ. 27,00, 000/- | ଏପ୍ରିଲ 09, 2025 ପୂର୍ବାହ୍ନ 11.00 ଘଟିକାରୁ ଅପରାହ୍ନ 01.00 ଘଟିକା | ଏପ୍ରିଲ 17, 2025 ମଧ୍ୟାହ୍ନ 12.00 ଘଟିକା ପରଠାରୁ |

ଅନ୍‌ଲାଇନ ନିଲାମଟି ଆମର ନିଲାମ ଏଜେନ୍ସି ମେସର୍ସ ନେକ୍ସେନ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ୱେବ୍‌ସାଇଟ୍ (ୟୁଆର୍‌ଏଲ୍ ଲିଙ୍କ୍- https://disposalhub.com)ରେ ସଞ୍ଚାଳିତ ହେବ । ବନ୍ଧକଦାତା/ନୋଟିସଗ୍ରହୀତାମାନଙ୍କୁ ଏପ୍ରିଲ 16, 2025 ଅପରାହ୍ନ 5.00 ଘଟିକା ସୁଦ୍ଧା ମୋଟ ବକେୟା ସହିତ ତତ୍-ପରବର୍ତ୍ତୀ ସୁଧ ପୈଠ କରିବା ପାଇଁ ଏକ ଶେଷ ସୁଯୋଗ ଦିଆଯାଉଛି, ଅନ୍ୟଥା ବନ୍ଧକ ପରିସମ୍ପତ୍ତି(ଗୁଡ଼ିକୁ) ଅନୁସୂଚୀ ଅନୁସାରେ ବିକ୍ରି କରିଦିଆଯିବ । ସମ୍ଭାବ୍ୟ ବିଡର(ଗଣ) ଏପ୍ରିଲ 16, 2025 ଅପରାହ୍ନ 05.00 ଘଟିକା କିମ୍ବା ତାହା ପୂର୍ବରୁ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, ୨ୟ ମହଲା, ଓସିସିଏଫ୍ ବିଲ୍ଡିଂ, ଶ୍ରୀୟା ଟକିଜ୍ ସାମ୍ନା, ୟୁନିଟ୍-III, ଭୁବନେଶ୍ୱର, ଓଡ଼ିଶା-751001 ଠାରେ ଅମାନତ ଜମା ରାଶି (ଇଏମ୍‌ଡି) ଡିମାଣ୍ଡ ଡ୍ରାଫ୍ଟ (ଡିଡି) (ସ୍ତମ୍ଭ 'ଙ' ଦେଖନ୍ତୁ) ଦାଖଲ କରିବା ଜରୁରୀ । ତତ୍‌ପଶ୍ଚାତ୍ ସେମାନଙ୍କୁ ୱେବ୍‌ସାଇଟ୍ ମାଧ୍ୟମରେ ଏପ୍ରିଲ 16, 2025 ଅପରାହ୍ନ 05.00 ଘଟିକା କିମ୍ବା ତାହା ପୂର୍ବରୁ ଇଏମ୍‌ଡି ପରିଶୋଧର ପ୍ରମାଣ ବାବଦରେ ବ୍ୟାଙ୍କ ଦ୍ୱାରା ପ୍ରାପ୍ତିସ୍ୱୀକୃତ ଡିଡିର ସ୍କାନ କରାଯାଇଥିବା ପ୍ରତିଛବି ସହିତ ସେମାନଙ୍କର ଅଫର ଦାଖଲ କରିବାକୁ ହେବ । ଯଦି ସମ୍ଭାବ୍ୟ ବିଡର(ଗଣ) ୱେବ୍‌ସାଇଟ୍ ଜରିଆରେ ତାଙ୍କର/ସେମାନଙ୍କର ଅଫର ଦାଖଲ କରିବାରେ ଅସମର୍ଥ ହୋଇଥାନ୍ତି, ତେବେ ଟେଣ୍ଡର ଦସ୍ତାବିଜଗୁଡ଼ିକର ସ୍ୱାକ୍ଷରିତ ପ୍ରତିଲିପିଗୁଡ଼ିକୁ ଏପ୍ରିଲ 16, 2025 ଅପରାହ୍ନ 05.00 ଘଟିକା ପୂର୍ବରୁ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, ୨ୟ ମହଲା, ଓସିସିଏଫ୍ ବିଲ୍ଡିଂ, ଶ୍ରୀୟା ଟକିଜ୍ ସାମ୍ନା, ୟୁନିଟ୍-III, ଭୁବନେଶ୍ୱର, ଓଡ଼ିଶା-751001 ଠାରେ ଦାଖଲ କରିବାକୁ ପଡ଼ିବ । ଅମାନତ ଜମା ରାଶି ଡିଡି/ପିଓ ଏକ ରାଷ୍ଟ୍ରାୟତ୍ତ/ଅନୁସୂଚୀତ ବ୍ୟାଙ୍କରୁ 'ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍' ସପକ୍ଷରେ ଭୁବନେଶ୍ୱରଠାରେ ପୈଠଯୋଗ୍ୟ ହୋଇଥିବା ଆବଶ୍ୟକ ।

ନିରୀକ୍ଷଣ, ଇ-ନିଲାମର ନିୟମ ଓ ସର୍ତ୍ତାବଳୀ କିମ୍ବା ଟେଣ୍ଡର ଦାଖଲ ବାବଦୀୟ ଅଧିକ ସ୍ପଷ୍ଟୀକରଣ ପାଇଁ ଆଇସିଆଇସିଆଇ ବ୍ୟାଙ୍କ କର୍ମଚାରୀଙ୍କ ସହ ଫୋନ୍ ନଂ. 9324948920 ରେ ଯୋଗାଯୋଗ କରନ୍ତୁ ।

ଦୟାକରି ଧ୍ୟାନରେ ରଖନ୍ତୁ ଯେ ଏହି ସମ୍ପତ୍ତିର ବିକ୍ରୟକୁ ସୁବିଧାଜନକ କରିବା ପାଇଁ ମାର୍କେଟିଂ ଏଜେନ୍ସି 1. ଭାଲ୍ୟୁ ଟ୍ରଷ୍ଟ କ୍ୟାପିଟାଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟ ନିୟୋଜିତ ହୋଇଛି ।

ଅଧିକ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ବିଡ୍‌କୁ ଖାରଜ କରିବାର ଅଧିକାର ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ସଂରକ୍ଷିତ ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଦୟାକରି www.icicibank.com/n4p4s ପରିଦର୍ଶନ କରନ୍ତୁ ।

ତାରିଖ: ମାର୍ଚ୍ଚ 07, 2025
ସ୍ଥାନ: ଭୁବନେଶ୍ୱର (ଓଡ଼ିଶା)

ପ୍ରାଧିକୃତ ଅଧିକାରୀ
ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ମୃତ୍ୟୁଞ୍ଜୟ


@ ନିଖିଲ


@ ପିଣ୍ଟୁ


@ ସତ୍ୟବାନ


@ ସୌମ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିକାଶରେ ଯୁବବର୍ଗଙ୍କ ପ୍ରତିବଦ୍ଧତା ଅପରିହାର୍ଯ୍ୟ

## ବାଲୁଗାଁ ମହାବିଦ୍ୟାଳୟର ୪୪ତମ ବାର୍ଷିକୋତ୍ସବ

ବାଲୁଗାଁ,୬।୩(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ ଗୁରୁବାର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି, ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ମୁଖ୍ୟବକ୍ତା, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସୁକାନ୍ତି ପାଇକରାୟ ଏବଂ ଶିକ୍ଷାବିତ୍ ଡ. ମୃତ୍ୟୁଞ୍ଜୟ ରଥ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହା ପରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ସୁବୁଦ୍ଧି ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଡା. ପାତ୍ର ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଆ ବ୍ୟକ୍ତିଙ୍କ ସଫଳତା ଏବଂ ପ୍ରଭାବ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରୀଜଗନ୍ନାଥ ଆମ ଅସ୍ମିତା ଓ ଆମ ପ୍ରଗତିର ଉତ୍ସ ବୋଲି କହିଥିଲେ। ଏଥିସହ ସାମ୍ପ୍ରତିକ ସମୟରେ ଓଡ଼ିଶାର ଯୁବବର୍ଗ ଚାକିରି ପଛରେ ନ ଗୋଡ଼ାଇ କୃତ୍ରିମ ବୁଦ୍ଧିମତ୍ତାର ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କ ପ୍ରେରଣାର ଉତ୍ସ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ହରିଚନ୍ଦନ ପ୍ରତିଟି ଆନୁଷ୍ଠାନିକ ବିକାଶରେ ଯୁବବର୍ଗଙ୍କ ପ୍ରତିବଦ୍ଧତା ଅପରିହାର୍ଯ୍ୟ ବୋଲି କହିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ବାଲୁଗାଁ ବାଣପୁର ଅଞ୍ଚଳର କଳା, ସାହିତ୍ୟ, ନାଟ୍ୟକଳା, ଐତିହ୍ୟ, ସଂସ୍କୃତି ଏବଂ ବୀରତ୍ୱର ଗାଥା ଉପସ୍ଥାପନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ହରିଚନ୍ଦନ ବାଲୁଗାଁ ଅଞ୍ଚଳର ବିଶିଷ୍ଟ ମଞ୍ଚ କଳାକାର ଓ ଚଳଚ୍ଚିତ୍ର ଅଭିନେତା ରବି ନନ୍ଦଙ୍କୁ ଚଳିତବର୍ଷର ଶାନ୍ତନୁ ଦାଶ ସ୍ମାରକୀ ନାଟ୍ୟ ସମ୍ମାନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଡ. କୈଳାସ ଚନ୍ଦ୍ର ମହାରଣା ମଞ୍ଚ ସଂଯୋଜନା କରିଥିବା ବେଳେ ଯୁକ୍ତ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ଡ. ମୋନାଲିସା ମାନସିଂହ, ବିଦ୍ୟାଧର ଜୁଝାରସିଂହ, ସୁବ୍ରତ ତ୍ରିପାଠୀ, ରିନା ରାଉତ, ମନସ୍ୱିନୀ ପଟ୍ଟନାୟକ, ମୃଡ଼ାଣି ଶଙ୍କର ପ୍ରସାଦ ମିଶ୍ର, ହିମାଂଶୁ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ବାର୍ଷିକ ଉତ୍ସବରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟ ଅତିଥି।

## ଲଡୁ କିଶୋରଙ୍କୁ ସମ୍ବର୍ଦ୍ଧନା



ଟାଙ୍ଗୀ,୬।୩(ରଘୁନାଥ ସାହୁ): ବାଲୁଗାଁ ବିଦ୍ୟୁତ୍ ଡିଭିଜନ ଅନ୍ତର୍ଗତ ଟାଙ୍ଗୀ ସବ୍‌ଡିଭିଜନର ଲାଇନମ୍ୟାନ ଲଡୁ କିଶୋର ପ୍ରଧାନଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ଲଡୁ କିଶୋରଙ୍କୁ ଟିପିସିଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ସର୍କଲ ମୁଖ୍ୟ, ଡିଭିଜନ, ସବ୍‌ଡିଭିଜନ ମୁଖ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଲଡୁ କିଶୋର ନିଜସ୍ୱ ଜ୍ଞାନ କୌଶଳ ପ୍ରୟୋଗ କରି ଏକ ବୈଦ୍ୟୁତିକ ଡିସ୍‌ଚାର୍ଜ ଦଣ୍ଡ ତିଆରି କରିବାରେ ସଫଳ ହୋଇଛନ୍ତି। ଏହି ଡିସ୍‌ଚାର୍ଜ ଦଣ୍ଡ ବିଦ୍ୟୁତ୍ କାର୍ଯ୍ୟ ବେଳେ କର୍ମଚାରୀଙ୍କୁ ସୁରକ୍ଷା ଦେଇଥାଏ। ଏହି ଦଣ୍ଡକୁ ଶକ୍ତି ବିଭାଗ ସ୍ୱୀକୃତି ପ୍ରଦାନ କରିଛି।

# ମନ୍ତ୍ରୀଙ୍କ ଗାଡ଼ିକୁ ଅଟକାଇ ନାରାବାଜି କଲେ ବିଜେଡି କର୍ମୀ

## ବିଜୁ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନ ନ ହେବାର ପ୍ରତିବାଦ

ବେଗୁନିଆ,୬।୩
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ମାର୍ଚ୍ଚ ୫ରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ପାଳନ ନ କରିବା ଏବଂ ଛୁଟି ବାତିଲ କରିବା ପ୍ରତିବାଦରେ ସାରା ରାଜ୍ୟରେ ବିଜେଡି ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଖୋର୍ଦ୍ଧା ଜିଲା ବେଗୁନିଆରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ପ୍ରତିବାଦ ଶୋଭାଯାତ୍ରା ହୋଇଥିଲା। ଏହି ସମୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ କାର୍‌ରେ ବଲାଙ୍ଗୀର ପଟୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ବେଗୁନିଆ ଥାନା ଛକଠାରେ ବିଜେଡି ନେତା ଏବଂ କର୍ମୀମାନେ ମନ୍ତ୍ରୀ ଖୁଣ୍ଟିଆଙ୍କ ଗାଡ଼ିକୁ ଅଟକାଇ ରାଜ୍ୟ ସରକାରଙ୍କ ବିଜୁ ପଟ୍ଟନାୟକଙ୍କ ପ୍ରତି ମନୋଭାବ ନିଷ୍ପତ୍ତି ବିରୋଧରେ ଛି ଛି ନାରା ଦେଇଥିଲେ। କିଛି ସମୟ ପାଇଁ ମନ୍ତ୍ରୀଙ୍କ ଏସ୍କର୍ଟ ଗାଡ଼ି ସହ ତାଙ୍କ ଗାଡ଼ି ରାସ୍ତାରେ ଅଟକି ରହିଥିଲା। ଫଳରେ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ପରେ ସ୍ଥାନୀୟ ପୋଲିସ ମନ୍ତ୍ରୀଙ୍କ ଗାଡ଼ିକୁ ସୁରକ୍ଷା ଦେଇ ବେଗୁନିଆ ଅତିକ୍ରମ କରାଇଥିଲା। ପରେ ବିଜେଡି ଶୋଭାଯାତ୍ରା ବ୍ଲକ ଛକରେ ପହଞ୍ଚିଥିଲା। ସେଠାରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ହୋଇଥିଲା। ଏଥିରେ ବିଜେଡି ନେତୃବୃନ୍ଦ ଉଦ୍‌ବୋଧନ ଦେବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଲକ୍ଷ୍ମୀଧର ସାହୁଙ୍କୁ ପ୍ରତିବାଦ ପତ୍ର ପ୍ରଦାନ କରିଥିଲେ।



# ପ୍ରାଥମିକ ମେଧାବୃତ୍ତି ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ବାଣପୁର,୬।୩ (ଦିଲୀପ କୁମାର ସ୍ୱାଇଁ)

ପ୍ରାଥମିକ ମେଧାବୃତ୍ତି ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ବାଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆୟୁଷ ଆୟଙ୍କର ତ୍ରିପାଠୀ, ଆଦ୍ୟାଶା ସୁଆର, ଅଘ୍ୟରୂପା ବାରିକ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ଗମ୍ଭାରୀମୁଣ୍ଡା ପତିତପାବନ ଉଚ୍ଚ ବିଦ୍ୟାଳୟର ଶ୍ରୀୟା ସୁଲଗ୍ନା ସାମନ୍ତରାୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦିବ୍ୟଦର୍ଶିନୀ ବାରିକଙ୍କ ସମେତ ଦେଓଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଦ୍ୟୁମ୍ନ କୁମାର ପରିଡା, ସାଇପ୍ରଜ୍ଞା ପ୍ରଧାନ, ଅଙ୍କିତା ବିଶୋୟୀଙ୍କ ସମେତ ମୋଟ୍ ୧୪ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଅଲାଇଡିହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଂଶୁମାନ ମହାରଣା ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ବିଜେବି ବିଦ୍ୟାମନ୍ଦିରର ନୀଳମଣି ଘଡ଼ାଇ, ଦେଓଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦିବ୍ୟାଂଶୁ ଛାଟୋଇ, ପ୍ରିୟଦର୍ଶିନୀ ନାୟକ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ହାସଲ କରିଥିବା ବେଳେ ସାଲୁଣି ପ୍ରାଥମିକ ବିଦ୍ୟାଳୟର ଚିକୁନ କୁମାର ପରିଡା, ଦେଓଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରତୀକ୍ଷା ଛାଟୋଇଙ୍କ ସମେତ ମୋଟ୍ ୧୪ଜଣ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି।

# ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ


ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଗୁରୁବାର ଅନୁଷ୍ଠିତ କଳସଯାତ୍ରା।

ଜଟଣୀ,୬।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀସ୍ଥିତ ଲବଣଗିରି ପାହାଡ଼ରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ଆରମ୍ଭ ହୋଇଛି। ଏହି ଅବସରରେ ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ୫୦୮ଜଣ ଶ୍ରଦ୍ଧାଳୁ ଏହି କଳସଯାତ୍ରାରେ ସାମିଲ ହୋଇଥିଲେ। ଏହି ଉତ୍ସବ ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଷ୍ଠା ଉତ୍ସବରେ ସାଧୁସନ୍ଥ, ବିଭିନ୍ନ ଦଳର ନେତା ଏବଂ ମନ୍ତ୍ରୀଙ୍କ ସମେତ ଜନପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରୁଥିବା ବେଳେ ଆଗାମୀ ଦିନରେ ଏହାକୁ ପର୍ଯ୍ୟଟନ ବିଭାଗରେ ଅନ୍ତର୍ଭୁକ୍ତ କରାଯାଇ ଆହୁରି ଉନ୍ନତିମୂଳକ କାର୍ଯ୍ୟ କରାଯିବା ଲାଗି ପଦକ୍ଷେପ ନିଆଯିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

## ସାମ୍ୟବାଦୀ ଆନ୍ଦୋଳନରେ ରବି ରାୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବାଲିପାଟଣା,୬।୩(ଅଭିମନ୍ୟୁ ନାୟକ)

ରବି ରାୟ ସ୍ମୃତି ସଂସଦ ଏବଂ ଲୋହିଆ ଏକାଡେମୀ, ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଗୁରୁବାର ଲୋକ ସଭା ପୂର୍ବତନ ବାଚସ୍ପତି ରବି ରାୟଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ବାଲିପାଟଣା ବ୍ଲକ ଅନ୍ତର୍ଗତ ଭଅଁରା ନିଜିଗଡ଼ଠାରେ ଆୟୋଜିତ ଏହି ଉତ୍ସବରେ ସଂସଦ ସଭାପତି ଅଭିମନ୍ୟୁ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ କ୍ଷୀରୋଦ କୁମାର ରାୟମହାପାତ୍ର ଯୋଗଦେଇ କହିଥିଲେ, ସାମ୍ୟବାଦୀ ଆନ୍ଦୋଳନରେ ରବି ରାୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଅଧ୍ୟାପକ ଭାରତ ଭୂଷଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

ଏକାଦଶାହ ଉପଲକ୍ଷେ



ଁ ପରିକ୍ଷିତ ବେହେରା
ସ୍ଥାନ : ଝାରପଡ଼ା, ଦୋଳମଣ୍ଡପ ସାହି, ଭୁବନେଶ୍ୱର
ଆବିର୍ଭାବ - ୦୫.୧୦.୧୯୨୮ / ତିରୋଧାନ - ୨୫.୦୨.୨୦୨୫
ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ
ପୁତ୍ର ଓ ପୁତ୍ରବଧୂ - ଅକ୍ରୁ, ଜ୍ୟୋତ୍ସ୍ନା ଓ କାଳିଆ, ମାମିନା
ଝିଅ ଓ ଜ୍ୱାଇଁ - ପାର୍ବତୀ, ବିଜୟ ଓ ସରସ୍ୱତୀ, ବାବୁରାମ
ନାତି ଓ ନାତୁଣୀ ବୋହୂ - ଜିତୁ, ମିନୁ / ଗୁଲୁ, ସୀମା ଓ ଶ୍ରୀଧର, ଟିକି
ନାତି - ବିକି, ଟିଟୁ, ଚିଣ୍ଟୁ, ରୁଦ୍ର, ବାପୁ
ନାତୁଣୀ - ସୋନି, ରିତା, ରିତୁ, ରୁନୁ, କୁନୁ, ମାମୁନି
ଭଣଜା ଓ ଭଣଜା ବୋହୂ - ଅଭୟ, ରୁନା ଓ ଅକ୍ଷୟ , ମାନୁ
ଅଣନାତି - ସାଇ, ବିଶ୍ୱାସ / ଅଣନାତୁଣୀ - ଶ୍ରଦ୍ଧା, ମିକି, ପିହୁ

# ଭାଜପା ଉପରେ ବର୍ଷିଲା ବିଜେଡି



ପ୍ରତିବାଦ ସଭାରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ଉଦ୍‌ବୋଧନ ଦେଉଛନ୍ତି।

## ବିଜୁ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନ ନ ହେବାରୁ ପ୍ରତିବାଦ

ଖୋର୍ଦ୍ଧା,୬।୩(ପ୍ରଭାତ ପାଣିଗ୍ରାହୀ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ ନ କରିବା ଏବଂ ଛୁଟି ବାତିଲ କରିବା ପ୍ରତିବାଦରେ ସାରା ରାଜ୍ୟରେ ବିଜେଡି ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପକ୍ଷରୁ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଏହି ଅବସରରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ଭାଜପା ସରକାର ଉପରେ ବର୍ଷିଥିଲେ। ବିଜୁବାବୁ ୪.୫ କୋଟି ଓଡ଼ିଆଙ୍କ ହୃଦୟରେ ଅଛନ୍ତି। ବିଜୁବାବୁଙ୍କୁ ଅପମାନ ଓଡ଼ିଆଙ୍କୁ କୁଠାରାଘାତ ସଦୃଶ। ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ। ଭାଜପା ସରକାର ଯୋଗୁ ଓଡ଼ିଶା ମାଟି ଅପମାନିତ ହୋଇଛି। ମହିଳାଙ୍କୁ ରାଜନୀତି କ୍ଷେତ୍ରରେ ଅଗ୍ରାଧିକାର ଦେବା ଉଦ୍ଦେଶ୍ୟରେ ସ୍ଥାନ ସଂରକ୍ଷଣଠାରୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ତାଙ୍କ ମହିଳା ସଶକ୍ତୀକରଣ ଏବଂ ମହିଳାଙ୍କ ପ୍ରତି ସମ୍ମାନ ସୂଚାଏ। ସାରା ଓଡ଼ିଶା ତାଙ୍କୁ ଝୁରୁଥିବା ବେଳେ ଭାଜପା ସରକାର ଛଳନା କରୁଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନରେ ପରାଜୟ ଆଶଙ୍କାରେ ଏଭଳି ଏକ ଛଳନା ରାଜନୀତି କରିଛନ୍ତି। ୮ମାସରେ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ବେଳେ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଆଗାମୀ ଦିନରେ ଜନତା ଏହାର ଉଚିତ ଜବାବ ଦେବେ। ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିଶ୍ମୀ ମାନ୍ଧାତା, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ନଗର ସଭାପତି ଏମ୍‌ଡି ଆରିଫ, ଜିଲାପରିଷଦ ବିଜୟ ପାଲଟାସିଂହ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଛାତ୍ର ସାଧାରଣ ସମ୍ପାଦକ ସତ୍ୟପ୍ରକାଶ ସାହୁ, ପ୍ରକାଶ କୁମାର ଦାସ, ସ୍ୱଦେଶ ରାଉତରାୟ, କାଉନ୍‌ସିଲର ଅମିୟ ମହାନ୍ତି, ପ୍ରବୀଣା ଜଗଦ୍ଦେବରାୟ, ଅନିଲ ରାମ, ନାଗଭୂଷଣ ଜେନା, ବଦ୍ରି ନାରାୟଣ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, କର୍ମୀମାନେ ଉପସ୍ଥିତ ଥିଲେ। ସେହିପରି ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଅଗ୍ନିବିପନ୍ନଙ୍କୁ ସହାୟତା

ଟାଙ୍ଗୀ,୬।୩(ରଘୁନାଥ ସାହୁ): ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଜିଲା ନାରୁଣୀ ଅଞ୍ଚଳରେ ଅଗ୍ନିକାଣ୍ଡ ଯୋଗୁ ୮ଟି ପରିବାରର ୧୪ ବଖରା ସହିତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ସେହିପରି ଟାଙ୍ଗୀ ନିକଟ ବିନ୍ଧାଣିଆ ଗାଁରେ ଅଗ୍ନିକାଣ୍ଡ ଘଟି ୪ ପରିବାରର ୮ ବଖରା ସମେତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ସ୍ୱେଚ୍ଛାସେବୀ ସଙ୍ଗଠନ 'ଇସୱାର୍ଡ' ଏବଂ 'ଗୁଞ୍ଜ' ପକ୍ଷରୁ ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। ଶୁଖିଲାଖାଦ୍ୟ, ପଲିଥିନ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦିଆଯାଇଛି। ଇସୱାର୍ଡ ସଙ୍ଗଠନର ମୁଖ୍ୟ ମୃତ୍ୟୁଞ୍ଜୟ ପ୍ରଧାନ ଏବଂ ଗୁଞ୍ଜର ଓଡ଼ିଶା ମୁଖ୍ୟ ସୁରେଶ କୁମାର ସହାୟତା ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ସପ୍ତଶତୀ ଚଣ୍ଡୀ ମହାଯଜ୍ଞ

ଟାଙ୍ଗୀ,୬।୩(ରଘୁନାଥ ସାହୁ): ଟାଙ୍ଗୀ ଉପିମରା ସାହିସ୍ଥିତ ମା'ନାରାୟଣୀଙ୍କ ପୀଠରେ ସପ୍ତଶତୀ ଚଣ୍ଡୀ ମହାଯଜ୍ଞ ଏବଂ ୨୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଗ୍ରହଣ, ମହାପ୍ରସାଦ ଏବଂ କରପଲ୍ଲବ ବିରାଜମାନ ପରେ ସନ୍ଧ୍ୟାରେ ନଗର ଭ୍ରମଣ କରାଯାଇଥିଲା। ପ୍ରତ୍ୟେକଦିନ ସୂର୍ଯ୍ୟପୂଜା, ଧେନୁ ପୂଜା, ଆହୁତି, ଆଳତି କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରାମ ନାଟକ, ଭାରତ ଲୀଳା ପ୍ରଦର୍ଶିତ ହୋଇଥିଲା। ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା।

ICICI Bank | ଶାଖା କାର୍ଯ୍ୟାଳୟ: ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, 2ୟ ମହଲା, ଓସିସିଏଫ୍ ବିଲଡିଂ, ଶ୍ରୀୟା ଟକିଜ୍ ସାମ୍ନା, ୟୁନିଟ୍-III, ଭୁବନେଶ୍ୱର, ଓଡ଼ିଶା-751001

**ସର୍ବସାଧାରଣ ବିଜ୍ଞପ୍ତି- ବନ୍ଧକ ପରିସମ୍ପତ୍ତିର ବିକ୍ରୟ ପାଇଁ ଟେଣ୍ଡର ତଥା ଇ-ନିଲାମ**

[ନିୟମ 8(6)ର ବ୍ୟବସ୍ଥାପନ ଦେଖନ୍ତୁ]

ସ୍ଥାବର ପରିସମ୍ପତ୍ତି(ଗୁଡ଼ିକ)ର ବିକ୍ରୟ ପାଇଁ ବିଜ୍ଞପ୍ତି

ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, 2002 ସହିତ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, 2002ର ନିୟମ 8 (6)ର ବ୍ୟବସ୍ଥାପନ ଅଧୀନରେ ସ୍ଥାବର ସମ୍ପତ୍ତି(ଗୁଡ଼ିକ)ର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।
ଏତଦ୍ୱାରା ସାଧାରଣ ଭାବେ ଜନସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସି ଦିଆଯାଉଛି ଯେ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ଦିଆଯାଇଥିବା/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାର ଭୌତିକ ଦଖଲ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍‌ର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିଆଯାଇଥିଲା, ତାହାକୁ ନିମ୍ନଦର୍ଶିତ ସଂକ୍ଷିପ୍ତ ବିବରଣୀ ଅନୁଯାୟୀ 'ଯେପରି ଅଛି ଯେଉଁଠି ଅଛି', 'ଯେପରି ଅଛି ଯାହା ଅଛି' ଏବଂ 'ସେଠାରେ ଯାହା ଅଛି' ଭିତ୍ତିରେ ବିକ୍ରୟ କରାଯିବ;

| କ୍ର. ସଂ. | ଋଣଗ୍ରହୀତା(ଗଣ)/ ସହ-ଋଣଗ୍ରହୀତାଗଣ/ ଗ୍ୟାରେଣ୍ଟିଦାତାଗଣଙ୍କ ନାମ/ ଋଣ ଖାତା ନଂ. | ବନ୍ଧକ ପରିସମ୍ପତ୍ତି(ଗୁଡ଼ିକ)ର ବିବରଣୀ ସହିତ ଜ୍ଞାତସାରରେ ଥିବା ଋଣଭାର | ବକେୟା ଅର୍ଥରାଶି | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି | ସମ୍ପତ୍ତି ନିରୀକ୍ଷଣର ତାରିଖ ଓ ସମୟ | ଇ-ନିଲାମର ତାରିଖ ଓ ସମୟ |
|---|---|---|---|---|---|---|
| (କ) | (ଖ) | (ଗ) | (ଘ) | (ଙ) | (ଚ) | (ଛ) |
| 1. | ଶ୍ରୀ ମୁକୁଟ ରାୟଚୌଧୁରୀ (ଋଣଗ୍ରହୀତା), ଶୋଭା ରାୟ ଚୌଧୁରୀ, ରୂପକ ରାୟ ଚୌଧୁରୀ, ଇନ୍ଦ୍ରାଣୀ ଭଟ୍ଟାଚାର୍ଜୀ (ସହ-ଆବେଦକ) LBBBS00003869761, LBBBS00003869777, LBBBS00004424646 | ପ୍ଲଟ୍ ନଂ. 3 (ଏସ୍‌ସିଆର୍) ଖାରବେଳନଗର, ୟୁନିଟ୍-III, ରାଜସ୍ୱ ପ୍ଲଟ୍ ନଂ. 116, ଖାତା ନଂ.367, ମୌଜା ଖାରବେଳ ନଗର-I, ଥାନା- ନ୍ୟୁ କ୍ୟାପିଟାଲ, ଭୁବନେଶ୍ୱର, ଓଡ଼ିଶା । ପରିମାପ ରକବା 0.060 ଡେସିମିଲ ଅର୍ଥାତ୍ 2700 ବର୍ଗଫୁଟ ଓ ବିଲ୍ଟ ଅପ୍ ଏରିଆ 4050 ବର୍ଗଫୁଟ । | ଟ. 2,88,93, 352/- 05 ମାର୍ଚ୍ଚ 2025 ସୁଦ୍ଧା | ଟ. 3,11,00, 000/- / ଟ. 31,10, 000/- | ଏପ୍ରିଲ 07, 2025 ପୂର୍ବାହ୍ନ 11.00 ଘଟିକାରୁ ଅପରାହ୍ନ 01.00 ଘଟିକା | ଏପ୍ରିଲ 17, 2025 ପୂର୍ବାହ୍ନ 11.00 ଘଟିକା ପରଠାରୁ |
| 2. | ଶ୍ରୀରାଜ ଦାଶ (ଆବେଦକ) ଶ୍ରୀୟା ଦାଶ (ସହ-ଆବେଦକ) TBBBS00006227059, TBBBS00006227063 ଓ TBBBS00006227062 | ହାଲ ପ୍ଲଟ୍ ନଂ.1942, ସରକାରୀ ଖାତା ନଂ. 1, ହାଲ ଖାତା ନଂ. 409, ଥାନା- ପୁରୀଘାଟ, ଏସ୍. ଆର୍.ଓ./ତହସିଲ- କଟକ, ଜିଲ୍ଲା: କଟକ, ଓଡ଼ିଶା । ପରିମାପ ରକବା: ଏ.0.048 ଡେସିମିଲ ରକବା ଅର୍ଥାତ୍ 2091 ବର୍ଗଫୁଟ ଏବଂ ବିଲ୍ଟ ଅପ୍ ଏରିଆ 2220 ବର୍ଗ ଫୁଟ । | ଟ. 1,41,81, 100/- 05 ମାର୍ଚ୍ଚ 2025 ସୁଦ୍ଧା | ଟ. 1,50,00, 000/- / ଟ. 15,00, 000/- | ଏପ୍ରିଲ 08, 2025 ପୂର୍ବାହ୍ନ 11.00 ଘଟିକାରୁ ଅପରାହ୍ନ 01.00 ଘଟିକା | ଏପ୍ରିଲ 17, 2025 ପୂର୍ବାହ୍ନ 11.30 ଘଟିକା ପରଠାରୁ |
| 3. | ଦେବାଶିଷ ଭୂୟାଁ (ଆବେଦକ), ନିରଞ୍ଜନ ଭୂୟାଁ (ସହ-ଆବେଦକ) LBCTK00005601964, LBBBS00006127366 | ହାଲ ପ୍ଲଟ୍ ନଂ. 526, ହାଲ ଖାତା ନଂ. 552, ଥାନା: ନ୍ୟୁ କ୍ୟାପିଟାଲ, ମୌଜା: ଗୌତମ ନଗର, ୟୁନିଟ୍ ନଂ. 28, ନାଗେଶ୍ୱର ଟାଙ୍ଗୀ, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା (ପରିମାପ ରକବା 106 ଡେସିମିଲ ଅର୍ଥାତ୍ 4617 ବର୍ଗଫୁଟ ଏବଂ ବିଲ୍ଟ ଅପ୍ ଏରିଆ 6118 ବର୍ଗଫୁଟ) | ଟ. 2,46,96, 553/- 05 ମାର୍ଚ୍ଚ 2025 ସୁଦ୍ଧା | ଟ. 2,70,00, 000/- / ଟ. 27,00, 000/- | ଏପ୍ରିଲ 09, 2025 ପୂର୍ବାହ୍ନ 11.00 ଘଟିକାରୁ ଅପରାହ୍ନ 01.00 ଘଟିକା | ଏପ୍ରିଲ 17, 2025 ମଧ୍ୟାହ୍ନ 12.00 ଘଟିକା ପରଠାରୁ |

ଅନ୍‌ଲାଇନ ନିଲାମଟି ଆମର ନିଲାମ ଏଜେନ୍ସି ମେସର୍ସ ନେକ୍ସେନ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ୱେବ୍‌ସାଇଟ୍ (ୟୁଆର୍‌ଏଲ୍ ଲିଙ୍କ- https://disposalhub.com)ରେ ସଞ୍ଚାଳିତ ହେବ । ବନ୍ଧକଦାତା/ନୋଟିସଗ୍ରହୀତାମାନଙ୍କୁ ଏପ୍ରିଲ 16, 2025 ଅପରାହ୍ନ 5.00 ଘଟିକା ସୁଦ୍ଧା ମୋଟ ବକେୟା ସହିତ ତତ୍-ପରବର୍ତ୍ତୀ ସୁଧ ପୈଠ କରିବା ପାଇଁ ଏକ ଶେଷ ସୁଯୋଗ ଦିଆଯାଉଛି, ଅନ୍ୟଥା ବନ୍ଧକ ପରିସମ୍ପତ୍ତି(ଗୁଡ଼ିକୁ) ଅନୁସୂଚୀ ଅନୁସାରେ ବିକ୍ରି କରିଦିଆଯିବ । ସମ୍ଭାବ୍ୟ ବିଡର(ଗଣ) ଏପ୍ରିଲ 16, 2025 ଅପରାହ୍ନ 05.00 ଘଟିକା କିମ୍ବା ତାହା ପୂର୍ବରୁ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, 2ୟ ମହଲା, ଓସିସିଏଫ୍ ବିଲଡିଂ, ଶ୍ରୀୟା ଟକିଜ୍ ସାମ୍ନା, ୟୁନିଟ୍-III, ଭୁବନେଶ୍ୱର, ଓଡ଼ିଶା-751001 ଠାରେ ଅମାନତ ଜମା ରାଶି (ଇଏମ୍‌ଡି) ଡିମାଣ୍ଡ ଡ୍ରାଫ୍ଟ (ଡିଡି) (ସ୍ତମ୍ଭ 'ଙ' ଦେଖନ୍ତୁ) ଦାଖଲ କରିବା ଜରୁରୀ । ତତ୍‌ପଶ୍ଚାତ୍ ସେମାନଙ୍କୁ ୱେବ୍‌ସାଇଟ୍ ମାଧ୍ୟମରେ ଏପ୍ରିଲ 16, 2025 ଅପରାହ୍ନ 05.00 ଘଟିକା କିମ୍ବା ତାହା ପୂର୍ବରୁ ଇଏମ୍‌ଡି ପରିଶୋଧର ପ୍ରମାଣ ବାବଦରେ ବ୍ୟାଙ୍କ ଦ୍ୱାରା ପ୍ରାପ୍ତିସ୍ୱୀକୃତ ଡିଡିର ସ୍କାନ୍ କରାଯାଇଥିବା ପ୍ରତିଛବି ସହିତ ସେମାନଙ୍କର ଅଫର ଦାଖଲ କରିବାକୁ ହେବ । ଯଦି ସମ୍ଭାବ୍ୟ ବିଡର(ଗଣ) ୱେବ୍‌ସାଇଟ୍ ଜରିଆରେ ତାଙ୍କର/ସେମାନଙ୍କର ଅଫର ଦାଖଲ କରିବାରେ ଅସମର୍ଥ ହୋଇଥାନ୍ତି, ତେବେ ଟେଣ୍ଡର ଦସ୍ତାବିଜଗୁଡ଼ିକର ସ୍ୱାକ୍ଷରିତ ପ୍ରତିଲିପିଗୁଡ଼ିକୁ ଏପ୍ରିଲ 16, 2025 ଅପରାହ୍ନ 05.00 ଘଟିକା ପୂର୍ବରୁ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, 2ୟ ମହଲା, ଓସିସିଏଫ୍ ବିଲଡିଂ, ଶ୍ରୀୟା ଟକିଜ୍ ସାମ୍ନା, ୟୁନିଟ୍-III, ଭୁବନେଶ୍ୱର, ଓଡ଼ିଶା-751001 ଠାରେ ଦାଖଲ କରିବାକୁ ପଡ଼ିବ । ଅମାନତ ଜମା ରାଶି ଡିଡି/ପିଓ ଏକ ରାଷ୍ଟ୍ରାୟତ୍ତ/ଅନୁସୂଚୀତ ବ୍ୟାଙ୍କରୁ 'ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍' ସପକ୍ଷରେ ଭୁବନେଶ୍ୱରଠାରେ ପୈଠଯୋଗ୍ୟ ହୋଇଥିବା ଆବଶ୍ୟକ ।
ନିରୀକ୍ଷଣ, ଇ-ନିଲାମର ନିୟମ ଓ ସର୍ତ୍ତାବଳୀ କିମ୍ବା ଟେଣ୍ଡର ଦାଖଲ ବାବଦୀୟ ଅଧିକ ସ୍ପଷ୍ଟୀକରଣ ପାଇଁ ଆଇସିଆଇସିଆଇ ବ୍ୟାଙ୍କ କର୍ମଚାରୀଙ୍କ ସହ ଫୋନ୍ ନଂ. 9324948920 ରେ ଯୋଗାଯୋଗ କରନ୍ତୁ ।
ଦୟାକରି ଧ୍ୟାନରେ ରଖନ୍ତୁ ଯେ ଏହି ସମ୍ପତ୍ତିର ବିକ୍ରୟକୁ ସୁବିଧାଜନକ କରିବା ପାଇଁ ମାର୍କେଟିଂ ଏଜେନ୍ସି 1. ଭାଲ୍ୟୁ ଟ୍ରଷ୍ଟ କ୍ୟାପିଟାଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟ ନିୟୋଜିତ ହୋଇଛି ।
ଅଧିକ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ବିଡ୍‌କୁ ଖାରଜ କରିବାର ଅଧିକାର ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ସଂରକ୍ଷିତ ।
ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଦୟାକରି www.icicibank.com/n4p4s ପରିଦର୍ଶନ କରନ୍ତୁ ।
ତାରିଖ: ମାର୍ଚ୍ଚ 07, 2025 — ପ୍ରାଧିକୃତ ଅଧିକାରୀ
ସ୍ଥାନ: ଭୁବନେଶ୍ୱର (ଓଡ଼ିଶା) — ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍

# ଖଣି କ୍ଷେତ୍ରରୁ ଓଡ଼ିଶାକୁ ସର୍ବାଧିକ ରାଜସ୍ୱ : ମନ୍ତ୍ରୀ ଗୋକୁଳାନନ୍ଦ

## ୩ୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଆନ୍ତର୍ଜାତିକ ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୬।୩ (ଅଭୟ ଦାଶ)



୩ୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଆନ୍ତର୍ଜାତିକ ପ୍ରଦର୍ଶନୀକୁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଭୁବନେଶ୍ୱରର ବରମୁଣ୍ଡା ଖେଳପଡ଼ିଆଠାରେ ଆୟୋଜିତ ତୃତୀୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଆନ୍ତର୍ଜାତିକ ପ୍ରଦର୍ଶନୀ–୨୦୨୫ ଗୁରୁବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ମଲ୍ଲିକ କହିଥିଲେ, ରାଜ୍ୟରେ ବକ୍ସାଇଟ୍, କୋଇଲା, ଲୁହାପଥର ଓ ଅନ୍ୟାନ୍ୟ ଖଣିଜାତ ଦ୍ରବ୍ୟ ଭଳି ଖଣି କ୍ଷେତ୍ରରେ ମଧ୍ୟ ଓଡ଼ିଶା ସର୍ବାଧିକ ଅଂଶ ଏବଂ ଖଣି କ୍ଷେତ୍ରରୁ ଓଡ଼ିଶାକୁ ସର୍ବାଧିକ ରାଜସ୍ୱ ମିଳୁଛି। ସେହିପରି ହେମନ୍ତ ଶର୍ମା କହିଥିଲେ, ଏହି ଏକ୍ସପୋରେ ଗୁଣାତ୍ମକ ଅଂଶଗ୍ରହଣ ଦେଖି ମୁଁ ଖୁସି, ଓଡ଼ିଶାରେ ଖଣି କ୍ଷେତ୍ରର ଅଭିବୃଦ୍ଧି ପାଇଁ ଏହି ପ୍ଲାଟ୍‌ଫର୍ମ ବେଶ୍ ଲାଭଦାୟକ ହେବ। ଅପରପକ୍ଷରେ ଫ୍ୟୁଚରେକ୍ସ ଗ୍ରୁପ୍‌ର ଏମ୍‌ଡି ସ୍ୱାମୀ ପ୍ରେମ ଅନ୍ୱେଷୀ କହିଥିଲେ, ଚଳିତ ବର୍ଷ ଏକ୍ସପୋରେ ରୁଷିଆ, ଜର୍ମାନୀ, କୋରିଆ, ଜାପାନ ଏବଂ ତାଇୱାନ ଭଳି ଦେଶର ପ୍ରତିଯୋଗୀମାନେ ସାମିଲ ହୋଇଛନ୍ତି। ଏପରିକି ସେମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ସମାଧାନ ପ୍ରଦର୍ଶନକରି ଉଲ୍ଲେଖନୀୟ ଆନ୍ତର୍ଜାତିକ ପ୍ରତିନିଧିତ୍ୱ କରୁଛନ୍ତି। ଏହି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ଖଣି କାର୍ଯ୍ୟ ଏବଂ ଭିତ୍ତିଭୂମି ବିକାଶରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ଡିଜାଇନ କରାଯାଇଥିବା ଅଭିନବ ଉପକରଣ ଏବଂ ସେବା ଆରମ୍ଭ କରୁଛନ୍ତି। ଏହି କାର୍ଯ୍ୟକ୍ରମ ସମଗ୍ର ଭାରତ ଏବଂ ବିଦେଶରୁ ବ୍ୟବସାୟିକ ପ୍ରତିନିଧି ଦଳ ଏବଂ କ୍ରେତାମାନଙ୍କୁ ଆକୃଷ୍ଟ କରୁଛି, ଯାହା ଭାରତୀୟ ଏବଂ ଅନ୍ତର୍ଜାତୀୟ କମ୍ପାନୀଗୁଡିକ ପାଇଁ ନେଟ୍‌ୱର୍କ କରିବା ଏବଂ ଅର୍ଥପୂର୍ଣ୍ଣ ଭାଗୀଦାରି ସ୍ଥାପନ କରିବା ପାଇଁ ଏକ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରୁଛି। ଏକ୍ସପୋ ଆୟୋଜନ କମିଟିର ଅଧ୍ୟକ୍ଷ ଡ. ଚାନ୍ଦ କହିଛନ୍ତି, ଓଡ଼ିଶା ଭାରତର ଖଣି ରାଜଧାନୀ ହୋଇଥିବାରୁ ଓଡ଼ିଶା ବିଶ୍ୱ ଖଣି ସମ୍ମିଳନୀ ଆୟୋଜନ କରିବାର ଅପାର ସମ୍ଭାବନା ରହିଛି। ସେ ଖଣି ସଂଗଠନଗୁଡ଼ିକୁ ହାତ ମିଳାଇ ଏପରି ପ୍ରଦର୍ଶନୀକୁ ବିଶ୍ୱସ୍ତରରେ ପରିଣତ କରିବାକୁ ଆହ୍ୱାନ କରିଥିଲେ। ଉଲ୍ଲେଖଯୋଗ୍ୟ, ପିଏଚ୍‌ଡିସିସିଆଇ, ଏସ୍‌ସିଏମ୍‌ଏସ୍ ଏବଂ ଓଏଏସ୍‌ଏମ୍‌ଇର ମିଳିତ ସହଯୋଗରେ ଏହି ପ୍ରଦର୍ଶନୀ ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆରେ ୨୦୨୫ ମାର୍ଚ୍ଚ ୬ ରୁ ୯ ପର୍ଯ୍ୟନ୍ତ ସକାଳ ୧୧ ଟାରୁ ରାତି ୮ଟା ଯାଏ ସବୁ ବର୍ଗଙ୍କ ପାଇଁ ମାଗଣା ଖୋଲା ରହିଛି।

ସେହିଭଳି ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ପକ୍ଷରୁ ଆୟୋଜିତ ଏହି ୪ ଦିନିଆ ପ୍ରଦର୍ଶନୀରେ ଭାରତ ତଥା ଭାରତ ବାହାରର ଖଣି, ନିର୍ମାଣ ଓ ଭିତ୍ତିଭୂମି ଉଦ୍ୟୋଗର ୩୦୦ ଅଗ୍ରଣୀ ଅଂଶୀଦାରମାନେ ଏକାଠି ହୋଇଛନ୍ତି।

# ସିବିଆଇ ପକ୍ଷରୁ ମେଗା ୱାକାଥନ୍



ୱାକାଥନ୍‌ରେ ବ୍ୟାଙ୍କର କର୍ମଚାରୀମାନେ ସାମିଲ ହୋଇଛନ୍ତି।

ଭୁବନେଶ୍ୱର,୬।୩

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ)ର ସମସ୍ତ ଶାଖାରେ ଅନ୍ତର୍ଜାତୀୟ ମହିଳା ଦିବସ–୨୦୨୫ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସିବିଆଇ ସପ୍ତାହବ୍ୟାପୀ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରୁଛି। ଅପରପକ୍ଷରେ ସିବିଆଇର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଭୁବନେଶ୍ୱରର ସୂର୍ଯ୍ୟନଗରଠାରେ ଏକ ମେଗା ୱାକାଥନ୍‌ର ଆୟୋଜନ କରାଯାଇଥିଲା। ବିଶେଷ କରି ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ସଫଳତାକୁ ସ୍ୱୀକୃତି ଦେବା କ୍ରମରେ 'ପ୍ରତିଜ୍ଞାରୁ ପ୍ରଗତି ଆଡ଼କୁ ଆଗକୁ ବଢ଼ନ୍ତୁ' ଶୀର୍ଷକ ବିଷୟବସ୍ତୁ ଉପରେ ଏହି ୱାକାଥନ୍ ଅନୁଷ୍ଠିତ ହୋଇଥିଲା। ଏହି ୱାକାଥନ୍‌ରେ ବ୍ୟାଙ୍କର କର୍ମଚାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସିବିଆଇ ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ଉପ–କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ର, ମୁଖ୍ୟ ପ୍ରବନ୍ଧକ ମୁକୁନ୍ଦ କୁମାର କର୍ଣ୍ଣ ଏବଂ ମୁଖ୍ୟ ପ୍ରବନ୍ଧକ ସନ୍ଦୀପ କୁମାରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

# ଇଣ୍ଡିଆନ ବ୍ୟାଙ୍କ ପକ୍ଷରୁ ଏସ୍‌ଏଚ୍‌ଜି ଋଣମେଳା





ହିତାଧିକାରୀଙ୍କୁ ବ୍ୟାଙ୍କ ଅଧିକାରୀ ଋଣ ମଞ୍ଜୁରୀପତ୍ର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୬।୩

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ କୋଟିଏ ଟଙ୍କାର ଋଣ ମଞ୍ଜୁର କରାଯାଇଛି। ପୁରୀ ଜିଲାର ଅସ୍ତରଙ୍ଗ ଏବଂ ବୁଦ୍ଧିପଡ଼ାଠାରେ ଏକ ସ୍ୱତନ୍ତ୍ର ଏସ୍‌ଏଚ୍‌ଜି ଋଣମେଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଇଣ୍ଡିଆନ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଭୁବନେଶ୍ୱର ସଚ୍ଚିକାନ୍ତ ଦାସଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତି ଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ୩୦ଟି ଏସ୍‌ଏଚ୍‌ଜିକୁ ୧ କୋଟି ଟଙ୍କାର ଋଣ ମଞ୍ଜୁର ପତ୍ର ଦିଆଯାଇଥିଲା। ସେହିଭଳି ସେମାନଙ୍କର ଉଦ୍ୟୋଗୀ ଏବଂ ଜୀବିକା କାର୍ଯ୍ୟକଳାପକୁ ସମର୍ଥ କରିବା ପାଇଁ ବ୍ୟାଙ୍କ ଏହି ଋଣ ମଞ୍ଜୁର କରିଛି।

# ଜିଇଏଫ୍ ଇଣ୍ଡିଆ ସହ ଶ୍ରୀ ଅନ୍ନପୂର୍ଣ୍ଣା ଫୁଡ୍‌ସର ବୁଝାମଣା

ନୂଆଦିଲ୍ଲୀ,୬।୩





ଜେମିନୀ ଏଡିବେଲ୍ସ ଆଣ୍ଡ ଫାଟସ ଇଣ୍ଡିଆ ଲିମିଟେଡ୍ ( ଜିଇଏଫ୍ ଇଣ୍ଡିଆ) ଏବଂ ଶ୍ରୀ ଅନ୍ନପୂର୍ଣ୍ଣା ଫୁଡ୍‌ସ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଏହି କମ୍ପାନୀ ଜିଇଏଫ୍ ଫୁଡ୍‌ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ସହ ଯୁଗ୍ମ ସହଭାଗିତା କରିଛନ୍ତି। ଏହା ଫଳରେ କମ୍ପାନୀର ମସଲା, ମିଲ୍ ମିକ୍ସସେ ଏବଂ ଅନ୍ୟାନ୍ୟ ଉପାଦାନ ସାମଗ୍ରୀର ବଣ୍ଟନ ସୁବିଧା ହୋଇପାରିବ ବୋଲି କୁହାଯାଇଛି। ଏ ସମ୍ପର୍କରେ ଜେମିନୀ ଏଡିବେଲ୍ସ ଆଣ୍ଡ ଫାଟ୍‌ସ ଇଣ୍ଡିଆ ଲିମିଟେଡ୍‌ର ଗ୍ରୁପ୍ ଭିପି ଅକ୍ଷୟ ଚୌଧୁରୀ କହିଥିଲେ, ଆମେ ଶ୍ରୀ ଅନ୍ନପୂର୍ଣ୍ଣା ଫୁଡ୍‌ସ ସହ ବୁଝାମଣା କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ସହାୟକ କମ୍ପାନୀ ଜିଇଏଫ୍ ଫୁଡ୍‌ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌କୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭକରି ବ୍ୟବସାୟ କରିବାକୁ ଆଗ୍ରହ ସହକାରେ ଅପେକ୍ଷା କରିଛୁ। ସେହିଭଳି ଜିଇଏଫ୍ ଇଣ୍ଡିଆର ବରିଷ୍ଠ ଉପାଧ୍ୟକ୍ଷ (ସେଲ୍‌ସ ଆଣ୍ଡ ମାର୍କେଟିଂ) ଚନ୍ଦ୍ରଶେଖର ରେଡ୍ଡୀ କହିଥିଲେ, ଆମେ ବର୍ତ୍ତମାନ ଜିଇଏଫ୍ ଫୁଡ୍‌ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଜରିଆରେ ମସଲା ବ୍ୟବସାୟ ଆରମ୍ଭ କରିବାକୁ ଯାଉଛୁ। ଏପରିକି ଶ୍ରୀ ଅନ୍ନପୂର୍ଣ୍ଣା ଫୁଡ୍‌ସ ଭଳି ପ୍ରମୁଖ ବ୍ରାଣ୍ଡ ଜରିଆରେ ବ୍ୟବସାୟ ଆରମ୍ଭ ସହ ବଜାର ଅଂଶଧନ ହାସଲ କରିବାକୁ ଲକ୍ଷ୍ୟ ରଖିଛୁ।

# ମାର୍ଚ୍ଚ ୯ରେ ପତଞ୍ଜଳି ମେଗା ଫୁଡ୍ ଆଣ୍ଡ ହର୍ବାଲ ପାର୍କର ଉଦ୍‌ଘାଟନ

ନୂଆଦିଲ୍ଲୀ,୬।୩

ପତଞ୍ଜଳିର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ନାଗପୁର ମିହାନ୍ (ନାଗପୁରରେ ମଲ୍ଟି–ମୋଡାଲ ଇଣ୍ଟରନ୍ୟାଶନାଲ କାର୍ଗୋ ହବ୍ ଏବଂ ବିମାନବନ୍ଦର) ଅଞ୍ଚଳରେ ପତଞ୍ଜଳି ମେଗା ଫୁଡ୍ ଆଣ୍ଡ୍ ହର୍ବାଲ୍ ପାର୍କ ୨୦୨୫ ମାର୍ଚ୍ଚ ୯ ରେ ଉଦ୍‌ଘାଟନ ହେବା କାର୍ଯ୍ୟକ୍ରମ ରହିଛି। ଏପରିକି ପତଞ୍ଜଳିର ଏହି ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ମିହାନ୍‌ରେ ସ୍ଥାପନ ପାଇଁ ୨୦୧୬ ସେପ୍ଟେମ୍ବରରେ ଭୂମି ପୂଜନ କରାଯାଇଥିଲା। ବିଶେଷକରି ନାଗପୁରରେ ପ୍ରତିଷ୍ଠିତ ହେବାକୁ ଥିବା ଏହି ୟୁନିଟ୍ ପତଞ୍ଜଳିର ଫଳ ଏବଂ ପନିପରିବା ପ୍ରକ୍ରିୟାକରଣ କାରଖାନା ହୋଇଥିଲାବେଳେ ଏଥିରେ ସାଇଟ୍ରସ୍ ଏବଂ ଉଷ୍ଣକଟିବନ୍ଧୀୟ ଫଳ ଓ ପନିପରିବା ପ୍ରକ୍ରିୟାକରଣ କରାଯିବ। ଏପରିକି ଏହା ଜରିଆରେ ରସ, ରସ କନ୍‌ସେଣ୍ଟ୍ରେଟ୍, ପଲ୍ପ, ପେଷ୍ଟ ଏବଂ ପ୍ୟୁରି ଉତ୍ପାଦନ କରାଯାଇପାରିବ। ନାଗପୁର ସାରା ବିଶ୍ୱରେ କମଳା ସହର ଭାବେ ପ୍ରସିଦ୍ଧ ଥିଲାବେଳେ ଏଠାରେ କମଳା, କିନ୍ନୋ, ମିଠା ଚୂନା, ଲେମ୍ବୁ ଇତ୍ୟାଦି ପ୍ରଚୁର ପରିମାଣରେ ମିଳେ। ଏହାକୁ ଦୃଷ୍ଟିରେ ରଖି ପତଞ୍ଜଳି ଏକ ସାଇଟ୍ରସ୍ ପ୍ରକ୍ରିୟାକରଣ ପ୍ଲାଣ୍ଟ ପ୍ରତିଷ୍ଠା କରିଛି। ଏହି ସାଇଟ୍ରସ୍ ପ୍ରକ୍ରିୟାକରଣ ପ୍ଲାଣ୍ଟରେ ପ୍ରତିଦିନ ୮୦୦ ଟନ୍ ଫଳ ପ୍ରକ୍ରିୟାକରଣ ହେବ। ନାଗପୁର ପ୍ଲାଣ୍ଟ ମାଧ୍ୟମରେ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ପତଞ୍ଜଳି ବର୍ତ୍ତମାନ ପ୍ରାୟ ୫୦୦ଲୋକଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ନିଯୁକ୍ତି ପ୍ରଦାନ କରିଛି।

# ଟ୍ରିମ୍‌ସରେ ଓଡ଼ିଶା ହେଲ୍‌ଥ ଭିଜନ୍–୨୦୩୬





ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଟ୍ରିମ୍‌ସର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମ୍ମାନିତ କରୁଛନ୍ତି। ଏହି ଅବସରରେ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୬।୩

କଟକ ଟାଙ୍ଗୀସ୍ଥିତ ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଦିନିକିଆ କର୍ମଶାଳା 'ଓଡ଼ିଶା ହେଲ୍‌ଥ ଭିଜନ–୨୦୩୬'କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ମହାଲିଙ୍ଗ ବିକଶିତ ଓଡ଼ିଶା–୨୦୩୬ ଓ ବିକଶିତ ଭାରତ –୨୦୪୭ ର ପରିକଳ୍ପନା ଓ ସଫଳ ରୂପାୟନର ମୂଳଦୁଆ ପଡିଛି। ୨୦୩୬ରେ ବିକଶିତ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଶାନୁରୂପ ପରିବର୍ତ୍ତନ ଆସିବ ବୋଲି ମନ୍ତ୍ରୀ ମତପ୍ରକାଶ କରିଛନ୍ତି । ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବ ଯୋଗଦେଇ ବିଧାୟକ ପ୍ରକାଶ କୁମାର ସେଠୀ ସୁସ୍ଥ ରହିବା ଲାଗି ସ୍ୱାସ୍ଥ୍ୟ ଶିକ୍ଷା ଓ ସଚେତନତା ଜରୁରୀ ବୋଲି କହିଥିଲେ। ସମ୍ମାନିତ ବକ୍ତା ବରିଷ୍ଠ ରାଜନୀତିଜ୍ଞ ସମୀର କୁମାର ମହାନ୍ତି କହିଛନ୍ତି, ରାଜ୍ୟର ଜନସାଧାରଣ ଯେଉଁଭଳି ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧା ପାଇବେ, ତାକୁ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଚେଷ୍ଟାରେ ଅନେକ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି। ଅନ୍ୟତମ ଅତିଥି 'ମା' ଜାନକୀ ସ୍ୱାସ୍ଥ୍ୟ ମିଶନ'ର ଉପଦେଷ୍ଟା ସଜ୍ଜନ ଶର୍ମା କହିଥିଲେ, ଓଡ଼ିଶାର ପ୍ରଗତି ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ। ଆଗାମୀ ପିଢ଼ିକୁ ଏଥିପାଇଁ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ବକ୍ତା ବିଶିଷ୍ଟ ଅର୍ଥନୀତିଜ୍ଞ ରାଜୀବ ଶେଖର ସାହୁ କହିଥିଲେ, କେବଳ ସବୁ କଥାରେ ସରକାରଙ୍କ ଉପରେ ନିର୍ଭର ନ କରି ଆମକୁ ସମ୍ମିଳିତ ଉଦ୍ୟମ କରିବାକୁ ହେବ। ଓଡ଼ିଶାର ପ୍ରାଚୁର୍ଯ୍ୟକୁ ଉପଯୋଗକରି ଆମକୁ ସବୁ କ୍ଷେତ୍ରରେ ଆଗକୁ ଯିବାକୁ ହେବ ବୋଲି ସେ କହିଥିଲେ । ଅନ୍ୟତମ ବକ୍ତା ଡ. ସରିତ୍ କୁମାର ରାଉତ ସ୍ୱାସ୍ଥ୍ୟ ସମସ୍ୟା ଓ ଉପଲବ୍ଧ ସେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। 'ଓଡ଼ିଶା ହେଲ୍‌ଥ ଭିଜନ–୨୦୩୬'ର ସଂଗଠନ ସମ୍ପାଦକ ଅଜିତ୍ କୁମାର ଦାସ ଏହାର ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲାବେଳେ ମେଡିକାଲ କଲେଜ 'ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

# ୨.୫୨ ଲକ୍ଷ କୋଟିର ବାର୍ଷିକ ଋଣ ଆକଳନ

## ଏସ୍‌ଏଲ୍‌ବିସିର ୧୭୮ତମ ବୈଠକ

ଭୁବନେଶ୍ୱର,୬।୩





୧୭୮ତମ ଏସ୍‌ଏଲ୍‌ବିସି ବୈଠକରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

୧୭୮ତମ ଓଡ଼ିଶା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି) ବୈଠକ ଗୁରୁବାର ଭୁବନେଶ୍ୱର ମେ ଫେୟାର ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ ଏବଂ ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭି.ଏନ୍.କାମ୍ବଲେଙ୍କ ସହ–ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗର୍ଗ, ନାବାର୍ଡ ଦ୍ୱାରା କରାଯାଇଥିବା ଆକଳନ ଅନୁଯାୟୀ ଆସନ୍ତା ଆର୍ଥିକ ବର୍ଷ ପାଇଁ ୨.୫୨ ଲକ୍ଷ କୋଟି ଟଙ୍କାର ବାର୍ଷିକ ଋଣ ଯୋଜନା ( ଆନୁଆଲ କ୍ରେଡିଟ୍ ପ୍ଲାନ୍ ବା ଏସିପି) ର ଲକ୍ଷ୍ୟ ସମ୍ପର୍କରେ ଘୋଷଣା କରିଥିଲେ। ଏପରିକି ସେ ତାଙ୍କ ଅଭିଭାଷଣରେ ଚଳିତ ଆର୍ଥିକ ବର୍ଷ ପାଇଁ ୨.୧୧ ଲକ୍ଷ କୋଟି ଟଙ୍କା ଏସିପିର ଲକ୍ଷ୍ୟ ଶତକଡା ଶହେ ଭାଗ ହାସଲ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଶେଷକରି ଗୃହ, ଶିକ୍ଷା ଏବଂ ରପ୍ତାନି କ୍ଷେତ୍ରକୁ ସମସ୍ତ ବ୍ୟାଙ୍କ ଦ୍ୱାରା ଋଣ ପ୍ରଦାନ ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ ରହିଛି ବୋଲି ସେ କହିଥିଲେ।

ସେହିଭଳି ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଏସ୍‌ଏଲ୍‌ବିସି ଓଡ଼ିଶାର ଅଧ୍ୟକ୍ଷ ବିଜୟ କୁମାର ନିବୃତି କାମ୍ବଲେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ଋଣ ଯୋଜନା, ସିଡି ଅନୁପାତ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ସାମାଜିକ ସୁରକ୍ଷା ଯୋଜନାର ସଫଳତା ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ୨୦୨୪ ଡିସେମ୍ବର ୩୧ସୁଦ୍ଧା ରାଜ୍ୟର ସମସ୍ତ ବ୍ୟାଙ୍କ ୧,୪୫,୧୭୨.୬୫ କୋଟି ଋଣ ଦେଇଛନ୍ତି। ଯାହା ୨,୧୦,୫୪୬.୩୫ କୋଟି ଟଙ୍କାର ବାର୍ଷିକ ଋଣ ଯୋଜନା ଲକ୍ଷ୍ୟର ୬୮.୯୫% ବୋଲି କୁହାଯାଉଛି। ଏଥିରେ କୃଷି କ୍ଷେତ୍ରରେ ୭୫.୩୮% ଏବଂ ଏମ୍‌ଏସ୍‌ଏମ୍‌ଇ ଅଧୀନରେ ୭୩.୪୮% ଲକ୍ଷ୍ୟ ହାସଲ ହୋଇଛି। ୨୦୨୪ ଡିସେମ୍ବର ୩୧ ସୁଦ୍ଧା ସିଡି ଅନୁପାତ ୭୫.୪୪% ରହିଛି। ଓଡ଼ିଶାର ବ୍ୟାଙ୍କଗୁଡିକ ପିଏମ୍‌ଜେଡିୱାଇ, ପିଏମ୍‌ଜେଜେବିୱାଇ, ପିଏମ୍‌ଏସ୍‌ବିୱାଇ ଅଧୀନରେ ସମ୍ପୂର୍ଣ୍ଣ ଏବଂ ୨୦୨୫ ଫେବୃଆରୀ ୧୯ ସୁଦ୍ଧା ଏପିୱାଇ ଅଧୀନରେ ୯୮.୦୯% ଲକ୍ଷ୍ୟ ହାସଲ ହାସଲ କରିଛନ୍ତି। ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ବାର୍ଷିକ ଋଣ ଯୋଜନା (ଏସିପି)ର ବିଭିନ୍ନ ଦିଗ ଓ ସରକାରଙ୍କ ଦ୍ୱାରା ପ୍ରୋତ୍ସାହିତ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଶୀତଳ ଭଣ୍ଡାର ଯୋଜନା ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ଏସ୍‌ଏଲ୍‌ବିସି ଆବାହକ ତଥା ୟୁକୋ ବ୍ୟାଙ୍କ ମହାପ୍ରବନ୍ଧକ ଗୌତମ ପାତ୍ର ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକରେ ସମସ୍ତ ବ୍ୟାଙ୍କର ପ୍ରଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। ପରିଶେଷରେ ଏସ୍‌ଏଲବିସିର ପ୍ରଭାରୀ ଲିଙ୍ଗରାଜ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଫୁର୍‌ସତ୍

# କର୍ଣ୍ଣାଟକର ଭାଇରାଲ ବଡିବିଲ୍ଡର କନ୍ୟା

ବେଙ୍ଗାଲୁରୁ

କର୍ଣ୍ଣାଟକର ମହିଳା ବଡିବିଲ୍ଡର ତଥା ଫିଟ୍‌ନେସ୍ ଟ୍ରେନର ଚିତ୍ରା ପୁରୁଷୋତ୍ତମଙ୍କୁ ନେଇ ଏବେ ଚର୍ଚ୍ଚା ଲାଗି ରହିଛି। ସେ ନିକଟରେ ତାଙ୍କ ଦୀର୍ଘ ଦିନର ବୟଫ୍ରେଣ୍ଡ କିରଣ ରାଜଙ୍କୁ ବିବାହ କରିଥିଲେ। ଏହି ବିବାହରେ ଚିତ୍ରାଙ୍କର ୱେଡିଂ ଲୁକ୍ ଏବେ ଭାଇରାଲ ହେବାରେ ଲାଗିଛି।

ଚିତ୍ରା ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ନିଜ ୱେଡିଂ ଲୁକ୍‌ର ଅନେକ ଫଟୋ ଶେୟାର କରିଛନ୍ତି। କନ୍ୟା ବେଶରେ ଚିତ୍ରାଙ୍କର ବାହୁବଳୀ ୱେଡିଂ ଲୁକ୍‌କୁ ଦେଖି ଅନେକ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏହି ଫଟୋଗୁଡ଼ିକରେ ଚିତ୍ରାଙ୍କୁ ଦକ୍ଷିଣ ଭାରତୀୟ ପରମ୍ପରା ଅନୁଯାୟୀ, କନ୍ୟା ବେଶରେ ଦେଖିବାକୁ ମିଳିଛି। ସେ ସୁନାର ବିଭିନ୍ନ ଭାରି ଅଳଙ୍କାର ସହ ନୀଳ ଏବଂ ହଳଦିଆ ରଙ୍ଗରେ ମିଶ୍ରିତ କାଞ୍ଜିଭରମ ଶାଢ଼ି ପିନ୍ଧିଥିବା ନଜରକୁ ଆସିଛନ୍ତି।



ସ୍ୱାମୀ କିରଣ ରାଜଙ୍କ ସହ ଚିତ୍ରାଙ୍କ ୱେଡିଂ ଫଟୋଶୁଟ୍।



କନ୍ୟା ବେଶରେ ଚିତ୍ରାଙ୍କର ବାହୁବଳୀ ଲୁକ୍।

ଫିଟ୍‌ନେସ୍ ଏବଂ ଫ୍ୟାଶନ୍ ଇଣ୍ଡଷ୍ଟ୍ରିରେ ଅନେକ ଟାଇଟଲ ଜିତିଥିବା ଚିତ୍ରା ଏବେ କର୍ଣ୍ଣାଟକରେ ବଡିବିଲ୍ଡର ବାହୁବଳୀ ବୋହୂ ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି। ଚିତ୍ରାଙ୍କର ୱେଡିଂ ଲୁକ୍ ସମ୍ବନ୍ଧୀୟ ପୋଷ୍ଟକୁ ୭ ମିଲିୟନରୁ ଅଧିକ ଭିଉଜ୍ ମିଳିଛି।

# 'ଆର୍‌ସି ୧୬' : ଗାଉଁଲି ଝିଅ ଭୂମିକାରେ ଜାହ୍ନବୀ

ମୁମ୍ବାଇ



ଅଭିନେତ୍ରୀ ଜାହ୍ନବୀ କପୁର ଗୁରୁବାର ତାଙ୍କର ୨୮ତମ ଜନ୍ମଦିନକୁ ଧୁମଧାମରେ ପାଳନ କରିଛନ୍ତି। ଏହି ଅବସରରେ ତାଙ୍କର ଆଗାମୀ ଫିଲ୍ମ 'ଆର୍‌ସି ୧୬'ର ନିର୍ମାତାଙ୍କ ପକ୍ଷରୁ ଜାହ୍ନବୀ ପ୍ରଶଂସକଙ୍କୁ ଏକ ଉପହାର ଦିଆଯାଇଛି। ଫିଲ୍ମ ନିର୍ମାତା ପ୍ରଡକ୍ସନ କମ୍ପାନୀ 'ବୃଦ୍ଧି ସିନେମା' ପକ୍ଷରୁ ଗୁରୁବାର ଏକ ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ 'ଆର୍‌ସି ୧୬' ଫିଲ୍ମରେ ଜାହ୍ନବୀଙ୍କ ପ୍ରଥମ ଲୁକ୍‌କୁ ଜାରି କରାଯାଇଛି। ଏହି ଲୁକ୍‌ରେ ଜାହ୍ନବୀଙ୍କୁ ଦେଶୀ ଅବତାରରେ ଦେଖିବାକୁ ମିଳିଛି। ରିଲିଜ୍ ହୋଇଥିବା ପୋଷ୍ଟରରେ ସେ ଛେଳି ଧରି ଖୁସିରେ ଝୁମୁଥିବାର ନଜରକୁ ଆସୁଛନ୍ତି। ଫିଲ୍ମରେ ଜାହ୍ନବୀଙ୍କ ଭୂମିକା ସମ୍ପର୍କରେ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହି ପୋଷ୍ଟରରେ ସେ ଜଣେ ଗ୍ରାମୀଣ ଯୁବତୀଙ୍କ ଭୂମିକା ନିଭାଉଥିବାର ନଜରକୁ ଆସିଛନ୍ତି। 'ଆର୍‌ସି ୧୬'ରେ ଜାହ୍ନବୀଙ୍କ ବିପକ୍ଷରେ ସାଉଥ୍ ଷ୍ଟାର୍ ରାମଚରଣ ନଜରକୁ ଆସିବେ। ପ୍ରସିଦ୍ଧ ସଙ୍ଗୀତଜ୍ଞ ଏ. ଆର୍. ରହମନ୍ ଏହି ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। 'ଆର୍‌ସି ୧୬' ହେଉଛି ଜାହ୍ନବୀଙ୍କ ଦ୍ୱିତୀୟ ତେଲୁଗୁ ଫିଲ୍ମ। ଏହାପୂର୍ବରୁ ସେ ତେଲୁଗୁ ଫିଲ୍ମ 'ଦେୱରା'ରେ ଅଭିନୟ କରିଥିଲେ।

**ଦିଲ୍ଲୀରୁ ମହିଳା ମାଓବାଦୀ ଗିରଫ ଘଟଣା: ରିମାଣ୍ଡରେ ଆଣିଲା ଝାଡ଼ଖଣ୍ଡ ପୋଲିସ**

ରାଉରକେଲା,(ସଙ୍ଗୀତା ଜେନା): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ୨୦୧୮, ୨୦୧୯ ଓ ୨୦୨୦ରେ ସୁରକ୍ଷାବଳ ତଥା ପୋଲିସ ଉପରେ ଆକ୍ରମଣ ମାମଲାରେ ସମ୍ପୃକ୍ତ ଜଣେ ମହିଳା ମାଓବାଦୀଙ୍କୁ ଦିଲ୍ଲୀ ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ରେଣୁକା। ଉକ୍ତ ମାଓବାଦୀ ଦିଲ୍ଲୀ ପିତମପୁରା ଅଞ୍ଚଳରେ ଥିବା ମହାରାଣା ପ୍ରତାପ ଏନ୍‌କ୍ଲେଭ୍‌ରେ ନିଜ ପରିଚୟ ଗୋପନ ରଖି ଘରୋଇ ସହାୟିକା ଭାବେ କାମ କରୁଥିଲେ। ଏ ସମ୍ପର୍କରେ ପଶ୍ଚିମ ସିଂଭୂମ ଜିଲା ଏସ୍‌ପି ଆଶୁତୋଷ ଶେଖର ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ଦିଲ୍ଲୀ ପୋଲିସ ରେଣୁକାଙ୍କୁ ଗିରଫ କରିବା ପରେ ଝାଡ଼ଖଣ୍ଡର ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ତାଙ୍କୁ ଗୁରୁବାର ରିମାଣ୍ଡରେ ଆଣିଛି।

# ପଡ଼ୋଶୀଙ୍କ ଘରକୁ ଯିବାରୁ ୫ବର୍ଷୀୟା ଝିଅକୁ ହତ୍ୟାକଲେ ବାପା

ସୀତାପୁର(ଉତ୍ତରପ୍ରଦେଶ),୬।୩

୫ ବର୍ଷର ଶିଶୁ। ସେ ଭଲମନ୍ଦ ମଧ୍ୟରେ ପାର୍ଥକ୍ୟ କିଛି ଜାଣିନି। ହେଲେ ସେ ପଡ଼ୋଶୀ ଘରକୁ ଖେଳିବାକୁ ଗଲା ବୋଲି ତାକୁ ଜନ୍ମ କଲା ବାପା ହତ୍ୟା କରିଛନ୍ତି। ଏପରି କି ହତ୍ୟା ପରେ ଶିଶୁକନ୍ୟାକୁ ୪ଖଣ୍ଡ କରି କାଟି ସୋରିଷ ବିଲରେ ପକାଇ ଦେଇଛନ୍ତି। ଏଭଳି ଏକ ନୃଶଂସ କାଣ୍ଡ ଘଟିଛି ଉତ୍ତରପ୍ରଦେଶ ସୀତାପୁର ଅଞ୍ଚଳରେ। ଝିଅକୁ ହତ୍ୟା କରିବା ପରେ ମୃତଦେହକୁ ଖଣ୍ଡ ଖଣ୍ଡ କରି କାଟିବା ଅଭିଯୋଗରେ ପୋଲିସ ମୋହିତ ମିଶ୍ର(୪୦)ଙ୍କୁ ଗିରଫ କରିଛି। ପଡ଼ୋଶୀଙ୍କ ସହିତ ତିକ୍ତତା ଥିବାରୁ ଝିଅକୁ ବାରଣ ସତ୍ତ୍ୱେ ସେ ସେଠାକୁ ଯାଇଥିବାରୁ କ୍ରୋଧ ସମ୍ବରଣ କରି ନ ପାରି ଏଭଳି ଜଘନ୍ୟ କାମ କଲେ ବୋଲି ମୋହିତ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।



ଝିଅ ଟାନି ସହ ଅଭିଯୁକ୍ତ ବାପା ମୋହିତ ମିଶ୍ର।

ଏହି କାଣ୍ଡରେ ମୋହିତଙ୍କୁ ଆଉ କେହି ସହଯୋଗ କରିଛନ୍ତି କି ନାହିଁ ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନା ଅନୁସାରେ, ମୋହିତ ନିଜ ସ୍ତ୍ରୀ ପିଲାଙ୍କ ସହ ସୀତାପୁର ଅଞ୍ଚଳରେ ରୁହନ୍ତି। ପଡ଼ୋଶୀ ରାମୁଙ୍କ ସହ ପୂର୍ବରୁ ତାଙ୍କର ଭଲ ସମ୍ପର୍କ ଥିଲା। ଉଭୟେ ଉଭୟଙ୍କ ପରିବାରକୁ ଯିବାଆସିବା କରିବା ସହିତ ବିଭିନ୍ନ ସ୍ଥାନକୁ ଏକାଠି ବୁଲିବାକୁ ମଧ୍ୟ ଯାଇଥାନ୍ତି। ହେଲେ କିଛିଦିନ ତଳେ କୌଣସି କଥାକୁ ନେଇ ରାମୁଙ୍କ ସହ ମୋହିତଙ୍କ ଝଗଡ଼ା ହୋଇଥିଲା। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ତିକ୍ତତା ସୃଷ୍ଟି ହେବା ସହ କେହି କାହା ସହିତ କଥା ହେଉ ନ ଥିଲେ। ଏପରି କି ମୋହିତ ତାଙ୍କ ୫ବର୍ଷର ଝିଅ ଟାନିକୁ ରାମୁଙ୍କ ଘରକୁ ନ ଯିବାକୁ କହିଥିଲେ। ହେଲେ ଟାନି ଏହାକୁ ବୁଝି ପାରି ନ ଥିଲା। ସେ ରାମୁଙ୍କ ଘରକୁ ଖେଳିବାକୁ ଯାଇ ଫେରିବା ବେଳକୁ ବାପା ମୋହିତ ଦେଖିଦେଇଥିଲେ। ଝିଅକୁ ବାରଣ ସତ୍ତ୍ୱେ ସେ ରାମୁଙ୍କ ଘରକୁ ଯାଇଥିବାରୁ ମୋହିତ କ୍ରୋଧ ସମ୍ଭାଳି ପାରି ନ ଥିଲେ। ଝିଅକୁ ବାଇକ୍‌ରେ ବସାଇ କିଛି ଦୂର ଏକ ସୋରିଷ ବିଲ ନିକଟକୁ ନେଇଥିଲେ। ସେଠାରେ ଝିଅ ପିନ୍ଧିଥିବା ପୋଷାକରେ ତାର ମୁହଁପାଟି ବନ୍ଦ ସହ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ଏହାପରେ ମୋହିତ ମୃତଦେହକୁ ୪ଖଣ୍ଡ କରି କାଟିବା ପରେ ସୋରିଷ ବିଲରେ ଏଣେତେଣେ ପକାଇଥିଲେ। ଘଟଣାକୁ ଲୁଚାଇବା ପାଇଁ ଗତ ଫେବୃଆରୀ ୨୫ତାରିଖରେ ଝିଅକୁ କେହି ଅପହରଣ କରି ନେଇଥିବା ନେଇ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ୪ଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲା। ପ୍ରଥମେ ସୋରିଷ ବିଲ ନିକଟରୁ ମୃତଦେହର ଏକ ଅଂଶ ପୋଲିସ ପାଇଥିଲା। ପରେ ମୃତଦେହର ଅନ୍ୟାନ୍ୟ ଅଂଶ ଜବତ କରିବା ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ମୋହିତଙ୍କ ସ୍ତ୍ରୀ ଏବଂ ଅନ୍ୟ ସମ୍ପର୍କୀୟଙ୍କୁ ପଚରାଉଚରା କରିଥିଲା। ପୋଲିସ ତଦନ୍ତରୁ ବର୍ତ୍ତିବା ପାଇଁ ମୋହିତ ନିଜ ମୋବାଇଲ ଫୋନ୍‌କୁ ସ୍ତ୍ରୀଙ୍କୁ ଦେଇ କୁଆଡ଼େ ଚାଲିଯାଇଥିଲେ। ମୋହିତ ଚାଲିଯିବା ପରେ ପୋଲିସର ସନ୍ଦେହ ବଢ଼ିଥିଲା। ପରେ ଯେତେବେଳେ ମୋହିତ ଫେରିଲେ, ପୋଲିସ ତାଙ୍କୁ ପଚରାଉଚରା କରିଥିଲା। ଏହି ସମୟରେ ସେ ସତ ସ୍ୱୀକାର କରିବା ସହ ଝିଅକୁ ହତ୍ୟା କରିଥିବା କହିଥିଲେ।

# ବାପାଙ୍କ ସହ ଝଗଡ଼ା ପରେ ନଦୀକୁ ଡେଇଁପଡ଼ିଲେ ଯୁବକ

ଆଳି,୬।୩ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ସାନଆଙ୍କୋ ଗ୍ରାମର ମନୋଜ ପଲେଇ ନାମକ ଜଣେ ଯୁବକ ଗୁରୁବାର ଖରସ୍ରୋତା ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ହେଲେ ସ୍ଥାନୀୟ ଲୋକଙ୍କ ସହିତ ମତ୍ସ୍ୟଜୀବୀମାନେ ତାଙ୍କୁ ଉଦ୍ଧାର କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଆଳି ମେଡିକାଲରେ ଭର୍ତ୍ତି କରାଯାଇଛି। ବାପାଙ୍କ ସହିତ ମାରପିଟ୍‌କୁ କେନ୍ଦ୍ର କରି ମନୋଜ ଏପରି ପଦକ୍ଷେପ ନେଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

ସୂଚନା ଅନୁଯାୟୀ, ଆଳି ଥାନା ଅନ୍ତର୍ଗତ ସାନଆଙ୍କୋ ଗ୍ରାମର ମଳୟ ପଲେଇ ଓ ତାଙ୍କ ପୁଅ ମନୋଜ ପଲେଇଙ୍କ ମଧ୍ୟରେ ମଙ୍ଗଳବାର କୌଣସି କାରଣରୁ ମାରପିଟ ହୋଇଥିଲା। ଏ ନେଇ ମନୋଜ ବାପାଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ହେଲେ ଗୁରୁବାର ଅପରାହ୍ଣ ପ୍ରାୟ ୨ଟା ସମୟରେ ମନୋଜ ଏକ ବାଇକ୍‌ରେ ବାଲକାଟୀ ନିକଟରେ ପ୍ରବାହିତ ଖରସ୍ରୋତା ନଦୀ ନିକଟରେ ପହଞ୍ଚିଥିଲେ। ଏହାପରେ ଗଡ଼ଗଡି ସେତୁ ଉପରେ ଗାଡ଼ି ରଖି ହଠାତ୍ ନଦୀକୁ ଡେଇଁ ପଡିଥିଲେ। ଏହାଦେଖି ସେତୁ ଉପରେ ଯାତାୟାତ କରୁଥିବା ଲୋକମାନେ ଅଟକି ନଦୀରେ ମାଛ ମାରୁଥିବା ମତ୍ସ୍ୟଜୀବୀମାନଙ୍କୁ ଡାକ ପକାଇଥିଲେ। ମତ୍ସ୍ୟଜୀବୀମାନେ ଡଙ୍ଗା ନେଇ ତାଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ଆଳି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମନୋଜଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲଙ୍କ ବୟାନ ରେକର୍ଡ

**ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**

**୩ ଘଣ୍ଟାର ଜେରା ଭିତରେ ୨୪୫ ପ୍ରଶ୍ନର ଉତ୍ତର ରଖିଲେ**

ପାଟଣାଗଡ଼, ୬।୩ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲାର ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୁଞ୍ଜିଲାଲ ମେହେରଙ୍କ ବୟାନ ରେକର୍ଡ ଗୁରୁବାର ପାଟଣାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ନିକଟରେ ହୋଇଛି। ସରକାରଙ୍କ ପକ୍ଷରୁ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ନିକଟରେ ଦିଆଯାଇଥିବା ସାକ୍ଷ୍ୟ ପ୍ରମାଣ, ଦଲିଲକୁ ଆଧାରକରି ମାନ୍ୟବର କୋର୍ଟ ପୁଞ୍ଜିଲାଲଙ୍କୁ ୩ ଘଣ୍ଟା ଜେରା କରିବା ଭିତରେ ୨୪୫ ଗୋଟି ପ୍ରଶ୍ନର ଉତ୍ତର ପଚାରିଥିଲେ। ପୁଞ୍ଜିଲାଲ ମଝିରେ ସାମାନ୍ୟ ଅସୁସ୍ଥ ଅନୁଭବ କରିଥିଲେ ମଧ୍ୟ ସେ ସମସ୍ତ ପ୍ରଶ୍ନର ଉତ୍ତର ଠିକ୍‌ଠାକ୍ ରଖିଥିଲେ। ଅପରପକ୍ଷରେ କୋର୍ଟ ତାଙ୍କୁ ସାକ୍ଷୀ ଦେବାକୁ ଇଚ୍ଛୁକ କି ବୋଲି ପ୍ରଶ୍ନ କରିବାରୁ ଏହାର ଉତ୍ତର ସେ ଦେବେ ବୋଲି କହିଥିଲେ। ଏହାକୁ ନେଇ କୋର୍ଟ ଆସନ୍ତା ୧୩ ତାରିଖକୁ ସମୟ ଧାର୍ଯ୍ୟ କରିଥିବା ସରକାରୀ ଓକିଲ ଆଶିଷ ଚନ୍ଦନଙ୍କଠାରୁ ଜଣାପଡ଼ିଛି। ଏପରିକି ସାକ୍ଷ୍ୟ ପ୍ରମାଣ ପରେ ଉଭୟ ପକ୍ଷର ଆର୍ଗୁମେଣ୍ଟ ଶୁଣିଲା ପରେ ଜଜ୍‌ମେଣ୍ଟ ହେବ ବୋଲି ଚନ୍ଦନ ତାଙ୍କ ପ୍ରତିକ୍ରିୟାରେ କହିଥିଲେ।



ପୁଞ୍ଜିଲାଲ ସୁରକ୍ଷା କର୍ମୀଙ୍କ ସହ କୋର୍ଟରୁ ଫେରୁଛନ୍ତି।

ବଲାଙ୍ଗୀର ଜେଲରୁ ପୁଞ୍ଜିଲାଲଙ୍କୁ କଡ଼ା ସୁରକ୍ଷା ବଳୟ ଭିତରେ ପୂର୍ବାହ୍ଣ ୧୧ଟା ୨୨ ମିନିଟ୍‌ରେ ପାଟଣାଗଡ଼ କୋର୍ଟରେ ହାଜର କରାଯାଇଥିଲା। ପୁଞ୍ଜିଲାଲଙ୍କ ମୁଖ୍ୟ ଓକିଲ ଅନୁପସ୍ଥିତ ଥିବାରୁ ତାଙ୍କ ସ୍ଥାନରେ ତାଙ୍କ ସହଯୋଗୀ ସୌମ୍ୟରଞ୍ଜନ ପଣ୍ଡା କୋର୍ଟରେ ଉପସ୍ଥିତ ଥିଲେ। କୋର୍ଟରେ ପୁଞ୍ଜିଲାଲଙ୍କ ସ୍ତ୍ରୀ ଓ ତାଙ୍କର ସାନପୁଅଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ବୟାନ ରେକର୍ଡ ସାରି କୋର୍ଟରୁ ପୁଞ୍ଜିଲାଲ ବାହାରକୁ ବାହାରିବା ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କ କୌଣସି ପ୍ରଶ୍ନର ଉତ୍ତର ରଖି ନ ଥିଲେ। ସୂଚନାଯୋଗ୍ୟ, ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ପାଟଣାଗଡ଼ ଜବାହରଲାଲ କଲେଜର ତତ୍କାଳୀନ ଅଧ୍ୟାପକ ରବୀନ୍ଦ୍ର ସାହୁ ଏବଂ ଭଇଁଷା କଲେଜର ତତ୍କାଳୀନ ଅଧ୍ୟକ୍ଷା ସଞ୍ଜୁକ୍ତା ସାହୁଙ୍କ ଏକମାତ୍ର ପୁଅ ସୌମ୍ୟଶେଖର ସାହୁଙ୍କ ବିବାହ ଉପହାର ଭାବେ ଆସିଥିବା ଏକ ପାର୍ସଲକୁ ଖୋଲିବା ବେଳେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏଥିରେ ନବବିବାହିତ ସୌମ୍ୟଶେଖର ଓ ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ସୌମ୍ୟଶେଖରଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ଭଇଁଷା କଲେଜର ଇଂରାଜୀ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ମୁଖ୍ୟ ଏବଂ ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ କରିଥିଲା। ଅଭିଯୁକ୍ତ ପୁଞ୍ଜିଲାଲ ବଲାଙ୍ଗୀର ଜିଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ରହି ଆସୁଛନ୍ତି।

# ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା, ବ୍ୟାଙ୍କ କର୍ମଚାରୀ ଗିରଫ

ଭୁବନେଶ୍ୱର,୬।୩(ସୂର୍ଯ୍ୟକାନ୍ତ ବେହେରା)

ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିବା ଅଭିଯୋଗରେ ଇନ୍‌ଫୋସିଟି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଚନ୍ଦ୍ରଶେଖରପୁରରେ ରହୁଥିବା ତାଳଚେର ସଦର ଥାନା ଅଞ୍ଚଳର ସୁମନ୍ତ କୁମାର ଆଚାର୍ଯ୍ୟ(୨୫)। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ ଅଭିଯୁକ୍ତ ଜଣକ ଏକ ବେସରକାରୀ ବ୍ୟାଙ୍କରେ କାର୍ଯ୍ୟ କରୁଥିବାବେଳେ, ପୀଡ଼ିତାଙ୍କ ଦୂର ସମ୍ପର୍କୀୟ ଅଟନ୍ତି। ୨୦୨୨ ଜୁନରେ ପୀଡ଼ିତା ଅଭିଯୁକ୍ତଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ପରେ ଦୁହିଁଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଥିଲା ଓ ଅଭିଯୁକ୍ତ ପୀଡ଼ିତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ତଥା ମିଥ୍ୟା ପ୍ରତିଶ୍ରୁତି ଦେଇ ୨୦୨୩ ଅଗଷ୍ଟରେ ପ୍ରଥମ କରି ଶିଶୁବିହାରର ଏକ ଭଡ଼ା ଘରେ ତାଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ପୀଡ଼ିତା ବିବାହ ବିଷୟରେ କହିବାରୁ ଅଭିଯୁକ୍ତ ଜଣଙ୍କ ତାଙ୍କ ପ୍ରସ୍ତାବକୁ ଏଡ଼ାଇ ଯାଇଥିଲେ।

# ଏସ୍‌ଟିଏ ଯୁଗ୍ମ କମିଶନରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଘରୁ ମିଳିଲା ୧୫.୫୫ ଲକ୍ଷ ନଗଦ ଟଙ୍କା, କେଜିଏ ସୁନା**



ପ୍ରଦୀପ କୁମାର ମହାନ୍ତି



ଜବତ ଟଙ୍କା

ଭୁବନେଶ୍ୱର,୬।୩(ସତ୍ୟଜିତ୍ ରାଉତ)

ଘରେ ଥିଲା ବିଡ଼ା ବିଡ଼ା ଟଙ୍କା, ବିଭିନ୍ନ ଆକର୍ଷଣୀୟ ସୁନା ଅଳଙ୍କାର ସହ ସୁନା ବିସ୍କୁଟ୍। ବିଭିନ୍ନ ସ୍ଥାନରେ କିଣିଥିଲେ ମାଲମାଲ ପ୍ଲଟ୍। କେବଳ ଏତିକି ନୁହେଁ, ଅବସର ସମୟ କାଟିବାକୁ ମାଣେ ଜାଗାରେ କରିଥିଲେ ଫାର୍ମ ହାଉସ। ଏବେ ବି ଏକ ବହୁତଳ ପ୍ରାସାଦ ନିର୍ମାଣ ଚାଲିଛି। ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ଯୁଗ୍ମ କମିଶନର(ସଡ଼କ ସୁରକ୍ଷା) ପ୍ରଦୀପ କୁମାର ମହାନ୍ତି ସୋମବାର ଭିଜିଲାନ୍ସ ଜାଲରେ ଧରା ପଡ଼ିବା ପରେ ତାଙ୍କ ସମ୍ପତ୍ତି ସାମ୍ରାଜ୍ୟର ଗୁମର ପଦାକୁ ଆସିଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପ୍ରଦୀପଙ୍କ ଘର ସମେତ ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ କଟକର ମୋଟ ୯ଟି ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ ହୋଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ପ୍ରଦୀପଙ୍କ ଭୁବନେଶ୍ୱର ମୈତ୍ରୀବିହାର ଅଞ୍ଚଳରେ ଥିବା ବାସଭବନ, ଖୋର୍ଦ୍ଧା ଜିଲା ଟାଙ୍ଗିସ୍ଥିତ ପୈତୃକ ଘର, ପୁରୀ ଟାଉନସ୍ଥିତ ସମ୍ପର୍କୀୟଙ୍କ ଘର, ଭୁବନେଶ୍ୱର ମାଳିପଡ଼ାସ୍ଥିତ ସମ୍ପର୍କୀୟଙ୍କ ପେଟ୍ରୋଲ ପମ୍ପ, କଟକସ୍ଥିତ ଅଫିସ ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହେଉଛି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଟିମ୍ ପ୍ରଦୀପଙ୍କ ପରିବାର ଓ ତାଙ୍କ ନାମରେ ଥିବା ବହୁସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ମୈତ୍ରୀବିହାରସ୍ଥିତ ୨୪୦୦ ବର୍ଗଫୁଟରେ ଥିବା ବାସଭବନକୁ ଦେଖି ଭିଜିଲାନ୍ସ ତାଟକା ହୋଇଛି। ଏହିଘରେ ଯାଞ୍ଚ ବେଳେ ନଗଦ ୧୫ ଲକ୍ଷ ୫୫ ହଜାର ଟଙ୍କା ମିଳିଛି। ଏଥିସହ ୧୦୦ ଗ୍ରାମ୍ ଲେଖାଏ ୩ଟି ସୁନା ବିସ୍କୁଟ ସହ ୧.୫ କେଜି ସୁନା ଅଳଙ୍କାର ଠାବ ହୋଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର ରଘୁନାଥପୁରସ୍ଥିତ ଏକ ଆପାର୍ଟମେଣ୍ଟରେ ଗୋଟିଏ ୪ ବିଏଚ୍‌କେ ଫ୍ଲାଟ୍ କିଣିବାକୁ ପ୍ରଦୀପ ନିକଟରେ ୧ କୋଟି ଟଙ୍କା ଦେଇଥିବା ଭିଜିଲାନ୍ସ ପ୍ରମାଣ ପାଇଛି। ସେହିପରି ପୁରୀ ବାଲୁଖଣ୍ଡସ୍ଥିତ ପ୍ଲଟ ନଂ.୧୦୭୭/୭୬୫୦ରେ ୭୫୦୦ ବର୍ଗଫୁଟରେ ଗୋଟିଏ ନିର୍ମାଣାଧୀନ ୩ ମହଲା କୋଠା, ପୁରୀସ୍ଥିତ କ୍ରିଷ୍ଣା ସିସାଇଟ୍‌ରେ ଦୁଇଟି ଏକ ମହଲା ବିଶିଷ୍ଟ କୋଠା ଠାବ ହୋଇଛି। ଏଗୁଡ଼ିକ ବେନାମୀ ସମ୍ପତ୍ତି ବୋଲି ଭିଜିଲାନ୍ସ ଜାଣିବାକୁ ପାଇ ଅଧିକ ଯାଞ୍ଚ ଜାରି କରୁଛି। ନୟାଗଡ଼ ଜିଲା କୁଶପଲ୍ଲାରେ ୧୪.୭୮ ଡିସିମିଲ୍ ପରିଧିରେ ଏକ ଫାର୍ମ ହାଉସ ସହ ଖୋର୍ଦ୍ଧା, ଭୁବନେଶ୍ୱର, ରଣପୁର, ନୟାଗଡ଼ରେ ପ୍ରଦୀପଙ୍କ ୧୧ଟି ବହୁମୂଲ୍ୟ ପ୍ଲଟ ଥିବା ଜଣାପଡ଼ିଛି। ତେବେ ବିକ୍ରି ସମ୍ପର୍କିତ ଦଲିଲ୍ ଅନୁଯାୟୀ ପ୍ଲଟ୍‌ଗୁଡ଼ିକର ମୂଲ୍ୟ ୨୯.୦୩ ଲକ୍ଷ ହୋଇଥିବା ବେଳେ ପ୍ରକୃତ ମୂଲ୍ୟ ଏହାଠୁ ଢେର ଅଧିକ ଭିଜିଲାନ୍ସ ସନ୍ଦେହ କରୁଛି। ଭିଜିଲାନ୍ସ ଟେକ୍‌ନିକାଲ ଉଇଙ୍ଗ୍ ପକ୍ଷରୁ କୋଠା, ଫାର୍ମହାଉସ, ପ୍ଲଟ, ଫ୍ଲାଟ୍ ଆଦିର ହିସାବ କରାଯାଉଛି। ଭିଜିଲାନ୍ସ ଟିମ୍ ପ୍ରଦୀପଙ୍କୁ ତାଙ୍କ ବିପୁଳ ସମ୍ପତ୍ତିର ଉତ୍ସ ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ସରିବା ପରେ ଏହି ସମ୍ପତ୍ତିର ପରିମାଣ ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ୩୪ ବର୍ଷର ଚାକିରି, ଜୁନିୟର ଏମ୍‌ଭିଆଇରୁ ଯୁଗ୍ମ କମିଶନର

କୋଟିପତି ସରକାରୀ ଅଧିକାରୀ ପ୍ରଦୀପ କୁମାର ମହାନ୍ତିଙ୍କ ଲମ୍ବା ଚାକିରି କାଳର ବିବରଣୀ ଦେଇଛି ଭିଜିଲାନ୍ସ ନିର୍ଦ୍ଦେଶାଳୟ। ୧୯୯୦ ନଭେମ୍ବର ୯ରେ ପ୍ରଦୀପ ମୟୂରଭଞ୍ଜ ଜିଲା ଜାମଶୋଳାରେ ଜୁନିୟର ଏମ୍‌ଭିଆଇ (ମୋଟର ଭେଇକିଲ୍ ଇନ୍ସପେକ୍ଟର) ଭାବେ ଚାକିରି ଆରମ୍ଭ କରିଥିଲେ। ପରେ ସେ ଏହି ପଦବୀରେ ରହି ବିଭିନ୍ନ ଜିଲାରେ କାମ କରିଥିଲେ। ୨୦୦୦ ଡିସେମ୍ବର ୨୬ରେ ପ୍ରଦୀପ ଏମ୍‌ଭିଆଇ ପାହ୍ୟାକୁ ପଦନ୍ନୋତି ପାଇ ବାରିପଦାରେ ଏମ୍‌ଭିଆଇ କମ୍ ଅତିରିକ୍ତ ଆର୍‌ଟିଓ ଭାବେ ନିଯୁକ୍ତି ପାଇଥିଲେ। ୨୦୦୩ରେ ସେ ଜଗତ୍‌ସିଂହପୁରର ଭାରପ୍ରାପ୍ତ ଆର୍‌ଟିଓ ଭାବେ ବଦଳି ହୋଇଥିଲେ। ତେବେ ୨୦୦୬ରେ ପ୍ରଦୀପ ଅତିରିକ୍ତ ଆର୍‌ଟିଓ (ଏନ୍‌ଫୋର୍ସମେଣ୍ଟ) ଭାବେ ପଦୋନ୍ନତି ପାଇ କଟକ ଯାଇଥିଲେ। ୨୦୦୬ରୁ ୨୦୨୨ ଯାଏ ସେ ୧୬ବର୍ଷ ଧରି ଏମ୍‌ଭିଆଇ ଓ ଆର୍‌ଟିଓ ଭାବେ ରାଜ୍ୟର ବିଭିନ୍ନ ସ୍ଥାନରେ କାମ କରିଥିଲେ। ୨୦୨୨ରେ ପ୍ରଦୀପ ଦକ୍ଷିଣ ଜୋନ୍‌ର ଡେପୁଟି କମିଶନର ଭାବେ ପଦୋନ୍ନତି ପାଇ ଗଞ୍ଜାମ ଜିଲା ଛତ୍ରପୁରରେ ଅବସ୍ଥାପିତ ହୋଇଥିଲେ। ପରେ ୨୦୨୨ ଜୁଲାଇରୁ ୨୦୨୩ ଜୁଲାଇ ଯାଏ ଭୁବନେଶ୍ୱର ଡ୍ରାଇଭିଂ ଟ୍ରେନିଂ ସ୍କୁଲର ଯୁଗ୍ମ କମିଶନର ଭାବେ କାମ କରିଥିଲେ। ତେବେ ୨୦୨୩ ଜୁଲାଇରୁ ପ୍ରଦୀପ କଟକସ୍ଥିତ ଏସ୍‌ଟିଏରେ ଯୁଗ୍ମ କମିଶନର (ସଡ଼କ ସୁରକ୍ଷା) ଭାବେ କାମ କରିଆସୁଥିଲେ।


**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଛତିଆ ବିରିକି ପାମ୍ପରା ବଡ଼ି**
**ପିତା ଶୁଖୁଆକୁ ଲୁଣ**
**ଛୋପରୀ କାନ୍ଦୁଛି ଛୋପରା ଆଗରେ**
**କାନ୍ଦିବାର କେଉଁ ଗୁଣ?**

ଗୁଣରେ ଏକୁ ଆରେକ। କେହି କାହାକୁ ଯେତେବେଳେ ମନ୍ଦ ନୁହନ୍ତି, ସେତେବେଳେ ଦେଖେଇ ଶିଖେଇ ହୋଇ କଥା କହିବାରେ କିଛି ମୂଲ୍ୟ ରହେନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଛୋଟୀ ଗୋଡ଼ରେ ଝୁମୁକା ବଳା**
**କାଣୀ ଆଖିରେ କଜଳ କଳା।**

ଛୋଟୀ ଓ କାଣୀ ଦୁହେଁ ଶାରୀରିକ ସ୍ତରରେ ଭିନ୍ନକ୍ଷମ। ଏପରିସ୍ଥଳେ ଏହି ଦୁହିଁଙ୍କ ପାଇଁ ଉପର ବର୍ଣ୍ଣିତ ହୋଇଥିବା ଅଳଙ୍କାର ଓ ପରିପାଟୀ ଦେଖଣାହାରୀଙ୍କ ଆଖିରେ କେବେବି ଶୋଭନୀୟ ହୋଇପାରୁ ନ ଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା ଧମକ

**ପେଟ୍ରୋଲ ଢାଳି ବୁଲେଟ୍ ଜାଳିଦେଲେ ଦୁର୍ବୃତ୍ତ**

ଡେରାବିଶ,୬।୩(ବେବର୍ତ୍ତା ଅଜୟ ଦାସ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କ ବୁଲେଟ୍‌କୁ କେତେଜଣ ଦୁର୍ବୃତ୍ତ ଜାଳି ଦେଇଥିବା କେନ୍ଦ୍ରାପଡ଼ା ସଦର ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଛାଛୁଣିଆ ଗ୍ରାମର ବଳରାମ ଦାସଙ୍କ ଅଭିଯୋଗ ଅନୁଯାୟୀ,ବୁଧବାର ରାତିରେ ଗ୍ରାମରେ ଥିବା ଯୁବକ ସଂଘ ଘରେ ସେ ଓ ତାଙ୍କ ୨ ସାଙ୍ଗ ଶୋଇଥିଲେ। ବିଳମ୍ବିତ ରାତିରେ ଗ୍ରାମର ଟୁଲା ପାତ୍ର ଓ ଟୁଲାଙ୍କ ପରିବାର ଲୋକେ ବିଭିନ୍ନ ମାରଣାସ୍ତ୍ର ଧରି ଯୁବକ ସଂଘ ଘର ବାହାରେ ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ବନ୍ଦ ଥିବା କବାଟକୁ ମାରଣାସ୍ତ୍ର ଦ୍ୱାରା ହାଣି ପକାଇଥିଲେ। ତଥାପି ସେ କବାଟ ନ ଖୋଲିବାରୁ ସଂଘ ଘର ବାହାରେ ଥିବା ତାଙ୍କ ବୁଲେଟ୍ (ନଂ. ଓଡ଼ି୩୪ଜି-୬୩୫୯)କୁ ସେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ। ଫଳରେ ବୁଲେଟ୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଛି। ଏଥିସହିତ ବାହାରକୁ ବାହାର, ତୋତେ ବି ପେଟ୍ରୋଲ ପକାଇ ଜାଳିଦେବୁ ବୋଲି ଧମକ ଦେଇଥିବା ବଳରାମ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ତଥାପି ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ଘଟଣାସ୍ଥଳକୁ ଆସି ନ ଥିବା ବଳରାମ କହିଛନ୍ତି।




ଗୁରୁବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନିବେଶ ଆଳରେ ୮୭ ଲକ୍ଷ ଠକେଇ, ଦିଲ୍ଲୀରୁ ମହିଳା ଗିରଫ

ଭୁବନେଶ୍ୱର,୬।୩(ସୂର୍ଯ୍ୟକାନ୍ତ ବେହେରା)

ନିବେଶ ଆଳରେ ୮୭ ଲକ୍ଷ ଟଙ୍କା ଠକେଇ ମାମଲାରେ ଓଡ଼ିଶା ପୋଲିସର କ୍ରାଇମବ୍ରାଞ୍ଚ ସାଇବର ୟୁନିଟ୍ ଜଣେ ମହିଳାଙ୍କୁ ଦିଲ୍ଲୀରୁ ଗିରଫ କରିଛି। ଗିରଫ ମହିଳା ହେଲେ ଦକ୍ଷିଣ ଦିଲ୍ଲୀର ବନ୍ଦନା ବାୱା। ଗିରଫ ସମୟରେ ବନ୍ଦନାଙ୍କଠାରୁ ପୋଲିସ ଗୋଟିଏ ମୋବାଇଲ ଫୋନ୍, ୨ଟି ସିମ୍ କାର୍ଡ, ଆଧାର କାର୍ଡ, ପ୍ୟାନ୍ କାର୍ଡ ଜବତ କରିଛି। ଏହି ମାମଲାରେ ମହିଳାଙ୍କ ଅନେକ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯାଇ ଅଭିଯୋଗକାରୀଙ୍କ ୧୦ଲକ୍ଷ ଟଙ୍କା ଫେରାଇ ଦିଆଯାଇଛି। ତେବେ ବନ୍ଦନାଙ୍କୁ ନୂଆଦିଲ୍ଲୀର ସାକେତ୍‌ସ୍ଥିତ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ କୋର୍ଟଙ୍କ ଅନୁମତି ମିଳିବା ପରେ ତାଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ଓଡ଼ିଶା ଅଣାଯାଉଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଅଭିଯୁକ୍ତା ଜଣଙ୍କ କେରଳ ଓ ଗୁଜରାଟରେ ଘଟିଥିବା ୨ଟି ସାଇବର ମାମଲାରେ ଜଡ଼ିତ ଥିବା ତଦନ୍ତବେଳେ ଜଣାପଡ଼ିଛି। ଏହି ସାଇବର ଗ୍ୟାଙ୍ଗ୍‌ର ଅନ୍ୟ ଅପରାଧୀଙ୍କୁ ଧରିବା କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଭୁବନେଶ୍ୱରର ଶୈଳଶ୍ରୀବିହାରରେ ରହୁଥିବା ଏକ ଘରୋଇ ସଂସ୍ଥାର କର୍ମଚାରୀଙ୍କୁ ୧୦୧ ଷ୍ଟକ୍ ଡିସ୍କସନ ଗ୍ରୁପ୍ ନାମକ ଏକ ଅଜଣା ହ୍ୱାଟ୍ସ ଆପ୍ ଗ୍ରୁପରେ ଯୋଡ଼ାଯାଇଥିଲା, ଯାହାର ନେତୃତ୍ୱ ଜଣେ ବ୍ୟକ୍ତି ନେଉଥିଲେ। ସେ ନିଜକୁ ପ୍ରଫେସର ଭାବରେ ପରିଚୟ ଦେଉଥିଲେ। ଏହି ଗ୍ରୁପ୍‌ରେ ଥିବା ଠକମାନେ ଷ୍ଟକ୍ ଟ୍ରେଡିଂ ଟିପ୍ସ, ଆଇପିଓ ମାର୍ଗଦର୍ଶନ ଏବଂ ନିବେଶ ରଣନୀତି ପ୍ରଦାନ କରିବା ବାହାନାରେ ପୀଡ଼ିତଙ୍କୁ ଦୁଇଟି ନକଲି ଶେୟାର ୱେବ୍ ଲିଙ୍କ୍‌ରେ ପଞ୍ଜୀକରଣ କରିବାକୁ କହି ଟଙ୍କା ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ଫଳରେ ପୀଡ଼ିତ ବ୍ୟକ୍ତି ଟଙ୍କା ନିବେଶ କରିଥିଲେ। କିଛି ଦିନ ପୀଡିତଙ୍କ ୱାଲେଟକୁ ଟଙ୍କା ଆସିବାରୁ ଠକମାନଙ୍କ କଥାରେ ସେମାନେ ବିଶ୍ୱାସ କରିଥିଲେ। ଏହାପରେ ଅଭିଯୋଗକାରୀ ବିଭିନ୍ନ ପର୍ଯ୍ୟାୟରେ ବନ୍ଦନା ଦେଇଥିବା ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ, ପିଏନ୍‌ବି ଓ ଅନ୍ୟ ଆକାଉଣ୍ଟକୁ ୮୭ ଲକ୍ଷ ଟଙ୍କା ପଠାଇଥିଲେ। ସାଇବର ଠକମାନେ ଟଙ୍କା ପାଇବା ପରେ ପୀଡ଼ିତ ବ୍ୟକ୍ତିଙ୍କୁ କୌଣସି ଟଙ୍କା ନ ଦେଇ ଠକି ଦେଇଥିଲେ। ଏହାପରେ ଠକାମିରେ ପଡ଼ିଥିବା ବ୍ୟକ୍ତି ୨୦୨୪ ଫେବୃଆରୀ ୨୩ରେ କ୍ରାଇମବ୍ରାଞ୍ଚ ସାଇବର ୟୁନିଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କ୍ରାଇମବ୍ରାଞ୍ଚ ମାମଲା (ନଂ. ୧୦୯/୨୦୨୪) ରୁଜୁ କରିଥିଲେ। ଅତିରିକ୍ତ ଏସ୍‌ପି ରିତେଶ କୁମାର ମହାପାତ୍ରଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳ, ଟଙ୍କା ଯାଇଥିବା ବ୍ୟାଙ୍କ ଆକାଉଣ୍ଟ ଓ ଅନ୍ୟାନ୍ୟ ଡିଜିଟାଲ ପ୍ରମାଣ ଆଧାରରେ ନୂଆଦିଲ୍ଲୀ ଯାଇଥିଲେ। ସେଠାରେ ବିଭିନ୍ନ ଅଞ୍ଚଳରେ ବିବରଣୀ ଯାଞ୍ଚ କରିବା ପରେ, ଦକ୍ଷିଣ ଦିଲ୍ଲୀର ବନ୍ଦନା ବାୱା ନାମକ ମହିଳାଙ୍କୁ ଗତ ମଙ୍ଗଳବାର ଗିରଫ କରିଥିଲେ।

# ନାବାଳିକାଙ୍କୁ ବଳାତ୍କାର, ୪ ବର୍ଷ ପରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୬।୩ (ସୂର୍ଯ୍ୟକାନ୍ତ ବେହେରା)

ନାବାଳିକାଙ୍କୁ ମେଡିସିନ ଦୋକାନ ଭିତରେ ବଳାତ୍କାର ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ୪ ବର୍ଷ ପରେ ନନ୍ଦନକାନନ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଭଦ୍ରକର ନୀଳଚକ୍ର ପଣ୍ଡା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଅଭିଯୁକ୍ତ ଜଣଙ୍କ କେନ୍ଦୁପଡ଼ାରେ ଏକ ମେଡିସିନ ଦୋକାନ କରିଥିବା ବେଳେ ପୀଡ଼ିତା ନାବାଳିକାଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ୨୦୨୦ ଡିସେମ୍ବର ୨ ରେ ଅଭିଯୁକ୍ତ ନୀଳଚକ୍ର ପୀଡ଼ିତାଙ୍କୁ ଫୋନ କରି ତାଙ୍କ ମେଡିସିନ ଦୋକାନ ନିକଟକୁ ଡାକିଥିଲେ। ପୀଡ଼ିତା ସେଠାରେ ପହଞ୍ଚିବାପରେ ଅଭିଯୁକ୍ତ ଦୋକାନର ଭିତର ପଟୁ ବନ୍ଦକରି ନାବାଳିକାଙ୍କ ଇଚ୍ଛା ବିରୋଧରେ ତାଙ୍କୁ ବଳାତ୍କାର କରିବା ସହ ବାହାରୁ ତାଲା ପକାଇ ପଳାଇ ଯାଇଥିଲେ। କିଛି ସମୟ ପରେ ପୀଡ଼ିତାଙ୍କ ଭାଇ ଜାଣିପାରି ଉକ୍ତ ଦୋକାନକୁ ଆସି ଅଭିଯୁକ୍ତଙ୍କୁ ଦୋକାନର ତାଲା ଖୋଲିବାକୁ ବାଧ୍ୟ କରିଥିଲେ। ଅଭିଯୁକ୍ତ ଦୋକାନର ତାଲା ଖୋଲିବା ପରେ ପୀଡ଼ିତା ଦୋକାନରୁ ବାହାରକୁ ଆସିଥିଲେ। ଏପରିପରିସ୍ଥିତିରେ ପୀଡିତାଙ୍କ ଭାଇ ଅଭିଯୁକ୍ତଙ୍କୁ ତାଙ୍କ ଭଉଣୀଙ୍କୁ ବିବାହ କରିବାକୁ କହିବାରୁ ନୀଳଚକ୍ର ତାଙ୍କ ପ୍ରସ୍ତାବରେ ରାଜି ହୋଇଥିଲେ ମଧ୍ୟ ପରେ ବିବାହ କରିବାକୁ ରୋକଠୋକ୍ ମନା କରି ଫେରାର ହୋଇଯାଇଥିଲେ। ଏନେଇ ନାବାଳିକା ପୀଡ଼ିତା ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲିଅନ କୋଚ୍ ଫନସେକା ୯ ମାସ ବାସନ୍ଦ


ରେଫରି ଓ କୋଚ୍ ଫନ୍‌ସେକା ମୁହାଁମୁହିଁ।

**ପ୍ୟାରିସ୍,୬।୩(ଏପି):** ଫ୍ରେଞ୍ଚ୍ ଲିଗ୍ ମ୍ୟାଚ୍ ବେଳେ ରେଫରିଙ୍କ ସହ ମୁହାଁମୁହିଁ ହେବାରୁ ଲିଅନ କୋଚ୍ ପାଉଲେ ଫନସେକାଙ୍କୁ ୯ ମାସ ପାଇଁ ବାସନ୍ଦ କରାଯାଇଥିବା ଫ୍ରେଞ୍ଚ୍ ଲିଗ୍ ପକ୍ଷରୁ କୁହାଯାଇଛି। ଏହି ବାସନ୍ଦାଦେଶ ଯୋଗୁ ସେ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ମ୍ୟାଚ୍ ବେଳେ ଖେଳାଳିଙ୍କ ନିକଟକୁ ଯାଇପାରିବେ ନାହିଁ ଏବଂ ଦଳୀୟ ଲକରରୁମ୍‌ରେ ମଧ୍ୟ ପ୍ରବେଶ କରିପାରିବେ ନାହିଁ। ଏହି ବାସନ୍ଦାଦେଶ କେବଳ ଘରୋଇ ମ୍ୟାଚ୍‌ରେ ଲାଗୁହେବ। ଫଳରେ ୟୁଇଫା ଦ୍ୱାରା ଆୟୋଜିତ ୟୁରୋପା ଲିଗ୍‌ରେ ଫନସେକା କାର୍ଯ୍ୟ କରିପାରିବେ। ଗତ ରବିବାର ବ୍ରେଷ୍ଟ ଡିପ୍ ବିପକ୍ଷ ମ୍ୟାଚ୍‌ରେ ଫନସେକା ରେଫରି ବେନୋଇଟ ମିଲଟଙ୍କ ସହ ମୁହାଁମୁହିଁ ହୋଇଥିଲେ। ଏପରିକି ଲିଅନ ଅଧିନାୟକ କୋରେଣ୍ଟିନ ଟୋଲିସୋଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଏହାପରେ ଫନସେକା ଅବଶ୍ୟ ଦ୍ୱିତୀୟଥର ପାଇଁ ଉକ୍ତ ରେଫରିଙ୍କ ସହ ମୁହାଁମହିଁ ହେବାକୁ ଉଦ୍ୟମ କରିଥିଲେ। ହେଲେ ଲିଅନ ଦଳର କେତେଜଣ ଖେଳାଳି ତାଙ୍କୁ ରୋକିଥିଲେ।

# ପାକିସ୍ତାନ ପାଇଁ ଜାଭେଦ ଓ ଚୟନକର୍ତ୍ତା ଦାୟୀ

**କରାଚୀ, ୬।୩(ପି.ଟି.)**

ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ଦଳର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ଏହାର ପୂର୍ବତନ ରେଡ୍‌ବଲ୍ ମୁଖ୍ୟ କୋଚ୍ ଆକ୍ବିବ ଜାଭେଦ ଓ ଜାତୀୟ ଚୟନକର୍ତ୍ତାଗଣ ଉତ୍ତରଦାୟୀ ରହିବା ଉଚିତ। ଏହା ପାକିସ୍ତାନର ପୂର୍ବତନ ରେଡ୍‌ବଲ ମୁଖ୍ୟ କୋଚ୍ ଜାସନ ଗିଲେସ୍ପି ପ୍ରକାଶ କରିଛନ୍ତି। ଆୟୋଜକ ଦେଶ ନ୍ୟୁଜିଲାଣ୍ଡ ଓ ଭାରତଠାରୁ ସେମାନଙ୍କ ଗ୍ରୁପ୍ ମ୍ୟାଚ୍‌ରେ ପରାସ୍ତ ହୋଇ ଦଳ ପ୍ରତିଯୋଗିତାରୁ ବିଦାୟ ନେଇଛି। ଅଷ୍ଟ୍ରେଲିଆର ପୂର୍ବତନ ପେସ୍ ବୋଲର ଗିଲେସ୍ପି ସୋସିଆଲ ମିଡିଆରେ ତାଙ୍କର ଏକ ପୋଷ୍ଟରେ କହିଛନ୍ତି, ଆକ୍ବିବ ଟିମ୍ ବ୍ୟାପାର ସମ୍ପୂର୍ଣ୍ଣ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହିଁଥିଲେ। ଜାତୀୟ ଚୟନକର୍ତ୍ତାମାନେ ଖେଳାଳି ମନୋନୟନ ଦାୟିତ୍ୱରେ ରହିଥିଲେ। ସେମାନେ ମଧ୍ୟ ଅନେକାଂଶରେ ପାକିସ୍ତାନର ଖରାପ ପ୍ରଦର୍ଶନକୁ ନେଇ ଦାୟୀ ରହିବା ଉଚିତ। ଗିଲେସ୍ପି କହିଛନ୍ତି, ସେ ଯେତେବେଳେ ମୁଖ୍ୟ କୋଚ୍ ଥିଲେ, ପାକିସ୍ତାନ କ୍ରିକେଟ୍‌ର ପ୍ରଚ୍ଛଦପଟେ କିଛିନା କିଛି ଚାଲିଥିବା ସେ ଅନୁଭବ କରିଥିଲେ। ତେଣୁ ଆକ୍ବିବଙ୍କୁ ଯେତେବେଳେ କୋଚ୍ କରାଗଲା ସେଥିରେ ସେ ଆଶ୍ଚର୍ଯ୍ୟ ନ ଥିଲେ। ଆକ୍ବିବ କେବଳ ତାଙ୍କୁ ନୁହେଁ, ହ୍ୱାଇଟ୍ ବଲ୍ କୋଚ୍ ଗ୍ୟାରି କର୍ଷ୍ଟେନଙ୍କୁ ମଧ୍ୟ ହେୟଜ୍ଞାନ କରୁଥିଲେ। ଆକ୍ବିବ ମୁଖ୍ୟ ଚୟନକର୍ତ୍ତା ହେବାକୁ ଚାହୁଁଥିଲେ। ଏହାଦ୍ୱାରା ପାକିସ୍ତାନ ଦଳ ଉପରେ ତାଙ୍କର ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ରହିପାରିବ ବୋଲି ସେ ମନେକରୁଥିଲେ। ଶେଷରେ ତାହା ହିଁ ହେଲା। ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଗିଲେସ୍ପି ଓ କର୍ଷ୍ଟେନଙ୍କୁ ମୁଖ୍ୟ କୋଚ୍ ଭାବେ ୨ ବର୍ଷିଆ ଚୁକ୍ତି କରିଥିଲା। ମାତ୍ର ପିସିବି ଓ ବିଦେଶୀ କୋଚ୍‌ଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁ ନିଯୁକ୍ତିର ୬ରୁ ୮ମ ମାସ ମଧ୍ୟରେ ଦୁଇ ବିଦେଶୀ କୋଚ୍ ପଦ ତ୍ୟାଗକରି ଚାଲିଯାଇଥିଲେ। ବାଂଲାଦେଶ ବିପକ୍ଷ ଏକ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ସିରିଜ ୨-ରେ ହାରିଯିବା ପରେ ଫଳତଃ ପିସିବି ଏକ ନୂଆ ସିଲେକ୍ସନ କମିଟି ଗଠନ କରିଥିଲା। ଏଥିରେ ଆକ୍ବିବ ସିନିୟର ସିଲେକ୍ଟର ରହିଥିଲେ। କମିଟିରେ ସ୍ଥାନ ପାଇଥିବା ଅନ୍ୟମାନେ ହେଲେ ଆଝାର ଅଲି, ଅସାଦ ଶାଫିକ୍, ଅଲିମ ଦାର ଓ ହସନ ଚିମା। ୨୦୨୪ ଶେଷରେ ଦୁଇ ବିଦେଶୀ ବିଶେଷଜ୍ଞ ଜଣକ ପରେ ଜଣେ ସେମାନଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ଚୟନକର୍ତ୍ତାମାନେ ସେମାନଙ୍କୁ ଅନ୍ଧାରରେ ରଖିବା ସହ ସେମାନଙ୍କଠାରୁ କ୍ଷମତା ପ୍ରତ୍ୟାହାର କରିନେଇଥିବା ସେମାନେ ଅଭିଯୋଗ କରିଥିଲେ।


ଆକ୍ବିବ ଜାଭେଦ ଓ ଜାସନ ଗିଲେସ୍ପି।

# ଫାଇନାଲରେ ପାରାମାଉଣ୍ଟ

**ଭୁବନେଶ୍ୱର, ୬।୩(ତପନ ସ୍ୱାଇଁ)**

ଟାଉନ୍ କ୍ଲବ ଆନୁକୂଲ୍ୟରେ ପୁରୁଣା ଭୁବନେଶ୍ୱରସ୍ଥିତ ମୂଳାପଡ଼ିଆରେ ଚାଲିଥିବା ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ପାରମାଉଣ୍ଟ ସ୍ପୋର୍ଟିଂ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଏହି ଦଳ ୨୩ ରନ୍‌ରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାରାମାଉଣ୍ଟ ୩୩.୪ ଓଭରରେ ୧୮୮ ରନ୍‌କରି ସମସ୍ତ ଉଇକେଟ ହରାଇଥିଲା। ଦେବାଶିଷ ସାମନ୍ତରାୟ ସର୍ବାଧିକ ୭୧ ଓ ସୁଦର୍ଶନ ସ୍ୱାଇଁ ୩୮ ରନ୍ କରିଥିଲେ। ବିପକ୍ଷ ଦଳର ସୁଶୀଲ ବାରିକ ୫ ଉଇକେଟ ସଫଳତା ପାଇଥିବାବେଳେ ଶୁଭମ୍ ଶତ୍ରୁଜିତ ଓ ସୌମ୍ୟରଞ୍ଜନ ମହାନ୍ତି ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୮୯ ରନ ବିଜୟ ଲକ୍ଷ୍ୟ ନେଇ ସହିଦ ସ୍ପୋର୍ଟିଂ ପୂରା ୩୫ ଓଭର ଖେଳିଥିଲେ ହେଁ ୭ ଉଇକେଟ ହରାଇ ୧୬୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅବିନାଶ ଦାସ ୪୪ ଓ ସୁଶୀଲ ବାରିକ ୪୦ ରନ୍ କରିଥିଲେ। ବିଜୟୀ ଦଳର ସାଇ ଶୁଭମ୍ ଓ ସ୍ୱୟଂ ସାର୍ଥକ ରାଉତରାୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ଦେବାଶିଷ ସାମନ୍ତରାୟଙ୍କୁ ଟାଉନ୍ କ୍ଲବର ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ଦାସ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ଟାଉନ୍ କ୍ଲବ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ।


ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

# ପାରା ଭଲିବଲ ଚୟନ ଟ୍ରାଏଲ୍ସ

**ଭୁବନେଶ୍ୱର, ୬।୩ (ତପନ ସ୍ୱାଇଁ):** ରାଜ୍ୟ ପାରା ଭଲିବଲ ଚୟନ ଟ୍ରାଏଲ୍ସ ଚଳିତ ମାସ ୮ ଓ ୯ ତାରିଖରେ ନୟାପଲ୍ଲୀସ୍ଥିତ କ୍ରୀଡ଼ା ବିଭାଗର ପୁରୁଣା ଅଫିସ୍ ପରିସରରେ ଅନୁଷ୍ଠିତ ହେବ। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଆୟୋଜିତ ଏହି ଟ୍ରାଏଲ୍ସରୁ ଜାତୀୟ ସିନିୟର ମହିଳା ଓ ପୁରୁଷ ସିଟିଂ ଭଲିବଲ ଚାମ୍ପିୟନଶିପ୍ ପାଇଁ ଖେଳାଳି ମନୋନୀତ ହେବେ। ଟ୍ରାଏଲ୍ସ ପାଇଁ ଶୁକ୍ରବାରକୁ ଏଣ୍ଟ୍ରିର ଶେଷଦିନ ଧାର୍ଯ୍ୟ କରାଯାଇଛି।

# ଟାଇମ୍ଡ ଆଉଟ୍ ହେଲେ ସୌଦ ଶକିଲ



**ରାୱଲପିଣ୍ଡି,୬।୩(ପି.ଟି.):** ନିକଟରେ ଚାମ୍ପିୟନ୍ସ ଟ୍ରଫିରେ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ପାକିସ୍ତାନ ବ୍ୟାଟର ସୌଦ ଶକିଲ ପ୍ରଥମଶ୍ରେଣୀ ଟୁର୍ନାମେଣ୍ଟର ପ୍ରେସିଡେଣ୍ଟ୍ସ କପ୍ ଫାଇନାଲରେ ଟାଇମ୍ଡ ଆଉଟ ହୋଇଛନ୍ତି। ନିଜ ପାଳି ଲାଗି ଅପେକ୍ଷା କରିଥିବା ବେଳେ ସେ ଡ୍ରେସିଂରୁମ୍‌ରେ ଶୋଇପଡ଼ିଥିଲେ। ସେ ପାକିସ୍ତାନ କ୍ରିକେଟ୍‌ର ପ୍ରଥମ ଓ ମୋଟ୍ ଉପରେ ସପ୍ତମ ବ୍ୟାଟର ଭାବେ ଟାଇମ୍ଡ ଆଉଟ୍ ହୋଇଛନ୍ତି। ଏହି ମ୍ୟାଚ୍ ମଙ୍ଗଳବାର ରାତିରେ ଷ୍ଟେଟ ବ୍ୟାଙ୍କ ଓ ପିଟିଭି ମଧ୍ୟରେ ଖେଳାଯାଇଥିଲା। ରମ୍‌ଜାନ ମାସ ଚାଲିଥିବାରୁ ମ୍ୟାଚ୍‌ଟି ସମ୍ପୂର୍ଣ୍ଣ ରୂପେ ଫ୍ଲଡ୍‌ଲାଇଟ୍ସରେ ହୋଇଥିଲା। ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ରୁ ବିଳମ୍ବିତ ରାତି ୨ଟା ୩୦ ପର୍ଯ୍ୟନ୍ତ ଖେଳାଯାଉଛି। ପାକିସ୍ତାନ ଘରୋଇ କ୍ରିକେଟ ଇତିହାସରେ ପ୍ରଥମଥର ଏଭଳି ମ୍ୟାଚ୍ ଖେଳାଯାଉଛି। ଫାଇନାଲରେ ଶକିଲ ଷ୍ଟେଟ୍ ବ୍ୟାଙ୍କ ଲାଗି ଖେଳୁଥିଲେ ଏବଂ ତାଙ୍କ ଦଳ ବ୍ୟାଟିଂ କରୁଥିବା ବେଳେ ସେ ତାଙ୍କ ପାଳି ଲାଗି ଅପେକ୍ଷା କରି କରି ଶୋଇପଡ଼ିଥିଲେ। ଫଳରେ କ୍ରିଜ୍‌ରେ ପହଞ୍ଚିବା ଲାଗି ତାଙ୍କୁ ଧାର୍ଯ୍ୟ ୩ ମିନିଟ୍‌ରୁ ଅଧିକ ସମୟ ଲାଗିଥିଲା। ଜଣେ ନୂଆ ବ୍ୟାଟରଙ୍କ ଲାଗି କ୍ରିଜ୍‌ରେ ପହଞ୍ଚି ଗାର୍ଡ ନେବା ଲାଗି ୩ ମିନିଟ୍ ସମୟ ଦିଆଯାଇଛି। ଶକିଲ କ୍ରିଜ୍‌ରେ ପହଞ୍ଚିବା ପରେ ପିଟିଭି ଦଳର ଅଧିନାୟକ ଅମାଦ ଭଟ୍ଟ ଅମ୍ପାୟରଙ୍କ ନିକଟରେ ଟାଇମ୍ଡ ଆଉଟ୍ ଅପିଲ କରିଥିଲେ। ଶକିଲ ପାଭିଲିଅନ ଫେରିବା ପରେ ପାକିସ୍ତାନ ସୀମିତ ଓଭର କ୍ରିକେଟ୍ ଦଳର ସଦସ୍ୟ ଇର୍ଫାନ ଖାନ୍ ନିଆଜି କ୍ରିଜ୍‌କୁ ଆସିଥିଲେ। ତାଙ୍କୁ ପ୍ରଥମ ବଲରେ ବୋଲ୍ଡ କରି ମହମ୍ମଦ ଶେହଜାଦ ନିଜର ହାଟ୍ରିକ ପୂରଣ କରିଥିଲେ। ସୂଚନା ଯେ, ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଶ୍ରୀଲଙ୍କାର ଭେଟେରାନ ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସଙ୍କୁ ଟାଇମ୍ଡ ଆଉଟ ଦିଆଯାଇଥିଲା।


# Classified Everyday
**0674-2580101, 9692975378**


REAL ESTATE

**SALE**

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242

Gated community triplex in Jaydurganagar, Bhubaneswar 2.30 cores. Call- 8917520527. D-3175

**3 Storied 5 Bedroom new construction individual duplex house sale at NH-5, Goharia Chhak, Bhubaneswar, cost @ 1cr. 25lakh (final price)- 9938867397.** D-3181

**ଭୁବନେଶ୍ୱର Sum Hospital-2 ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9090142564, 8018608500.** D-76243

**44 Dcml. (1920Sqft.) Gharabadi Boundary wall plot sale at Bhaktamadhu Nagar, near ITER College, Jagamara. Price 95 Lakh, negotiable. Only Genuine buyer call for details: 9438220432/ 8144658008.** D-3180

**LEASE**

Sharing of a commercial plot 10000sft. at NH side of Nakhara-Niali Road for apartment. 7809525452. D-76426

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




To-let for Office and Banking purposes Chandrasekharpur District Center. 9668089688, 9938014391. D-3097




Full body massage by odia therapist in homely atmosphere. 9556498382. D-75363

Positively health benefited spa by expert therapist. 7750040475. D-76199

**AFFIDAVIT**

By virtue of an affidavit sworn before the Executive Magistrate, Dharmasala, dated 24.02.2025, I, Jatindra Kumar Panda, Address: At/P.O.-Mirzapur, P.S.-Dharmasala, Dist.-Jajpur, Odisha-755008 declare that I have changed my Son's name from Robert Panda to Roneet Panda. Henceforth, he shall be known as Roneet Panda for all purposes. D-3182

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Dharmasala, dated 03.03.2025, I, Kamala Dei, Address: At-Choramuhan, P.O./P.S.-Dharmasala, Dist.-Jajpur, Odisha-755008 declare that I have changed my name from Kamala Behera to Kamala Dei. Henceforth, I shall be known as Kamala Dei for all purposes. D-3183

By virtue of an affidavit sworn before the Executive Magistrate, Dharmasala, dated 27.02.2025, I, Arati Roul, Address: At-Alarpur, P.O.-Kotapur, P.S.-Dharmasala, Dist.-Jajpur, Odisha-755008 declare that I have changed my son's name from Provoujite Roul to Prabhujit Roul. Henceforth, he shall be known as Prabhujit Roul for all purposes. D-3184

By virtue of an affidavit sworn before the Notary Public, Deogaon, I, Shusanta Mahakur, R/o- At./P.O.- Udar, Via- Jarasingha, P.S.- Deogaon, Dist.- Balangir, PIN-767067, Odisha declare that I have changed my name from Shusanta Mahakur to Susanta Kumar Mahakur. Now onwards I shall be known as Susanta Kumar Mahakur for all purposes. D-3189

By virtue of an affidavit sworn before Executive Magistrate, Khorda Aff. No.- 598, Dt. On 5.3.2025, I Manju Dei, W/o- Bhimsen Behera, At/P.O.- Kaipadar, P.S.-Khordha sadar, Dist.-Khordha, 752056, declare that I have changed my name from Manjulata Behera to "Manju Dei". Henceforth, I shall be known as Manju Dei for all purposes. D-73577

By virtue of an affidavit sworn before Executive Magistrate, Puri on dated 21.Feb.2025, Miss SASMITA SWAIN, C/o- DEBADUTTA SWAIN at Khandia Bandha, P.O.- Gopinathpur, PIN- 752002, Dist.- Puri, D.O.B 30.06.1997 changed my name Sasmita Sasmal, D/o- Bhimasen Sasmal at Dhanikera, P.O.- Basudevpur, PIN- 752013. Both Sasmita Sasmal and Sasmita Swain belong to one and same person. Henceforth, I shall be known as Sasmita Sasmal for all purposes. D-3186

By virtue of an affidavit sworn before the Executive Magistrate, kujang, Jagatsinghpur, I, Soumendra Kumar Barik, Village- Jhampulakuda, Post- Bishnupur, P.S.- Nimapada, Dist.- Puri, at present NA/296, Nuabazar, Paradip, Dist.- Jagatsinghpur. My son's Birth Certificate mentioned Soumendra Barik. That both the name are one and same person. Henceforth, I shall be known as Soumendra Kumar Barik for the all future purposes. D-3179

ଧରିତ୍ରୀ DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

By virtue of an affidavit No.- 1577, dtd. 05.03.2025 sworn before Executive Magistrate, Dhenkanal, I, Diptimayee Mohanty, W/o- Subhransu Prasad Mohanty, Vill- Kunjakanta, P.S.-Town, Dist.-Dhenkanal declare that I have change my daughter's name from Swatee Soumprava Mohanty to Swatee Swayamprava Mohanty & my husband's name from Subhrunsu Prasad Mohanty to Subhransu Prasad Mohanty. Henceforth, my daughter will be known as Swatee Swayamprava Mohanty and my husband will be known as Subhransu Prasad Mohanty for all purposes.
Diptimayee Mohanty. D-75495

By virtue of an affidavit before Notary Public, Kantabanji, bearing No.- 502 on dtd.06.03.2025, that before my marriage I known as "Mamata Bhoi", D/o-Paramanand Bhoi" which is mentioned in my Educational Certificates and after marriage to "Himanshu Sekhar Sahoo" of Village: P.O.- Kanut, P.S.- Belpara, Dist.- Bolangir, I known as Mamata Sahoo, W/o- Himanshu Sekhar Sahoo which is also recorded in my Aadhaar Card. Whereas Mamata Bhoi and Mamata Sahoo, W/o- Himanshu Sekhar Sahoo is one and same and my native name "Mamata Bhoi" is to be update in my Aadhaar Card in place of Mamata Sahoo. D-3178

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LEGAL NOTICE**

FORM No.-1-A
SUMMONS/NOTICES FOR SERVICE BY ADVERTISEMENT IN NEWSPAPER (Order-5 Rule-20)
IN THE HON'BLE COURT OF THE CIVIL JUDGE, SENIOR DIVISION, KORAPUT.

Between
CS 49/2011
Bhagaban Khillo & another .....Plaintiffs
VS
K. Satyanarayan & oth .....defendants

To
1. Namita Rani Haldar, aged about 51 years, W/o- Late Khirod Chandra Haldar, Vill: P.O./P.S.- Narayanpana, Dist.- Koraput, 2. Debabrata Haldar, aged about 36 years, S/o- Late Khirod Chandra Haldar, Vill: P.O./P.S.- Narayanpatna, Dist.- Koraput

WHEREAS the plaintiffs have instituted against you.

You are hereby summoned to appear in this Court in person or by a pleader duly instructed and able to answer all material questions relating to the suit or who shall be accompanied by some person able to answer all such question on the 24th day of March 2025 at 10.30.A.M to answer the claim, and you are directed to produce on that day all the documents upon which you intend to rely in support of your defence.

Take notice that in default of your appearance on the day before mentioned, the suit will be hard and determined in your absence.

Given under my hand and seal of the Court, this 04th day of Mar. 2025

Sd./- Civil Judge, (Sr. Division), Koraput. D-3176

# ଚାମ୍ପିୟନ୍ସ ଟ୍ରଫିରେ ଭାରତ-ନ୍ୟୁଜିଲାଣ୍ଡ

ଆଇସିସି ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ମ୍ୟାଚ୍ ଆସନ୍ତା ରବିବାର ଦୁବାଇରେ ହେବ। ଏଥର ପରସ୍ପରର ସମ୍ମୁଖୀନ ହେବେ ଭାରତ ଓ ନ୍ୟୁଜିଲାଣ୍ଡ। ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚର ଅତୀତ ରେକର୍ଡ ଓ ସାମ୍ପ୍ରତିକ ପ୍ରଦର୍ଶନକୁ ନେଇ ଏହି ଉପସ୍ଥାପନା...

ଆଇସିସି ଚାମ୍ପିୟନ୍ସ ଟ୍ରଫିର ୯ମ ସଂସ୍କରଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ରବିବାର ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯିବ ମେଗା ଫାଇନାଲ। ଟାଇଟଲ ପାଇଁ ଏଥର ଲଢ଼ିବାକୁ ଯାଉଛନ୍ତି ଭାରତ ଓ ନ୍ୟୁଜିଲାଣ୍ଡ। ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଭାରତ ଏକମାତ୍ର ଅପରାଜେୟ ଦଳଭାବେ ଫାଇନାଲ ଖେଳିବାକୁ ଯାଉଛି। ଲିଗ୍ ପର୍ଯ୍ୟାୟରେ ବାଂଲାଦେଶକୁ ୬ ଉଇକେଟରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ଦ୍ୱିତୀୟ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲା। ନିଜର ଅନ୍ତିମ ଲିଗ୍ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୪୪ ରନରେ ହରାଇ ନିଜ ଗ୍ରୁପ୍‌ରେ ଶୀର୍ଷସ୍ଥାନ ହାସଲ କରିଥିଲା। ଆଗାମୀ ମ୍ୟାଚରେ ବିଜୟୀ ହେଲେ ଭାରତ ୨୦୦୦ ମସିହା ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ପରାଜୟର ମଧୁର ପ୍ରତିଶୋଧ ନେଇପାରିବ। ଅନ୍ୟପକ୍ଷରେ ଏଥର ସମାନ ଗ୍ରୁପରେ ଥିବା ନ୍ୟୁଜିଲାଣ୍ଡ ପାକିସ୍ତାନକୁ ୬୦ ରନରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ବାଂଲାଦେଶକୁ ୫ ଉଇକେଟରେ ହରାଇଥିଲେ ହେଁ ତୃତୀୟ ତଥା ଅନ୍ତିମ ମ୍ୟାଚରେ ଭାରତ ନିକଟରୁ ପରାଜୟ ସ୍ୱାଦ ଚାଖିଥିଲା। ଅର୍ଥାତ୍ ଗ୍ରୁପ୍ 'ଏ'ର ୨ଟି ଯାକ ଦଳ ଏଥର ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି। ଗ୍ରୁପ୍ 'ବି'ରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ପରି ଶକ୍ତିଶାଳୀ ଦଳ ରହିଥିଲେ ହେଁ ଶେଷ ପର୍ଯ୍ୟନ୍ତ ତିଷ୍ଠିପାରି ନାହାନ୍ତି।

**ଭାରତ-୧, ନ୍ୟୁଜିଲାଣ୍ଡ ୧**

ରେକର୍ଡ ଅନୁସାରେ ଚାମ୍ପିୟନ୍ସ ଟ୍ରଫିରେ ଭାରତ ଓ ନ୍ୟୁଜିଲାଣ୍ଡ ମୋଟ ୨ ଥର ପରସ୍ପରର ସମ୍ମୁଖୀନ ହୋଇଛନ୍ତି। ଏଥିରୁ ଦୁଇ ଦଳ ଗୋଟିଏ ଲେଖାଏ ବିଜୟ ସ୍ୱାଦ ଚାଖିଛନ୍ତି। ୧୯୯୮ରେ ଆଇସିସି ନକ୍ଆଉଟ ଟ୍ରଫି ନାମରେ ଖେଳାଯାଇଥିବା ପ୍ରତିଯୋଗିତାରେ ନ୍ୟୁଜିଲାଣ୍ଡ ପ୍ରିଲିମିନାରି ମ୍ୟାଚରେ ଜିମ୍ବାୱେକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ହେଁ ଶ୍ରୀଲଙ୍କାଠାରୁ ହାରି ବିଦାୟ ନେଇଥିଲା। ତେଣୁ ଭାରତ-ନ୍ୟୁଜିଲାଣ୍ଡ ଭେଟ ହୋଇ ନ ଥିଲା। ୨୦୦୦ରେ ହୋଇଥିବା ଦ୍ୱିତୀୟ ସଂସ୍କରଣରେ କିନ୍ତୁ ଏହି ଦୁଇ ଦଳ ପରସ୍ପରକୁ ଫାଇନାଲରେ ଭେଟିଥିଲେ। ଏଥିରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ୨୬୫ ରନର ବିଜୟ ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ୪୯.୪ ଓଭରରେ ୬ ଉଇକେଟ ହରାଇ ହାସଲ କରିନେଇଥିଲା। ୨୦୦୨ରେ ପ୍ରତିଯୋଗିତାର ନାମ ଆଇସିସି ଚାମ୍ପିୟନ୍ସ ଟ୍ରଫି ହୋଇଥିଲା। ଏଥିରେ ଭାରତ ଓ ନ୍ୟୁଜିଲାଣ୍ଡ ଭିନ୍ନ ଗ୍ରୁପ୍‌ରେ ରହିଥିଲେ। ନ୍ୟୁଜିଲାଣ୍ଡ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିବାରୁ ଭାରତ ସହ ଭେଟ ସମ୍ଭବ ହୋଇ ନ ଥିଲା। ଫାଇନାଲରେ ବର୍ଷା ବାଧକ ହେବାରୁ ଭାରତ ଓ ଶ୍ରୀଲଙ୍କାକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା। ୨୦୦୪ରେ ଭାରତ ଓ ନ୍ୟୁଜିଲାଣ୍ଡ ଭିନ୍ନ ଭିନ୍ନ ଗ୍ରୁପ୍‌ରେ ରହି ଥିବାବେଳେ ପ୍ରାରମ୍ଭିକ ପର୍ଯ୍ୟାୟରୁ ବିଦାୟ ନେଇଥିଲେ। ୨୦୦୬ରେ ଭାରତ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିଲା ଏବଂ ଆଗକୁ ବଢ଼ିପାରି ନ ଥିଲା। ନ୍ୟୁଜିଲାଣ୍ଡ ଗ୍ରୁପ୍ 'ବି'ରେ ଥିବାରୁ ଭେଟ ହୋଇ ନ ଥିଲା। ୨୦୦୯ରେ ମଧ୍ୟ ସମାନ ଫଳାଫଳ ରହିଥିଲା। ୨୦୧୩ରେ ନ୍ୟୁଜିଲାଣ୍ଡ ଗ୍ରୁପ୍ 'ଏ'ରେ ଖରାପ ପ୍ରଦର୍ଶନ କରି ପୁଲ୍ ପର୍ଯ୍ୟାୟରୁ ବିଦାୟ ନେଇଥିବାବେଳେ ଗ୍ରୁପ୍ 'ବି'ରେ ଶୀର୍ଷସ୍ଥାନ ହାସଲ ସହ ଭାରତ ଚାମ୍ପିୟନ ହୋଇଥିଲା। ଫାଇନାଲରେ ଇଂଲଣ୍ଡକୁ ୫ ରନରେ ପରାସ୍ତ କରିଥିଲା। ୨୦୧୭ରେ ଭାରତ ଓ ନ୍ୟୁଜିଲାଣ୍ଡ ଭିନ୍ନ ଗ୍ରୁପ୍‌ରେ ରହିଥିଲେ। ନ୍ୟୁଜିଲାଣ୍ଡ ଶୀଘ୍ର ବିଦାୟ ନେବାରୁ ପରସ୍ପର ମୁକାବିଲା ସମ୍ଭବ ହୋଇ ନ ଥିଲା। ୨୦୨୫ ତଥା ଚଳିତ ସଂସ୍କରଣରେ ଭାରତ ଓ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଥରପାଇଁ ପରସ୍ପରର ସମ୍ମୁଖୀନ ହୋଇଥିଲେ। ଏଥିରେ ଭାରତ ବିଜୟ ହାସଲ କରି ରେକର୍ଡକୁ ବରାବର କରିଥିଲା। ଭାରତ ପକ୍ଷରୁ ୨୫୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ନ୍ୟୁଜିଲାଣ୍ଡ ଇନିଂସ ୪୫.୩ ଓଭରରେ ୨୦୫ରେ ସୀମିତ ରହିଥିଲା। ତେଣୁ ଆଗାମୀ ମୁକାବିଲା ବେଶ୍ ରୋମାଞ୍ଚକ ହେବା ଆଶା କରାଯାଉଛି।

**ରାଚିନ, କୋହଲି ଆଗରେ**

ଚଳିତ ସଂସ୍କରଣରେ ନ୍ୟୁଜିଲାଣ୍ଡର ରାଚିନ ରବୀନ୍ଦ୍ର ଚମତ୍କାର ଫର୍ମରେ ଅଛନ୍ତି। ସେ ୩ ମ୍ୟାଚରୁ ୭୫.୩୩ ଆଭରେଜରେ ୨୨୬ ରନ ସଂଗ୍ରହ କରି ଟପ୍ ସ୍କୋରର ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରତ ପକ୍ଷରୁ ବିରାଟ କୋହଲି ୪ ମ୍ୟାଚରୁ ୭୨.୩୩ ଆଭରେଜରେ ୨୧୭ ରନକରି ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଶ୍ରେୟସ ଆୟର ୪୮.୭୫ ଆଭରେଜରେ ୧୯୫ ରନ ସହ ୬ଷ୍ଠ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡର ଟମ୍ ଲଥାମ ୬୩.୬୬ ଆଭରେଜରେ ୧୯୧ ଓ କେନ୍ ୱିଲିୟମସନ ୪୭.୪୨ ଆଭରେଜରେ ୧୮୯ ରନକରି ଟପ୍-୧୦ ବ୍ୟାଟରଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସର୍ବାଧିକ ଉଇକେଟ ହାସଲକାରୀ ତାଲିକାର ଶୀର୍ଷରେ ରହିଛନ୍ତି ନ୍ୟୁଜିଲାଣ୍ଡର ମ୍ୟାଟ ହେନରି। ସେ ୪ ମ୍ୟାଚରୁ ୧୦ ଉଇକେଟ ହାସଲ କରି ସାରିଛନ୍ତି। ଭାରତର ମହମ୍ମଦ ଶାମି ୮ ଓ ବରୁଣ ଚକ୍ରବର୍ତ୍ତୀ ୭ ଉଇକେଟ ନେଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର ମଧ୍ୟ ୭ ଉଇକେଟ ନେଇ ଟପ୍-୧୦ ବୋଲରଙ୍କ ମଧ୍ୟରେ ସାମିଲ ଅଛନ୍ତି। ତେଣୁ ଦୁବାଇରେ ବ୍ୟାଟ୍ ଓ ବଲ୍‌ର ଲଢ଼େଇ ଜୋରଦାର ହେବା ଅନୁମାନ କରାଯାଉଛି। ଚଳିତ ଟୁର୍ନାମେଣ୍ଟରେ ନ୍ୟୁଜିଲାଣ୍ଡ ୨ ଥର ୩୦୦ରୁ ଊର୍ଦ୍ଧ୍ୱ ଦଳଗତ ସ୍କୋର କରିପାରିଛି। ଯାହାକି ଭାରତ ପକ୍ଷରେ ସମ୍ଭବ ହୋଇନାହିଁ। ଦକ୍ଷିଣ ଆଫ୍ରିକା ବିପକ୍ଷ ସେମିଫାଇନାଲରେ ୬ ଉଇକେଟରେ ୩୬୨ ରନକରି ନ୍ୟୁଜିଲାଣ୍ଡ ଚାମ୍ପିୟନ୍ସ ଟ୍ରଫିରେ ରେକର୍ଡ କରିଥିଲା। ଏଥର ଭାରତର ସର୍ବୋଚ୍ଚ ସ୍କୋର ରହିଛି ୨୬୭/୬। ଅଷ୍ଟ୍ରେଲିଆ ବିପକ୍ଷରେ ଏହି ସ୍କୋର କରି ଭାରତ ବିଜୟ ହାସଲ କରିଥିଲା।

**ତୃତୀୟ ଥର ଟ୍ରଫି ଜିତିବାର ସୁଯୋଗ**

ପ୍ରତିଯୋଗିତାର ୯ ସଂସ୍କରଣରେ ମୋଟ ୧୪ ଦଳ ଟୁର୍ନାମେଣ୍ଟ ଖେଳିଛନ୍ତି। ଏଥର ଆଫଗାନିସ୍ତାନ ଚାମ୍ପିୟନ୍ସ ଟ୍ରଫିରେ ଡେବ୍ୟୁ କରିଥିଲା। ମାତ୍ର ଏହି ଦଳ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଅଷ୍ଟ୍ରେଲିଆ ଓ ଭାରତ ସବୁଠାରୁ ସଫଳ ଦଳଭାବେ ୨ ଥର ଲେଖାଏ ଚାମ୍ପିୟନ୍ସ ଟ୍ରଫି ଜିତିସାରିଛନ୍ତି। ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ ଓ ପାକିସ୍ତାନ ଥରେ ଲେଖାଏ ଟ୍ରଫି ସ୍ୱାଦ ପାଇଛନ୍ତି। ଏଥର ଭାରତ ନିକଟରେ ସର୍ବାଧିକ ସଫଳ ଦଳ ହେବାର ସୁଯୋଗ ରହିଛି। ତେବେ ଏଥିପାଇଁ ଦଳକୁ ଫାଇନାଲରେ ଶ୍ରେଷ୍ଠ ପ୍ରଦର୍ଶନ କରି ନ୍ୟୁଜିଲାଣ୍ଡକୁ ହରାଇବାକୁ ହେବ। ନଚେତ ନ୍ୟୁଜିଲାଣ୍ଡ ସଫଳ ଦଳ ତାଲିକାରେ ଥିବା ଭାରତ ଓ ଅଷ୍ଟ୍ରେଲିଆ ସହ ସମକକ୍ଷ ହୋଇଯିବ।



ବିରାଟ କୋହଲି

**ଫଳାଫଳ**

| ସିଜନ | ଆୟୋଜକ | ଚାମ୍ପିୟନ | ରନରଅପ୍ | ଫଳାଫଳ |
|---|---|---|---|---|
| ୧୯୯୮ | ବାଂଲାଦେଶ | ଦକ୍ଷିଣ ଆଫ୍ରିକା | ୱେଷ୍ଟଇଣ୍ଡିଜ | ଦ.ଆଫ୍ରିକା ୪ ଉଇକେଟରେ ବିଜୟୀ |
| ୨୦୦୦ | କେନିଆ | ନ୍ୟୁଜିଲାଣ୍ଡ | ଭାରତ | ନ୍ୟୁଜିଲାଣ୍ଡ ୪ ଉଇକେଟରେ ବିଜୟୀ |
| ୨୦୦୨ | ଶ୍ରୀଲଙ୍କା | ଭାରତ ଓ ଶ୍ରୀଲଙ୍କା ଯୁଗ୍ମ ଚାମ୍ପିୟନ | | ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ |
| ୨୦୦୪ | ଇଂଲଣ୍ଡ | ୱେଷ୍ଟଇଣ୍ଡିଜ | ଇଂଲଣ୍ଡ | ୱେଷ୍ଟଇଣ୍ଡିଜ ୨ ଉଇକେଟରେ ବିଜୟୀ |
| ୨୦୦୬ | ଭାରତ | ଅଷ୍ଟ୍ରେଲିଆ | ୱେଷ୍ଟଇଣ୍ଡିଜ | ଅଷ୍ଟ୍ରେଲିଆ ୮ ଉଇକେଟରେ ବିଜୟୀ |
| ୨୦୦୯ | ଦ.ଆଫ୍ରିକା | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ | ଅଷ୍ଟ୍ରେଲିଆ ୬ ଉଇକେଟରେ ବିଜୟୀ |
| ୨୦୧୩ | ଇଂଲଣ୍ଡ | ଭାରତ | ଇଂଲଣ୍ଡ | ଭାରତ ୫ ରନରେ ବିଜୟୀ |
| ୨୦୧୭ | ଇଂଲଣ୍ଡ | ପାକିସ୍ତାନ | ଭାରତ | ପାକିସ୍ତାନ ୧୮୦ ରନରେ ବିଜୟୀ |



୨୦୦୦ରେ ଭାରତକୁ ହରାଇ ଚାମ୍ପିୟନ ହୋଇଥିବା ନ୍ୟୁଜିଲାଣ୍ଡ ଦଳ।

# ମହିଳା ହକିରେ ନୂଆ ଚେହେରା

**ଭାରତୀୟ ସିନିୟର ମହିଳା ହକିରେ ନୂଆ ଚେହେରା ଭାବେ ଉଭା ହୋଇଛନ୍ତି ରତୁଜା ଦାଦାସୋ ପିସାଲ। ୨୨ ବର୍ଷୀୟା ଏହି ମହିଳା ହକି ଖେଳାଳି ଏଫ୍ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି ୨୦୨୪-୨୫ ଆରମ୍ଭରେ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ପଦାର୍ପଣ କରି ସେ ନିଜର ପ୍ରଥମ ମ୍ୟାଚରେ ଗୋଲ ଦେବାସହ ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି...**

ଭାରତୀୟ ମହିଳା ହକିରେ ନୂଆ ଚେହେରା ଭାବେ ଉଭାହୋଇ ବେଶ୍ ପ୍ରଭାବିତ କରିଛନ୍ତି ରତୁଜା ଦାଦାସୋ ପିସାଲ। ଏଫ୍ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି ୨୦୨୪-୨୫ ଆରମ୍ଭରେ ୨୨ ବର୍ଷୀୟା ଏହି ମହିଳା ହକି ଖେଳାଳି କ୍ରମାଗତ ଭଲ ପ୍ରଦର୍ଶନ କରିଛନ୍ତି। କ୍ୟାରିୟରର ପ୍ରଥମ ସିନିୟର ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ସେ ୫ଟି ମ୍ୟାଚ ଖେଳି ଦୁଇଟି ଗୋଲ ସ୍କୋର କରିଛନ୍ତି। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ଭାରତର ସଫଳ ପ୍ରଦର୍ଶନ ପଛରେ ତାଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା।

ଇଂଲଣ୍ଡ ବିପକ୍ଷ ଭାରତର ଦ୍ୱିତୀୟ ମ୍ୟାଚରେ ରତୁଜାଙ୍କୁ ପଦାର୍ପଣ କରିବାକୁ ସୁଯୋଗ ମିଳିଥିଲା। ନିଜର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚରେ ଗୋଲ ଦେଇ ନିଜ ପ୍ରତିଭାର ପ୍ରମାଣ ଦେଇଥିଲେ ଏହି ପ୍ରତିଭାବାନ୍ ଖେଳାଳି। ଏହି ଗୋଲ ବଳରେ ଭାରତ ମ୍ୟାଚକୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ସେ ନିଜର ଅଭିଜ୍ଞତା ସମ୍ପର୍କରେ ପ୍ରକାଶ କରିଛନ୍ତି ଯେ, "ଏହା ମୋର ପ୍ରଥମ ମ୍ୟାଚ ଥିଲା। ଏଥିଯୋଗୁ ମୁଁ ଟିକେ ନର୍ଭସ ଥିଲି। କିନ୍ତୁ ଦଳୀୟ ସାଥୀ ଖେଳାଳି ମୋତେ ସପୋର୍ଟ କରିଥିଲେ। ପଦାର୍ପଣ ମ୍ୟାଚରେ ଗୋଲ କରିବା ସହଜ ନୁହେଁ। ଏଣୁ ପ୍ରଥମ ମ୍ୟାଚରେ ପ୍ରଥମ ଗୋଲ ମୋତେ ଖୁବ୍ ଆତ୍ମବିଶ୍ୱାସ ଦେଇଥିଲା, ଯାହାକି ମୋତେ ଟୁର୍ନାମେଣ୍ଟରେ ସାହାଯ୍ୟ କରିଥିଲା।" ମ୍ୟାଚ ପୂର୍ବରୁ ତାଙ୍କ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ଦଳର ସିନିୟର ଖେଳାଳିମାନେ ତାଙ୍କୁ ସାହାଯ୍ୟ କରିଥିଲେ। ଏ ସମ୍ପର୍କରେ ସେ କହିଛନ୍ତି ଯେ, ମୁଁ ପଦାର୍ପଣ ମ୍ୟାଚରେ ଦଳର ସମର୍ଥନ ଯୋଗୁ ଆଶାନୁଯାୟୀ ପ୍ରଦର୍ଶନ କରିବାକୁ ସମର୍ଥ ହୋଇଥିଲି। ମ୍ୟାଚ ପୂର୍ବରୁ ସମସ୍ତେ ମୋତେ ଚିନ୍ତିତ ନହୋଇ ସ୍ୱାଧୀନ ଭାବେ ଖେଳିବାକୁ କହିଥିଲେ। ପଦାର୍ପଣ ମ୍ୟାଚ ଚାପର ମୁକାବିଲା କରିବାରେ ସପୋର୍ଟ ଷ୍ଟାଫ୍ ମଧ୍ୟ ସାହାଯ୍ୟ କରିଥିଲା।

ମୁଁ ଚିନ୍ତା କରିଥିଲି ଯେ, ମୁଁ କ୍ୟାମ୍ପରେ ଖୁବ୍ ପ୍ରାକ୍ଟିସ କରିଛି ଏବଂ ମୁଁ ଯାହା ଶିଖିଛି, ମୋତେ ତାହା ହିଁ କରିବାର ଅଛି। ସ୍ୱାଭାବିକ ହକି ଖେଳିବା ମୋ ଲକ୍ଷ୍ୟ ଥିଲା। ଏଥିଯୋଗୁ ମୁଁ ଗେମ୍‌କୁ ଅଧିକ ଜଟିଳ କରି ନ ଥିଲି। ମୋତେ ପ୍ରସ୍ତୁତ କରିବାରେ ମୁଖ୍ୟ କୋଚ ହରେନ୍ଦ୍ର ସିଂଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। କୋଚ୍ ହରେନ୍ଦ୍ର ମୋ ଉପରେ ଆଦୌ ଚାପ ପକାଇ ନ ଥିଲେ। ସେ ମୋତେ କହିଥିଲେ ଯେ, ତୁମେ ଜଣେ ଦକ୍ଷ ଖେଳାଳି ଏବଂ ଭଲ କରିବା ପାଇଁ ଯାହା ଦରକାର, ତାହା ତୁମ ପାଖରେ ଅଛି। ମୋ ପାଇଁ ତାଙ୍କର ମୁଖ୍ୟ ପରାମର୍ଶ ଥିଲା ଯେ, ନିଜ ଗେମ୍‌ର ଆନନ୍ଦ ନିଅ। ସେ ଜଣେ ମହାନ୍ କୋଚ।

ହକି ଇଣ୍ଡିଆ ଲିଗ୍‌ରେ ରତୁଜା ଖୁବ୍ ଭଲ ଫର୍ମରେ ଥିଲେ। ସେ ଓଡ଼ିଶା ୱାରିଅର୍ସକୁ ଉଦ୍‌ଘାଟନୀ ସଂସ୍କରଣରେ ଟାଇଟଲ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଫାଇନାଲରେ ତାଙ୍କର ଡବଲ ଗୋଲ ବଳରେ ଓଡ଼ିଶା ୱାରିଅର୍ସ ୨-୧ ଗୋଲରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବକୁ ପରାସ୍ତ କରିଥିଲା। ଜାତୀୟ ଦଳରୁ ପ୍ରଥମ ଥର ପାଇଁ ଡାକରା ମିଳିବା ସମ୍ପର୍କରେ ସେ କହିଛନ୍ତି ଯେ, ହକି ପ୍ରୋ ଲିଗ୍ ଲାଗି ଘୋଷିତ ଭାରତୀୟ ଦଳ ଦେଖିବା ପରେ ମୁଁ ପ୍ରଥମେ ମୋ ଘର ଲୋକଙ୍କୁ ଫୋନ କରି ଜଣାଇଥିଲି। ମୋ ପରିବାର ଲୋକେ ବହୁତ ଖୁସି ଥିଲେ ଏବଂ ଏହା ମୋ ପାଇଁ କେତେବଡ଼ ସୁଯୋଗ, ସେମାନଙ୍କୁ ବୁଝାଇଥିଲି। ଏତଦ୍ ବ୍ୟତୀତ ଟ୍ରେନିଂ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ ଉତ୍ତରରେ କହିଥିଲେ ଯେ, ମୋ ଫିନିଶିଂରେ ସୁଧାର ଆଣିବା ଉପରେ ମୁଁ ପ୍ରାଥମିକତା ଦେଉଛି। ନିର୍ଦ୍ଦିଷ୍ଟ ଭାବେ ମୁଁ ବ୍ୟାକହ୍ୟାଣ୍ଡ ଶର୍ଟ୍ସ ଉପରେ କାମ କରୁଛି। ମୁଁ ଅନୁଭବ କରିଥିଲି ଯେ, ମୋତେ ସ୍କୋର କରିବା ଲାଗି କିଛି ସୁଯୋଗ ମିଳିଥିଲା। କିନ୍ତୁ ମୁଁ ସେଗୁଡ଼ିକୁ ଗୋଲରେ ପରିଣତ କରିପାରି ନ ଥିଲି। ଏଣୁ ମୋତେ ତାହା ଉପରେ ନିରନ୍ତର କାମ କରିବାର ଆବଶ୍ୟକତା ରହିଛି।

୨୦୦୨ ମସିହା ନଭେମ୍ବର ୨୮ ତାରିଖ ମହାରାଷ୍ଟ୍ରର ସାତାରା ଜିଲାର କୋଲକି ଗ୍ରାମରେ ରତୁଜାଙ୍କ ଜନ୍ମ। ପ୍ରଥମେ ତାଙ୍କ ପ୍ରତିଭାକୁ ପୂର୍ବତନ ଭଲିବଲ ଖେଳାଳି ତଥା ଜଣେ କ୍ରୀଡ଼ା ଶିକ୍ଷକ ଚିହ୍ନଟ କରିଥିଲେ। ରତୁଜାଙ୍କ ଦୌଡ଼ ଦେଖିବା ପରେ ସେ ତାଙ୍କୁ ସମର ଆଥଲେଟିକ୍ସ କ୍ୟାମ୍ପରେ ଯୋଗ ଦେବାକୁ କହିଥିଲେ। ସେ ୨୦୧୧ରେ ତାଙ୍କୁ ପୁଣେସ୍ଥିତ କ୍ରୀଡ଼ା ପ୍ରବୋଧିନୀ ସ୍କୁଲର ଚୟନ ଶିବିରକୁ ପଠାଇଥିଲେ। ସେଠାରେ ସେ ଭଲ କରିଥିଲେ। ପରେ ଅଲିମ୍ପିଆନ ତଥା ହକି କୋଚ ଅଜିତ ଲାକ୍ରାଙ୍କ ପରାମର୍ଶ କ୍ରମେ ହକିକୁ କ୍ୟାରିୟର ଭାବେ ବାଛିଥିଲେ।

ସେ ୨୦୨୨ରେ ସ୍ୱିଜରଲାଣ୍ଡର ଲୌସାନେଠାରେ ଅନୁଷ୍ଠିତ ହକି ୫ଏସ୍ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ଖେଳିଥିଲେ। ୨୦୨୩ରେ ପିସାଲଙ୍କ ପ୍ରତିନିଧିତ୍ୱରେ ଭାରତ ମହିଳା ଜୁନିୟର ଏସିଆ କପ ଜିତିଥିଲା। ଏହାର ପରବର୍ଷ ସେ ଓମାନଠାରେ ଅନୁଷ୍ଠିତ ମହିଳା ଏଫ୍ଆଇଏଚ୍ ହକି ୫ ଏସ୍ ବିଶ୍ୱକପ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ଏହି ଟୁର୍ନାମେଣ୍ଟରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଥିଲା। ଦୀପିକା ସୋରେଙ୍ଗଙ୍କ ପରେ ପିସାଲ ଟୁର୍ନାମେଣ୍ଟରେ ଭାରତ ପାଇଁ ସର୍ବାଧିକ ଗୋଲ କରିଥିଲେ। ୨୦୨୪ ମେ'ରେ ସେ ଜାତୀୟ ସିନିୟର କ୍ୟାମ୍ପରେ ସାମିଲ ହୋଇଥିଲେ। ଏଥିରୁ ତାଙ୍କୁ କୋର ଗ୍ରୁପରେ ଚୟନ କରାଯାଇଥିଲା।



## ହାଇଲାଇଟ୍ସ

ରୋହିତ ଆଣ୍ଡ ଗିଲ୍
ଗଲା ପରେ ଷ୍ଟିଭ୍
ଭାବିଥିଲା ଗଲା କଣ୍ଟା
ୱାରସୁଇସ, ଜାମ୍ପା,
କୋନିଲିକୁ ଦେଲା
ପିଇବାକୁ ନେଇ ଫାଣ୍ଟା
ବଜାଇ ବିରାଟ ଘଣ୍ଟା
ସଙ୍କଟ ମୋଚନ ଭାବେ ଉଭା ହୋଇ
ଭାଙ୍ଗିଲା ଷ୍ଟିଭ୍ ସେନା ଅଣ୍ଟା।

ଟିମ୍ ଇଣ୍ଡିଆ ନେଲା ମୋଟେରା, ଲର୍ଡ୍ସ
ପରାଜୟ ପ୍ରତିଶୋଧ
ଶ୍ରେୟସ, ରାହୁଲ, ଅକ୍ଷର,
ପାଣ୍ଡ୍ୟା ଖେଳ
ଦେଖି ଫ୍ୟାନ ମନବୋଧ
ଭୁଲି ଅହମଦାବାଦ
ଦୁବାଇ କ୍ରିକେଟ ପଡ଼ିଆରେ ବାଘ
କଙ୍ଗାରୁଙ୍କୁ କଲା ବଧ।

ଚାମ୍ପିୟନ୍ସ ଟ୍ରଫି ଫାଇନାଲ ମ୍ୟାଚ
ବିପକ୍ଷରେ ନ୍ୟୁଜିଲାଣ୍ଡ
ମିଚେଲ, ଫିଲିପ୍ସ, ୱିଲିୟମସନ
ରାଚିନ ବି ବିଗ୍ ମୁଣ୍ଡ
ମୁଣ୍ଡକୁ ପକାଇ ମୁଣ୍ଡ
ଦୁବାଇରୁ ଟ୍ରଫି ଧରି ଫେର ଟିମ୍
ବିଶ୍ୱ ଜାଣୁ ଆମେ ଷଣ୍ଢ।

**-ସୁବାସ ଚନ୍ଦ୍ର ପ୍ରଧାନ**

# ଅବସରରୁ ଫେରିଲେ ସୁନୀଲ ଛେତ୍ରୀ

**ନୂଆଦିଲ୍ଲୀ,୬।୩(ପି.ଟି.)**

ଚଳିତ ମାସରେ ହେବାକୁଥିବା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତୀୟ ଦଳକୁ ସାହାଯ୍ୟ କରିବା ଲାଗି ଭାରତୀୟ ଫୁଟ୍‌ବଲ ଆଇକନ ସୁନୀଲ ଛେତ୍ରୀ ଅନ୍ତର୍ଜାତୀୟ ଅବସରରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏ ନେଇ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ(ଏଆଇଏଫ୍‌ଏଫ୍) ପକ୍ଷରୁ ଗୁରୁବାର କୁହାଯାଇଛି। ୪୦ ବର୍ଷ ବୟସରେ ଛେତ୍ରୀ ଭାରତୀୟ ଦଳକୁ ଫେରିଛନ୍ତି।

ଏଆଇଏଫ୍‌ଏଫ୍ ପକ୍ଷରୁ ସୋସିଆଲ ମିଡିଆ ଏକ୍ସ'ରେ ପୋଷ୍ଟ କରାଯାଇଛି, ସୁନୀଲ ଫେରିଛନ୍ତି। ଅଧିନାୟକ, ଲିଡର, କିମ୍ବଦନ୍ତୀ ସୁନୀଲ ଚଳିତ ମାସରେ ହେବାକୁ ଥିବା ଫିଫା ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତ ଲାଗି ଖେଳିବେ। ୨୦୦୫ରେ ଅନ୍ତର୍ଜାତୀୟସ୍ତରରେ ପଦାର୍ପଣ କରିଥିବା ଛେତ୍ରୀ ଭାରତ ପାଇଁ ସର୍ବାଧିକ ମ୍ୟାଚ୍ ଖେଳିବା ଏବଂ ସର୍ବାଧିକ ସଂଖ୍ୟକ ଗୋଲସ୍କୋର କରିବା ରେକର୍ଡ ସହ ଗତବର୍ଷ ଅବସର ଘୋଷଣା କରିଥିଲେ। କିନ୍ତୁ ତାଙ୍କୁ ୨୬ ଜଣିଆ ଭାରତୀୟ ଦଳରେ ସାମିଲ କରାଯାଇଛି। ଫଳରେ ସେ ଅବସର ଘୋଷଣା କରିବାର ଏକବର୍ଷ ମଧ୍ୟରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ଗତବର୍ଷ ଜୁନ୍ ୬ରେ କୁଏଟ୍ ବିପକ୍ଷରେ ଖେଳାଯାଇଥିବା ଫିଫା ବିଶ୍ୱକପ୍ କ୍ୱାଲିଫାଇଙ୍ଗ୍ ମ୍ୟାଚ୍ ପରେ ଅବସର ନେଇଥିଲେ। ଅବସର ପରଠାରୁ ସେ ଇଣ୍ଡିଆନ୍ ସୁପର ଲିଗ୍‌ରେ ବେଙ୍ଗାଲୁରୁ ଏଫ୍‌ସି ଲାଗି ଖେଳିବା ଜାରି ରଖିଥିଲେ। ସେ ଚଳିତ ସିଜନରେ ୨୩ ମ୍ୟାଚ୍‌ରେ ୧୨ ଗୋଲ କରିଥିଲେ, ଯାହାକି ଭାରତୀୟଙ୍କ ମଧ୍ୟରେ ସର୍ବାଧିକ।

ମାନୋଲୋ ମାର୍କ୍ୱେଜ୍‌ଙ୍କ ମାର୍ଗଦର୍ଶନରେ ଭାରତୀୟ ଦଳ ଆସନ୍ତା ୧୯ରେ ମାଳଦ୍ୱୀପ ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଏହାପରେ ୨୫ ତାରିଖରେ ବାଂଲାଦେଶ ବିପକ୍ଷରେ ଭାରତ ଏଏଫ୍‌ସି ଏସିଆନ କପ୍ ୨୦୨୭ କ୍ୱାଲିଫାୟର୍ସ ଅନ୍ତିମ ରାଉଣ୍ଡର ପ୍ରଥମ ମ୍ୟାଚ୍ ଖେଳିବ।

ମାର୍କ୍ୱେଜ୍ କହିଛନ୍ତି, ଏସିଆନ କପ୍ ଲାଗି ଯୋଗ୍ୟତା ହାସଲ କରିବା ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଟୁର୍ନାମେଣ୍ଟର ଗୁରୁତ୍ୱ ଏବଂ ଆଗକୁ ଆମେ ଖେଳିବାକୁ ଥିବା ମ୍ୟାଚ୍‌କୁ ଦୃଷ୍ଟିରେ ରଖି ଜାତୀୟ ଦଳକୁ ସୁଦୃଢ଼ କରିବା ଲାଗି ମୁଁ ଛେତ୍ରୀଙ୍କ ସହ ଆଲୋଚନା କରିଥିଲି। ସେ ରାଜି ହୋଇଥିଲେ। ଏଥିଯୋଗୁ ତାଙ୍କୁ ଦଳରେ ସାମିଲ କରାଯାଇଛି। ଭାରତକୁ ଏସିଆନ କପ୍ ଲାଗି କ୍ୱାଲିଫାଇଙ୍ଗ ଗ୍ରୁପ୍‌ରେ ବାଂଲାଦେଶ, ହଂକଂ ଓ ସିଙ୍ଗାପୁର ସହ ସାମିଲ କରାଯାଇଛି। ଗତ ସଂସ୍କରଣରେ ଭାରତ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଭାରତ ତା'ର ସମସ୍ତ ଗ୍ରୁପ୍ ପର୍ଯ୍ୟାୟରେ ପରାଜିତ ହୋଇଥିଲା।

ଗୋଲକିପର: ଅମରିନ୍ଦର ସିଂ, ଗୁରମିତ ସିଂ, ବିଶାଲ କେଥ। ଡିଫେଣ୍ଡର: ଆଶିଷ ରାଇ, ବୋରିସ ସିଂ ଥାଙ୍ଗଜାମ, ଚିଙ୍ଗଲେନସାନା ସିଂ କୋନଶାମ, ମିଙ୍ଗଥାନମାଓ୍ୱଲା, ମେହତାବ ସିଂ, ରାହୁଲ ଭେକେ, ରୋହନ ସିଂ, ସନ୍ଦେଶ ଝିଙ୍ଗାନ, ସୁବାଶିଷ ବୋଷ। ମିଡ୍‌ଫିଲ୍ଡର: ଆଶିକ କୁରୁନିୟାନ, ଆୟୁଷ ଦେବ ଛେତ୍ରୀ, ବ୍ରାଣ୍ଡନ ଫର୍ନାଣ୍ଡେସ, ଜ୍ୟାକ୍‌ସନ ସିଂ ଥୋଉନାଓଜାମ, ଲାଲେଙ୍ଗମାୱିଆ, ଲିଷ୍ଟନ କୋଲାକୋ, ମହେଶ ସିଂ ନାଓରେମ, ସୁରେଶ ସିଂୱାଙ୍ଗଜାମ। ଫର୍‌ୱାର୍ଡ: ସୁନୀଲ ଛେତ୍ରୀ, ଫାରୁଖ ଚୌଧାରୀ, ଇର୍ଫାନ ୟାଦ୍ୱାଦ, ଲଲିଆଞ୍ଜୁଆଲା ଚାଙ୍ଗଟେ ଓ ମନ୍‌ଭିର ସିଂ।



# ଗୋଲ୍ ସ୍କୋରିଂରେ ସିଙ୍ଗାମାୟୁମ ସର୍ବକନିଷ୍ଠ ଖେଳାଳି

**ହାଇଦ୍ରାବାଦ, ୬।୩ (ପି.ଟି.)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଶାମି ସିଙ୍ଗାମାୟୁମ ସର୍ବକନିଷ୍ଠ ଗୋଲ ସ୍କୋରର ହେବାର ଗୌରବ ଅର୍ଜନ କରିଛନ୍ତି। ପଞ୍ଜାବ ଏଫ୍‌ସି ତରଫରୁ ଖେଳୁଥିବା ଏହି ଫୁଟ୍‌ବଲର ବୁଧବାର

**ଇଣ୍ଡିଆନ ସୁପର ଲିଗ୍**

ହାଇଦ୍ରାବାଦ ଏଫ୍‌ସି ବିପକ୍ଷ ୩-୧ ବିଜୟ ମ୍ୟାଚରେ ଏହି କିର୍ତ୍ତୀମାନ ଅର୍ଜନ କରିଛନ୍ତି। ସିଙ୍ଗାମାୟୁମଙ୍କ ବୟସ ବର୍ତ୍ତମାନ ମାତ୍ର ୧୭ ବର୍ଷ ଓ ୩୨୨ ଦିନ। ପୂର୍ବରୁ ଏହି ରେକର୍ଡ କୋମଲ ଥାଟାଲଙ୍କ ନାମରେ ଥିଲା। ସେ ୧୮ବର୍ଷ ଏକମାସ ୧୩ ଦିନ ବୟସରେ ୨୦୧୮ ଅକ୍ଟୋବର ୩୧ରେ ଏଟିକେ ପାଇଁ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଗୋଲ ସ୍କୋର କରିଥିଲେ।



# ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳରେ ମୁଲ୍ଡର

**ହାଇଦ୍ରାବାଦ,୬।୩(ପି.ଟି.)**

ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ) ଲାଗି ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳରେ ଦକ୍ଷିଣ ଆଫ୍ରିକାର ୱିଆନ ମୁଲ୍ଡରଙ୍କୁ ଇଂଲଣ୍ଡର ବ୍ରାଇଡନ କାର୍ସିଙ୍କ ବଦଳ ଖେଳାଳି ଭାବେ ସାମିଲ କରାଯାଇଛି। ଇଂଲିଶ ଅଲ୍‌ରାଉଣ୍ଡର ଗୋଇଠିଜନିତ ଇଞ୍ଜୁରିର ସମ୍ମୁଖୀନ ହୋଇଛନ୍ତି। ୨୭ ବର୍ଷୀୟ ମୁଲ୍ଡର ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ସେମିଫାଇନାଲରେ ଖେଳିଥିଲେ। ସେ ଗତ ବର୍ଷର ରନରଅପ ଏସ୍‌ଆରଏଚ୍ ଦଳରେ ୭୫ ଲକ୍ଷ ଟଙ୍କାରେ ସାମିଲ ହୋଇଛନ୍ତି। କାର୍ସି ଇଞ୍ଜୁରି କାରଣରୁ ଆଗାମୀ ଆଇପିଏଲ୍‌ରୁ ବାଦ ପଡ଼ିଛନ୍ତି। ତାଙ୍କ ବଦଳରେ ମୁଲ୍ଡରଙ୍କୁ ୭୫ ଲକ୍ଷ ଟଙ୍କାର ବେସ୍ ପ୍ରାଇସ୍‌ରେ ଦଳରେ ସାମିଲ କରାଯାଇଛି ବୋଲି ଆଇପିଏଲ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ମୁଲ୍ଡର ଏପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଲାଗି ଅନ୍ତର୍ଜାତୀୟ ସ୍ତରରେ ୧୮ ଟେଷ୍ଟ, ୧୫ ଦିନିକିଆ ଓ ୧୧ ଟି୨୦ ମ୍ୟାଚ୍ ଖେଳିସାରିଛନ୍ତି।



# ଝାଡ଼ଖଣ୍ଡ, ତେଲଙ୍ଗାନା, ବେଙ୍ଗଲ ବିଜୟୀ

**ପଞ୍ଚକୁଲା, ୬।୩ (ପି.ଟି.)**

ଜାତୀୟ ସିନିୟର ମହିଳା ହକି ଚାମ୍ପିୟନଶିପ୍‌ରେ ଗୁରୁବାର ଝାଡ଼ଖଣ୍ଡ, ତେଲଙ୍ଗାନା, ବେଙ୍ଗଲ ଓ ମିଜୋରାମ ନିଜ ନିଜର ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି। ଦିନର ପ୍ରଥମ ମ୍ୟାଚ୍‌ରେ ତେଲଙ୍ଗାନା ୫-୨ ଗୋଲ୍‌ରେ ବିହାରକୁ ପରାସ୍ତ କରିଛି। ପରବର୍ତ୍ତୀ ମ୍ୟାଚ୍‌ରେ ବେଙ୍ଗଲ ୨-୧ ଗୋଲ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ଡିଭିଜନ 'ଏ'ର ଏକ ମ୍ୟାଚ୍‌ରେ ଝାଡ଼ଖଣ୍ଡ ୩-୧ ଗୋଲ୍‌ରେ ମିଜୋରାମକୁ ହରାଇ ଦେଇଛି। ଝାଡ଼ଖଣ୍ଡ ତରଫରୁ ସଞ୍ଜନା ହୋରୋ(୨୧ତମ), ଅଧିନାୟିକା ଅଲ୍‌ବେଲା ରାନୀ ଟପ୍ପୋ(୩୬ତମ) ଓ ନିରାଲି କୁଜୁର (୪୮ତମ) ପ୍ରମୁଖ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

# ଶ୍ରୀଲଙ୍କାରେ ତ୍ରିରାଷ୍ଟ୍ରୀୟ ସିରିଜ୍ ଖେଳିବ ଭାରତ

**କଲମ୍ବୋ, ୬।୩(ପି.ଟି.):** ମହିଳା ୫୦ ଓଭର କ୍ରିକେଟ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳ ଶ୍ରୀଲଙ୍କାରେ ଏକ ତ୍ରିରାଷ୍ଟ୍ରୀୟ ସିରିଜ ଖେଳିବ। ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଗୁରୁବାର ଏ ନେଇ ସୂଚନା ଦେଇଛି। ଏପ୍ରିଲ ୨୭ରୁ ମେ'୧୧ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ଆୟୋଜକ ଶ୍ରୀଲଙ୍କା ବ୍ୟତୀତ ଭାରତ ଓ ଦକ୍ଷିଣ ଆଫ୍ରିକା ଭାଗନେବେ। ଏହା ସ୍ଥାନୀୟ ଆର୍. ପ୍ରେମାଦାସା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳାଯିବ। ପ୍ରତ୍ୟେକ ଦଳ ୪ଟି ଲେଖାଏଁ ମ୍ୟାଚ୍ ଖେଳିବେ। ଶ୍ରେଷ୍ଠ ଦୁଇ ଦଳ ମେ'୧୧ ଫାଇନାଲକୁ ଉନ୍ନୀତ ହେବେ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ଭାରତରେ ହେବାକୁଥିବା ୫୦ ଓଭରବିଶିଷ୍ଟ ବିଶ୍ୱକପ୍ ପାଇଁ ପ୍ରସ୍ତୁତି କ୍ଷେତ୍ରରେ ଏହି ଟୁର୍ନାମେଣ୍ଟ ଗୁରୁତ୍ୱପୂର୍ଣ୍ଣ।

**ଅସ୍ମିତା ୧୩ ବର୍ଷରୁ କମ୍ ମହିଳା ଖେଲୋ ଇଣ୍ଡିଆ ଫୁଟ୍‌ବଲ ଲିଗ୍**

# କିଟ୍, ଓଜିପି ବିଜୟୀ



ଓଜିପି ଓ ଫାଲ୍‌କନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଭୁବନେଶ୍ୱର, ୬।୩ (ବିଜୟ ରଣା)**

ଅସ୍ମିତା ୧୩ ବର୍ଷରୁ କମ୍ ମହିଳା ଖେଲୋ ଇଣ୍ଡିଆ ଫୁଟ୍‌ବଲ ଲିଗ୍‌ରେ ଗୁରୁବାର କିଟ୍/କିସ୍ ଓ ଓଜିପି ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। କଟକ ବିଡ଼ାନାସୀ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ କିଟ୍/କିସ୍୭-୦ ଗୋଲ୍‌ରେ ଫାଓ ଏକାଡେମୀକୁ ହରାଇ ଦେଇଛି। କିଟ୍ ତରଫରୁ ବଦଳ ଖେଳାଳି ଶ୍ରଦ୍ଧାଞ୍ଜଳୀ ହେରନା ୪ଟି ଗୋଲ୍ (୬ଷ୍ଠ, ୧୩ତମ, ୨୯ତମ ଓ ୪୦ ତମ ମିନି) ସ୍କୋର କରିଥିବା ବେଳେ ପ୍ରିୟା ଧାରୁଆ (୩୩ତମ ଓ ୩୫ତମ) ଦୁଇଟି ଏବଂ ରଶ୍ମିତା ସିଂ (୩୮ତମ) ଗୋଟିଏ ଗୋଲ ଦେଇଥିଲେ। ସେହିପରି ଫାଲକନ ଗର୍ଲ୍ସ ଫୁଟ୍‌ବଲ କ୍ଲବ ୟୁନିଟ-୨କୁ ମଧ୍ୟ ସମାନ ୭-୦ ଗୋଲ୍‌ରେ ଓଜିପି ହରାଇ ଦେଇଛି। ଦଳ ତରଫରୁ ରୁଲି ସେନାପତି (୯ମ, ୨୬ତମ, ୩୭ତମ,୩୮ତମ ଓ ୩୯ତମ ମିନିଟ) ୫ଟି ଗୋଲ ଦେଇଥିବା ବେଳେ ଆଶାରାଣୀ ବିଶୋଇ ( ୬ଷ୍ଠ) ଓ ଅସ୍ମିନ ସାହୁ (୧୪ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ।

# ଶାମିଙ୍କୁ ଅପରାଧୀ କହିଲେ ମୌଲାନା ରାଜ୍‌ଭି

**ନୂଆଦିଲ୍ଲୀ,୬।୩:** ମୁସଲମାନ୍‌ମାନଙ୍କ ପବିତ୍ର ର୍‌ମଜାନ ମାସରେ ଉପବାସ ନ କରି ଭାରତୀୟ କ୍ରିକେଟର ମହମ୍ମଦ ଶାମି ପାପ କରିଥିବା ସର୍ବଭାରତୀୟ ମୁସ୍‌ଲିମ୍ ଜମାତର ଜାତୀୟ ସଭାପତି ମୌଲାନା ଶାହାବୁଦ୍ଦିନ ରାଜ୍‌ଭି ବରେଲଭି କହିଛନ୍ତି। ଶାରିଆ ଆଇନ ଦୃଷ୍ଟିରୁ ସେ ଜଣେ ଅପରାଧୀ। ସେ ଏହା କରିବା ଉଚିତ ନ ଥିଲା। ଶାରିଆ ଆଇନ ପାଳନ କରିବା ସମସ୍ତ ମୁସଲମାନ୍‌ଙ୍କ ଦାୟିତ୍ୱ। ମୁସଲମାନ୍ ଧର୍ମରେ ଉପବାସ ବାଧ୍ୟତାମୂଳକ। ଯଦି ଜଣେ ବ୍ୟକ୍ତି ଜାଣିଶୁଣି ଉପବାସ କରୁନାହିଁ, ତେବେ ମୁସଲମାନ ଆଇନ ଅନୁଯାୟୀ, ତାଙ୍କୁ ପାପୀ ଭାବେ ଗଣାଯିବ ବୋଲି ରାଜ୍‌ଭି କହିଛନ୍ତି। ଗତ ମଙ୍ଗଳବାର ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ଶାମି ବୋତଲରୁ କିଛି ପିଉଥିବା ଦେଖିବାକୁ ମିଳିଥିଲା। ରାଜଭିଙ୍କ ମନ୍ତବ୍ୟ ଉପରେ ଶାମିଙ୍କ ସମ୍ପର୍କୀୟ ଭାଇ ମହମ୍ମଦ କୈଫ ପ୍ରତିକ୍ରିୟା ରଖି କହିଛନ୍ତି, ପ୍ରତ୍ୟେକ ମୁସଲମାନ୍‌ଙ୍କ ପାଇଁ ନାମାଜ ପାଠ କରିବା ଭଳି ରୋଜା ରଖିବା ବାଧ୍ୟତାମୂଳକ।

# ରିଫେଲ, ଇଲିଙ୍ଗୱର୍ଥ ଫାଇନାଲରେ ଅମ୍ପାୟର ଦାୟିତ୍ୱ ତୁଲାଇବେ

**ଦୁବାଇ,୬।୩(ପି.ଟି.)**

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ଫାଇନାଲ ମ୍ୟାଚରେ ଅଷ୍ଟ୍ରେଲିଆର ପଲ ରିଫେଲ ଓ ଇଂଲଣ୍ଡର ରିଚାର୍ଡ ଇଲିଙ୍ଗୱର୍ଥ ଅନ-ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଇବେ। ଏହି ମ୍ୟାଚ ଲାଗି ଶ୍ରୀଲଙ୍କାର ରଞ୍ଜନ ମାଦୁଗଲେଙ୍କୁ ମ୍ୟାଚ ରେଫରୀ ଭାବେ ନିଯୁକ୍ତ କରାଯାଇଛି। ଅଷ୍ଟ୍ରେଲିଆର ପୂର୍ବତନ ଫାଷ୍ଟ ବୋଲର ରିଫେଲ ଦ୍ୱିତୀୟ ସେମିଫାଇନାଲରେ ଅମ୍ପାୟର ଦାୟିତ୍ୱରେ ଥିଲେ। ୬୧ ବର୍ଷୀୟ ଇଲିଙ୍ଗୱର୍ଥ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲର ପରିଚାଳନା ଦାୟିତ୍ୱରେ ଥିଲେ।

# ଓଡ଼ିଶା ସବ୍‌ଜୁନିୟର ଅସିଚାଳନା ପ୍ରଶିକ୍ଷଣ ଶିବିର



କର୍ମକର୍ତ୍ତାଙ୍କ ସହ ଅସିଚାଳନା ଶିବିରରେ ଭାଗ ନେଇଥିବା ଖେଳାଳିମାନେ।

**ଭୁବନେଶ୍ୱର, ୬।୩ (ବିଜୟ ରଣା)**

ଜାତୀୟ ସବ୍‌ଜୁନିୟର ଅସିଚାଳନା ପ୍ରତିଯୋଗିତା ପାଇଁ ବୁଧବାର ଭୁବନେଶ୍ୱର ଫେନ୍‌ସିଂ ଏକାଡେମୀଠାରେ ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିର ୨୨ ଦିନ ଧରି ଚାଲିବ। ଏଥିରେ ମୋଟ ୩୪ ଜଣ ଖେଳାଳି ଭାଗ ନେଇଛନ୍ତି। ଏଥିରୁ ପ୍ରଦର୍ଶନ ଭିତ୍ତିରେ ଉଭୟ ବର୍ଗରେ ୨୪ ଜଣ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯିବ ବୋଲି ସଂଘର ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗରୁ ଯୁଗ୍ମ ସଚିବ ଲକ୍ଷ୍ମୀକାନ୍ତ ମିଶ୍ର, ଏହି ଶିବିରର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧୀରଜ ପଟ୍ଟନାୟକ ଓ କ୍ଷଣପ୍ରଭା ମହାନ୍ତି, ସେକ୍‌ସନ ଅଫିସର କୋଚ୍ ନିତିନ ସ୍ୱାଇଁ, ଅନ୍ୱେଷା ରାଉତ, କରିସ୍ମା ରାଉତ, ଜ୍ୟୋତି ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

# ଟେନିସ୍ ଖେଳାଳି ଫ୍ରେଡ୍ ଷ୍ଟୋଲଙ୍କ ପରଲୋକ

**ମେଲବୋର୍ନ,୬।୩(ଏପି)**

ଦୁଇଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଓ ୩ ଥରର ଡେଭିସ୍ କପ୍ ବିଜୟୀ ଦଳର ସଦସ୍ୟ ଫ୍ରେଡ୍ ଷ୍ଟୋଲଙ୍କ ପରଲୋକ ଘଟିଛି। ଏ ନେଇ ଟେନିସ୍ ଅଷ୍ଟ୍ରେଲିଆ ପକ୍ଷରୁ ଗୁରୁବାର କୁହାଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ଖେଳାଳି ଭାବେ ସଫଳ କ୍ୟାରିୟର ଶେଷ କରିବା ପରେ ସେ କୋଚ୍ ଓ ଅଷ୍ଟ୍ରେଲିଆର ନାଇନ୍ ଚ୍ୟାନେଲ ଲାଗି କମେଣ୍ଟେଟର ଦାୟିତ୍ୱ ତୁଲାଇଥିଲେ।

# ଚୟନ ନୀତିରେ ସ୍ୱଚ୍ଛତା ପାଇଁ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୬।୩ (ପି.ଟି.)**

କ୍ରୀଡ଼ାକ୍ଷେତ୍ରରେ ଉତ୍ତରଦାୟିତ୍ୱ ଓ ଚୟନ ନୀତି ସ୍ଥିରତା ନିଶ୍ଚିତ କରିବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ନିକଟ ଅତୀତରେ ରେସଲିଂ, ଶୁଟିଂ ଓ ଅନ୍ୟ କିଛି ୱିଣ୍ଟର ସ୍ପୋର୍ଟ୍ସ ଇଭେଣ୍ଟରେ ଆଥଲେଟ ଓ ଫେଡେରେଶନ ମଧ୍ୟରେ ଦେଖାଦେଇଥିବା ବିବାଦ କାରଣରୁ ଏଭଳି ପରିସ୍ଥିତିକୁ ଏଡ଼ାଇବା ଲାଗି ଜାତୀୟ ଫେଡେରେଶନକୁ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ନିର୍ଦ୍ଦେଶ ଦେଇଥିଲେ। ଚୟନ ନୀତିର ମାନଦଣ୍ଡ ସମ୍ପର୍କରେ ଆଥ୍‌ଲେଟଙ୍କୁ ଟ୍ରାଏଲ୍ସର ୧୫ ଦିନ ଆଗରୁ ସୂଚନା ଦେବା ସହ ଅନ୍ୟାୟ ହୋଇଥିବା ଭାବନାରୁ ସୃଷ୍ଟ ବିବାଦର ସମାଧାନ ପାଇଁ ଏକ କମିଟି ଗଠନକୁ ଜାତୀୟ ଫେଡେରେଶନ ଲାଗି ବାଧ୍ୟତାମୂଳକ କରାଯାଇଛି। ଏ ସମ୍ପର୍କରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓସି), ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ଜାତୀୟ କ୍ରୀଡ଼ା ଫେଡେରେଶନ (ଏନ୍‌ଏସ୍‌ଏଫ) ଗୁଡ଼ିକ ଲାଗି ଏକ ସର୍କୁଲାର ଜାରି କରାଯାଇଛି।

ନୂଆ ନିର୍ଦ୍ଦେଶନାମାରେ ଏନ୍‌ଏସ୍‌ଏଫ୍‌ଗୁଡ଼ିକ ଲାଗି ନିଜ ନିଜର ୱେବ୍‌ସାଇଟ୍ସରେ ଚୟନ ନୀତି ଅପଲୋଡ୍ କରାଯିବା ବାଧ୍ୟତାମୂଳକ। ଏକ ପ୍ରତିଯୋଗିତା ପୂର୍ବରୁ ୩ ମାସର ସମୟ ସୀମା ଥିଲେ, ଏହାକୁ କାର୍ଯ୍ୟକାରୀ କରାଯିବ। ଚୟନ ଶିବିରରେ ଭିଡିଓଗ୍ରାଫ କରିବାକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଚୟନ ଶିବିରର ଭିଡିଓ ରେକର୍ଡିଂକୁ ସାଇ ନିକଟକୁ ପଠାଯିବା ଦରକାର। ପ୍ରତ୍ୟେକ ଚୟନ ଶିବିର ପୂର୍ବରୁ ମନ୍ତ୍ରଣାଳୟକୁ ଅବଗତ କରାଇବାକୁ ପଡ଼ିବ। ଅଲିମ୍ପିକ୍ସ, ପାରାଲିମ୍ପିକ୍ସ, ଏସିଆନ ଗେମ୍ସ, ପାରା ଏସିଆନ ଗେମ୍ସ ଓ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ଭଳି ପ୍ରତିଯୋଗିତା ଲାଗି ୨ ବର୍ଷ ଆଗରୁ ଚୟନର ମାନଦଣ୍ଡ ପ୍ରକାଶିତ କରିବାକୁ କୁହାଯାଇଛି। କୌଣସି ବଡ଼ ଟୁର୍ନାମେଣ୍ଟ ଲାଗି ଘୋଷିତ ଦଳରେ ମନ୍ତ୍ରଣାଳୟକୁ ନ ଜଣାଇ ଆଥଲେଟ୍ସ, କୋଚ୍, ସପୋର୍ଟ ଷ୍ଟାଫ୍ ଓ ଅଧିକାରୀଙ୍କୁ ସାମିଲ କରିହେବ ନାହିଁ। ପ୍ରସ୍ତାବିତ ନାମ ପଛରେ ଉପଯୁକ୍ତ କାରଣ ମଧ୍ୟ ଦେବାକୁ ପଡ଼ିବ। ଲମ୍ବା ତାଲିକାରେ ନାମ ସାମିଲ କରିବାର ଅନ୍ତିମ ଦିନର ୩୦ ଦିନ ପୂର୍ବରୁ ଲମ୍ବା ତାଲିକାର ସବିଶେଷ ତଥ୍ୟ ମନ୍ତ୍ରଣାଳୟ କିମ୍ବା ସାଇ ନିକଟରେ ଦାଖଲ କରାଯିବ। ଅନ୍ୟାୟ ହୋଇଥିବା ଭାବନରୁ ଆଥ୍‌ଲେଟ ଓ ଫେଡେରେଶନ ମଧ୍ୟରେ ଦେଖାଦେଉଥିବା ବିବାଦର ସମାଧାନ ଲାଗି ଅଭିଯୋଗ ସମାଧାନ କମିଟି କିମ୍ବା ଅପିଲ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ